ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମେ ୨୩/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, May 23/2024 | Page 18 ₹ 7.00 | SAMBALPUR

୫୦ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 178 | ମୂଲ୍ୟ ₹୭/-



ବିଜୁ ଜନତା ଦଳ



# ଉତ୍ତର ଦେବେ କି କେନ୍ଦ୍ରମନ୍ତ୍ରୀ ?

**01** **ସମ୍ବଲପୁରୀ/କୋଶଳୀ ଭାଷା**କୁ ଭାରତୀୟ ସମ୍ବିଧାନର ଅଷ୍ଟମ କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ରକୁ ପାଞ୍ଚ ଥର ଚିଠି ଲେଖିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ସମ୍ବଲପୁରୀ/କୋଶଳୀ ଭାଷା ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**10** ମାତ୍ର ୪,000 କୋଟି ଟଙ୍କା ଓଡ଼ିଶାକୁ ଧରେଇ ଦେଇ, MCLର ଉତ୍ପାଦନ ୨୭ ହଜାର କୋଟି ଟଙ୍କା ନେଇଯାଉଛନ୍ତି ଆପଣ । **କୋଇଲା ରୟାଲଟି** ବଢ଼ାଇବା ପାଇଁ କ'ଣ କରିଛନ୍ତି ଆପଣ ?

**02** **ମହାନଦୀ ପ୍ରସଙ୍ଗ**ରେ ଓଡ଼ିଶାର କୃଷକଙ୍କ ବିରୁଦ୍ଧରେ ଯାଇ ଛତିଶଗଡ଼ ସହ ଛିଡ଼ା ହୋଇଥିଲେ ଆପଣ । ଟ୍ରିବ୍ୟୁନାଲକୁ ବିରୋଧ କରି ଓଡ଼ିଶାବାସୀଙ୍କ ସହ ବିଶ୍ୱାସଘାତ କରିଥିଲେ ଆପଣ । ପଶ୍ଚିମ ଓଡ଼ିଶାର କୃଷକଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**06** **ବୀର ସୁରେନ୍ଦ୍ର ସାଏ, ଭୀମ ଭୋଇ, ପାର୍ବତୀ ଗିରି, ଗଙ୍ଗାଧର ମେହେର**ଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ପାଇଁ ଆପଣ କ'ଣ କରିଛନ୍ତି ? ଗତ ୧୦ ବର୍ଷରେ କେତୋଟି ଯୋଜନାକୁ ସେମାନଙ୍କ ନାମରେ ନାମିତ କରିଛନ୍ତି ଆପଣ ?

**11** **ଗ୍ୟାସ ସିଲିଣ୍ଡର**ର ଦାମ ବଢ଼େଇଲେ, ପ୍ରତିଟି ଘର ପାଇଁ ଖର୍ଚ୍ଚର ଭାର ବଢ଼େଇଲେ, ସେହି ପରିବାରମାନଙ୍କୁ କି ଉତ୍ତର ଦେବେ ଆପଣ ?

**03** **ମାଁ ସମଲେଇ**ଙ୍କ ମନ୍ଦିର କାର୍ଯ୍ୟ ବିରୁଦ୍ଧରେ ବିଭିନ୍ନ କୋର୍ଟ ଯାଇ କାର୍ଯ୍ୟ ବନ୍ଦ କରିଥିଲେ ଆପଣ । ଏହି ଅଞ୍ଚଳ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବିଷୟ । ଏମିତି କାହିଁକି କଲେ ଆପଣ ?

**07** **କେନ୍ଦୁପତ୍ର ତୋଳାଳି**ଙ୍କୁ GST ଦେବାକୁ ବାଧ କରିଥିଲେ ଆପଣ । GST ଫେରସ୍ତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଥିଲେ । କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**12** **ଓଡ଼ିଶାର ଚାଷୀ**ଙ୍କ ପାଇଁ କେନ୍ଦ୍ରର ଫସଲ ବୀମା ପ୍ରିମିୟମ ଭରଣ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ଚାଷୀଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**04** **ଚାଷୀ ଏବଂ ବୁଣାକାର**ଙ୍କୁ ସମ୍ମାନ ଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ବଲପୁରୀ ଇକ୍କତ ଶୈଳୀରେ କୃଷି ଭବନକୁ ନିର୍ମାଣ କରାଇଛନ୍ତି । ଗତ ୧୦ ବର୍ଷ ମଧ୍ୟରେ କ'ଣ କରିଛନ୍ତି ଆପଣ ?

**08** ହଜାର ହଜାର ଜୀବନ ନେଇସାରିଲାଣି **NH-55**, ଏହି ଜାତୀୟ ରାଜପଥ (NH) କାମ କାହିଁକି ଶେଷ ହୋଇପାରୁନି, ଜବାବ ଦେବେ କି ଆପଣ ?

**13** **ପଶ୍ଚିମ ଓଡ଼ିଶା** ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମାଷ୍ଟର ପ୍ଲାନ୍ କରିଛନ୍ତି । କାମ ଆରମ୍ଭ ହୋଇଯାଇଛି, ରାସ୍ତାରୁ ନେଇ ସହର ସୌନ୍ଦର୍ଯ୍ୟକରଣ ପର୍ଯ୍ୟନ୍ତ ଆମେ ଦେଖିବୁ ଆସନ୍ତା ପାଞ୍ଚ ବର୍ଷରେ, ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**05** ମାନ୍ୟବର ମୁଖ୍ୟମନ୍ତ୍ରୀ **ବୁଣାକାର**ଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ କରିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ କ'ଣ କରିଛନ୍ତି ଆପଣ ?

**09** ଓଡ଼ିଶାର ବିଶେଷକରି ପଶ୍ଚିମ ଓଡ଼ିଶାର ଯୁବପିଢ଼ିଙ୍କ **ଦକ୍ଷତା ବିକାଶ** (Skill Development) ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**14** **ଏହି ମାଟି, ଲୋକ, ବୁଣାକାର, କୃଷକ, ମହାନଦୀ, ମହାନ ପୂର୍ବପୁରୁଷ, ସ୍ୱାଧୀନତା ସଂଗ୍ରାମୀ ଓ ପଶ୍ଚିମ ଓଡ଼ିଶାର କବି**ଙ୍କ ପାଇଁ ଗତ ୧୦ ବର୍ଷରେ କ'ଣ କରିଛନ୍ତି ଆପଣ ?

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ**

ଲୋକସଭା | ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

## ସଂକ୍ଷେପରେ

### ୮ ପିଏଫ୍ଆଇ ସଦସ୍ୟଙ୍କ ଜାମିନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୨୨।୫:** ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ଅଭିଯୁକ୍ତ ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ର ୮ ସଦସ୍ୟଙ୍କୁ ମାଡ୍ରାସ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟ ବୁଧବାର ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ସେମାନେ ଆତଙ୍କବାଦୀ କାର୍ଯ୍ୟ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିବା ଜଷ୍ଟିସ ବେଲା ତ୍ରିପାଠୀ ଓ ପଙ୍କଜ ମିଥାଲଙ୍କ ଖଣ୍ଡପୀଠ କହିଛନ୍ତି। ଗତବର୍ଷ ଅକ୍ଟୋବର ୧୯ରେ ହାଇକୋର୍ଟ ଦେଇଥିବା ଜାମିନକୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ପିଏଫ୍ଆଇ ସଦସ୍ୟମାନଙ୍କ ଜାମିନକୁ ଖାରଜ କରିବା ଅବସରରେ ଜାତୀୟ ସୁରକ୍ଷା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ବୋଲି ଖଣ୍ଡପୀଠ କହିଛନ୍ତି।

### ଡଙ୍ଗା ଓଲଟିଲା, ୬ ଜଣଙ୍କ ମୃତ୍ୟୁ ଆଶଙ୍କା

**ପୁଣେ, ୨୨।୫:** ମହାରାଷ୍ଟ୍ରର ପୁଣେ ସ୍ଥିତ ଇନ୍ଦାପୁର ତହସିଲ ନିକଟସ୍ଥ ଉଜାନି ଡ୍ୟାମରେ ବୁଧବାର ଏକ ଡଙ୍ଗା ଓଲିଟ ପଡ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଏକ ମୋଟର ଚାଳିତ ଡଙ୍ଗା ୬ ଜଣ ଯାତ୍ରୀଙ୍କୁ ଧରି ସୋଲାପୁରର କୁଗାଁଓଠାରୁ ପୁଣେର କାଲାଶି ଗ୍ରାମକୁ ଆସୁଥିଲା। ତେବେ ହଠାତ୍ କାଳବୈଶାଖୀ ଓ ବଜ୍ରପାତ ଯୋଗୁ ପବନର ବେଗ ବଢ଼ିଥିଲା ଏବଂ ହ୍ରଦର ପାଣିରେ ପ୍ରବଳ ଲହରି ସୃଷ୍ଟି ହୋଇଥିଲା। ଫଳରେ ଡଙ୍ଗାଟି ଓଲଟିପଡ଼ିଥିବା ସୋଲାପୁର ପୋଲିସ ସୂଚନା ଦେଇଛି। ସୂଚନା ମିଳିବା ମାତ୍ରେ ଉକ୍ତ ଡ୍ୟାମ୍‌ରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ(ଏନ୍‌ଡିଆର୍‌ଏଫ), ଏସ୍‌ଡିଆର୍‌ଏଫ୍, ସ୍ଥାନୀୟ ପୋଲିସ ଓ ପ୍ରଶାସନ ପହଞ୍ଚି ସମସ୍ତ ୬ ନିଖୋଜ ଯାତ୍ରୀଙ୍କର ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି।



## ଶାହରୁଖ ଖାନ୍‌ଙ୍କୁ ଅଂଶୁଘାତ

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ଅଂଶୁଘାତ ହେବାରୁ ତାଙ୍କୁ ଅହମଦାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୋଲ୍‌କାତା ନାଇଟ୍ ରାଇଡର ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍ ଦେଖିବା ପାଇଁ କିଙ୍ଗ୍ ଖାନ୍ ଅହମଦାବାଦ ଯାଇଥିଲେ। ସେଠାରେ ୪୫ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ଯୋଗୁ ଶାହରୁଖ ଡିହାଇଡ୍ରେଶନରେ ପୀଡ଼ିତ ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ଡାକ୍ତରୀ ଅବଜରଭେଶନରେ ରହିଛନ୍ତି। ହସ୍ପିଟାଲ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବନ୍ଧୁ ତଥା ଅଭିନେତ୍ରୀ ଜୁହି ଚାୱାଲା ହସ୍ପିଟାଲ ଯାଇ ଶାହରୁଖଙ୍କୁ ସାକ୍ଷାତ୍ କରିଛନ୍ତି।

## ଜୁନ୍ ୩ରେ ଧାଡ଼ିବାନ୍ଧିବେ ୬ ଗ୍ରହ

ଜୁନ୍ ୩ରେ ସୌରଜଗତର ୬ ଗ୍ରହ ଗୋଟିଏ ଧାଡ଼ିରେ ଦୃଶ୍ୟ ହେବେ। ସେଦିନ ଭୋର ସମୟର ଆକାଶରେ ଏହି ବିରଳ ଜାଗତିକ ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ଜ୍ୟୋତିର୍ବିଜ୍ଞାନୀମାନଙ୍କ କହିବା ଅନୁଯାୟୀ ଏକସଙ୍ଗେ ବୁଧ, ମଙ୍ଗଳ, ବୃହସ୍ପତି, ଶନି, ୟୁରାନସ୍ ଓ ନେପ୍‌ଚୁନ ଜୁନ୍ ୩ରେ ଗୋଟିଏ ସରଳରେଖାରେ ଅବସ୍ଥାପିତ ହୋଇଥିବା ଦେଖାଯିବ। ସୌର ଜଗତର କେତେକ ଗ୍ରହର କକ୍ଷ ଏକ ସମୟରେ




ସେମାନଙ୍କୁ ସୂର୍ଯ୍ୟଙ୍କ ଗୋଟିଏ ପାର୍ଶ୍ୱରେ ରଖିଲେ ସେମାନେ ଆକାଶରେ ଗୋଟିଏ ଲାଇନରେ ରହିବା ଭଳି ଦେଖାଯାଇଥାନ୍ତି ବୋଲି ୟୁନିଭର୍ସିଟି କଲେଜ ଲଣ୍ଡନର ଫିଜିକ୍ସ ଓ ଆଷ୍ଟ୍ରୋନୋମି ବିଭାଗ ଅଧ୍ୟାପକ କେଟେ ପାଟଲ୍ କହିଛନ୍ତି।

# ୫ ଲକ୍ଷ ଓବିସି ସାର୍ଟିଫିକେଟ ରଦ୍ଦ

**ପଶ୍ଚିମବଙ୍ଗ ସରକାରଙ୍କୁ ହାଇକୋର୍ଟ ଝଟକା**

କୋଲକାତା,୨୨।୫

ପଶ୍ଚିମବଙ୍ଗ ସରକାର ୨୦୧୦ ପରେ ଇସ୍ୟୁ କରିଥିବା ପ୍ରାୟ ୫ ଲକ୍ଷ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସାର୍ଟିଫିକେଟକୁ କାଲ୍‌କାଟା ହାଇକୋର୍ଟ ବୁଧବାର ରଦ୍ଦ କରିଦେଇଛନ୍ତି। ଲୋକ ସଭା ନିର୍ବାଚନ ଆଉ ୨ ପର୍ଯ୍ୟାୟ ବାକି ଥିବାବେଳେ ହାଇକୋର୍ଟଙ୍କ ଏହି ରାୟ ମମତା ବାନାର୍ଜୀ ସରକାରଙ୍କୁ ଶକ୍ତ ଝଟକା ହୋଇଛି। ହାଇକୋର୍ଟଙ୍କ ରାୟକୁ ନେଇ ମୁଖ୍ୟମନ୍ତ୍ରୀ ମମତା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅଦାଲତଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବୁ ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟରେ ବେଆଇନ ଭାବେ ବିଭିନ୍ନ ପଦବୀ ପୂରଣ ପାଇଁ ୨୦୧୨ ଆଇନ ଅନୁଯାୟୀ ବିଭିନ୍ନ ବର୍ଗଙ୍କୁ ଓବିସି ମାନ୍ୟତା ପ୍ରଦାନ କରାଯିବାକୁ ନେଇ ଅଦାଲତ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ତେବେ ଓବିସି ବର୍ଗରୁ ବାଦ୍ ପଡ଼ିଥିବା ନାଗରିକ ପୂର୍ବରୁ ଚାକିରି କରିଥିଲେ କିମ୍ବା ସଂରକ୍ଷଣର ସୁବିଧା ନେଇଥିଲେ ବା କୌଣସି ଚୟନ ପ୍ରକ୍ରିୟାରେ ସଫଳ ହୋଇଥିଲେ, ଉକ୍ତ ରାୟ ଦ୍ୱାରା ତାହା ପ୍ରଭାବିତ ହେବନାହିଁ ବୋଲି ଜଷ୍ଟିସ୍




ତପବ୍ରତ ଚକ୍ରବର୍ତ୍ତୀ ଏବଂ ରାଜଶେଖର ମାନ୍‌ଥାଙ୍କ ଖଣ୍ଡପୀଠ କହିଛନ୍ତି। ସେହିପରି ୨୦୧୦ ପୂର୍ବରୁ ରାଜ୍ୟ ସରକାର ଓବିସି ବର୍ଗରେ ଯେଉଁ ୬୬ଟି ଜାତିକୁ ସାମିଲ କରିଥିଲେ, ସେମାନେ ମଧ୍ୟ ରାୟରେ ପ୍ରଭାବିତ ହେବେ ନାହିଁ। କାରଣ ୨୦୧୦ ପରେ ଇସ୍ୟୁ ହୋଇଥିବା ଓବିସି ସାର୍ଟିଫିକେଟକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୨୦୧୦ ମାର୍ଚ୍ଚ ୫ରୁ ୨୦୧୨ ମେ' ୧୧ ମଧ୍ୟରେ ରାଜ୍ୟ ସରକାର ଯେଉଁ ୪୨ଟି ଜାତିକୁ ଓବିସିରେ ସାମିଲ କରିଥିଲେ, ତାହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଜାତୀୟ ପଛୁଆ ବର୍ଗ ଆୟୋଗ ଆଇନ, ୧୯୯୩ ଅନୁଯାୟୀ ପଛୁଆ ବର୍ଗ କମିଶନଙ୍କ ମତାମତ ଓ ପରାମର୍ଶକୁ ରାଜ୍ୟ ବିଧାନସଭା ଗ୍ରହଣ କରିଥାନ୍ତି। କମିଶନଙ୍କ ସହ ପରାମର୍ଶ କରି ନୂଆ ଜାତିଗୁଡ଼ିକୁ ରାଜ୍ୟ ଓବିସି ତାଲିକାରେ ସାମିଲ କରିବା ନିମନ୍ତେ ସୁପାରିସ୍ ସହିତ ରିପୋର୍ଟ ବିଧାନସଭାରେ ଆଗତ କରିବା ପାଇଁ ହାଇକୋର୍ଟ ପଛୁଆ ବର୍ଗ କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଦମ୍‌ଦମ ସଂସଦୀୟ କ୍ଷେତ୍ରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ଅବସରରେ ମମତା କହିଛନ୍ତି, ରାଜ୍ୟରେ ଓବିସିଙ୍କ ପାଇଁ ସଂରକ୍ଷଣ ଜାରି ରହିବ। ସମ୍ବିଧାନର ବ୍ୟବସ୍ଥା ମଧ୍ୟରେ ବିଲ୍ ଗୃହୀତ ହୋଇଥିଲା। ଘରକୁ ଘର ସର୍ଭେ ପରେ ଉକ୍ତ ଚିଠା ବିଲ୍ ପ୍ରସ୍ତୁତ ହୋଇଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଚୟନ ପ୍ରକ୍ରିୟାରେ ଅନିୟମିତତା ଦର୍ଶାଇ ୨୦୧୬ରେ ପଶ୍ଚିମବଙ୍ଗ ସରକାର ନିୟୋଜିତ କରିଥିବା ୨୫,୭୫୩ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ଗତ ଏପ୍ରିଲରେ କାଲ୍‌କାଟା ହାଇକୋର୍ଟ ରଦ୍ଦ କରିଦେଇଥିଲେ। ଏଥିସହ ସେମାନେ ଏପର୍ଯ୍ୟନ୍ତ ପାଇଥିବା ବେତନକୁ ସୁଧ ସହ ଫେରାଇବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇଥିଲେ ମଧ୍ୟ ନିଯୁକ୍ତି ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ଜାରି ରଖିବାକୁ କହିଥିଲେ।

## ପ୍ରଚାରରେ ସଂଯମତା ରଖ

**ଭାଜପା, କଂଗ୍ରେସକୁ ଇସିଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୨।୫

ନିର୍ବାଚନ ପ୍ରଚାରରେ ସଂଯମତା ରକ୍ଷା କରିବାକୁ ନିର୍ବାଚନ କମିଶନ (ଇସି) ବୁଧବାର ଶାସକ ଭାଜପା ଏବଂ ବିରୋଧୀ ଦଳ କଂଗ୍ରେସକୁ ନିର୍ଦ୍ଦେଶ ଦେଇଛି। ପ୍ରଚାର ବେଳେ ବିଭେଦ ସୃଷ୍ଟିକାରୀ ମନ୍ତବ୍ୟ ଦେଉଥିବା ନେଇ ଉଭୟ ଦଳ ପରସ୍ପର ବିରୋଧରେ ଅଭିଯୋଗ ଆଣିଥିଲେ। ନିଜର ତାରକା ପ୍ରଚାରକମାନେ ଯେପରି ପ୍ରଚାର ବେଳେ ଶିଷ୍ଟାଚାର ରକ୍ଷା କରିବା ସହ ବିଭେଦ ସୃଷ୍ଟିକାରୀ ମନ୍ତବ୍ୟ ଦେବାରୁ ବିରତ ରହନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି।

ଷ୍ଟାର ପ୍ରଚାରକମାନଙ୍କ ପ୍ରଚାର ମାନକୁ ନେଇ ଅନେକ ଅଭିଯୋଗ ହୋଇଥିଲା। ଜାତି, ଧର୍ମ, ଭାଷା ଓ ସମ୍ପ୍ରଦାୟକୁ ନେଇ ନେତାମାନେ ଭାଷଣ ଦେଉଥିବାରୁ ନିର୍ବାଚନ କମିଶନ ଭାଜପା ଏବଂ କଂଗ୍ରେସ ଉପରେ ବର୍ଷିଛନ୍ତି। ଦଳଗୁଡ଼ିକ ଧର୍ମ ଓ ସମ୍ପ୍ରଦାୟକୁ ଆକ୍ଷେପ କରି ମନ୍ତବ୍ୟ ଦେବାରୁ ଦୂରେଇ ରହିବାକୁ ଇସି କହିଛନ୍ତି। ସମାଜରେ ବିଭାଜନ ସୃଷ୍ଟିକାରୀ ମନ୍ତବ୍ୟ ବନ୍ଦ ରଖିବାକୁ ଭାଜପାକୁ କୁହାଯାଇଛି। ଏ ସମ୍ପର୍କରେ ସମସ୍ତ ତାରକା ପ୍ରଚାରକଙ୍କୁ ଜଣାଇଦେବା ଲାଗି ଭାଜପା ଅଧ୍ୟକ୍ଷଙ୍କୁ ଇସି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଆସିଲେ ସମ୍ବିଧାନ ଉଚ୍ଛେଦ ହୋଇଯିବ, ଦେଶକୁ ବିକି ଦିଆଯିବ ଆଦି ଭୁଲ୍ ଧାରଣା ସୃଷ୍ଟିକାରୀ ମନ୍ତବ୍ୟ ଦେବାରୁ ଷ୍ଟାର ପ୍ରଚାରକମାନଙ୍କୁ ଦୂରେଇ ରଖିବାକୁ ଇସି କଂଗ୍ରେସ ଅଧ୍ୟକ୍ଷଙ୍କୁ କହିଛନ୍ତି। ଅଗ୍ନିବୀର ଯୋଜନାକୁ ନେଇ ପ୍ରତିରକ୍ଷା ବଳକୁ ରାଜନୀତି ଭିତରେ ନ ପୂରାଇବାକୁ କୁହାଯାଇଛି। ବିଭିନ୍ନ ଜାତି, ସମ୍ପ୍ରଦାୟ, ଧର୍ମ ଓ ଭାଷା ମଧ୍ୟରେ ପାରସ୍ପରିକ ଘୃଣା ଏବଂ ଉତ୍ତେଜନାକୁ ବଢ଼ାଇଲା ଭଳି କୌଣସି କାର୍ଯ୍ୟରେ ଦଳ କିମ୍ବା ପ୍ରାର୍ଥୀମାନେ ସାମିଲ ନ ହେବାକୁ ପରାମର୍ଶ ଦିଆଯାଇଛି। ନିର୍ବାଚନ ଅଭିଜ୍ଞତା ମାନର ଐତିହ୍ୟକୁ ଦୁର୍ବଳ କରିବାକୁ ଭାଜପା ଏବଂ କଂଗ୍ରେସକୁ ଅନୁମତି ଦିଆଯିବ ନାହିଁ ବୋଲି ଇସି କହିଛନ୍ତି।

## କୋଲକାତାରେ ବାଂଲାଦେଶ ଏମ୍‌ପିଙ୍କୁ ହତ୍ୟା

**୯ ଦିନ ଧରି ନିଖୋଜ ଥିଲେ**

କୋଲକାତା, ୨୨।୫

ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ବାଂଲାଦେଶର ଜଣେ ଏମ୍‌ପିଙ୍କୁ ହତ୍ୟା କରାଯାଇଛି। ବାଂଲାଦେଶର ଶାସକ ଦଳ ଆୱାମି ଲିଗ୍‌ର ଏମ୍‌ପି ଅନ୍‌ୱାରୁଲ୍ ଅଜିମ୍ ଅନାର ନିଜ ଚିକିତ୍ସା ନିମନ୍ତେ କିଛିଦିନ ତଳେ କୋଲକାତା ଆସିଥିଲେ। ତେବେ ସେ ଗତ ୯ ଦିନ ଧରି ନିଖୋଜ ଥିଲେ। ତେବେ ଏହି ମାମଲାର ତଦନ୍ତ କରୁଥିବା ରାଜ୍ୟ ସରକାରଙ୍କ ଅପରାଧ ତଦନ୍ତ ବିଭାଗ(ସିଆଇଡି)ର ଆଇଜି ଅଖିଲେଶ ଚତୁର୍ବେଦୀ ଅନ୍‌ୱାରୁଲ୍‌ଙ୍କ ହତ୍ୟା ହୋଇଥିବା ସ୍ପଷ୍ଟ ସୂଚନା ମିଳିଥିବା ବୁଧବାର କହିଛନ୍ତି। ପୂର୍ବରୁ ସେ ରହୁଥିବା ସ୍ଥାନୀୟ ନ୍ୟୁ ଟାଉନ୍ ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ବୁଧବାର ରକ୍ତଛିଟା ପଡ଼ିଥିବାର ଦେଖିବାକୁ ମିଳିଛି। ଏଠାରେ ଅନ୍‌ୱାରୁଲ୍‌ଙ୍କୁ ହତ୍ୟା କରାଯାଇ ତାଙ୍କ ମୃତଦେହକୁ ନିକଟସ୍ଥ କୌଣସି ଅଳିଆ ଗଦାରେ ଫିଙ୍ଗାଯାଇଥିବା ପୋଲିସ ଅନୁମାନ କରୁଛି। ତେବେ ଏହି ଘଟଣାର ତଦନ୍ତ ଚାଲିଛି ଏବଂ



ଅନ୍‌ୱାରୁଲ୍ ଅଜିମ୍ ଅନାର

ହତ୍ୟାକାଣ୍ଡର କାରଣ ନେଇ ଖୁବ୍‌ଶୀଘ୍ର ପୋଲିସ ପ୍ରକାଶ କରିବ ବୋଲି ଆଇଜି ଅଖିଲେଶ କହିଛନ୍ତି। ସେହିପରି ଏହି ମାମଲାରେ ଅନ୍ତର୍ଜାତୀୟ ପ୍ରୋଟୋକଲ୍‌କୁ ଅନୁସରଣ କରାଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ, ବୁଧବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ମଧ୍ୟ ଅନ୍‌ୱାରୁଲ୍‌ଙ୍କୁ କୋଲକାତାରେ ଅତି ନିର୍ମମ ଭାବେ ହତ୍ୟା ନେଇ ବୟାନ ଜାରି ହୋଇଛି।

## ଜୁଲାଇ ୪ରେ ବ୍ରିଟେନ୍ ନିର୍ବାଚନ

ଲଣ୍ଡନ୍,୨୨।୫

ଜୁଲାଇ ୪ରେ ବ୍ରିଟେନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଅନେକ ମାସ ଧରି ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟାଇ ବୁଧବାର ସନ୍ଧ୍ୟାରେ ଏନେଇ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଘୋଷଣା କରିଛନ୍ତି। ୨୦୧୦ରୁ ଦେଶରେ କ୍ଷମତାସୀନ ଥିବା ଦକ୍ଷିଣପନ୍ଥୀ କଞ୍ଜରଭେଟିଭ୍ ପାର୍ଟି ପାଇଁ ଏହି ନିର୍ବାଚନ ଅସ୍ତିତ୍ୱ ବଜାୟ ପାଇଁ ଅଗ୍ନିପରୀକ୍ଷା ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

ଲଣ୍ଡନ୍‌ର ୧୦ ଡାଉନିଂ ଷ୍ଟ୍ରିଟ୍‌ରୁ ପ୍ରଥମ ଭାରତୀୟ ବ୍ରିଟିଶ ପ୍ରଧାନମନ୍ତ୍ରୀ ସୁନକ୍ କହିଛନ୍ତି, ଗତ ୫ ବର୍ଷ ଦେଶ ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସର୍ବାଧିକ ଆହ୍ୱାନପୂର୍ଣ୍ଣ ରହିଥିଲା। ଆଗାମୀ ଦିନଗୁଡ଼ିକରେ ମୁଁ ଆପଣମାନଙ୍କ ପ୍ରତ୍ୟେକ ଭୋଟ ପାଇଁ ସଂଘର୍ଷ କରିବି। ଆମ ପାଖରେ ଏକ ସ୍ପଷ୍ଟ ଯୋଜନା ରହିଛି। ଆସନ୍ତା ସପ୍ତାହରେ ପାର୍ଲାମେଣ୍ଟ ଭଙ୍ଗ କରାଯିବ। ଏହା



ଋଷି ସୁନକ୍

ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ।

କିଛିଦିନ ହେଲା ସୁନକ୍‌ଙ୍କ ବିରୋଧରେ ଶାସକ କଞ୍ଜରଭେଟିଭ୍ ପାର୍ଟିର କେତେଜଣ ଏମ୍‌ପି ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଦାବି କରିଆସୁଛନ୍ତି। ଜଣେ ଏମ୍‌ପି ଦଳର ସାମ୍ପ୍ରତିକ ସ୍ଥିତିକୁ ଭୟଙ୍କର ବୋଲଇ ଦର୍ଶାଇଛନ୍ତି। ବ୍ରିଟେନରେ ସାଧାରଣ ନିର୍ବାଚନ ସାଧାରଣତଃ ଗୁରୁବାର ଅନୁଷ୍ଠିତ ହୋଇଥାଏ। ୧୯୩୧ ଅକ୍ଟୋବର ୨୭ରୁ ଏହି ପରମ୍ପରା ପ୍ରଚଳିତ। ଜୁଲାଇ ୪ ମଧ୍ୟ ଗୁରୁବାର ପଡୁଛି। ପାର୍ଲାମେଣ୍ଟର ପ୍ରଥମ ବୈଠକର ୫ ବର୍ଷ ପୂରଣ ହେବା ପରେ ପାର୍ଲାମେଣ୍ଟକୁ ଭଙ୍ଗ କରାଯାଇଥାଏ। ବର୍ତ୍ତମାନର ପାର୍ଲାମେଣ୍ଟ ୨୦୨୪ ଡିସେମ୍ବର ୧୭ରେ ୫ ବର୍ଷ ପୂରଣ କରିଥାନ୍ତା। କିନ୍ତୁ ଦଳ ଭିତରେ ସୁନକ୍‌ଙ୍କ ବିରୋଧରେ ବିଦ୍ରୋହ ବଢ଼ିବାରେ ଲାଗିଥିବାରୁ ସେ ଆଗୁଆ ନିର୍ବାଚନ ପାଇଁ ଘୋଷଣା କରିଛନ୍ତି। ପାର୍ଲାମେଣ୍ଟ ଭଙ୍ଗ ହେବା ପରେ ନିର୍ବାଚନ ପ୍ରସ୍ତୁତି ପାଇଁ ୨୫ ଦିନ ସମୟ ଦିଆଯାଇଥାଏ। ନିର୍ଦ୍ଧାରିତ ପ୍ରକ୍ରିୟାର ପାଳନ ହୋଇଥିଲେ, ୨୦୨୫ ଜାନୁଆରୀ ୨୮ ପୂର୍ବରୁ ବ୍ରିଟେନରେ ନିର୍ବାଚନ ହୋଇଥାନ୍ତା। ପ୍ରକାଶ ଯେ, ୪୪ ବର୍ଷୀୟ ସୁନକ୍ ହେଉଛନ୍ତି, ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର୍. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ। ନାରାୟଣମୂର୍ତ୍ତିଙ୍କ ଝିଅ ଅକ୍ଷତା ଓ ଋଷି ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ଉଭୟଙ୍କ ମିଳିତ ସମ୍ପତ୍ତି ପରିମାଣ ଚଳିତ ବର୍ଷ ୬୨୯ରୁ ୬୫୧ ନିୟୁତ ପାଉଣ୍ଡକୁ ବୃଦ୍ଧି ପାଇଛି। ଏଥିସହ ୬୧୦ ନିୟୁତ ପାଉଣ୍ଡର ଅଧିକାରୀ କିଙ୍ଗ୍ ଚାର୍ଲ୍ସଙ୍କଠାରୁ ଏହି ଦମ୍ପତି ଅଧିକ ଧନୀ ମାନ୍ୟତା ପାଇଛନ୍ତି।

## କେନ୍ଦ୍ରକୁ ୨.୧୧ ଲକ୍ଷ କୋଟିର ଲାଭାଂଶ ଦେବ ଆର୍‌ବିଆଇ

ମୁମ୍ବାଇ,୨୨।୫(ପି.ଟି.)

ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ଲାଗି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କେନ୍ଦ୍ର ସରକାରଙ୍କୁ ସର୍ବାଧିକ ୨.୧୧ ଲକ୍ଷ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିବାକୁ ଯାଉଛି। ବଜେଟରେ ଆଶା କରାଯାଉଥିବା ଲାଭାଂଶର ଏହା ୨ ଗୁଣରୁ ଅଧିକ। ଆଗାମୀ ନୂଆ ସରକାରଙ୍କ ରାଜସ୍ୱ ବଢ଼ାଇବାରେ ଏହା ଏକ ବଡ଼ ସହାୟକ ହେବ। ମୁମ୍ବାଇରେ ବୁଧବାର ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ନିର୍ଦ୍ଦେଶନା ବୋର୍ଡର ୬୦୮ତମ ବୈଠକ ବସି କେନ୍ଦ୍ରକୁ ରେକର୍ଡ ଡିଭିଡେଣ୍ଡ ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ପୂର୍ବ ଆର୍ଥିକ ବର୍ଷର ଲାଭାଂଶ ତୁଳନାରେ ଏହା ୧୪୧ ପ୍ରତିଶତ ଅଧିକ।

ଗତ ଫେବୃଆରୀରେ ସରକାର ଉପସ୍ଥାପନ କରିଥିବା ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟରେ ଆର୍‌ବିଆଇ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ




ଫାଇନାନ୍ସ ସଂସ୍ଥାଗୁଡ଼ିକରୁ ୧.୦୨ ଲକ୍ଷ କୋଟି ଲାଭାଂଶ ମିଳିବ ବୋଲି ଆକଳନ କରାଯାଇଥିଲା। ୨୦୨୨-୨୩ ବର୍ଷରେ ଆର୍‌ବିଆଇ କେନ୍ଦ୍ରକୁ ୮୭,୪୧୬ କୋଟି ଟଙ୍କାର ଲାଭାଂଶ ଦେଇଥିଲା। ଏହା ପୂର୍ବରୁ ୨୦୧୮-୧୯ରେ ୧.୭୬ ଲକ୍ଷ କୋଟିର ଲାଭାଂଶ ସର୍ବାଧିକ ଥିଲା। ଚଳିତ ଆର୍ଥିକ ବର୍ଷରେ ଆର୍ଥିକ ନିଅଣ୍ଟ (ବ୍ୟୟ ଓ ରାଜସ୍ୱ ମଧ୍ୟରେ ବ୍ୟବଧାନ) ୧୭.୩୪ ଲକ୍ଷ କୋଟି ଟଙ୍କାରେ ସୀମିତ ରଖିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି, ଯାହା କି ଜିଡିପିର ୫.୧ ପ୍ରତିଶତ।

# ଜଳବାୟୁ ପରିବର୍ତ୍ତନ ଆଣୁଛି ଟର୍ବୁଲେନ୍ସ

ନୂଆଦିଲ୍ଲୀ,୨୨।୫

ଯାତ୍ରାବେଳେ ଉଚ୍ଚ ଆକାଶରେ ବିମାନ ଟର୍ବୁଲେନ୍ସକୁ ସାମ୍ନା କରିବା ସ୍ୱାଭାବିକ। କିନ୍ତୁ ଯାତ୍ରୀ ମୃତାହତ ହେବା ଭଳି ସିଭିଅର୍ ଟର୍ବୁଲେନ୍ସ ବିରଳ। ଏହି କାରଣରୁ ଲଣ୍ଡନରୁ ସିଙ୍ଗାପୁର ଫେରୁଥିବା ସିଙ୍ଗାପୁର ଏୟାରଲାଇନ୍ସର ଏକ ବିମାନରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଓ ଅନ୍ୟ ୩୦ ଆହତ ହେବା ଘଟଣାକୁ ନେଇ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିମାନଟି ୩୭,୦୦୦ ଫୁଟ୍ ଉଚ୍ଚତାରେ ଉଡ଼ାଣ କରୁଥିବାବେଳେ ଏଭଳି ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ବିମାନ ଭିତରେ ଯାତ୍ରୀମାନେ ନିଜ ସିଟ୍‌ରୁ ଉଡ଼ିବାରେ ଲାଗିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀର ତାପମାତ୍ରା ବୃଦ୍ଧି ଏଭଳି ଭୟଙ୍କର ଟର୍ବୁଲେନ୍ସର ପ୍ରମୁଖ କାରଣ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

ଏକ ବିମାନ ଉଡ଼ାଣ କରୁଥିବାବେଳେ ଆକାଶମାର୍ଗରେ ତାପମାତ୍ରା ଓ ପାଣିପାଗ ସହ ଖାପ ଖୁଆଇ ନ ପାରି ହଠାତ୍ ଅଶାନ୍ତ ହୋଇପଡ଼ିବାକୁ ଟର୍ବୁଲେନ୍ସ କୁହାଯାଏ। ସୀମାହୀନ ସାଗର ଭଳି ଅନ୍ତହୀନ ଆକାଶରେ ଟର୍ବୁଲେନ୍ସ ଏକ ଢେଉ ସଦୃଶ ବୋଲି ୟୁନିଭର୍ସିଟି ଅଫ୍ ମେଲ୍‌ବୋର୍ନର ଆଟମୋସ୍ଫେରିକ୍ ସାଇଣ୍ଟିଷ୍ଟ ପ୍ରଫେସର ଟୋଡ୍ ଲେନ୍ କହିଛନ୍ତି। ପ୍ରଫେସର ଲେନ୍‌ଙ୍କ ମତରେ ପବନ ସମାନ୍ତରାଳରୁ ତଳ ଉପର ହେଲେ ବିମାନ ଟର୍ବୁଲେନ୍ସକୁ ସାମ୍ନା କରିଥାଏ। ନିର୍ବିଘ୍ନରେ ଉଡ଼ାଣ କରୁଥିବା ବିମାନ ହଠାତ୍ ତଳ ଉପର ହେବାକୁ ଲାଗିଥାଏ। ପବନର ଗତି ହିଁ ତାକୁ ଏପରି କରିଥାଏ। ପାର୍ବତ୍ୟମାଳା, ଝଡ଼ ଓ ଜେଟ୍ ଷ୍ଟ୍ରିମ୍ସକୁ ଟର୍ବୁଲେନ୍ସର କାରଣ ବୋଲି କୁହାଯାଏ। ଏଭଳି ସ୍ଥିତିରେ ପାଇଲଟ୍ ପର୍ବତ ଉପର ଦେଇ ବିମାନର ଉଡ଼ାଣକୁ ଏଡ଼ାଇ ସୁରକ୍ଷିତ ମାର୍ଗକୁ ମୋଡ଼ିନେବା ପାଇଁ ତତ୍କାଳ ଯୋଜନା କରିବା ଉଚିତ। ଉପର ବାୟୁମଣ୍ଡଳ ଦେଇ ବିମାନ ଯାତ୍ରା କରୁଥିବାବେଳେ ଖୁବ୍ ଜୋର୍‌ରେ ପବନ ବହିଲେ ତାକୁ ଜେଟ୍ ଷ୍ଟ୍ରିମ୍ସ କୁହାଯାଏ। ଜେଟ୍ ଷ୍ଟ୍ରିମ୍ସର ଉପରେ ଓ ତଳେ ବହୁଥିବା ପବନକୁ ଷ୍ଟ୍ରଙ୍ଗ୍ ୱାଇଣ୍ଡ ଶିଅର୍ କୁହାଯାଏ। ସେହି ସମୟରେ ପବନର ଗତିରେ ନାଟକୀୟ ପରିବର୍ତ୍ତନ ଆସିଥାଏ। ଏଭଳି ଷ୍ଟ୍ରଙ୍ଗ୍ ୱାଇଣ୍ଡ ଶିଅର୍ ରିଜିଅନ୍ସରେ ବିମାନ ଯାତ୍ରୀ ଅତ୍ୟଧିକ ଟର୍ବୁଲେନ୍ସର ଶିକାର ହୋଇଥାନ୍ତି। ମେଘ ନ ଥିବା ଆକାଶରେ ସୃଷ୍ଟି ହେଉଥିବା ଆଲୋଚନ ବା ଅସ୍ଥିରତାକୁ କ୍ଲିଅର ଏୟାର ଟର୍ବୁଲେନ୍ସ କୁହାଯାଏ। ତେବେ ସିଙ୍ଗାପୁର ଏୟାରଲାଇନ୍ସର ବିମାନଟି କେଉଁ ପର୍ଯ୍ୟାୟର ଟର୍ବୁଲାନ୍ସକୁ ସାମ୍ନା କରିଥିଲା ତାହା ଜଣା ପଡ଼ିନାହିଁ। ସେତେବେଳେ ସେହି ରୁଟ୍‌ରେ ଝଡ଼ ସୃଷ୍ଟି ହୋଇଥିବା ବିଷୟ ଟ୍ରାକିଙ୍ଗ୍ ସର୍ଭିସ୍ ଫ୍ଲାଇଟ୍ ରାଡାର ୨୪ ପକ୍ଷରୁ କୁହାଯାଇଛି। ବିଶ୍ୱରେ ଜୀବାଶ୍ମ ଇନ୍ଧନର ବ୍ୟବହାର ବଢ଼ିବାରେ ଲାଗିଥିବାରୁ ତାପମାତ୍ରା ମଧ୍ୟ ବୃଦ୍ଧି ପାଉଛି। ଏହି କାରଣରୁ ଟର୍ବୁଲେନ୍ସ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ମତ ଦେଇଛନ୍ତି। ନର୍ଥ ଆଟଲାଣ୍ଟିକ୍ ଆକାଶରେ ୨୦୫୦-୨୦୮୦ ବେଳକୁ ଜଳବାୟୁ ପରିବର୍ତ୍ତନଜନିତ ଟର୍ବୁଲେନ୍ସ ଦୁଇରୁ ତିନିଗୁଣା ବୃଦ୍ଧି ପାଇବ ବୋଲି ୨୦୧୭ର ଏକ ଅଧ୍ୟୟନରେ ସତର୍କ କରାଯାଇଥିଲା। ଅନ୍ୟ କେତେଜଣ ବିଶେଷଜ୍ଞ କହିଛନ୍ତି, ୨୦୫୦ ସୁଦ୍ଧା କ୍ଲିଅର ଏୟାର ଟର୍ବୁଲେନ୍ସ ୨୦୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଭାରତରେ ପ୍ରାକ୍ ମୌସୁମୀ ସମୟରେ ଫ୍ଲାଇଟ୍ ଟର୍ବୁଲେନ୍ସ ବୃଦ୍ଧି ପାଇପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।



## ୩ ମିନିଟରେ ୬,୦୦୦ ଫୁଟ୍ ଖସିଥିଲା ସିଙ୍ଗାପୁର ବିମାନ

ସିଙ୍ଗାପୁର ଏୟାରଲାଇନ୍ସ ବୋଇଂ ୭୭୭ ସୋମବାର ରାତି ୧୦ଟା ପରେ ଲଣ୍ଡନର ହିଥ୍ରୋ ବିମାନବନ୍ଦରରୁ ସିଙ୍ଗାପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଉକ୍ତ ବିମାନରେ ୨୧୧ ଯାତ୍ରୀ ଓ ୧୮ କ୍ରିଉ ମେମ୍ବର ଥିଲେ। ଟେକ୍ଅଫ୍‌ର ପ୍ରାୟ ଦେଢ଼ଘଣ୍ଟା ପରେ ଭାରତ ମହାସାଗର ଆକାଶରେ ବିମାନଟି ଏୟାର ଟର୍ବୁଲେନ୍ସର ଶିକାର ହୋଇ ଥରିବାରେ ଲାଗିଥିଲା। ଯାତ୍ରୀମାନେ ଆତଙ୍କିତ ହୋଇଯାଇଥିଲେ। ଟର୍ବୁଲେନ୍ସ ଏତେ ଭୟଙ୍କର ଥିଲା ଯେ, ଫ୍ଲାଇଟ୍ ଏସ୍‌କ୍ୟୁ୩୨୧ ମାତ୍ର ୩ ମିନିଟ ମଧ୍ୟରେ ୬,୦୦୦ ଫୁଟ୍ ତଳକୁ ଖସିଯାଇଥିଲା। ଫଳରେ ବିମାନକୁ ମଙ୍ଗଳବାର ସ୍ଥାନୀୟ ସମୟ ରାତି ୩ଟା ୪୫ରେ ବ୍ୟାଙ୍କକ୍‌ର ସୁବର୍ଣ୍ଣଭୂମି ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଇବାକୁ ପାଇଲଟ ବାଧ୍ୟ ହୋଇଥିଲେ। ସେତେବେଳକୁ ବ୍ରିଟେନ୍‌ର ଜଣେ ୭୩ ବର୍ଷୀୟ ନାଗରିକ ଆତଙ୍କିତ ହୋଇ ହୃଦ୍‌ଘାତରେ ପ୍ରାଣ ହରାଇ ସାରିଥିଲେ। ଅନ୍ୟ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ସିଙ୍ଗାପୁର ଏୟାରଲାଇନ୍ସର ଏକ ରିଲିଫ୍ ପ୍ଲେନ୍ ବ୍ୟାଙ୍କକ୍‌ରୁ ଅଧିକାଂଶ ଆହତ ଯାତ୍ରୀଙ୍କୁ ନେଇ ବୁଧବାର ସକାଳ ୫ଟାରେ ସିଙ୍ଗାପୁର ଫେରିଛି। ସିଙ୍ଗାପୁର ଏୟାରଲାଇନ୍ସ ସିଇଓ ଗୋହ ଚୁନ୍ କହିଛନ୍ତି, ୭୯ ଯାତ୍ରୀ ଓ ୬ କ୍ରିଉ ମେମ୍ବର ଏବେ ବି ବ୍ୟାଙ୍କକ୍‌ରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଚିକିତ୍ସାଧୀନ ଥିବା ୭୧ ଜଣଙ୍କୁ ଆଣିବା ପାଇଁ ଏୟାରଲାଇନ୍ସ ପକ୍ଷରୁ ଦ୍ୱିତୀୟ ବିମାନ ପଠାଯିବ।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ମେ ୨୩/୨୦୨୪ | Bhubaneswar, Thursday, May 23/2024







## ୨୯ରେ ଆସିବେ ମୋଦି, ୨୫ରେ ଶାହା

ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପାର ପ୍ରଚାର କରିବାକୁ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ବିଭିନ୍ନ ସ୍ଥାନ ଗସ୍ତ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପ୍ରଚାର ଲାଗି କିଛିଦିନ ମଧ୍ୟରେ ପ୍ରାୟ ୩ ଥର ଆସିସାରିଥିବା ବେଳେ ପୁଣି ଆଗକୁ ଆଉ ଥରେ ଆସିବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସେ ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ହେବାକୁ ଥିବା ଶେଷ ତଥା ଚତୁର୍ଥ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର କରିବାକୁ ପ୍ରଧାନମନ୍ତ୍ରୀ ୨୯ରେ ଆସିବେ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଆସନ୍ତା ୨୫ରେ ପୁଣି ଥରେ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଶାହା ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦା, ଭଦ୍ରକର ଚାନ୍ଦବାଲି, ଯାଜପୁରର କୋରେଇ ଓ ପୁରୀ ଜିଲାର ନିମାପଡ଼ାଠାରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସାଧାରଣ ସଭାରେ ଯୋଗଦେବେ ବୋଲି ଭାଜପା ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି। ଆସନ୍ତା ୨୫ରେ ଭାଜପା ନେତ୍ରୀ ସ୍ମୃତି ଇରାନୀ ବାଲେଶ୍ୱରକୁ ପ୍ରଚାର କରିବା ପାଇଁ ଆସିପାରନ୍ତି ବୋଲି ବିଶ୍ୱସ୍ତ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ୟୁକ୍ରେନ୍ ଓ ନାଟୋ






# ମତଦାନ ତଥ୍ୟ ସନ୍ଦେହ ବଢ଼ାଇଲା



ନୂଆଦିଲ୍ଲୀ,୨୨।୫

ଚଳିତ ଲୋକ ସଭା ନିର୍ବାଚନରେ ଭାରତର ନିର୍ବାଚନ କମିଶନ (ଇସିଆଇ) ମତଦାନର ଚୂଡ଼ାନ୍ତ ତଥ୍ୟ ପ୍ରକାଶ କରିବାରେ ୧୦-୧୧ ଦିନ ନେଉଛନ୍ତି। ଶେଷରେ ଆସୁଥିବା ମତଦାନ ହାର ଏବଂ ନିର୍ବାଚନ ଦିନର ଭୋଟ ହାର ମଧ୍ୟରେ ୧.୭ କୋଟି ଭୋଟ ବ୍ୟବଧାନ ରହୁଥିବା ଦର୍ଶାଇ କଂଗ୍ରେସ ପ୍ରଶ୍ନ ଉଠାଇଛି। କମିଶନଙ୍କ ପକ୍ଷରୁ ମତଦାନ ହାର ଜାରି କରିବାରେ ହେଉଥିବା ଅହେତୁକ ବିଳମ୍ବ ଯୋଗୁ ଏହି ସାମ୍ବିଧାନିକ ସଂସ୍ଥାର ନିରପେକ୍ଷତା ଓ ସଚ୍ଚୋଟତାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି।

ଦେଶରେ ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଜୁନ୍ ୧ରେ ହେବ। ଇତିମଧ୍ୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ବେଳେ କେତେ ପ୍ରତିଶତ ମତଦାତା ଭୋଟ ଦେଇଛନ୍ତି, ତାକୁ ନେଇ ଇସିଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରେ ତାଳମେଳ ରହୁନାହିଁ। ନିର୍ବାଚନ ଦିନ ମତଦାନ ଶେଷରେ କମିଶନ ଗୋଟିଏ କଥା କହୁଛନ୍ତି। କିଛିଦିନ ପରେ ଚୂଡ଼ାନ୍ତ ମତଦାନ ହାର ଜାରି କରିବାବେଳେ ଆଉ ଗୋଟିଏ ତଥ୍ୟ ଲୋକଙ୍କ ସାମ୍ନାକୁ ଆଣୁଛନ୍ତି। ତେଣୁ ଏହି ବିଷୟ ଦେଶରେ ବଡ଼ ବିବାଦକୁ ଜନ୍ମ ଦେଇଛି। କଂଗ୍ରେସ ନେତା ପୱନ ଖେରା ବୁଧବାର ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ଖେରା କହିଛନ୍ତି, ନିର୍ବାଚନ କମିଶନରେ ବିଚିତ୍ର ଗତିବିଧି ଚାଲିଛି, ଯାହାକୁ ନେଇ ଦେଶର ଭୋଟରମାନେ ଚିନ୍ତିତ। ଦଳର ମିଡିଆ ଓ ପବ୍ଲିସିଟି ବିଭାଗ ମୁଖ୍ୟ ଖେରାଙ୍କ ମତରେ ଇସିଙ୍କ ପକ୍ଷରୁ ୨ ଥର ପ୍ରକାଶ ପାଉଥିବା ମତଦାନ ତଥ୍ୟରେ ୧.୭ କୋଟି ଭୋଟ ବ୍ୟବଧାନ ରହୁଛି। ପ୍ରଥମ ୪ଟି ପର୍ଯ୍ୟାୟରେ ଆସିଥିବା ଏଭଳି ଅପ୍ରତ୍ୟାଶିତ ତଥ୍ୟ ମତଦାତାଙ୍କୁ ☞ପୃଷ୍ଠା-୯

## ଭାଜପା ଏକମାତ୍ର ଦଳ ନୀରବ ରହିଛି: ଟିଏମ୍‌ସି

ନୂଆଦିଲ୍ଲୀ,୨୨।୫

ନିର୍ବାଚନ କମିଶନ ଜାରି କରୁଥିବା ପ୍ରାରମ୍ଭିକ ଓ ଚୂଡ଼ାନ୍ତ ମତଦାନ ହାର ମଧ୍ୟରେ ବଡ଼ ଫରକ ରହୁଥିବାବେଳେ ଏହି ପ୍ରସଙ୍ଗରେ ସବୁ ଦଳ ପ୍ରଶ୍ନ ଉଠାଇଲେଣି। ତେବେ ଏନେଇ କେବଳ ଭାଜପା କାହିଁକି ନୀରବ ରହୁଛି ବୋଲି ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରଶ୍ନ କରିଛି। ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ସାକେତ ଗୋଖଲେ ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ ମେ' ୧ରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଦାଖଲ କରିଥିବା ଏକ ଆବେଦନର କପି ଶେୟାର କରିଛନ୍ତି। ଗୋଖଲେ କହିଛନ୍ତି, ନିର୍ବାଚନ କମିଶନଙ୍କୁ ସେ ମାଗିଥିବା ତଥ୍ୟ ଏଯାଏ ପାଇନାହାନ୍ତି। ଗୋଖଲେ ପ୍ରଥମ ୨ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ୧୦୨ ଲୋକ ସଭା ସଂସଦୀୟ ଆସନର ମୋଟ ଭୋଟର ସଂଖ୍ୟା ଓ ମତଦାନ ହାର ସମ୍ପର୍କରେ ତଥ୍ୟ ମାଗିଛନ୍ତି। ବିରୋଧୀ ଦଳଗୁଡ଼ିକ କମିଶନଙ୍କ ଆଗରେ ଏହି ପ୍ରସଙ୍ଗ ଉଠାଇବା ପରେ ଇସି କହିଥିଲେ, ଭୋଟିଂ ଶେଷ ହେବା ମାତ୍ରେ ପ୍ରାର୍ଥୀମାନେ ଫର୍ମ ୧୭ସିରେ ବୁଥ୍ ୱାରି ଡେଟା ମାଗିପାରିବେ। ଏହାକୁ ନେଇ ଗୋଖଲେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, କମିଶନ ଜାଣିଶୁଣି ତଥ୍ୟ ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ। ଅନ୍ୟ ପାର୍ଟିଗୁଡ଼ିକ ଏହି ପ୍ରଶ୍ନ ଉଠାଉଥିବାବେଳେ ଭାଜପା ଏକମାତ୍ର ଦଳ, ଯିଏକି ନୀରବ ରହିଛି।

# ୨୬ରେ ଯୁକ୍ତ୨ ପରୀକ୍ଷାଫଳ

ଭୁବନେଶ୍ୱର, ୨୨।୫ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଆସନ୍ତା ୨୬ ତାରିଖରେ ବାହାରିବ। ପରିଷଦ କାର୍ଯ୍ୟାଳୟରେ ରବିବାର ଅପରାହ୍ନରେ ଫଳ ପ୍ରକାଶ କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଏବର୍ଷ ପ୍ରଥମଥର ପାଇଁ ଗୋଟିଏ ଦିନରେ ଏକାଥରକେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଷୟର ରେଜଲ୍ଟ ମିଳିବ। ଛାତ୍ରୀଛାତ୍ର www.orissaresults.nic.in ୱେବ୍‌ସାଇଟ୍‌ରେ ନିଜ ଫଳ ଦେଖିପାରିବେ। ସୂଚନାଯୋଗ୍ୟ, ଯୁକ୍ତ୨ ପରୀକ୍ଷା ଗତ ଫେବୃଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିଲା। ମୋଟ ୩ ଲକ୍ଷ ୮୬ ହଜାର ୨୫୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ଜଣ ରହିଥିଲେ। କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୯୧ ଜଣ ପରୀକ୍ଷା ଦେଇଥିଲେ। ତେବେ ୨୭ଲକ୍ଷ ଖାତା ମୂଲ୍ୟାୟନ ହୋଇଥିବା ବେଳେ ସେଥିରୁ ଅନ୍‌ଲାଇନ୍‌ରେ ୯ଲକ୍ଷ ଏବଂ ଅଫ୍‌ଲାଇନରେ ୧୮ଲକ୍ଷ ଖାତା ମୂଲ୍ୟାୟନ କରାଯାଇଛି। ରାଜ୍ୟ ବାହାରେ ଏକ ଫାର୍ମରେ ଫଳ ପ୍ରକାଶ ପାଇଁ ବ୍ୟବସ୍ଥା ହୋଇଥିଲା। ସେହି ଫାର୍ମରେ ପରୀକ୍ଷାର୍ଥୀଙ୍କ ମାର୍କଶିଟ୍, ସାର୍ଟିଫିକେଟ୍, ମାଇଗ୍ରେଶନ ଆଦି ସମସ୍ତ ସାର୍ଟିଫିକେଟ୍ ପ୍ରିଣ୍ଟ କରାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୨୫୬୮ତମ ବୁଦ୍ଧ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଶିବାଜୀ ପଟ୍ଟନାୟକ ସ୍ମାରକୀ ବକ୍ତୃତା, ସ୍ଥାନ: ସିଓ୍ୱାଇଏସ୍‌ଡି ହଲ୍, ସମୟ: ସନ୍ଧ୍ୟା ୬ଟା।
- 'ବୌଦ୍ଧ ଧର୍ମ: ସେଦିନ ଓ ଆଜି' ଶୀର୍ଷକ ଆଲୋଚନା, ସ୍ଥାନ: ପ୍ରଦର୍ଶନୀ କକ୍ଷ, ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ନବରଙ୍ଗ ବାର୍ଷିକ ସଙ୍ଗୀତ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବିଶ୍ୱନାଥ ବାବା ସ୍ମୃତି ପରିଷଦ ପକ୍ଷରୁ ପ୍ରଭୁ ପୂର୍ଣ୍ଣିମା ଉତ୍ସବ ଓ ଧର୍ମସଭା, ସ୍ଥାନ: ପାଟପୁର ମହିମା ଆଶ୍ରମ, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଓଁ ଶ୍ରୀଶ୍ରୀ ନୀଳକଣ୍ଠେଶର ମହାଦେବଙ୍କ ପୀଠରେ ଭଗବତବାସୁଦେବ ଜମାଣ ଏବଂ ମେଳଣ, ସ୍ଥାନ: ଦିଘାଳୋ, କୁମ୍ଭାରପଡ଼ା, ନିମାପଡ଼ା, ସମୟ: ପ୍ରାତଃ ୪ଟା।
- ବିଜେଡି ପକ୍ଷରୁ ଜନ ସମାବେଶ, ସ୍ଥାନ: ସ୍ଥାନ ବାରବାଟୀ ପଡ଼ିଆ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧ ପୂର୍ଣ୍ଣିମା ପାଳନ, ସ୍ଥାନ: ବୁଦ୍ଧ ମନ୍ଦିର, ଷ୍ଟେଶନ ରୋଡ଼, ସମୟ: ଅପରାହ୍ନ ୫ଟା।
- ବୁଦ୍ଧ ପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ରର ସମସ୍ତ ଲେଖିକାଙ୍କ ଏକ ନୂତନ ଅନୁଷ୍ଠାନ ଉଦ୍‌ଘାଟନ, ସ୍ଥାନ: ଭକ୍ତ ସାଲବେଗ ସଭା କକ୍ଷ, ପୁରୀ, ସମୟ: ଅପରାହ୍ନ ୫ଟା।
- ବୁଦ୍ଧିଷ୍ଟ ଟାଏକୋଣ୍ଡ ଏକାଡେମୀର ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଟପ୍ ଆଣ୍ଡ ଟେଷ୍ଟି ହୋଟେଲ, ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଯୁବା ସମାବେଶକୁ ସମ୍ବୋଧିତ କରିବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସ୍ଥାନ: ସନ୍ତରାଗଡ଼ିଆ କଲେଜ ପଡ଼ିଆ, ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସମାବେଶରେ ଯୋଗ ଦେବେ ରେଳମନ୍ତ୍ରୀ, ସ୍ଥାନ: ଶାଳିକୋଠା ପଡ଼ିଆ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ବାଲେଶ୍ୱର ନଗରରେ ରେଳମନ୍ତ୍ରୀଙ୍କ ରୋଡ୍ ଶୋ, ସ୍ଥାନ: ବାଲେଶ୍ୱର ସହର,ସମୟ: ସନ୍ଧ୍ୟା ୬ଟା ୩୦।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଆତିଥ୍ୟ ସମ୍ମିଳନୀ କକ୍ଷ, ପାଣିଚାଙ୍କି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ସାଧାରଣ ସଭା, ସ୍ଥାନ: ଅସୁରାଳୀ ଷ୍ଟାଡିୟମ ପଡ଼ିଆ , ଧାମନଗର, ସମୟ : ପୂର୍ବାହ୍ନ ୧୧ଟା।
- ଭାଜପା ଜୋନ୍‌ସ୍ତରୀୟ ବୈଠକ, ସ୍ଥାନ: ଆଗରପଡ଼ା, ବନ୍ତ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନିର୍ବାଚନୀ ସଭା, ସ୍ଥାନ : ବଡ଼ବିଲ ବିକାଶ ମହଲ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।
- ବାର୍ଷିକ ଶାନ୍ତି ଯଜ୍ଞ ଏବଂ ନାମ ସଂକୀର୍ତ୍ତନ ଏବଂ ନଗର କୀର୍ତ୍ତନ, ସ୍ଥାନ: କୁଶଟିକିରି, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ତ୍ରିନାଥ ଗୋସାଇଁଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ:ଉଦଳା ହାଇସ୍କୁଲ ଛକ ଯାତ୍ରା ପଡ଼ିଆ, ସମୟ: ସକାଳ ୮ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ସମାରୋହ ଓ ଆଧ୍ୟାତ୍ମିକ କବିତା ପାଠୋତ୍ସବ,ସ୍ଥାନ: ମହର୍ଷି ପବ୍ଲିକ ସ୍କୁଲ ସଭାଗୃହ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚନ୍ଦନ ଯାତ୍ରା, ସ୍ଥାନ- ମଣିନାଗେଶ୍ୱର ମନ୍ଦିର ପୋଖରୀ, ଉଦଳା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ଶ୍ୱେତପଦ୍ମା ସାହିତ୍ୟ ସଂସଦର ପତ୍ରିକା ଉନ୍ମୋଚନ, ସ୍ଥାନ: କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ହୁନାର କିଡ୍ସ ସିଜନ-୨ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୫ଟା ୩୦।

## ଗଞ୍ଜାମ
- ବିଶ୍ୱଶାନ୍ତି ଗୀତା ମହାଯଜ୍ଞ, ସ୍ଥାନ:ଖଲ୍ଲିକୋଟ କେନ୍ଦୁବାଡ଼ି କାଳିଆଷଣ୍ଢ ମହାଦେବଙ୍କ ପୀଠ, ସମୟ: ସକାଳ ୬ଟା
- ବେଳାଭୂମିରେ ସାଗର ଆଳତି, ସ୍ଥାନ: ଗୋପାଳପୁର,ସମୟ: ସନ୍ଧ୍ୟା ୬ଟା ୪୦।

## ରାୟଗଡ଼ା
- ରଥଯାତ୍ରା ପାଇଁ କାଠ ଅନୁକୂଳ, ସ୍ଥାନ: ରାୟଗଡ଼ା ଜଗନ୍ନାଥ ମନ୍ଦିର ରଥଖଳା ପରିସର, ସମୟ: ସକାଳ ୮ଟା ୩୦।
- ତାଲିମପ୍ରାପ୍ତ ମାଣ୍ଡିଆ ଚାଷୀଙ୍କୁ ସାର୍ଟିଫିକେଟ ପ୍ରଦାନ, ସ୍ଥାନ: କାଶୀପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଚନ୍ଦନ ଯାତ୍ରା ପାଳନ ଅବସରରେ ଜଗନ୍ନାଥଙ୍କ ଚାପ ଖେଳ, ସ୍ଥାନ: ଅନନ୍ତ ବାସୁଦେବ ମନ୍ଦିର, ଜେକେପୁର, ସମୟ: ସନ୍ଧ୍ୟା ୫ଟା।

## ନବରଙ୍ଗପୁର
- କୁଞ୍ଜବିହାରୀ ପାଠାଗାର ବାର୍ଷିକ ଉତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ନବରଙ୍ଗପୁରସ୍ଥିତ କୁଞ୍ଜ ବିହାରୀ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ବିଶ୍ୱଶାନ୍ତି ମହାଯଜ୍ଞଙ୍କ ପୂର୍ଣ୍ଣାହୁତି, ସ୍ଥାନ: ଦାମନଯୋଡି ନାଲ୍‌କୋ ଟାଉନଶିପ ସେକ୍ଟର-୧ସ୍ଥିତ ଯଜ୍ଞମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ : ଭୀମ ଭୋଇ ପାର୍କ, ସମୟ : ସକାଳ ୮ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।
- ଭୀମ ଭୋଇ ସାହିତ୍ୟ ସଂସଦର ୨୪ତମ ବାର୍ଷିକୋତ୍ସବ, ସ୍ଥାନ : ଭୀମ ଭୋଇ ନଗର ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା ୩୦ ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।
- ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ, ସ୍ଥାନ: ଶାନ୍ତି ନଗର, ସମୟ : ସନ୍ଧ୍ୟା ୬ଟା ୩୦ ।

## ସୁବର୍ଣ୍ଣପୁର
- ନୃସିଂହ ଚତୁର୍ଦ୍ଦଶୀ ଅବସରରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ସୋନପୁର ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୨ଟା।
- ରାତ୍ରୀକାଳିନ ୟଙ୍ଗ ଷ୍ଟାର କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ତରଭା ବ୍ଲକର ଫଟକରା ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ବନବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବନବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ ବସ୍ତିବାସୀ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ବଡ଼ଗାଁର କଣ୍ଟିଆମୁରା ଗ୍ରାମରେ ଅଷ୍ଟ ପ୍ରହାର ନାମ ସଂକୀର୍ତ୍ତନ, ସ୍ଥାନ:କୀର୍ତ୍ତନ ମଣ୍ଡପ ସମୟ: ସକାଳ ୭ ଟା।
- ବଡ଼ଗାଁର ଟିମନା ଗ୍ରାମରେ ଚନ୍ଦନ ଯାତ୍ରା,ସ୍ଥାନ: କୀର୍ତ୍ତନ ମଣ୍ଡପ, ସମୟ:ରାତି ୮ ଟା।

## ବରଗଡ଼
- ଗୁପ୍ତେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନାର ପୂର୍ଣ୍ଣାହୁତି, ସ୍ଥାନ: ଗନ୍ଧମାର୍ଦ୍ଦନ ପର୍ବତ, ପାଇକମାଲ, ସମୟ: ଅପରାହ୍ନ ୨ଟା।
- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଲ, ସମୟ: ଅପରାହ୍ନ ୨ଟା ୩୦।

## କଳାହାଣ୍ଡି
- ଚନ୍ଦନଯାତ୍ରା ଉପଲକ୍ଷେ ଶ୍ରୀଲକ୍ଷ୍ମୀନୃସିଂହଙ୍କ ମହାସ୍ନାନ, ବିବାହ ଉତ୍ସବ, ଚୂଡ଼ାକରଣ ଓ ପୂର୍ଣ୍ଣାହୁତି, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଆୟୁର୍ବେଦ ସେବାସଦନ, ସମୟ: ସକାଳ ୮ଟା।
- ଅଲଓଡ଼ିଶା ସିଦ୍ଧ୍ୟଲକାଷ୍ଟ ପକ୍ଷରୁ ବୁଦ୍ଧ ଜୟନ୍ତୀ, ସ୍ଥାନ: ଆଟିଗାଁ ବିଶାଲପଡା, କୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଦିବସୀୟ ଚନ୍ଦନ ମହୋତ୍ସବ, ସ୍ଥାନ: ବ୍ରାହ୍ମଣ ଛେଣ୍ଡିଆ, ଧର୍ମଗଡ଼ ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।
- ରାଣୀମହାସ ମହୋତ୍ସବ, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଲିଗାଁ ରାଣୀମହାସ, ସମୟ: ସକାଳ ୭ଟା ।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ନାମଯଜ୍ଞ, ସ୍ଥାନ: ବୋଡେନ ବ୍ଲକ ପାତାଲଗଙ୍ଗା, ସମୟ: ସକାଳ ୮ଟା ୩୦ ।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ତିଖାଳି ଗ୍ରାମ, ସମୟ: ସକାଳ ୯ଟା ।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଠିକେପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ ମାଝିପଡା, ସମୟ: ସକାଳ ୯ଟା ୧୫ ।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଲିଗାଁ ରାଣୀମହାସ, ସମୟ: ସକାଳ ୯ଟା ।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁ, ସମୟ: ସକାଳ ୯ଟା।

## ବୌଦ୍ଧ
- ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ରାଜବାଟିସ୍ଥିତ ବୁଦ୍ଧ ପାର୍କରେ ପୂଜାର୍ଚ୍ଚନା ସ୍ଥାନ: ବୌଦ୍ଧ ସହରର ରାଜବାଟି ବୁଦ୍ଧ ପାର୍କ, ସମୟ: ସକାଳ ୮ଟା।
- ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ମହାନଦୀ ଘାଟରେ ଆଳତି ଓ ଆଲୋଚନା ସଭା, ସ୍ଥାନ: ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ବୁଦ୍ଧପୂର୍ଣ୍ଣିମା ଓ ଚନ୍ଦନ ଯାତ୍ରା ଉତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ପରଗଳପୁର ଗ୍ରାମ, ହରଭଙ୍ଗା ବ୍ଲକ, ସମୟ : ରାତି ୧୨ଟା।

## ଦେବଗଡ଼
- ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ: ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆସାମ ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ', ସ୍ଥାନ: ଦେବଗଡ ସହରର ପୌରାଞ୍ଚଳର ବିଭିନ୍ନ ସ୍ଥାନ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି, ସ୍ଥାନ: ଅନୁଗୋଳ ସରକାରୀ କଲେଜ, ସମୟ: ସକାଳ ୮ ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୮ଟା।
- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୯ଟା।
- ପ୍ରଶାସନ ପକ୍ଷରୁ ମକ୍ ଡ୍ରିଲ୍, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ ପୌରପାଳିକା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଜୀଉଙ୍କ ବାର୍ଷିକୋତ୍ସବ ଓ ନାମଯଜ୍ଞ ଉପଲକ୍ଷେ ନଗର କୀର୍ତ୍ତନ, ସ୍ଥାନ: ରଘୁନାଥପୁର ବ୍ଲକ ଧରାଧାରପୁରସ୍ଥିତ ହରିହର ପୀଠ, ସମୟ: ସକାଳ ୭ଟା।
- ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ବିଜେଡିର ସାଧାରଣ ସଭା, ସ୍ଥାନ: ଆମ୍ବଶାଳ ମିନି ଷ୍ଟାଡିୟମ: ସମୟ: ମଧ୍ୟାହ୍ନ ୧୨ଟା।
- ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ସମାବେଶ, ବତୀଘର ପାଖ ସମୁଦ୍ର ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଭାଜପାର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ବାଲିଝରା, ପାରାଦୀପ ସମୟ: ଅପରାହ୍ନ ୫ଟା
- ନଗର କଂଗ୍ରେସ ପକ୍ଷରୁ ଆଶୀର୍ବାଦ ପଦଯାତ୍ରା, ସ୍ଥାନ: ବାଉରିଆପାଳନ୍ଦା, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଶୂନ୍ୟବ୍ରହ୍ମ ଆଶ୍ରମର ଅଷ୍ଟମ ବାର୍ଷିକ ମହୋତ୍ସବ ଉପଲକ୍ଷେ ଭାଗବତ ଯଜ୍ଞ ଓ ପ୍ରବଚନ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ବାଇପାସ୍ (ଦଣ୍ଡାସାହି), ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ଯାଜବେନ୍ଦ୍ର ଜୀଉଙ୍କ ଚନ୍ଦନ ଯାତ୍ରା, ସ୍ଥାନ: ରଘୁନାଥପୁର ବ୍ଲକ ଗୋପାଳପୁରସ୍ଥିତ ଚନ୍ଦନ ପୁଷ୍କରଣୀ, ସମୟ: ସନ୍ଧ୍ୟା ୬ଟା।
- ଦକ୍ଷିଣେଶ୍ୱରୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରଘୁନାଥପୁର ବ୍ଲକ ପୂରଣ ଓଡାପଡା ଦକ୍ଷିଣେଶ୍ୱରୀ ପୀଠ, ସମୟ: ରାତି ୯ଟା।
- ଧ୍ରୁବ ତପସ୍ୟାସ୍ଥଳୀ ଧଉଳିକୂଦ ମହାପୁରୁଷଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରଘୁନାଥପୁର ବ୍ଲକ ଏରଡଙ୍ଗାସ୍ଥିତ ଧଳତଙ୍ଗଗଡ ଜଙ୍ଗଲ, ସମୟ: ରାତି ୧୦ଟା।
- ବନବିହାରି ମହାପୁରୁଷଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତ ଗଜା ଗୋସେଇଁ ପବିତ୍ର ପୀଠ, ସମୟ: ରାତି ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ, ସ୍ଥାନ:ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡ଼ା ସହର, ସମୟ:ଅପରାହ୍ନ ୪ଟା।
- ଶଙ୍କୁକର୍ଣ୍ଣ ପୋଡ଼ି ଉତ୍ସବ, ସ୍ଥାନ:କୋରୋ, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା,ସମୟ:ଅପରାହ୍ନ ୫ଟା।

## ଯାଜପୁର
- ସପ୍ତସତୀ ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ସନ୍ଧ୍ୟା ୭ଟା୩୦।
- ଧର୍ମଶାଳା କଂଗ୍ରେସ ପ୍ରାର୍ଥୀଙ୍କ ୧୪ ନମ୍ବର ଜୋନରେ ପ୍ରଚାର, ସ୍ଥାନ: ଧର୍ମଶାଳା ବ୍ଲକର ବଡ଼ମଙ୍ଗଳପୁର, ସମୟ: ସକାଳ ୮ଟା।
- କୋରେଇ ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ୧୧ ନମ୍ବର ଓ୍ୱାର୍ଡ ଚୋର୍ଦ୍ଧା ଖେଳପଡ଼ିଆ,ସମୟ : ଅପରାହ୍ନ ସାଢେ ୪ଟା।
- କୋରେଇ ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ୭ ନମ୍ବର ଓ୍ୱାର୍ଡ ଜାବରା,ସମୟ : ଅପରାହ୍ନ ସାଢେ ୫ଟା।
- କୋରେଇ ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ୮ ନମ୍ବର ଓ୍ୱାର୍ଡ କାଚହୁଡି ଖେଳପଡ଼ିଆ, ସମୟ : ସନ୍ଧ୍ୟା ସାଢେ ୬ଟା।
- କୋରେଇ ବିଜେଡିର କର୍ମୀ ସମ୍ମିଳନୀ,ସ୍ଥାନ : ୯ ନମ୍ବର ଓ୍ୱାର୍ଡ କହ୍ନେଇପୁର ପଡ଼ିଆ, ସମୟ : ରାତି ସାଢେ ୭ଟା।
- ଦାନଗଦି ବ୍ଲକ ଧୁଳିଗଡ଼ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ : ଧୂଳିଗଡ ଗ୍ରାମ ପଡ଼ିଆ, ସମୟ : ଅପରାହ୍ନ ୫ଟା।
- ଧର୍ମଶାଳା କଂଗ୍ରେସର ବାଇକ୍ ଶୋଭାଯାତ୍ରା, ସ୍ଥାନ: ବଡମଙ୍ଗଳପୁର, ସମୟ : ସକାଳ ୮ଟା।
- ହିମାଂଶୁ ଶେଖର ସାହୁଙ୍କ ବାଇକ୍ ଶୋଭାଯାତ୍ରା, ସ୍ଥାନ : ନଠୁଆବର, ସମୟ : ସକାଳ ୧୦ଟା।
- ଧର୍ମଶାଳା ବିଜେଡିର ବାଇକ୍ ଶୋଭାଯାତ୍ରା, ସ୍ଥାନ : ଭବାନୀପୁର ପଞ୍ଚାୟତ,ସମୟ : ସକାଳ ୭ଟା।

## ନୟାଗଡ଼
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ଚତୁର୍ଦ୍ଦଶ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ଚତୁର୍ଦ୍ଦଶ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ଚତୁର୍ଦ୍ଦଶ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ କଥା ଓ କାମ ସହ ସୁଚିନ୍ତିତ ନିଷ୍ପତ୍ତି ବିଭିନ୍ନ ସ୍ତରରେ ପ୍ରଶଂସିତ ହେବ। ଶୁକ୍ରଙ୍କ ପ୍ରଭାବରୁ ପରିବାର, ପରିବହନ ଏବଂ ବାଣିଜ୍ୟ କ୍ଷେତ୍ରରେ ଉନ୍ନତ ସୁଫଳ ପାଇବେ। ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ଦ୍ୱାରା ସହଯୋଗ, ସୁଖ ସମ୍ମାନ ପାଇପାରନ୍ତି।

**ବୃଷ** ରାଶିରେ ରବି ଓ ଶୁକ୍ରଙ୍କ ସ୍ଥିତିରୁ ଯେଉଁ କାମରେ ହାତଦେଲେ ସଫଳତା ନିଶ୍ଚିତ। ଜନ ସମର୍ଥନ ମିଳିବ, ପଦାଧିକାରୀଙ୍କ ଅନୁକମ୍ପା ସହ ସ୍ଥଗିତ କାମର ପୁନରୁଦ୍ଧାର ମନକୁ ଖୁସି ରଖିବ। କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମକୁ ଚାପି ରଖିବାକୁ ପଡ଼ିପାରେ।

**ମିଥୁନ** କର୍ମକ୍ଷେତ୍ରରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ଆଜିର ଯାତ୍ରା ସମୟରେ ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ପରିବାରରେ କଳିତକରାଳ ବିଷୟରେ ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। ପୁନର୍ବସୁର ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କର୍କଟ** ନୀଚସ୍ଥ ଚନ୍ଦ୍ର ମିତ୍ରକ୍ଷେତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ ଏବଂ ବିଳାସବ୍ୟସନ ପ୍ରତି ଆକର୍ଷିତ ହୋଇପାରନ୍ତି। କାର୍ଯ୍ୟ ସାଧନରେ ନିଜ ଲୋକ ପୂର୍ଣ୍ଣ ସହଯୋଗ କରିବେ। କର୍ମକ୍ଷେତ୍ରର ପରିସ୍ଥିତି ବଦଳି ଯିବାରୁ ଏକପ୍ରକାର ଖୁସି ଅନୁଭବ କରିବେ। ଲେଖାପଢ଼ା, ଚୁକ୍ତିପତ୍ର, ସଭାସମିତି, ସଂଗଠନ କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ଭଲ ସମ୍ପର୍କ ରଖିଥିବା କୌଣସି ବନ୍ଧୁଙ୍କ ବିବାଦୀୟ ମନ୍ତବ୍ୟ ଓ କାର୍ଯ୍ୟ ଚିନ୍ତାଜନକ ସ୍ଥିତି ଆଣିପାରେ। ଅଟକି ରହିଥିବା କାମ ଆଜି ହିଁ ଶେଷ କରିବାକୁ ମନସ୍ଥ କରି ସଫଳତା ପାଇବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଋଣମୁକ୍ତ ହେବାର ସୂଚନା ରହିଛି। କୌଣସି ଗୃହ, ଜମିଜମା ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା** ସହକର୍ମୀଙ୍କ ସାହାଯ୍ୟ, ସହଯୋଗ ଓ ସହାନୁଭୂତି ଲାଭକରି କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଚିନ୍ତା ବଢ଼ାଇବ। ଲାଭାଧିପତିଙ୍କ ପ୍ରଭାବରେ ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା** ଧନସ୍ଥ ଚନ୍ଦ୍ର ହେତୁ କୌଣସି ପ୍ରକାରର ଅଭାବ ଓ ଅସୁବିଧା ଅନୁଭବ ନ କରି ଦିନଟି ଅତିବାହିତ ହେବ। ପରିବାରର ସ୍ୱାସ୍ଥ୍ୟ ସମସ୍ୟା ଓ ବାରମ୍ବାର ସ୍ଥାନ ପରିବର୍ତ୍ତନ ଟେନ୍‌ସନ୍‌ର କାରଣ ହୋଇପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ।

**ବିଛା** କାମ ଯଥା ସମୟରେ ସମ୍ପନ୍ନ ହେବାର ଲକ୍ଷ୍ୟକରି ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ମାତ୍ର ଅନୁରାଧା ନକ୍ଷତ୍ରର ଟେନ୍‌ସନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ** ରାଶ୍ୟାଧିପତିଙ୍କ ରାଶିକୁ ଦୃଷ୍ଟିଜନିତ ସମସ୍ୟାମୁକ୍ତ ପାରିବାରିକ ଜୀବନ କେତେକାଂଶରେ ପ୍ରୀତିପ୍ରଦ ରହିବ। ଆବଶ୍ୟକତାନୁଯାୟୀ ମୂଲ୍ୟବାନ୍ ଜିନିଷ କିଣି ଆତ୍ମତୃପ୍ତି ଲଭିବେ। କଚେରି ମାମଲାର ଟେନ୍‌ସନ ଓ କର୍ମକ୍ଷେତ୍ରରେ ଅସ୍ଥିରତା ଅଶାନ୍ତିର କାରଣ ହେବ। ପ୍ରକାଶନ,ଏଜେନ୍ସିପ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ଆପଣଙ୍କ କଥାକୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ମାନିନେବା କାରଣରୁ ଆଶଙ୍କା ଦୂରୀଭୂତ ହୋଇଯିବ। ମାତ୍ର ଧନିଷ୍ଠାର ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ବାହାର କରିବେ। ପାରିବାରିକ ସମସ୍ୟା ଏବଂ ଛୋଟଜାତିର ବ୍ୟକ୍ତିଙ୍କ ସହ କଳହଜନିତ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ଅର୍ଥନୈତିକ ପ୍ରଗତି ଏବଂ ସାହାଯ୍ୟକାରୀ ମନୋବୃତ୍ତିକୁ ବନ୍ଧୁମାନେ ଭୂରି ଭୂରି ପ୍ରଶଂସା କରିବେ। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନ ଓ ପ୍ରଶଂସା ଲାଭ କରିପାରନ୍ତି। ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମରେ କରିବାକୁ ନିଷ୍ପତ୍ତି ନେବେ। ଆର୍ଥିକ ସ୍ଥିତି ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** ପ୍ରତ୍ୟେକ ଦିଗ ଶୃଙ୍ଖଳିତ ରହିବା ସହ ରୁଚିବର୍ଦ୍ଧକ ହେବା କାରଣରୁ ମନ ପ୍ରଫୁଲ୍ଲିତ ରହିବ। ପରିବାର କଥା ନେଇ ବନ୍ଧୁଙ୍କ ସହ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଧନଭାବସ୍ଥ ଗୁରୁ ହେତୁ ପରିବହନ, ବ୍ୟବସାୟ ଏବଂ ବାଣିଜ୍ୟ, ନିର୍ମାଣ, ମାଲିମକଦ୍ଦମା ପ୍ରଭୃତି କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ।

ଆଜି ମେ ୨୩ ତାରିଖ, ବୈଶାଖ ପୂର୍ଣ୍ଣିମା, ଗୁରୁବାର, ବୈଶାଖ ବ୍ରତ ସମାପନ, ବୁଦ୍ଧ ଜୟନ୍ତୀ, ଭୀମଭୋଇ ଜୟନ୍ତୀ, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଦିବା ଘ.୦୯।୧୩ ଗତେ ରାଶିନକ୍ଷତ୍ର- ଅନୁରାଧା/ବିଛା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୧୨ ଗତେ ଘ. ୦୬।୦୪ ମଧ୍ୟେ, ଘ.୦୯।୩୩ ଗତେ ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ୦୧।୨୧ ଗତେ ଘ.୦୨।୫୯ ମଧ୍ୟେ ରାହୁକାଳ।

## ଜାତୀୟ

# ଲୋକ ସଭା ନିର୍ବାଚନରେ ମାତ୍ର ୯.୫% ମହିଳା ପ୍ରାର୍ଥୀ

### ୧୪.୨% ପ୍ରାର୍ଥୀଙ୍କ ନାଁରେ ରହିଛି ଗମ୍ଭୀର ଆପରାଧିକ ମାମଲା

ନୂଆଦିଲ୍ଲୀ, ୨୨।୫

ଚଳିତ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ୧୦ ପ୍ରତିଶତରୁ କମ୍ ମହିଳା ରହିଥିବା 'ଆସୋସିଏଶନ ଅଫ୍ ଡେମୋକ୍ରାଟିକ ରିଫର୍ମସ(ଏଡିଆର୍)' ରିପୋର୍ଟରୁ ବୁଧବାର ଜଣାପଡ଼ିଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସମୁଦାୟ ୮,୩୩୭ ପ୍ରାର୍ଥୀଙ୍କ ମଧ୍ୟରୁ ୭୯୭ ଜଣ(୯.୫%) ମହିଳା ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩୫ ଜଣ ମହିଳା, ଦ୍ୱିତୀୟରେ ୧୦୦, ତୃତୀୟରେ ୧୨୩, ଚତୁର୍ଥରେ ୧୭୦, ପଞ୍ଚମରେ ୮୨, ଷଷ୍ଠରେ ୯୨ ଏବଂ ସପ୍ତମ ପର୍ଯ୍ୟାୟରେ ୯୫ ଜଣ ମହିଳା ପ୍ରାର୍ଥୀ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏଡିଆର୍ ରିପୋର୍ଟରେ ପ୍ରକାଶ ପାଇଛି। ତେବେ ଏହି ରିପୋର୍ଟ ଲିଙ୍ଗଗତ ଅସମାନତାକୁ ଦର୍ଶାଉଥିବାରୁ ଅନେକ ରାଜନୈତିକ ବିଶ୍ଳେଷକ ଓ କାର୍ଯ୍ୟକର୍ତ୍ତା ପ୍ରମୁଖ ରାଜନୈତିକ ଦଳଗୁଡ଼ିକୁ ସମାଲୋଚନା କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ମହିଳାଙ୍କୁ ସକ୍ରିୟ ଭାବେ ଟିକେଟ ଦେବା ପରିବର୍ତ୍ତେ ମହିଳା ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରିରହିଛନ୍ତି ବୋଲି ଏହି ତଥ୍ୟ ସ୍ପଷ୍ଟ କରୁଥିବା ମତ ପ୍ରକାଶ ପାଇଛି। ମହିଳାଙ୍କ ପ୍ରାର୍ଥିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବାକୁ ରାଜନୈତିକ ଦଳ ଗୁଡ଼ିକୁ ବୁଦ୍ଧିଜୀବୀ ମହଲରେ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ, ମହିଳା ସଂରକ୍ଷଣ ବିଲ୍ ପାରିତ ହେବା ପରେ ଏହା ହେଉଛି ଦେଶରେ ପ୍ରଥମ ନିର୍ବାଚନ।

ଅନ୍ୟପକ୍ଷରେ ଚଳିତ ଲୋକ ସଭା ନିର୍ବାଚନ ଲଢୁଥିବା ମୋଟ୍ ୮,୩୩୭ ପ୍ରାର୍ଥୀଙ୍କ ମଧ୍ୟରୁ ୧୬୪୪ ଜଣ ପ୍ରାର୍ଥୀ (୧୯.୭%)ଙ୍କ ନାଁରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୧୧୮୮(୧୪.୨%) ପ୍ରାର୍ଥୀଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ. ମହିଳାଙ୍କ ପ୍ରତି ଅପରାଧ ଆଦି ଗମ୍ଭୀର ଆପରାଧିକ ମାମଲା ରହିଛି। ସେହିପରି ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଆସନରୁ ତେଲଗୁ ଦେଶମ ପାର୍ଟି(ଟିଡିପି) ପ୍ରାର୍ଥୀ ଚନ୍ଦ୍ରଶେଖର ପେମ୍ମାଶାନୀ ୫,୭୦୫ କୋଟିର ସମ୍ପତ୍ତି ସହ ଚଳିତ ଲୋକ ସଭା ନିର୍ବାଚନର ସବୁଠାରୁ ଧନୀ ପ୍ରାର୍ଥୀ ହୋଇଥିବା ଏଡିଆର୍ ପ୍ରକାଶ କରିଛି।



ଝାଡ଼ଖଣ୍ଡର ଗୋଡ୍ଡାଠାରେ ଏକ ସଭାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ଜେଏମ୍ଏମ୍ ନେତ୍ରୀ କଳ୍ପନା ସୋରେନ୍।

# ତଥ୍ୟ ଲୁଚାଇଥିବା ସୋରେନ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୨।୫(ପି.ଟି.)

ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ନିୟମିତ ଜାମିନ ପାଇଁ ତଳକୋର୍ଟରେ ଦାଏର କରିଥିବା ଆବେଦନରେ ତଥ୍ୟ ଲୁଚାଇଥିବାରୁ ସୁପ୍ରିମକୋର୍ଟ ବୁଧବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ଫଳରେ ଜେଏମ୍ଏମ୍ ନେତା ସୋରେନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫଦାରିକୁ ଚ୍ୟାଲେଞ୍ଜ କରି ଦାଏର କରିଥିବା ପିଟିଶନକୁ ପ୍ରତ୍ୟାହାର କରିନେଇଛନ୍ତି। ଅଦାଲତ ଯଦି ମାମଲାର ସବିଶେଷ ବିବରଣୀକୁ ଅନୁଧ୍ୟାନ କରନ୍ତି, ତେବେ ସୋରେନଙ୍କ ପାଇଁ କ୍ଷତିକାରକ ହେବ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଅବକାଶକାଳୀନ ଖଣ୍ଡପୀଠ ଚେତାବନୀ ଦେଇଥିଲେ। ଏହା ପରେ ତାଙ୍କ ଓକିଲ କପିଲ ସିବଲ ଆବେଦନ ପ୍ରତ୍ୟାହାର ପାଇଁ ନିବେଦନ କରିବାରୁ ଖଣ୍ଡପୀଠ ତାଙ୍କୁ ଅନୁମତି ଦେଇଥିଲେ। ମହକିଲ ତଥ୍ୟପ୍ରମାଣ ନ ଲୁଚାଇ ସ୍ପଷ୍ଟବାଦୀ ହେବାକୁ ଖଣ୍ଡପୀଠ ସିବଲଙ୍କୁ କହିଥିଲେ। ସୋରେନ୍ ହାଜତରେ ଥିବାରୁ କୋର୍ଟରେ ପିଟିଶନ ଦାଏର ସମ୍ପର୍କରେ ଜାଣି ନ ଥିବା ସିବଲ କହିବାରୁ ସେ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି ବୋଲି ଅଦାଲତ ଟିପ୍ପଣୀ ଦେଇଥିଲେ।




# ମ୍ୟାଲେରିଆ ଟିକା ପାଇଁ ପାରାସାଇଟ୍ ଚିହ୍ନଟ

### ଜେଏନ୍‌ୟୁ ବୈଜ୍ଞାନିକଙ୍କ ସଫଳତା



ନୂଆଦିଲ୍ଲୀ,୨୨।୫

ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ର ବୈଜ୍ଞାନିକମାନଙ୍କ ଏକ ଟିମ୍ ଏକ ପାରାସାଇଟ୍ (ପରଜୀବୀ) ଚିହ୍ନଟ କରିଛନ୍ତି, ଯାହା ମ୍ୟାଲେରିଆ ପ୍ରତିକାର ଏବଂ ଚିକିତ୍ସାରେ ଅଧିକ ପ୍ରଭାବଶାଳୀ ହୋଇପାରିବ। ପ୍ରଫେସର ଶୈଳଜା ସିଂ ଏବଂ ପ୍ରଫେସର ଆନନ୍ଦ ରଙ୍ଗନାଥନଙ୍କ ନେତୃତ୍ୱରେ ହୋଇଥିବା ଉକ୍ତ ଗବେଷଣା ଆଇସାଇନ୍ସ ପତ୍ରିକାରେ ପ୍ରକାଶ ପାଇଛି। ପିଏଚ୍‌ବି୨-ଏଚ୍‌ଏସ୍‌ପି୭୦ଏ୧ଏ ନାମକ ଏହି ପାରାସାଇଟ୍‌ରେ ଥିବା ପ୍ରୋହିବିଟିନ୍ ପ୍ରୋଟିନ୍ ମ୍ୟାଲେରିଆ ଟିକା ବିକାଶରେ ସହାୟକ ହୋଇପାରିବ। ମ୍ୟାଲେରିଆ ନିରୋଧୀ ଔଷଧ ବିରୋଧରେ ଉକ୍ତ ପାରାସାଇଟ୍ ଶରୀରରେ ପ୍ରତିଶେଧକ ଶକ୍ତି ସୃଷ୍ଟି କରିବା କ୍ଷମତା ରଖିଥିବାରୁ ଭୟଙ୍କର ମହାମାରୀକୁ ରୋକିବାରେ ଏହା ପ୍ରଭାବୀ ହୋଇପାରିବ। ମାଈ ଏନୋଫିଲିସ୍ ମଶା ଦ୍ୱାରା ମ୍ୟାଲେରିଆ ସଂକ୍ରମିତ ହୋଇଥାଏ। ଏହା ବିଭିନ୍ନ ଦେଶରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୨ ରିପୋର୍ଟ ଅନୁଯାୟୀ ବିଶ୍ୱବ୍ୟାପୀ ୨୪୯ ନିୟୁତ ମ୍ୟାଲେରିଆ ମାମଲା ରହିଥିବାବେଳେ ୬୦,୮୦୦ ଜଣଙ୍କର ଏଥିରେ ମୃତ୍ୟୁ ଘଟିଛି।

# ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ପଡ଼ିବନାହିଁ: ନବୀନ

### ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'



ଭୁବନେଶ୍ୱର-ଉତ୍ତର ନିର୍ବାଚନମଣ୍ଡଳୀରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ'। (ଫଟୋ-ବିକାଶ ନାୟକ)

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବିଶାଳ ରୋଡ୍ ଶୋ' କରିଛନ୍ତି। ମୁଖ୍ୟମନ୍ତ୍ରୀ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସିଆର୍‌ପି ଛକସ୍ଥିତ ହର୍ଟିକଲ୍ଚର ଅଫିସ ନିକଟରୁ ରୋଡ୍ ଶୋ' ଆରମ୍ଭ କରିଥିବାବେଳେ ସେଠାରେ ସ୍ୱାଗତକରିବା ପାଇଁ ଅନେକ ହଜାର ସମର୍ଥକ ତାଙ୍କୁ ଅପେକ୍ଷା କରିଥିଲେ। ଉତ୍ତର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଏବଂ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ୍ୟ ତାଙ୍କୁ ସ୍ୱାଗତ କରିବା ପାଇଁ ରହିଥିଲେ। ବାଜା, ବାଣ ଏବଂ ନାଚଗୀତର ଆୟୋଜନ କରାଯାଇଥିଲା। ପୂରା ପରିବେଶ ସମ୍ପୂର୍ଣ୍ଣ ଶଙ୍ଖମୟ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଗାଡ଼ି ଆସି ପହଞ୍ଚିବା ପରେ ତାଙ୍କୁ କର୍ମୀମାନେ ହାତ ହଲାଇ ସ୍ୱାଗତ ଜଣାଇଥିବା ବେଳେ ନବୀନ ମଧ୍ୟ ହାତ ହଲାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଇ କହିଥିଲେ, ଆସନ୍ତା ଜୁଲାଇରୁ ସମସ୍ତଙ୍କୁ ମାଗଣା ବିଦ୍ୟୁତ୍ ମିଳିବ। ରାଜ୍ୟର ୯୦% ଲୋକଙ୍କୁ ବିଏସ୍‌କେୱାଇ ଯୋଜନାରେ ସାମିଲ କରାଯିବ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଗାଡ଼ି ଯୁଆଡ଼େ ଯୁଆଡ଼େ ଯାଇଥିଲା, ଲୋକେ ତାଙ୍କ ପଛେ ପଛେ ଚାଲି ଚାଲି ଯାଇଥିଲେ। ବହୁ ସାଧାରଣ ଲୋକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ଲାଗି ଅପେକ୍ଷାକରି ରହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରିୟ ଭାଇ, ଭଉଣୀମାନେ ସମସ୍ତଙ୍କୁ ନମସ୍କାର। ସମସ୍ତେ ଭଲ ଅଛନ୍ତି ☞ପୃଷ୍ଠା-୯

# ଲଘୁଚାପ ସୃଷ୍ଟି, ୨୪ରେ ଅବପାତ

ଭୁବନେଶ୍ୱର, ୨୨।୫(ଅସମାପିକା ସାହୁ)

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ଓ ତତ୍ସଂଲଗ୍ନ ଉତ୍ତର ତାମିଲନାଡୁ-ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ବୁଧବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୫.୮ କି.ମି. ଯାଏ ବ୍ୟାପିଛି। ଏହା ଉତ୍ତରପୂର୍ବ ଦିଗରେ ଗତି କରିବା ସହ ୨୪ ତାରିଖ ସକାଳେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ଗତିପଥ ଉତ୍ତରପୂର୍ବ ଦିଗରେ ରହିବା ସହ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏନେଇ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବ ନାହିଁ। ରାଜ୍ୟ ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ରହିବ ନାହିଁ। କେବଳ ୨୫ ଓ ୨୬ ତାରିଖରେ ବାଲେଶ୍ୱର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ୨

### ଓଡ଼ିଶା ଉପରେ ସିଧାସଳଖ ପ୍ରଭାବ ରହିବ ନାହିଁ

ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି। ସେପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ବୁଧବାରଠାରୁ ଦକ୍ଷିଣ ବଙ୍ଗୋପସାଗରରେ ଘଣ୍ଟାପ୍ରତି ୩୫ରୁ ୪୫ କି.ମି. ବେଗରେ ପବନ ବହିବ। ୨୪ ତାରିଖ ସକାଳ ବେଳକୁ ପବନର ବେଗ ସମୁଦ୍ରରେ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ୨୩ ତାରିଖରୁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ରରେ ଅଛନ୍ତି, ଫେରି ଆସିବାକୁ ସତର୍କ କରାଯାଇଛି। ୨୫ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହୋଇପାରେ। ପ୍ରବଳ ବର୍ଷା ନେଇ ବାଲେଶ୍ୱର ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଅପରପକ୍ଷେ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଆଗକୁ ଅଗ୍ରସର ହେଉଥିବା ପାଣିପାଗ ☞ପୃଷ୍ଠା-୯



“ଗଣତନ୍ତ୍ରର ସୁଫଳ ହେଲା– ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ । ଗଣତନ୍ତ୍ରର କୁଫଳ ହେଲା– ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ । **–ଶ୍ରୀଅରବିନ୍ଦ**

**-ଚନ୍ଦନ ପୂର୍ଣ୍ଣିମା, ଚନ୍ଦ୍ରପୂଜା, ବୁଦ୍ଧ ଜୟନ୍ତୀ, ବୈଶାଖ ବ୍ରତ ସମାପନ ଓ ମହାବିଷ୍ଣୁ ଯଜ୍ଞର ପୂର୍ଣ୍ଣାହୁତି**



# ୟୁକ୍ରେନ୍ ଓ ନାଟୋ




ୟୁରି ଗୋରୋଡନିଚେନକୋ
ପ୍ରାଧ୍ୟାପକ, ଅର୍ଥନୀତି, କାଲିଫର୍ନିଆ ବିଶ୍ୱବିଦ୍ୟାଳୟ

ଇଲୋନା ସୋଲୋଗୌବ
ସମ୍ପାଦକ, ଭକ୍ସ ୟୁକ୍ରେନ୍

ନର୍ଥ ଆଟଲାଣ୍ଟିକ ଚୁକ୍ତି ସ୍ୱାକ୍ଷର ସମାରୋହରେ ୪ଏପ୍ରିଲ ୧୯୪୯ରେ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ହ୍ୟାରୀ ଟ୍ରୁମାନ କହିଥିଲେ ଯେ ଯଦି ଏଭଳି ସରଳ ଦଲିଲ ୧୯୧୪ ଏବଂ ୧୯୩୯ରେ ଥାଆନ୍ତା, ତେବେ ଦୁଇଟି ବିଶ୍ୱ ଯୁଦ୍ଧକୁ ରୋକିପାରିଥାଆନ୍ତା । ନୂତନ ଭାବେ ଗଠିତ ମିଳିତ ମଞ୍ଚ ସମ୍ଭାବ୍ୟ ଆକ୍ରମଣକାରୀଙ୍କୁ ପ୍ରତିହତ କରି ଶାନ୍ତି ସୁନିଶ୍ଚିତ କରିବ ବୋଲି ସେ ମତ ଦେଇଥିଲେ । ଏହି ସାମୂହିକ ସୁରକ୍ଷା ରଣନୀତିର ସଫଳତା ନର୍ଥ ଆଟଲାଣ୍ଟିକ ଚୁକ୍ତି ଅର୍ଗାନାଇଜେସନ (ନାଟୋ)ର ଖୋଲା ନୀତିର ଲାଭ ଉଠାଇଥିବା ଦେଶରେ ପ୍ରତିଫଳିତ ହୋଇଛି । ୧୯୪୯ ପରଠାରୁ ନିକଟରେ ଯୋଗ ଦେଇଥିବା ଫିନ୍‌ଲାଣ୍ଡ ଏବଂ ସୁଇଡେନ ସମେତ ମିଳିତ ମଞ୍ଚର ସଦସ୍ୟ ସଂଖ୍ୟା ୧୨ରୁ ୩୨କୁ ବୃଦ୍ଧି ପାଇଛି । ବର୍ତ୍ତମାନ ସଦସ୍ୟ ଦେଶଗୁଡ଼ିକ ୟୁକ୍ରେନ୍‌କୁ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ଜରୁରୀ ।

ୟୁକ୍ରେନ୍‌କୁ ନାଟୋକୁ ଆଣିବା ଅନେକ କାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ପ୍ରଥମରୁ ଯୋଗ ଦେଉଥିବା ଦେଶଗୁଡ଼ିକ ପାଇଁ ସୁରକ୍ଷା ଦେବାରେ ମିଳିତ ମଞ୍ଚର ପ୍ରତିବଦ୍ଧତା ଉପରେ କୌଣସି ସନ୍ଦେହ ହିଁ ଆକ୍ରୋଶକୁ ଆମନ୍ତ୍ରଣ କରିଥାଏ । ରୁଷିଆ ଏହାର ଏକ ଦୃଷ୍ଟାନ୍ତ । ୨୦୦୮ ବୁକାରେଷ୍ଟରେ ୟୁକ୍ରେନ୍ ଏବଂ ଜର୍ଜିଆର ସଦସ୍ୟତା ଆକାଂକ୍ଷାକୁ ସ୍ଥଗିତ କରିବାର ନିଷ୍ପତ୍ତି ଯୋଗୁ ସେହି ବର୍ଷ ଶେଷରେ ଜର୍ଜିଆ ଉପରେ ରୁଷିଆ ଆକ୍ରମଣ କରିଥିଲା । ସେହିଭଳି ୨୦୧୪ରେ ରୁଷିଆ କ୍ରିମିଆକୁ କବ୍‌ଜା କରିବା ଘଟଣାକୁ ଅଣଦେଖା କରିବା ଦ୍ୱାରା ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା । ୟୁକ୍ରେନ୍‌ରେ ରୁଷିଆକୁ ପରାସ୍ତ କରିବାରେ ବିଫଳ ହେବା ଅବଶ୍ୟ ଅଧିକ ଶତ୍ରୁତାର କାରଣ ହେବ । କିନ୍ତୁ ୟୁକ୍ରେନ୍‌କୁ ଗ୍ରହଣ କରି ନାଟୋ ଏହା ସପକ୍ଷରେ ଦୃଢ଼ତାର ସହ ଭାରସାମ୍ୟ ରକ୍ଷା କରିପାରିବ ଏବଂ ମିଳିତ ଶାନ୍ତି ପ୍ରତିଷ୍ଠାକୁ ନେଇ ସନ୍ଦେହ ଦୂର କରିପାରିବ ।

ତେବେ ଅଧିକ ଉତ୍ତେଜନାର ଭୟ ପ୍ରକାଶ ପାଇବା କିମ୍ବା ଏହାର କାର୍ଯ୍ୟକଳାପକୁ ଅନ୍ୟ ଏକ ଶକ୍ତି ଦ୍ୱାରା ପରିଚାଳିତ କରିବାକୁ ଅନୁମତି ଦେବା ନାଟୋକୁ ଧ୍ୱଂସାଭିମୁଖୀ କରାଇବ । ଧମକ ଦେବା ଦ୍ୱାରା କେବଳ ଅଧିକ ବିପଦ ରହିବ । ଯଦି ୟୁକ୍ରେନ୍‌ର ପତନ ଘଟେ, ତେବେ ଇଷ୍ଟୋନିଆ, ପୋଲାଣ୍ଡ, ଫିନ୍‌ଲାଣ୍ଡ, କିମ୍ବା ତାଇୱାନର ପରବର୍ତ୍ତୀ ପାଳି ପଡ଼ିଯିବ । ନାଟୋର ଶୀତଳ ଯୁଦ୍ଧ ରଣନୀତିର ଗୋଟିଏ ମୌଳିକ ନିୟମ ହେଉଛି ଶକ୍ତିକୁ ତା'ଠାରୁ ଅଧିକ ଶକ୍ତି ଦ୍ୱାରା ମୁକାବିଲା କରିବାକୁ ହେବ । ୧୯୪୬ରେ ଆମେରିକାର କୂଟନୀତିଜ୍ଞ ଜର୍ଜ କେନାନ ଏହି ରଣନୀତିକ ନୀତିର ସଂକ୍ଷେପରେ ବ୍ୟାଖ୍ୟା କରି କହିଥିଲେ



ଯେ ଯେତେବେଳେ ଏହାର ଆକ୍ରମଣକୁ ଦୃଢ଼ ପ୍ରତିରୋଧ ହୋଇଛି ତାହା ପାଶ୍ଚାତ୍ୟଗାମୀ ହୋଇଛି । ପରବର୍ତ୍ତୀ ଦଶନ୍ଧିଗୁଡ଼ିକ କେନାନଙ୍କ ନୀତିକୁ ପ୍ରମାଣିତ କଲା । ଶୀତଳ ଯୁଦ୍ଧରେ ପଶ୍ଚିମ ଜର୍ମାନୀ ଏବଂ ଦକ୍ଷିଣ କୋରିଆର ସୁରକ୍ଷା ପାଇଁ ପାଶ୍ଚାତ୍ୟ ଶକ୍ତି ପ୍ରଦର୍ଶନ କରିଥିବାବେଳେ ସୋଭିଏଟ୍ ୟୁନିଅନ ପରାସ୍ତ ହୋଇଥିଲା । ଅପରପକ୍ଷେ ଯେତେବେଳେ ପାଶ୍ଚାତ୍ୟ ଦ୍ୱିଧାବୋଧ କଲା, ସୋଭିଏଟ୍ ଆକ୍ରମଣ କଲା । ଆମେରିକାର ରାଷ୍ଟ୍ରପତି ଡ୍ୱାଇଟ ଇଜେନହାୱାରଙ୍କ ମିଳିତ ଜାତିସଂଘର ଚାର୍ଟର ଆହ୍ୱାନ ୟୁଏସ୍ଏସ୍‌କୁ ହଙ୍ଗେରୀ ଉପରେ ଆକ୍ରମଣ ରୋକିବାରେ ବିଫଳ ହୋଇଥିଲା । ତାଙ୍କ ଉତ୍ତରାଧିକାରୀ ଜନ୍ ଏଫ୍ କେନେଡି ପଶ୍ଚିମ ବର୍ଲିନକୁ ସମାନ ଭାଗ୍ୟର ସମ୍ମୁଖୀନ ହେବାରୁ ରକ୍ଷା କରିଥିଲେ । ସେହିପରି ୧୯୬୮ରେ ଚେକୋସ୍ଲୋଭାକିଆ ଉପରେ ସୋଭିଏଟ୍ ନେତୃତ୍ୱାଧୀନ ଆକ୍ରମଣରେ ପାଶ୍ଚାତ୍ୟ ପ୍ରତିକ୍ରିୟା ପ୍ରକାଶ ନ କରିବାରୁ ୧୯୭୯ରେ ଆଫଗାନିସ୍ତାନ ଉପରେ ସୋଭିଏଟ ଆକ୍ରମଣ କରିଥିଲା ।

ୟୁକ୍ରେନ ରାଷ୍ଟ୍ରମାନ୍ୟତା ପାଇଁ ଉଚିତ ସମୟ ସ୍ଥିର କରିବାକୁ ମନା କରି ରୁଷିଆର ଦାବି ସାମ୍ନାରେ ନାଟୋ ମୁଣ୍ଡନୁଆଁଇ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ରୁଷିଆ ସାମ୍ରାଜ୍ୟର ପୁନଃସ୍ଥାପିତ ସ୍ୱପ୍ନର ବାସ୍ତବତାର ସଙ୍କେତ ଦେଉଛି ଏବଂ ଏହାଦ୍ୱାରା ତୃତୀୟ ବିଶ୍ୱଯୁଦ୍ଧ ସୁନିଶ୍ଚିତ ହୋଇଛି । ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ନାଟୋର ଦୁର୍ବଳତାକୁ ପ୍ରକାଶ କରିଛି । ଜର୍ମାନ ଚାନସେଲର ଓଲାଫ ସ୍କୋଲ୍‌ଜ ଘୋଷଣା କରିଛନ୍ତି ଯେ ନାଟୋ ଅଞ୍ଚଳର ସୁରକ୍ଷା ପାଇଁ ଜର୍ମାନୀ ୩୫,୦୦୦ ସୈନ୍ୟ ପଠାଇବାକୁ ପ୍ରସ୍ତୁତ । ଏହା ଗୁରୁତ୍ୱପୂର୍ଣ୍ଣ ମନେହୁଏ । କିନ୍ତୁ ୟୁକ୍ରେନରେ ୫,୦୦,୦୦୦ ରୁଷିଆ ସୈନ୍ୟ ଯୁଦ୍ଧ କରୁଥିବା କଥା ବିଚାର କଲେ ଜର୍ମାନୀର ଏହି ପ୍ରତିବଦ୍ଧତା ଫିକା ପଡ଼ିଯାଏ । ତେବେ ୟୁରୋପୀୟ ପ୍ରତିରକ୍ଷା ଶିଳ୍ପ ୟୁକ୍ରେନ୍‌କୁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରପାତି ଯୋଗାଇବାରେ ଅସମର୍ଥ ବୋଲି ପ୍ରମାଣିତ କରିଛି ।

୨୦୨୨ ପ୍ରାରମ୍ଭରେ ତିନି ଦିନରେ ୟୁକ୍ରେନ୍‌ର ପତନ ଘଟିବ ବୋଲି ବିଶେଷଜ୍ଞମାନେ ଯାହା ପୂର୍ବାନୁମାନ କରିଥିଲେ ତାହା ଯଦି ଘଟିଥାନ୍ତା ତେବେ ରୁଷିଆର ସୈନ୍ୟମାନେ ବର୍ତ୍ତମାନ କାଜାଖସ୍ତାନ, ମୋଲଡୋଭା ଏବଂ ସମ୍ଭବତଃ ବାଲଟିକ ରାଜ୍ୟ ଏବଂ ପୋଲାଣ୍ଡରେ ରହିଥାନ୍ତେ । ଦେଖିବାକୁ ଗଲେ ୟୁକ୍ରେନ୍ ହିଁ ଏକମାତ୍ର ୟୁରୋପୀୟ ସେନା, ଯାହା ନିରବଚ୍ଛିନ୍ନ ଭାବରେ ରୁଷିଆ ବିରୋଧରେ ଯୁଦ୍ଧ କରୁଛି । ଏହା ନିଃସନ୍ଦେହ ଯେ, ୟୁକ୍ରେନ ନାଟୋର ମିଲିଟାରି ଦକ୍ଷତା ପ୍ରତିପାଦିତ କରିଛି । କେତେକେ ଯୁକ୍ତି କରିପାରନ୍ତି ଯେ ଏଭଳି ପଦକ୍ଷେପ କ୍ରେମଲିନକୁ ଜବାବ ଦେବାକୁ ବାଧ୍ୟ କରିବ, କିନ୍ତୁ ଆଣବିକ ଅସ୍ତ୍ର ବ୍ୟବହାର କରିବା ସମ୍ଭବ ନୁହେଁ । ୟୁଏସ୍ଏସ୍ଆର୍ ଅଧିକ ଆଣବିକ ବିପଦ ସୃଷ୍ଟି କରିଥିଲା, ତଥାପି ପାଶ୍ଚାତ୍ୟ ସୋଭିଏଟ ବ୍ଲାକମେଲରେ ଆତ୍ମସମର୍ପଣ କରି ନ ଥିଲା । ଜର୍ମାନୀ ଚାନ୍‌ସେଲର କୋନରାଡ ଆଡେନାଉର୍ ୧୯୬୧ରେ କହିଥିଲେ, ଯେତେବେଳେ ପରମାଣୁ ବିପଦ ନାଟୋ ସହଭାଗୀମାନଙ୍କ ବିରୋଧରେ ବିପଜ୍ଜନକ ଥିଲା, ସେତେବେଳେ ସୋଭିଏଟ୍ ସରକାର ନିଶ୍ଚୟ ଜାଣିଥିବେ ଯେ ଏହିପରି କୌଣସି ଝଟକାର ପ୍ରତିପକ୍ଷ ସମ୍ମୁଖୀନ ହେବ, ଯାହା ଦ୍ୱାରା ଏହା ଧ୍ୱଂସ ପାଇଯିବ । ବାସ୍ତବରେ ସେତେବେଳେ ୟୁଏସ୍ଏସ୍ଆର୍ ଆଣବିକ ଅସ୍ତ୍ର ପ୍ରୟୋଗ କରିବାର ଶୂନ୍ୟ ସମ୍ଭାବନା ଥିଲା କି? ନିଶ୍ଚିତ ନୁହେଁ । କିନ୍ତୁ ସେହି ସମୟରେ ପାଶ୍ଚାତ୍ୟ ନୀତି ନିର୍ଦ୍ଧାରକମାନେ ବୁଝିଥିଲେ ଯେ ଧମକ ଦ୍ୱାରା ଏପରି ଆକ୍ରମଣ ହେବାର ସମ୍ଭାବନା ବଢ଼ିବ, ବରଂ ହ୍ରାସ ପାଇବ ନାହିଁ । ଶେଷରେ ପାଶ୍ଚାତ୍ୟ ନିଶ୍ଚିତ ଭାବରେ ଅନୁଭବ କରିବ ଯେ, ରୁଷିଆ ନାଟୋ ସହିତ ଯୁଦ୍ଧ କରିସାରିଛି । କ୍ରେମଲିନ ଆତଙ୍କବାଦକୁ ଆର୍ଥିକ ସହାୟତା ଦେଉଛି, ମିଥ୍ୟା ପ୍ରଚାର କରୁଛି, ବିଚ୍ଛିନ୍ନତା ଅଭିଯାନରେ ଜଡିତ ଅଛି, ଘରୋଇ ବିବାଦକୁ ବଢାଉଛି, ଗଣତାନ୍ତ୍ରିକ ଦେଶ ନିର୍ବାଚନରେ ହସ୍ତକ୍ଷେପ କରୁଛି ଏବଂ ୟୁରୋପରେ ଏକ ବିଶୃଙ୍ଖଳା ଅଭିଯାନର ଯୋଜନା କରୁଥିବା ଜଣାପଡ଼ିଛି । ଦୁର୍ଭାଗ୍ୟବଶତଃ ପାଶ୍ଚାତ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ବାସ୍ତବତାକୁ ଗ୍ରହଣ କରିବାରେ ମାନ୍ଦା ପଡ଼ିଯାଇଛନ୍ତି । ରାଜନୈତିକ ନେତାମାନେ ଯୁକ୍ତି କରିଥିଲେ ଯେ, ନାଟୋ ପୁଟିନଙ୍କୁ ଉତ୍ତେଜିତ କରିଛି କି? ଚାଇନା ଏବଂ ରୁଷିଆ ସେମାନଙ୍କର ସାମରିକ ଭାଗୀଦାରିକୁ ଆହୁରି ଗଭୀର କରି ଏକ ଅଶାନ୍ତିର ମେଣ୍ଟ ଗଠନ କରିଛନ୍ତି, ଯାହା ବର୍ତ୍ତମାନ ଆମେରିକାର ଶକ୍ତିକୁ କ୍ଷୁଣ୍ଣ କରିବ । ୧୯୮୮ରେ ତତ୍କାଳୀନ ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନ ବୁଝାଇଥିଲେ ଯେ, ନାଟୋ ଆଜି କିମ୍ବା ଆସନ୍ତାକାଲିର ବିଷୟରେ ନୁହେଁ ବରଂ ୧୫ ବର୍ଷ ମଧ୍ୟରେ ୟୁରୋପ କିପରି ଦେଖାଯିବ ତାହାକୁ ପ୍ରତିପାଦିତ କରେ । ଆମେ ଭବିଷ୍ୟତ ଆକଳନ କରିପାରୁ ନ ଥିଲା ବେଳେ ଦୁଇଟି ଜିନିଷ ସ୍ପଷ୍ଟ ହୋଇଛି । ଯଦି ୟୁକ୍ରେନର ପତନ ଘଟେ, ୟୁରୋପରେ ଦଶନ୍ଧି ଧରି ରକ୍ତପାତ ଘଟିପାରେ, କାରଣ ରୁଷିଆ ଆକ୍ରମଣ ୟୁକ୍ରେନରେ ସୀମିତ ରହିବ ନାହିଁ । ବିକଳ୍ପ ଭାବେ ୟୁକ୍ରେନ ସଦସ୍ୟ ଭାବରେ ଶୀତଳ ଯୁଦ୍ଧ ସମୟରେ ଯେପରି ହୋଇଥିଲା, ସେଭଳି ମିଳିତ ମଞ୍ଚ ନିରାପତ୍ତା ମାଧ୍ୟମରେ ପ୍ରୋତ୍ସାହନ ଦେଇପାରେ ।

ୟୁକ୍ରେନ, ୟୁରୋପ ଏବଂ ନାଟୋର ଭାଗ୍ୟ ପରସ୍ପର ସହ ସମ୍ବନ୍ଧିତ । ଯେହେତୁ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ସ୍ୱୀକାର କରିଛନ୍ତି, ୟୁରୋପଣ ଏବକାର ସ୍ଥିତି ରହିବ ନାହିଁ ଏବଂ ଏହାର ଅନ୍ତ ଘଟିପାଇପାରେ । ରୁଷିଆର ସୀମା ପୁନଃପ୍ରାପ୍ତି ଅଭିଳାଷ ଦ୍ୱାରା ସୃଷ୍ଟି ହୋଇଥିବା ବିପଦ ଜରୁରୀ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତାକୁ ଦର୍ଶାଉଛି । ୟୁକ୍ରେନ୍‌କୁ ନାଟୋରେ ଯୋଗଦେବାକୁ ଆମନ୍ତ୍ରଣ କରିବା ପାଇଁ ନାଟୋ ସଦସ୍ୟମାନେ ୱାଶିଂଟନରେ ଜୁଲାଇ ଶିଖର ସମ୍ମିଳନୀକୁ ବ୍ୟବହାର କରିବା ଜରୁରୀ ।

## ଏଇ ଭାରତରେ

ଏବେ ଅଧିକରୁ ଅଧିକ ସଂଖ୍ୟକ ଲୋକ ଭୋଟ ଦେବା ଲାଗି ବିଭିନ୍ନ ସ୍ତରରେ ଚେଷ୍ଟା ଜାରି ରହିଛି । ଏହି କ୍ରମରେ ବେଙ୍ଗାଲୁରୁ ଏସ୍‌ପି କ୍ରିଷ୍ଣରାଜ ଏକ ଅଜବ ଘୋଷଣା କରିଥିଲେ । ନିସାର୍ଗ ଗ୍ରାଣ୍ଡ ହୋଟେଲର ମାଲିକ କ୍ରିଷ୍ଣରାଜ କହିଛନ୍ତି ଯେ, ଯିଏ ଭୋଟ ଦେବ ତାଙ୍କୁ ମାଗଣାରେ ମସଲା ଦୋସା ଖାଇବାକୁ ଦେବେ । ଯେଉଁମାନେ ଭୋଟ ଦେଲେ ସେମାନଙ୍କୁ ସେ ମାଗଣାରେ ଦୋଷା ଖାଇବାକୁ ଦେଇଥିଲେ । ସେ ୨୦୧୮ରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ । ଚଳିତ ନିର୍ବାଚନ ଦିନ ୬,୦୦୦ରୁ ଅଧିକ ଦୋସା ଲୋକଙ୍କୁ ଖାଇବାକୁ ଦେଇଥିଲେ । ୨୦୧୮ରୁ ଏଯାବତ ସେ ୧୦,୦୦୦ ଦୋସା ମାଗଣାରେ ଖାଇବାକୁ ଦେଇସାରିଲେଣି । ଭୋଟ ଦେଉଥିବା ଲୋକଙ୍କୁ ମାଗଣାରେ ଖାଇବାକୁ ଦେବା ଉପରେ ନିର୍ବାଚନ କମିଶନ କଟକଣା ଆଣିବା ପରେ ଏହା ଉପରେ କ୍ରିଷ୍ଣରାଜ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ତାଙ୍କ ସପକ୍ଷରେ ରାୟ ଦେବା ପରେ ସେ ଦୋସା ଖାଇବାକୁ ଦେଉଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ମେ ୧୯୭୫**

- ତ୍ରିପୁରା ବିଧାନସଭାର ବିରୋଧୀ ଦଳ ନେତାଙ୍କ ସମେତ ୫ ଜଣ ମାର୍କ୍ସପନ୍ଥୀ ବିଧାୟକଙ୍କୁ ଆଭ୍ୟନ୍ତରୀଣ ନିରାପତ୍ତା ରକ୍ଷା ଆଇନ (ମିଶା) ବଳରେ ଗିରଫ କରାଯାଇଛି ।
- କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବରର ବିଭିନ୍ନ ବିକାଶମୂଳକ ଯୋଜନା ପାଇଁ ୩୩ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଯୋଜନା କମିଶନଙ୍କ ଅନୁମୋଦନ ଲାଭ କରିଛି ।
- ଦକ୍ଷିଣ ଭିଏତନାମର ଅସ୍ଥାୟୀ ବିପ୍ଳବୀ ସରକାର ଦେଶର ସମସ୍ତ ରାଜନୈତିକ ଦଳଗୁଡ଼ିକୁ ବେଆଇନ ଘୋଷଣା କରିଛନ୍ତି ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 6 | | 3 | |
| | | | 4 | | | | | |
| | | | | 9 | 2 | 6 | | |
| | 6 | | | | 9 | | 7 | 8 |
| | | | | | 1 | 3 | 4 | |
| | | | 2 | | 5 | | | |
| | 4 | 3 | | 7 | | 1 | | |
| 1 | | 5 | | | | 8 | | |
| | | 6 | | | | | 9 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 7 | 5 | 1 | 3 | 9 | 4 | 8 |
| 5 | 1 | 9 | 8 | 6 | 4 | 3 | 2 | 7 |
| 4 | 3 | 8 | 2 | 7 | 9 | 5 | 6 | 1 |
| 2 | 9 | 6 | 1 | 5 | 7 | 8 | 3 | 4 |
| 8 | 5 | 1 | 3 | 4 | 6 | 7 | 9 | 2 |
| 7 | 4 | 3 | 9 | 8 | 2 | 1 | 5 | 6 |
| 1 | 8 | 2 | 6 | 9 | 5 | 4 | 7 | 3 |
| 3 | 7 | 5 | 4 | 2 | 8 | 6 | 1 | 9 |
| 9 | 6 | 4 | 7 | 3 | 1 | 2 | 8 | 5 |

ଗତକାଲିର ଉତ୍ତର

# କୋଟିପତି ହେବି କିପରି



ଅନନ୍ତ ଚରଣ ସ୍ୱାଇଁ

“ମୁଁ ମଧ୍ୟ ଦିନେ କୋଟିପତି ହେବି”– ଏହା ଥିଲା ରାଜଧାନୀରେ ରହୁଥିବା ଜନୈକ ସଫେଇ କର୍ମଚାରୀଙ୍କ ଦୃଢ଼ୋକ୍ତି । ଶୁଣି ବହୁତ ଖୁସିହେଲି । ଅଧିକାଂଶ ଲୋକେ ଏହାକୁ ଅବାସ୍ତବ ଓ ପାଗଳର ପ୍ରଳାପ କହି ଏଡ଼ାଇଦେବେ । ଜଣେ ସ୍ୱଳ୍ପ ଆୟକାରୀ ସଫେଇ କର୍ମଚାରୀଙ୍କ ଏପରି ବକ୍ତବ୍ୟ ଦିବାସ୍ୱପ୍ନ ଭଳି ଲାଗିବା ସ୍ୱାଭାବିକ । ଲଟେରି କିମ୍ବା ଅସତ୍ ଉପାୟରେ ଅପ୍ରତ୍ୟାଶିତ ଧନପ୍ରାପ୍ତି ବିନା କୋଟିପତି ହେବା ଅସମ୍ଭବ ମନେହୁଏ । ସ୍ୱଳ୍ପ ଓ ସୀମିତ ଆୟରେ ପରିବାର ଚଳାଇବାକୁ ନିଅଣ୍ଟପଡ଼େ । ଅଭାବ ଭିତରେ ବୈଭବର ସ୍ୱପ୍ନ ଦେଖିବା ଏବଂ ନିଜର କୋଟିପତି ହେବାର ଇଚ୍ଛାକୁ ସାକାର କରିବା ପାଇଁ ତାଙ୍କର ଉଦ୍ୟମ ସ୍ୱାଗତଯୋଗ୍ୟ । କମ୍ ଆୟ ସତ୍ତ୍ୱେ କିପରି କୋଟିପତି ହେବାକୁ ଇଚ୍ଛା କଲେ ; ସେଥିପାଇଁ କେଉଁଠୁ ପ୍ରେରଣା ପାଇଲେ ଏବଂ କୋଟିପତି ହେବାର ଉପାୟ ବିସ୍ତୃତ ଭାବେ ବର୍ଣ୍ଣନା କରିବାକୁ କହିଲି ।

ସେ ଆରମ୍ଭ କଲେ । ତିନି ବର୍ଷ ତଳର କଥା । ଏକ ଆର୍ଥିକ ସଚେତନତା କାର୍ଯ୍ୟକ୍ରମରୁ ମୁଁ ପ୍ରେରଣା ପାଇଥିଲି । ସେଦିନର ଆର୍ଥିକ ବିଶେଷଜ୍ଞଙ୍କ ଉପଦେଶ ମୋ ମନକୁ ପ୍ରଭାବିତ କରିଥିଲା । ସେ କହିଲେ, ଥରେ ଜଣେ ଶିକ୍ଷକ ଶ୍ରେଣୀର ଦୁଇ ମେଧାବୀ ଛାତ୍ରଙ୍କୁ ପାଖକୁ ଡାକି କହିଲେ, ଏ ବର୍ଷ ଗଣିତରେ ଯେପରି ଶହେରୁ ଶହେ ନମ୍ବର ରହେ । ଜଣେ ଛାତ୍ର କହିଲା– “ଗୁରୁଜୀ ! ଗଣିତରେ କେବେ ଷାଠିଏରୁ ଅଧିକ ନମ୍ବର ଆସିନି । ଶହେ ନମ୍ବର ରଖିବା ମୋ ପକ୍ଷରେ ସମ୍ଭବ ନୁହେଁ । ଅଯଥା ଗଣିତରେ ସମୟ ଦେଇ ଲାଭ ନାହିଁ । ଏପରି ଯୁକ୍ତି ଦେଖାଇ ସେ ଗୁରୁଜୀଙ୍କ କଥାକୁ ଏଡ଼ାଇଦେଲା । ଅନ୍ୟ ଛାତ୍ରଟି ପଚାରିଲା– ଗୁରୁଜୀ ! ମୁଁ ଗଣିତରେ କେବେ ପଚାଶ ନମ୍ବରରୁ ଅଧିକା ରଖିନାହିଁ । ଶହେ ନମ୍ବର ରଖିବାକୁ କ'ଣ କରିବାକୁ ହେବ ? ଏହା ମୋ ପକ୍ଷରେ ସମ୍ଭବ କି ନାହିଁ ଟିକେ ବିସ୍ତୃତ ଭାବେ ବୁଝାଇ କୁହନ୍ତୁ । ଗୁରୁଜୀ ଆଶ୍ୱାସନା ଦେଇ କହିଲେ, ଶହେ ନମ୍ବର ଆଣିବା ପାଇଁ ନିୟମିତ ବିଭିନ୍ନ ପ୍ରକାରର ଗାଣିତିକ ପ୍ରଶ୍ନ ସମାଧାନ କରିବା ଅଭ୍ୟାସ କରିବ । ଏପରି କରିବା ଦ୍ୱାରା ତୁମର ଗଣିତରେ ଜ୍ଞାନ ବଢ଼ିବ । ପରୀକ୍ଷାରେ ଶହେ ନମ୍ବର, ନହେଲେ ଶହେ ପାଖାପାଖି ନମ୍ବର ରଖିପାରିବ । ଗୁରୁଙ୍କ ଉପଦେଶ ମାନିବାରୁ ପିଲାଟି ଗଣିତରେ ୯୯ ନମ୍ବର ଆଣିଲା । ଅନ୍ୟ ପିଲାଟି ଗୁରୁଜୀଙ୍କ କଥାକୁ ଗୁରୁତ୍ୱ ଦେଲା ନାହିଁ । ନିଜ ଜ୍ଞାନର ପରିସୀମା ବଢ଼ାଇବାକୁ ଚେଷ୍ଟା କଲାନି । ଗଣିତରେ ୬୨ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହେଲା । ପ୍ରଥମ ଛାତ୍ରଟି ରୋକଠୋକ ମନା କରିଦେଲା । ଦ୍ୱିତୀୟ ପିଲା ଅଧିକ ନମ୍ବର ରଖିବାକୁ କ'ଣ କରିବାକୁ ହେବ ତାହା ପଚାରି ବୁଝିବା ସହ ନିରନ୍ତର ସେଥିପାଇଁ ଚେଷ୍ଟା କଲା । ପରିଶେଷରେ ତା' ଶ୍ରମର ମୂଲ୍ୟ ପାଇଲା । ଗରିବ ଲୋକ କିପରି କୋଟିପତି ହେବାର ଉପାୟ ପ୍ରାଞ୍ଜଳ ଭାବେ ସେ ବୁଝାଇଲେ । ତାଙ୍କ ଉପଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଆସୁଛି । ଏବେ ମୋର କୋଟିପତି ହେବା ନିଶ୍ଚିତ । ଅନେକ ଲୋକ ତାଙ୍କ କଥାକୁ ଅବାସ୍ତବ କହି ଗୁରୁତ୍ୱ ଦେଲେ ନାହିଁ । ଫଳରେ ସେମାନଙ୍କର କୋଟିପତି



ହେବାର ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇଗଲା ।

ଦଶ ବର୍ଷ ତଳର ଏକ ଘଟଣା ମନେପଡ଼େ । ସୀମା ସୁରକ୍ଷା ବଳରେ କିଛି କର୍ମଚାରୀମାନଙ୍କ ସହ ଆର୍ଥିକ ସାକ୍ଷରତା, ଆର୍ଥିକ ପରିଚାଳନା ଏବଂ ନିଜର ଆର୍ଥିକ ଯୋଜନାର ଗୁରୁତ୍ୱ ଓ ଆବଶ୍ୟକତା ନେଇ ଆଲୋଚନା କରୁଥାଏ । ଶେଷରେ ପଚାରିଲି, କେଉଁମାନେ ନିଜକୁ କୋଟିପତି କରିପାରିବେ ବୋଲି ଭାବୁଛନ୍ତି ସେମାନେ ନିଜ ନିଜର ହାତ ଟେକନ୍ତୁ । ଜଣେ ବୟସ୍କ କର୍ମଚାରୀ ହାତ ଉଠାଇଥିବା ଲକ୍ଷ୍ୟ କଲି । ତାଙ୍କୁ ପଚାରିଲି– ସାର୍, ଆପଣଙ୍କ ବୟସ କେତେ ? ସେ କହିଲେ– ୫୫ ବର୍ଷ । ତାଙ୍କୁ ପଚାରିଲି, ଆପଣ ତ ଆଉ କିଛି ବର୍ଷ ଭିତରେ ଅବସର ନେବେ । କୋଟିପତି ହେବାର ପ୍ରସ୍ତୁତି ବୋଧହୁଏ ପୂର୍ବରୁ ଆରମ୍ଭ କରିଛନ୍ତି । ସେଥିପାଇଁ କୋଟିପତି ହୋଇପାରିବେ ବୋଲି ଦୃଢ଼ ବିଶ୍ୱାସ । ସେ ଯେଉଁ ଉତ୍ତର ଦେଲେ, ସେଥିରେ ଉପସ୍ଥିତ ସମସ୍ତ ବ୍ୟକ୍ତି ସ୍ତମ୍ଭୀଭୂତ ହୋଇଗଲେ । ସେ କହିଲେ, ଦୀର୍ଘ ତିରିଶ ବର୍ଷ ଧରି ରୋଜଗାର କରୁଛି । କେବେ କୋଟିପତି ହେବାର ସ୍ୱପ୍ନ ଦେଖିନି । ଆୟର ସଦୁପଯୋଗ, ଖର୍ଚ୍ଚ ନିୟନ୍ତ୍ରଣ, ବିଭିନ୍ନ ଲାଭଦାୟକ ଯୋଜନାରେ ନିବେଶ କରି ସାଧାରଣ ଲୋକଟିଏ କୋଟିପତି ହେବାର ଉପାୟ ଜାଣିବା ପରେ କୋଟିପତି ହେବା ଆଶା ବଢ଼ିଗଲା । ଅବସର ପୂର୍ବରୁ କୋଟିପତି ହେବା ସମ୍ଭବ ନୁହେଁ । କିନ୍ତୁ ଦୃଢ଼ତାର ସହ କହୁଛି, ଯଦି ମୁଁ ୮୫ ବର୍ଷଯାଏ ବଞ୍ଚେ ତେବେ ନିୟମିତ ସଞ୍ଚୟ ଓ ନିବେଶ ଦ୍ୱାରା ମୋ ପୁଅକୁ ସେତେବେଳକୁ କୋଟିପତି କରିପାରିବି । ନିଜେ ନ ହେଲେ ନାହିଁ, ଜଣେ କୋଟିପତିର ବାପା ହିସାବରେ ଗର୍ବ ଅନୁଭବ କରିବି । ଏହି ଭାବନାକୁ ଦୃଷ୍ଟିରେ ରଖି ମୁଁ କୋଟିପତି ହେବାର ଆଶା ରଖିଛି ।

ବାସ୍ତବରେ ଜଣେ ଗରିବ ବ୍ୟକ୍ତି ଚେଷ୍ଟାକଲେ କୋଟିପତି ହୋଇପାରିବ । ମାସକୁ ମାତ୍ର ୧୦୦ ଟଙ୍କା ନିୟମିତ ୬୦ ବର୍ଷ ପର୍ଯ୍ୟନ୍ତ ସଞ୍ଚୟ କରିବା ସହ ସଞ୍ଚିତ ରାଶିକୁ ଲାଭଦାୟକ, ସ୍ୱୀକୃତିପ୍ରାପ୍ତ ମିଚ୍ୟୁଆଲ ଫଣ୍ଡରେ ପଦ୍ଧତିଗତ ଯୋଜନା (Systematic Investment Plan) ମାଧ୍ୟମରେ ବିନିଯୋଗ କଲେ କୋଟିପତି ହେବା ସହଜ ହୋଇଥାଏ । ୬୦ ବର୍ଷରେ ସମୁଦାୟ ସଞ୍ଚିତ ରାଶି ହେଉଛି ୭୨୦୦୦/– ଟଙ୍କା । ଦୀର୍ଘ ଅବଧିର ନିବେଶରୁ ବାର୍ଷିକ ୧୦ ରୁ ୧୫ ପ୍ରତିଶତ ରିଟର୍ନ ମିଳିବାର ଆଶା ଥାଏ । ବାର୍ଷିକ ୧୨ ପ୍ରତିଶତ ରିଟର୍ନ ହିସାବରେ ୬୦ ବର୍ଷରେ ଏଥିରୁ ମିଳିବ ଟ୧ .୩ କୋଟି । ଏହା ଏକ ଗାଣିତିକ ହିସାବ । ସମାଜରେ ଅନେକ ଲୋକ ଏହା ଶୁଣିବା ଓ ବୁଝିବାକୁ ପ୍ରସ୍ତୁତ ନ ଥା'ନ୍ତି । ନିୟମିତ ୧୦୦ ଟଙ୍କା ମାସକୁ ସଞ୍ଚୟ କରିବା ଯେତିକି କଷ୍ଟ ନୁହେଁ, ତା'ଠାରୁ ଅନେକ ଗୁଣ କଷ୍ଟ ହେଉଛି ଦୀର୍ଘ ୬୦ ବର୍ଷର ଅପେକ୍ଷା । ଏଠାରେ ଜାଣିବା ଦରକାର ଯେଉଁମାନଙ୍କର ଅଧିକ ଆୟ ବା ସମ୍ବଳ ଅଛି, ସେମାନେ କମ୍‌ସମୟ ମଧ୍ୟରେ କୋଟିପତି ହୋଇପାରିବେ । ଉଦାହରଣ ସ୍ୱରୂପ ଜଣେ ମାସକୁ ୧୦୦୦ ଟଙ୍କା ନିୟମିତ ୪୦ ବର୍ଷ ନିବେଶ କଲେ ବାର୍ଷିକ ୧୨ ପ୍ରତିଶତ ହିସାବରେ ପରିପକ୍ୱ ରାଶି (Maturity Value)ର ମୂଲ୍ୟ ଟ୧ .୨ କୋଟି । ୩୦ ବର୍ଷରେ କୋଟିପତି ହେବାକୁ ହେଲେ ନିୟମିତ ମାସିକ ୩୦୦୦ ଟଙ୍କା ସଞ୍ଚୟ କରିବାକୁ ହେବ । କୋଟିପତି ହେବାର ଅନେକ ଉପାୟ ଅଛି । ସେ ସବୁ ଉପାୟ ଜାଣିଲେ ଆପେ ଆପେ ଜଣେ କୋଟିପତି ହୋଇପାରିବ ନାହିଁ । କୋଟିପତି ହେବା ପାଇଁ ନିରନ୍ତର ପ୍ରଚେଷ୍ଟା ଦରକାର ।

ମୋ: ୭୩୮୧୦୪୬୪୭୭

# ଭାରତକୁ ଚାଇନା ବିପଦ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଶାନ୍ତିପ୍ରିୟ ଭାରତ ସବୁବେଳେ ଅନ୍ୟ ଦେଶ ସହ ସୁସମ୍ପର୍କ ସ୍ଥାପନକରି ସଭିଙ୍କୁ ଏକାଠି ନେଇ ଚଳିବାକୁ ଚେଷ୍ଟା କରିଆସିଛି ; ତଥାପି ସମୟ ସମୟରେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଶତ୍ରୁତା ଓ ଷଡ଼ଯନ୍ତ୍ରର ଶିକାର ହୋଇଛି । ସାମ୍ନାରୁ ଆକ୍ରମଣ ନ କଲେ ମଧ୍ୟ ପରୋକ୍ଷରେ କିମ୍ବା ଲୁକ୍କାୟିତ ଭାବରେ ଚାଇନାର ଷଡ଼ଯନ୍ତ୍ର ଏବଂ ଦୂରଭିସନ୍ଧି ଭାରତୀୟ ବୁଦ୍ଧିଜୀବୀଙ୍କୁ ଚିନ୍ତାରେ ପକେଇଛି ।

ଚାଇନା ଭାରତୀୟ ସେନାଙ୍କୁ ସୀମାରେ ତ ଅସୁବିଧାରେ ପକେଇ ଆସୁଛି ; ମାତ୍ର ଏବେ ଲୋନ୍, ବେଟିଂ, ଡେଟିଂ ଆପ୍ ଜରିଆରେ ହଜାର ହଜାର କୋଟି ଟଙ୍କାର ଠକେଇ କରି ଭାରତକୁ ଆର୍ଥିକ କ୍ଷେତ୍ରରେ ମଧ୍ୟ କ୍ଷତି ପହଞ୍ଚାଇବାକୁ ଆଗଭର ହୋଇଛି । ଭାରତର ଆର୍ଥିକ ଗୋଇନ୍ଦା ୟୁନିଟ(ଏଫ୍‌ଆଇୟୁ) ଆଖିରେ ଧୂଳିଦେଇ ଭାରତୀୟଙ୍କୁ ଲୁଟ୍ କରାଯାଉଛି, ଯାହା ବିଷୟରେ ଭାରତର ପ୍ରବର୍ତ୍ତନ କାର୍ଯ୍ୟାଳୟ(ଇଡି)ଠାରୁ ସୂଚନା ମିଳିଛି । ପ୍ରଥମେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଜରିଆରେ ଚାଇନା ନକଲି ଭାରତୀୟ କମ୍ପାନୀ ସ୍ଥାପନ କରୁଛି । ଚାଇନାର ନାଗରିକମାନେ ଭାରତ ଆସି ଏହିସବୁ କମ୍ପାନୀରେ ନିର୍ଦ୍ଦେଶକ ପଦରେ ବସି ଚାଇନା ଦ୍ୱାରା ନିୟନ୍ତ୍ରିତ ଏକାଧିକ ଲୋନ୍, ଡେଟିଂ ଏବଂ ବେଟିଂ ଆପ୍ ଚଳାଉଛନ୍ତି । ଉକ୍ତ କମ୍ପାନୀଗୁଡ଼ିକୁ ଇ ସହାୟତାରେ ଖୋଲତାଡ଼ କଲା ପରେ ୧୦୦ରୁ ଅଧିକ ମୋବାଇଲ ଆପ୍ ଚାଇନାରୁ ପରିଚାଳିତ ବୋଲି ଜଣାପଡିଛି । କେବଳ ବେଟିଂ ଆପ୍‌ରେ ଚାଇନା ୧୩୦୦ କୋଟିରୁ ଅଧିକ ରାଜସ୍ୱ ସଂଗ୍ରହ କରିଛି । ଚାଇନାର ପେଟିଏମ୍, କ୍ୟାଶ ଫ୍ରି ଏବଂ ରେଜର ପେ ଭଳି ପେମେଣ୍ଟ ଗେଟ୍‌ୱେ ଆଦି ସଂସ୍ଥାଗୁଡ଼ିକ ବଡ଼ ଧରଣର ଆର୍ଥିକ କାରବାରରେ ଲିପ୍ତ ବୋଲି ଜଣାପଡିଛି । ବିଭିନ୍ନ ଲୋନ ଆପ୍ ଜରିଆରେ ଧମକ ଦେଇ ଭାରତୀୟଙ୍କଠାରୁ ଟଙ୍କା ଆଦାୟ କରୁଥିଲେ ।

କୌତୂହଳପ୍ରଦ ବିଷୟ ହେଉଛି ଏହି ଲୁଟର ଶିକାର ହେଉଥିଲେ କିଛି ଅନଭିଜ୍ଞ ଭାରତୀୟ । ପ୍ରଥମେ ଏମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ଏବଂ କ୍ରେଡିଟ୍ କାର୍ଡ ଆକାଉଣ୍ଟ ଖୋଲିବା ପାଇଁ ନିୟୋଜିତ କରାଯାଉଥିଲା । ଉଚ୍ଚ ସୁଧ ହାରରେ ଋଣ ନିଆଯାଉଥିଲା ଏବଂ ଯେଉଁମାନେ ଏହାକୁ ପରିଶୋଧ କରିପାରୁ ନ ଥିଲେ, ସେମାନଙ୍କୁ ଧମକ ଦିଆଯାଉଥିଲା । ଥରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଗଲା ପରେ ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ବିଭିନ୍ନ ତଥ୍ୟକୁ ନିଯୁକ୍ତ ଭାରତୀୟ କର୍ମଚାରୀଙ୍କ ଜରିଆରେ ଚାଇନାକୁ କୋରିୟର କରାଯାଉଥିଲା । ଏପରି କି ଟେଲିଗ୍ରାମ ଓ ହ୍ୱାଟ୍ସଆପ୍ ଜରିଆରେ ଛୋଟ ଛୋଟ ସ୍ୱତନ୍ତ୍ର ଗ୍ରୁପ୍ ସୃଷ୍ଟି କରାଯାଇ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଚାଇନା ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେଇଥିଲା ।

ମାଇକ୍ରୋସଫ୍ଟର ଏକ ରିପୋର୍ଟ ଅନୁଯାୟୀ, ଚାଇନା ଭାରତକୁ ଚାପରେ ରଖିବା ପାଇଁ ଏବଂ ବିଶ୍ୱ ଦୃଷ୍ଟିରେ ଗୌଣ କରି ଦେଖାଇବା ପାଇଁ ‘ଏଆଇ'କୁ ନିୟୋଜିତ କରୁଛି ବୋଲି ସୂଚନା ମିଳିଛି । ଚଳିତ ବର୍ଷ ୟୁରୋପୀୟ ସଂଘ ବ୍ୟତୀତ ସମଗ୍ର ବିଶ୍ୱରେ ପ୍ରାୟ ୬୪ଟି ଦେଶରେ ଜାତୀୟ ନିର୍ବାଚନ ହେବାର ସମ୍ଭାବନା ରହିଛି । ନିର୍ବାଚନ ସମୟରେ ଜନମତକୁ ନିଜ ସ୍ୱାର୍ଥ ସପକ୍ଷରେ ରଖିବା ପାଇଁ ଚାଇନା ସୋସିଆଲ ମିଡିଆ ମାଧ୍ୟମରେ ଏଆଇ–ଉତ୍ପାଦିତ ବିଷୟବସ୍ତୁ ବ୍ୟବହାର କରି ଭ୍ରମାତ୍ମକ ଏବଂ ମିଥ୍ୟା ବିଷୟବସ୍ତୁ ପ୍ରସ୍ତୁତ କରିବା ସହ ସୋସିଆଲ ମିଡିଆରେ ପ୍ରସାର କରିବ । ପ୍ରାର୍ଥୀଙ୍କ ବୟାନ, ଆଭିମୁଖ୍ୟ ଏବଂ ମିଛକୁ ସତ ଦର୍ଶାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବ, ଯାହା ଭୋଟରମାନଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ହାନି ପହଞ୍ଚେଇବ । ଏହାସହିତ ଏଆଇ ଦ୍ୱାରା ନିର୍ମିତ ଟିଭି ନ୍ୟୁଜ୍ ଆଙ୍କରଙ୍କୁ ବ୍ୟବହାର କରିବା ପାଇଁ ମଧ୍ୟ ଚାଇନାର ସାଇବର ଗ୍ରୁପ୍ କାମ କରୁଛି ।

ଚାଇନାର ଷଡ଼ଯନ୍ତ୍ରଗୁଡିକୁ ନିଷ୍କ୍ରିୟ କରିବା ପାଇଁ ଆମର ସାଇବର ଗ୍ରୁପ୍ ପ୍ରସ୍ତୁତ ଥିବା ସତ୍ତ୍ୱେ ଏଭଳି ଘଟଣା ଅତ୍ୟନ୍ତ ଚିନ୍ତାଜନକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଆଇ ଅପବ୍ୟବହାର ନେଇ ଚିନ୍ତାପ୍ରକଟ କରିଛନ୍ତି । ହେଲେ ସବୁଠାରୁ ବଡ଼ ଭୂମିକା ରହିଛି ଜନସାଧାରଣଙ୍କର । ସେମାନେ ମିଥ୍ୟା ତଥ୍ୟକୁ ସହଜରେ ବିଶ୍ୱାସ ନ କରି ନିଜେ ଉପଯୁକ୍ତ ନିର୍ଣ୍ଣୟ ନିଅନ୍ତୁ । ଦ୍ୱିତୀୟରେ ଭାରତର ଯୁବବର୍ଗଙ୍କୁ ଅନୁରୋଧ ଯେ ସେମାନେ ଅନ୍ଧ ଭାବରେ ବେଟିଂ ଓ ଡେଟିଂ ଆପ୍‌ଗୁଡ଼ିକ ବ୍ୟବହାର କରି ଠକାମିର ଶିକାର ନ ହୁଅନ୍ତୁ । ନିଜର ସାମର୍ଥ୍ୟ, ଯୋଗ୍ୟତା ଓ ସୃଜନଶୀଳତାକୁ ନିଜେ ଚିହ୍ନି ତା'ର ଉପଯୁକ୍ତ ବ୍ୟବହାର ହିଁ ଶ୍ରେଷ୍ଠ ବିକଳ୍ପ ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ପ୍ରଚାରରେ ଗ୍ୟାରେଣ୍ଟି

ମହାଶୟ,

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ବାଚନ ପ୍ରଚାରରେ ଓଡ଼ିଶାରେ ଭାଜପା ସରକାର ଶପଥ ନେବାର ୬ ଘଣ୍ଟା ମଧ୍ୟରେ ଦର୍ଶନାର୍ଥୀଙ୍କ ନିମନ୍ତେ ବଡ଼ଦେଉଳର ୪ ଦ୍ୱାର ଖୋଲିବ ବୋଲି କହିଛନ୍ତି । ୬ ମାସ ମଧ୍ୟରେ ସାର୍ବଜନୀନ ହେବ ଦେଉଳର ରତ୍ନଭଣ୍ଡାର ରିପୋର୍ଟ । ପ୍ରଶ୍ନ ଉଠେ, କେନ୍ଦ୍ର ସରକାରଙ୍କ କ୍ଷମତା ବାହାରେ ଶ୍ରୀମନ୍ଦିର ପ୍ରଶାସନ ଓ ଓଡ଼ିଶା ସରକାର କି ? ଭକ୍ତମାନଙ୍କ ନିମନ୍ତେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ କରିବା, ରତ୍ନଭଣ୍ଡାର ଚାବି ହଜିବା ଏବଂ ଡୁପ୍ଲିକେଟ ଚାବି ତିଆରି କରିବା ପ୍ରାସଙ୍ଗିକତା ଉପରେ ରାଜ୍ୟ ସରକାରଙ୍କ ସ୍ୱେଚ୍ଛାଚାରିତା ମନୋଭାବ ରାଜ୍ୟବାସୀଙ୍କ ପ୍ରତି ଉପହାସ ମନେହୁଏ । କୌଣସି ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶାସନ ବ୍ୟବସ୍ଥାରେ ମିଥ୍ୟା ପ୍ରତିଶ୍ରୁତିରେ ସୀମିତ ବିକାଶ, ପ୍ରଗତି ଓ ମାନବିକ ଅଧିକାର ଉଲ୍ଲଂଘନକୁ ନିୟନ୍ତ୍ରଣ କରିବା ଏବଂ ସୁଧାରିବା କ'ଣ କେନ୍ଦ୍ର ସରକାରଙ୍କ ଦାୟିତ୍ୱ ନୁହେଁ କି ? ଦ୍ୱିତୀୟରେ ନିର୍ବାଚନ ପ୍ରଚାରରେ ପ୍ରାୟ ସବୁ ରାଜ୍ୟର ନେତା, ମନ୍ତ୍ରୀମାନଙ୍କ ଘୋଷଣାନାମାରେ ପୁଣି ଥରେ କ୍ଷମତାକୁ ଫେରିବା ପରେ ନିଜ ନିଜ ରାଜ୍ୟକୁ ଏକ ନମ୍ବର କରାଇବା ଏକ ଛଳନା ପ୍ରତାରଣା ପରି ମନେହୁଏ । ବର୍ଷବର୍ଷ ଧରି ଶାସନ କ୍ଷମତାରେ ରହିଥିବା ବେଳେ ରାଜ୍ୟଗୁଡିକର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଦେଖାଇ ଏକ ନମ୍ବର କରୁ ନ ଥିଲେ କାହିଁକି ?

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ ।
–(ପଉଷ ସନ୍ଧ୍ୟା)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**




# ଭୋଜପୁରୀରେ ବିଦ୍ୟାଙ୍କ ପ୍ରେମ ନିବେଦନ



ମୁମ୍ବାଇ

ନିକଟରେ ଅଭିନେତ୍ରୀ ବିଦ୍ୟା ବଲାନ୍ ଚଳଚ୍ଚିତ୍ର ଅପେକ୍ଷା ନିଜ ରିଲ୍ସ ପାଇଁ ଅଧିକ ଚର୍ଚ୍ଚାରେ ରହୁଛନ୍ତି। ବିଦ୍ୟାଙ୍କ ଏହିସବୁ ରିଲ୍ସ ମଧ୍ୟ ବେଶ୍ ଭାଇରାଲ୍ ହେଉଛି। ପ୍ରଶଂସକଙ୍କୁ ମନୋରଞ୍ଜନ କରାଇବା ଉଦ୍ଦେଶ୍ୟରେ ସେ ବୁଧବାର ଏକ ନୂତନ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ତାଙ୍କର ଦେଶୀ ଅନ୍ଦାଜ ଦେଖିବାକୁ ମିଳିଛି। ସେ ଶାଢ଼ି ପିନ୍ଧିଥିବାବେଳେ ମୁଣ୍ଡରେ ଓଢ଼ଣା ପକାଇଛନ୍ତି ଏବଂ ତାଙ୍କ ତାଙ୍କ କପାଳରେ ଏକ ବଡ ବିନ୍ଦି ମଧ୍ୟ ରହିଛି। ବିଦ୍ୟାଙ୍କର ଏହି ଦେଶୀ ଅବତାରକୁ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଏହି ଭିଡିଓରେ ବିଦ୍ୟା ଫୋନ୍ ଯୋଗେ ଭୋଜପୁରୀ ଭାଷାରେ ଜଣେ ବ୍ୟକ୍ତିଙ୍କୁ ନିଜର ପ୍ରେମବ୍ୟକ୍ତ କରୁଥିବା ନଜର ଆସିଛନ୍ତି। ଭିଡିଓରେ, ପ୍ରଥମେ ବିଦ୍ୟାଙ୍କୁ ଏକ କଲ୍ ଆସୁଛି। କଲ୍‌ରେ ଥିବା ବ୍ୟକ୍ତି ବିଦ୍ୟାଙ୍କୁ ପଚାରୁଛନ୍ତି, ତୁମେ ମତେ କେତେ ଭଲ ପାଅ। ଭୋଜପୁରୀ ଭାଷାରେ ଅତି ମଜାଳିଆ ଢଙ୍ଗରେ ବିଦ୍ୟା ଏହାର ଉତ୍ତର ରଖିଛନ୍ତି। ସେ କହିଛନ୍ତି, ମୁଁ ତୁମକୁ ୭୨ ପ୍ରତିଶତ ଭଲ ପାଏ। ଏହାପରେ ଫୋନ୍‌ରେ ଥିବା ବ୍ୟକ୍ତି ପଚାରିଛନ୍ତି, ୭୨ ପ୍ରତିଶତ କାହିଁକି ୧୦୦ ପ୍ରତିଶତ କାହିଁକି ନୁହେଁ। ବିଦ୍ୟା ମଜାଳିଆ ଢଙ୍ଗରେ ଏହାର ଉତ୍ତର ରଖି କହିଛନ୍ତି, ଅବଶିଷ୍ଟ ୨୮ ପ୍ରତିଶତ ଜିଏସ୍‌ଟିରେ କଟାଯିବ। ବିଦ୍ୟାଙ୍କର ଏହି ମଜାଳିଆ ଭିଡିଓକୁ ଲୋକମାନେ ବହୁଳ ଭାବେ ପସନ୍ଦ କରି କମେଣ୍ଟ ମଧ୍ୟ ଦେଇଛନ୍ତି।

ବିଦ୍ୟାଙ୍କୁ ଶେଷଥର ପାଇଁ 'ଦୋ ଅର୍ ଦୋ ପ୍ୟାର୍' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ବିଦ୍ୟାଙ୍କ ସହ ଅଭିନେତ୍ରୀ ଇଲିଆନା ଡି କ୍ରୁଜ୍ ଓ ଅଭିନେତା ପ୍ରତୀକ ଗାନ୍ଧୀ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିଥିଲେ।




## ବିଶ୍ୱ କଇଁଛ ଦିବସ

# କଇଁଛ ସଂରକ୍ଷଣ ଜରୁରୀ

କଇଁଛ ପୃଥିବୀର ଦୀର୍ଘଦିନ ବଞ୍ଚୁଥିବା ଜୀବ ଅଟେ। ମାତ୍ର ଏବେ ଏହାର ଅନେକ ପ୍ରଜାତି ବିଲୁପ୍ତ ହୋଇଗଲେଣି। ଏଭଳି ପରିସ୍ଥିତିରେ କଇଁଛମାନଙ୍କ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୨୩ରେ ବିଶ୍ୱ କଇଁଛ ଦିବସ ପାଳନ କରାଯାଇଆସୁଛି।

୧୯୯୦ରେ କଇଁଛ ଦିବସ ପାଳନ ଆରମ୍ଭ ହୋଇଥିଲା। ବାସ୍ତବରେ ବିଭିନ୍ନ ପ୍ରଜାତିର କଇଁଛମାନଙ୍କୁ ବଞ୍ଚାଇବା ଲକ୍ଷ୍ୟରେ ଏକ ଅଣ-ଲାଭ ସଂଗଠନ ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ପ୍ରତିଷ୍ଠା କରାଯାଇଥିଲା। ଏହି ସଂସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ସମଗ୍ର ବିଶ୍ୱରେ କଇଁଛ ସଂରକ୍ଷଣ। କଇଁଛମାନେ ଦୁନିଆର ସରୀସୃପ ଗୋଷ୍ଠୀର ଅନ୍ୟତମ ପୁରାତନ ପ୍ରାଣୀ। କଇଁଛମାନେ ସାପ ଏବଂ କୁମ୍ଭୀରଠାରୁ ମଧ୍ୟ ବହୁତ ପୁରୁଣା। ଏହି ଜୀବମାନେ ୨୫୦ ନିୟୁତ ବର୍ଷ ପୂର୍ବେ ବିକଶିତ ହୋଇଥିବା



ପୂର୍ବାନୁମାନ କରାଯାଏ। ଦୁନିଆରେ ୩୦୦ ପ୍ରଜାତିର କଇଁଛ ଅଛନ୍ତି, ସେଥିମଧ୍ୟରୁ ୧୨୯ଟି ବିଲୁପ୍ତପ୍ରାୟ। ଏହି କାରଣରୁ ବିଶ୍ୱ କଇଁଛ ଦିବସ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଉଛି। ସରୀସୃପ ଗୋଷ୍ଠୀର କଇଁଛମାନଙ୍କର ବୟସ ପୃଥିବୀରେ ୧୫୦ ବର୍ଷରୁ ଅଧିକ ବୋଲି ବିବେଚନା କରାଯାଏ। ଦୁନିଆର ଦୀର୍ଘତମ କଇଁଛ ଥିଲା ହନାକୋ କଇଁଛ। ଯିଏ ପ୍ରାୟ ୨୨୬ ବର୍ଷ ବଞ୍ଚିଥିଲା। ଦୀର୍ଘବର୍ଷ ବଞ୍ଚିବା ପରେ ହନାକୋର ୧୭ ଜୁଲାଇ ୧୯୭୭ରେ ମୃତ୍ୟୁ ଘଟିଥିଲା। ଆମେ ସମସ୍ତେ ପିଲାଦିନରେ କଇଁଛ ଏବଂ ଠେକୁଆ କାହାଣୀ ଶୁଣିଛେ ନିଶ୍ଚିତ। କଇଁଛ ହେଉଛି ଏକ ପ୍ରାଣୀ, ଯାହା ଏହାର ଅତି ଧୀର ଗତି ପାଇଁ ଜଣାଶୁଣା। ଏହା ବ୍ୟତୀତ ଏହାର ଧାର୍ମିକ ଗୁରୁତ୍ୱ ମଧ୍ୟ ରହିଛି। ଅନେକ ଲୋକ ଏହାକୁ ଶୁଭ ବୋଲି ଭାବନ୍ତି, ଯେଉଁଥିପାଇଁ ଲୋକମାନେ କଇଁଛକୁ ଘରେ ରଖନ୍ତି। କିନ୍ତୁ ସେମାନଙ୍କ ସଂଖ୍ୟା ସାରା ବିଶ୍ୱରେ ହ୍ରାସ ପାଉଛି। ଶୀକାର ପାଇଁ ଏବେ ଏହି ସରୀସୃପ ସଙ୍କଟରେ ଅଛି। ତେଣୁ ଏହାର ସଂରକ୍ଷଣ ଜରୁରୀ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

# ଚୁଟି ନ କାଟିଲେ ସ୍କୁଲରୁ ବିଦା



ଲଣ୍ଡନ

ଅନେକ ଲୋକଙ୍କର ବିଭିନ୍ନ ପ୍ରକାର ଭୟ ରହିଥାଏ। ନିକଟରେ ଲଣ୍ଡନର ଫାରୁକ୍ ଜେମ୍‌ସ ନାମକ ଜଣେ ୧୨ ବର୍ଷୀୟ ସ୍କୁଲ ଛାତ୍ରଙ୍କର ଏକ ନିଆରା କେଶକଟା ପ୍ରତି ଭୟ ରହିଥିବା ଜଣାପଡ଼ିଛି, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଜେମ୍‌ସଙ୍କର ଏପରି କେଶକଟା ପ୍ରତି ଭୟ ଥିବାରୁ, ସେ ନିଜ କେଶ କାଟିବାକୁ ଭୟ କରନ୍ତି। ତେଣୁ ସେ ପିଲାଟି ଦିନରୁ କଇଁଚି ବ୍ୟବହାର କରି କେବେ ମଧ୍ୟ ନିଜ କେଶ କାଟିନାହାନ୍ତି। ଫଳରେ ତାଙ୍କ କେଶ ଏବେ ଝିଅଙ୍କ କେଶ ଅପେକ୍ଷା ଆହୁରି ଅଧିକ ମୋଟା ଏବଂ ଲମ୍ବା ହୋଇଯାଇଛି। ଜେମ୍‌ସଙ୍କର ସହପାଠୀମାନେ ତାଙ୍କର ଏହି ଲମ୍ବା କେଶକୁ ପସନ୍ଦ କରୁନାହାନ୍ତି। ସେମାନେ ଚାହାନ୍ତି ଜେମ୍‌ସ ନିଜ କେଶ ଠିକ୍ ଭାବେ କାଟି ସ୍କୁଲ୍ ଆସନ୍ତୁ। ଏତେମାତ୍ରାରେ କେଶ ରଖି ଶ୍ରେଣୀଗୃହରେ ଯୋଗଦେବା, ୟୁନିଫର୍ମକୁ ନେଇ ବିଦ୍ୟାଳୟର ରହିଥିବା ନିୟମର ବିରୁଦ୍ଧାଚରଣ ବୋଲି କେତେକ ଶିକ୍ଷକ ମତ ଦେଇଛନ୍ତି।

ଫାରୁକଙ୍କ ଅଭିଭାବକ ତାଙ୍କର ଏହି ଭୟକୁ ବୁଝିଥିବାବେଳେ ବିଦ୍ୟାଳୟ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନାହିଁ। ଡାକ୍ତରଙ୍କ ପ୍ରେସ୍କ୍ରିପ୍‌ସନ୍ ପାଇବା ପରେ ମଧ୍ୟ ମେଡିକାଲ ଆଧାରରେ ଜେମ୍‌ସଙ୍କ ପାଇଁ ନିୟମ ଛାଡ କରିବାକୁ ତାଙ୍କ ଅଭିଭାବକଙ୍କ ନିବେଦନକୁ ବିଦ୍ୟାଳୟ ତରଫରୁ ପ୍ରତ୍ୟାଖ୍ୟାନ କରାଯାଇଛି।



## ସଂକ୍ଷେପରେ

### ସାମାଜିକ କର୍ମୀ ଅନିଲ ଦଣ୍ଡସେନାଙ୍କ ପରଲୋକ

ଖଡ଼ିଆଲ,୨୨।୫ (ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମର ସାମାଜିକ କର୍ମୀ ଅନିଲ କୁମାର ଦଣ୍ଡସେନା (୫୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାଠାରେ ପରଲୋକ ହୋଇଯାଇଛି। ଅନିଲ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ବରିଷ୍ଠ ସଦସ୍ୟ ସାଙ୍ଗକୁ ଜଣେ କୀର୍ତ୍ତନ ଗୁରୁ ଭାବରେ ପରିଚିତ ଥିଲେ। ଜଣେ ନାଟ୍ୟକାର ଭାବେ ମଧ ପ୍ରସିଦ୍ଧି ଲାଭ କରିଥିଲେ। ନେହେନା ଶ୍ରୀକୃଷ୍ଣ ଲୀଳା କମିଟିର ବରିଷ୍ଠ ସଦସ୍ୟ ଥିବାବେଳେ ଶ୍ରୀକୃଷ୍ଣ ଲୀଳାରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଶ୍ରୀରାମ ନବମୀ କମିଟିର ବରିଷ୍ଠ ସଦସ୍ୟ ଥିବାବେଳେ ଖଡ଼ିଆଳ ବ୍ଲକର କାଠ ମିସ୍ତ୍ରୀ ସଂଘର ବିଭିନ୍ନ ପଦ ପଦବୀରେ ରହିଥିଲେ। ତାଙ୍କର ସ୍ତ୍ରୀ ସହିତ ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। ଜ୍ୟେଷ୍ଠ ପୁତ୍ର କିଶନ କୁମାର ଦଣ୍ଡସେନା ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।

### ସାହିତ୍ୟିକ ରାଧାକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଟିଟିଲାଗଡ଼,୨୨।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳର ଜଣାଶୁଣା ସାହିତ୍ୟିକ ରାଧାକୃଷ୍ଣ ପଟ୍ଟନାୟକ (୬୫)ଙ୍କ ବିୟୋଗରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସେ ଜଣେ ନାଟ୍ୟକାର, ଗାଳ୍ପିକ, କବି, ଶିଶୁ ସାହତ୍ୟିକ ଏବଂ ଗୀତିକାର ଭାବରେ ଦୀର୍ଘ ବର୍ଷ ଧରି ଓଡିଆ ଓ କୋସଲି ଭାଷାକୁ ଋଦ୍ଧିମନ୍ତ କରିଛନ୍ତି। ତାଙ୍କ ରଚିତ 'ନିକିତି', 'ଶେଷ ଗଳ୍ପ', 'ବାଘ ମାମୁଁ', 'ପ୍ରୀତି ଗୀତି',' 'ବିଭୁଗୀତ', 'ଦେଶାତ୍ମବୋଧକ ଗୀତ' ଆଦି ପୁସ୍ତକ ପାଠକୀୟତା ଲାଭ କରିଛି। ଏବେ ତାଙ୍କର ଅବର୍ତ୍ତମାନରେ ସାହିତ୍ୟ କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଦିବଂଗତଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସାହିତ୍ୟ ପ୍ରେମୀଗଣ ମତବ୍ୟକ୍ତ କରିଛନ୍ତି। ସାହିତ୍ୟ ସଂସ୍କୃତି ଓ କୋସଲି ଭାଷା ସୁରକ୍ଷା ସମିତିର ଆବାହକତ୍ୱରେ ଆୟୋଜିତ ସଭାରେ ଜ୍ୟୋତି ପ୍ରକାଶ ଗଡତ୍ୟା, ଭିକାରୀ ଚରଣ ମିଶ୍ର, ଟିକେଲାଲ ବେହେରା, ସଞ୍ଜୟ ଅଗସ୍ତି, ରାଜୀବ ଲୋଚନ ପାଢୀ, ଜଗନ୍ନାଥ ପଣ୍ଡା, ଯୁଗଳ କିଶୋର ଷଡଙ୍ଗୀ, ବନମାଳୀ ଦାଶ, ପ୍ରମୋଦ କୁମାର ପାଲ, ଚିତ୍ତ ରଞ୍ଜନ ଚାନ୍ଦ, ପଞ୍ଚାନନ ତାଣ୍ଡି, ଦୁର୍ଗା ପ୍ରସାଦ ସାହୁ, ମୋହନ ତାଣ୍ଡି , ପୂର୍ଣ୍ଣଚନ୍ଦ୍ର ସାହୁ, ନୀଳମଣି ସାହୁ, ସୁଶାନ୍ତ ବାଗ, ଇଂ.ଅନିରୁଦ୍ଧ ସାହୁ ଏବଂ ପରିବାରର ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।


ପିଲାଛୁଆଙ୍କୁ ଧରି ରାସ୍ତା ଉପରେ ପରିବାର ଲୋକେ।

# ରାସ୍ତାରେ ବସି ରାତି କାଟିଲେ ଲୋକେ

ଭବାନୀପାଟଣା,୨୨।୫ (ଉତ୍ତମ କୁମାର ଦାଶ)

- କଲମପୁର ବ୍ଲକ୍ ଅଞ୍ଚଳରେ ବଣୁଆ ହାତୀ ଉପଦ୍ରବ
- ଧାନ ଖାଉଛି, ଘର ଭାଙ୍ଗୁଛି

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳରେ ଏବେ ଏକ ବଣୁଆ ହାତୀର ଉପଦ୍ରବ ଦେଖିବାକୁ ମିଳିଛି। ବ୍ଲକର ଘୋଡାବନ୍ଧା, କସାବାହୀ, ଗଞ୍ଜେଇଗୁଡା ଓ ଘର୍ଲା ଅଞ୍ଚଳରେ ଗତ ୧୫ଦିନ ଧରି ଏକ ଗୋଠଛଡା ବଣୁଆ ହାତୀ ଆସି ବ୍ୟାପକ ଫସଲ ନଷ୍ଟ କରିଛି। ମଙ୍ଗଳବାର ସନ୍ଧ୍ୟା ନ ହେଉଣୁ ହାତୀଟି ଘର୍ଲା କେନାଲ ନିକଟ ଆମ୍ବ ବଗିଚାରେ ପହଞ୍ଚିଥିଲା। ଲୋକେ ଭୟଭୀତ ହୋଇ ନିଜ ପିଲାଛୁଆଙ୍କୁ ନେଇ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ପାର ହୋଇ ରାସ୍ତା ଉପରେ ସାରା ରାତି କାଟିଥିଲେ। ହାତୀ କିନ୍ତୁ ତାଣ୍ଡବ ରଚିଥିଲା। ଘର୍ଲା ଗ୍ରାମର ଭୀଷ୍ମ ମାଝିଙ୍କ ଧାନ ଫସଲ ସହ ଘୋଡାବନ୍ଧା ଗ୍ରାମର କେତେଜଣ ଚାଷୀଙ୍କ ପନିପରିବା ଫସଲ ନଷ୍ଟ କରିଥିଲା। ଭୋର ସମୟରେ ଜଙ୍ଗଲକୁ ଫେରିବା ବେଳେ ହାତୀଟି ମଧୁସୂଦନ ବାଗ ନାମକ ଜଣେ ବ୍ୟକ୍ତିଙ୍କ ବଗିଚାରେ ଥିବା ଏକ କୁଡିଆ ଘରକୁ ଭାଙ୍ଗି ଦେଇଥିଲା। ସିଙ୍ଗାରି ଓ ଦେବଗିରି ଜଙ୍ଗଲ ପାଦଦେଶରେ ଉପରୋକ୍ତ ଗାଁଗୁଡିକ ରହିଛି। ଏହି ଅଞ୍ଚଳରେ ବର୍ତ୍ତମାନ ବି ହାତୀ ଉତ୍ପାତ ଜାରି ରଖିଛି। ବନ ବିଭାଗଠାରୁ ହାତୀ ସୂଚନା ପାଇବା ମାତ୍ରେ ସମଗ୍ର ବଙ୍କାପଲା ଫିଡରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଉଛି। ଏହା ଦ୍ୱାରା ବଙ୍କାପଲା, ଦେପୁର, ଇଚ୍ଛାପୁର, ବାବୁକେନ୍ଦୁଗୁଡା, ବାଲିଛଡା ଆଦି ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ତେଣୁ ବିଦ୍ୟୁତ୍ ବିଭାଗ ବନ ବିଭାଗଠାରୁ ସନ୍ଧ୍ୟା ସୁଦ୍ଧା ହାତୀର ଗତିବିଧି ନେଇ ସୂଚନା ପାଇବା ପରେ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ରଖିବା ପାଇଁ ସାଧାରଣରେ ଦାବି ହେଉଛି। ହାତୀ ଭୟରେ ମଙ୍ଗଳବାର ସନ୍ଧ୍ୟାରେ ନିଜ ଘର ଛାଡ଼ି ସାରା ରାତି ୫ ପରିବାର ଭୋକ ଉପାସରେ ରହିଥିବା ଦେଖିବାକୁ ମିଳିଥିଲା। ଗତ ୩ବର୍ଷ ତଳେ ମଧ ଏକ ବଣୁଆ ହାତୀ ଉକ୍ତ ଅଞ୍ଚଳରେ ୨୫ ଦିନ ରହି ଉପଦ୍ରବ କରିଥିଲା। ଏ ସମ୍ପର୍କରେ ସ୍ଥାନୀୟ ଫରେଷ୍ଟର ପ୍ରକାଶ ମିଶ୍ରଙ୍କୁ ପଚାରିବାରୁ ଜଙ୍ଗଲ ପାଦଦେଶରେ ଉପରୋକ୍ତ ଗାଁଗୁଡିକ ରହିଥିବାରୁ ହାତୀଟି ପାଣି ପିଇବା ଓ ବାଉଁଶ ଖାଇବା ପାଇଁ ଚାଲିଆସିଛି। ହାତୀର ଗତିବିଧି ଉପରେ ବିଭାଗ ନଜର ରଖିଛି ବୋଲି ସେ କହିଥିଲେ।

# ଠାକୁରଙ୍କ ଠାରେ ଲାଗି ହେଲା ପିଠା କନ୍ଦା ଭୋଗ



ମେଳା ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଖପ୍ରାଖୋଲ,୨୨।୫(ଅଭୟ ତ୍ରିପାଠୀ)

- ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଦ୍ୱିତୀୟ ଦିବସ
- ପାହାଡ଼ ଚଢ଼ାର ମଜା ନେଲେ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କରଠାରେ ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଦ୍ୱିତୀୟ ଦିବସରେ ବୁଧବାର ସନ୍ଧ୍ୟାରେ ଠାକୁରଙ୍କ ଠାରେ ପିଠା କନ୍ଦା ଭୋଗ ଲାଗି ହୋଇଥିଲା। ପରମ୍ପରା ଅନୁସାରେ ପ୍ରତିବର୍ଷ ବୈଶାଖ ନୃସିଂହ ଚତୁର୍ଦ୍ଦଶୀରେ ଠାକୁରଙ୍କଠାରେ ଏହି ଭୋଗ ଲାଗି ହୁଏ। ପୂଜକମାନେ ପୂର୍ବରୁ ପାହାଡରୁ ସଂଗ୍ରହ କରି କନ୍ଦାକୁ ରଖିଥାନ୍ତି ଏବଂ ନୃସିଂହ ଚତୁର୍ଦ୍ଦଶୀ ଦିନ ଏହାକୁ ସିଝାଇ ଭୋଗ ଲଗାଇଥାନ୍ତି। ଶ୍ରଦ୍ଧାଳୁମାନେ ଏହି ଭୋଗ ପାଇବାକୁ ଅପେକ୍ଷା କରିଥାନ୍ତି। ଏହି ଅବସରରେ ସନ୍ଧ୍ୟାରେ ପ୍ରଥମ ମଞ୍ଚରେ ପାଟଣାଗଡର ସାଂସ୍କୃତିକ ଅନୁଷ୍ଠାନ ସୁର ସଙ୍ଗମର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହାପରେ ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଦ୍ୱିତୀୟ ମଞ୍ଚରେ ଯଦୁ ସୁନା ଓ ସାଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ପରେ ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଶ୍ରଦ୍ଧାଳୁ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ନୃସିଂହନାଥରୁ ହରିଶଙ୍କର ଯିବା ଆସିବା କରିଥିବା ବେଳେ ପାହାଡ଼ ଚଢ଼ାର ମଜା ନେଇଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲେ ବି ପ୍ରଶାସନର ଅଣଦେଖା ନେଇ ଚାପା ଉତ୍ତେଜନା ଦେଖାଯାଇଥିଲା। ପିଇବା ପାଣି ପାଇଁ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା।

# ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

କୋକସରା,୨୨।୫(ଦୁଷ୍ମନ୍ତ କୁମାର ପାଇଯୋଷୀ)

ଅଂଶୁଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ କଳାହାଣ୍ଡି ଜିଲା କୋକସରା ଥାନା ମୋଟେର ଫାଣ୍ଡି ଖୁଟୁଲୁଗୁଡା ଗ୍ରାମର ପ୍ରଶାନ୍ତ ଭଇଁସାଲଙ୍କ ବିବାହିତ ପୁଅ କୁଶ ଭଇଁସାଲ (୪୦)। ସୂଚନାକ୍ରମେ ବୁଧବାର ସକାଳୁ କୁଶ ନିଜ ଗୋରୁଙ୍କୁ ଚରାଇବାକୁ ଚାଷଜମିକୁ ନେଇଥିଲେ। ତେବେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ହଠାତ୍ ମୁଣ୍ଡ ବୁଲାଇବାରୁ ସେ ଘରକୁ ଫେରିଥିଲେ ମଧ ବେହୋସ ହୋଇପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ମୃତ ଯୁବକଙ୍କ ୨ ଝିଅ, ଗୋଟିଏ ପୁଅ ଓ ସ୍ତ୍ରୀ ଥିବା ଜଣାପଡିଛି।

# ବୁଢ଼ୀପଦରରେ ବସ୍ ଦୁର୍ଘଟଣାଗ୍ରସ୍ତ


ଦୁର୍ଘଟଣାଗ୍ରସ୍ତ ବସ୍।

ଲୋଇସିଂହା,୨୨।୫(ସୁଶାନ୍ତ ବାରିକ)

**ଡ୍ରାଇଭର ସମେତ ୭ ଜଣ ଆହତ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁଢ଼ୀପଦରରେ ଓମ ସାଇରାମ ବସ୍ (ନଂ ଓଡି ୦୩ ୦୬୦୧) ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିଯୋଗୁ ୭ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣାରେ ଗୁରୁତର ହୋଇ ପଡିଥିବା ବସ୍ ଡ୍ରାଇଭରଙ୍କୁ ଲୋଇସିଂହା ଡ଼ାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୬ ଜଣ ଯାତ୍ରୀଙ୍କୁ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । ଆହତ ବ୍ୟକ୍ତିଙ୍କ ମଧ୍ୟରେ ବଲାଙ୍ଗୀରର ନବୀନ ଚନ୍ଦ୍ର ଦାସ, ଲିଥିରିଆର ସୁମତି ମାଝି, ସନ୍ଧିପୁରର ଗୁଲଠୁ କ୍ଷେତି, ଫସଡର ଅର୍ଜୁନ ପଧାନ, ଲାଠୋରର ଖାନା ବାରିକ ଓ ପରୀ ବାରିକ ଅଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଉକ୍ତ ବସଟି ବରଗଡ଼ରୁ ବଲାଙ୍ଗୀର ଅଭିମୁଖେ ଆସୁଥିବା ବେଳେ ବୁଢ଼ୀପଦର ଛକ ନିକଟରେ ଯାନ୍ତ୍ରିକ ତ୍ରୁଟି ହେବାରୁ ରାସ୍ତା ପାର୍ଶ୍ୱରେ ଥିବା ବରଗଛରେ ପିଟି ହୋଇ ଯାଇଥିଲା। ଫଳରେ ଡ୍ରାଇଭର ଓ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର୍ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବସକୁ ପୋଲିସ ଜବତ କରିଛି। ହେଲପର ଗାଡ଼ି ଚଳାଉଥିବାରୁ ବସ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ।

# ଟିଟିଲାଗଡ଼ରେ ୭୯.୪୨ ପ୍ରତିଶତ ମତଦାନ

ଟିଟିଲାଗଡ,୨୨।୫(ଶରତ ମିଶ୍ର)

ଚଳିତ ନିର୍ବାଚନରେ ୬୯-ଟିଟିଲାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ରେକର୍ଡ ପରିମାଣର ୭୯.୪୨ ପ୍ରତିଶତ ମତଦାନ ହୋଇଛି। ସଇଁତଲା, ଗୁଡଭେଲା, ତୁଷୁରା ବିଜ୍ଞାପିତ ପରିଷଦ, ଟିଟିଲାଗଡ଼ ବ୍ଲକ ତଥା ପୌର ପରିଷଦକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ୨୦୦୯ ନିର୍ବାଚନରେ ୭୩.୧୩ ପ୍ରତିଶତ, ୨୦୧୪ରେ ୭୫.୧୮ ପ୍ରତିଶତ, ୨୦୧୯ରେ ୭୨ ପ୍ରତିଶତ ମତଦାନ ହାର ରହିଥିବା ବେଳେ ଏଥର ପ୍ରାୟ ୮୦ ପ୍ରତିଶତ ମତଦାନ ସହ ନୂଆ ରେକର୍ଡ ସୃଷ୍ଟି କରିଛି। ପ୍ରଚଣ୍ଡ ତାତି ସତ୍ତ୍ୱେ ଭୋଟଦାନ ନେଇ ନାଗରିକଙ୍କ ଉତ୍ସାହ ଭାବ ପରିଲକ୍ଷିତ ହେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ମୋଟ ୨ ଲକ୍ଷ ୫୭ ହଜାର ୫୧୭ ଜଣ ମତଦାତାଙ୍କ ମଧ୍ରୁ ମହିଳା ଭୋଟରଙ୍କ ସଂଖ୍ୟା ସର୍ବାଧିକ ୧ ଲକ୍ଷ ୨ ହଜାର ୭୮୦, ପୁରୁଷ ୧ ଲକ୍ଷ ୧ ହଜାର ୭୨୫ ତଥା ଅନ୍ୟ ୨୫କୁ ମିଶାଇ ମୋଟ ୨ ଲକ୍ଷ ୪ ହଜାର ୫୩୦ ଜଣ ନିଜ ମତ ସାବ୍ୟସ୍ତ କରିଛନ୍ତି । ଏଭଳି ବିପୁଳ ମତଦାନ କେଉଁ ଦଳ ପ୍ରାର୍ଥୀଙ୍କ ସପକ୍ଷରେ ବା ବିପକ୍ଷରେ ଯିବ ସେନେଇ ରାଜନୈତିକ ସମୀକ୍ଷକଙ୍କ ମହଲରେ ଭିନ୍ନ ଭିନ୍ନ ଆଲୋଚନା ଜୋର ଧରିଛି ।

# ତରବୋଡ଼ ରାଧାକୃଷ୍ଣ ମନ୍ଦିର ରତ୍ନମୁଦ

ନୂଆପଡ଼ା,୨୨।୫ (ମକାରୁ ବେମାଲ)



ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଗାଁରେ ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତରବୋଡ ଯାଦବ କେନ୍ଦ୍ର ସଭାପତି କାର୍ତ୍ତିକ କାଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଦବ ସମାଜ ବ୍ଲକ ସଭାପତି ତାରାଚନ ଥପା ମୁଖ୍ୟଅତିଥି ଓ ଜିଲା ଉପସଭାପତି ଚଞ୍ଚଳ ଶଗରିଆ, ବ୍ଲକ ଉପସଭାପତି ପବିତ୍ର ପୋଡ, ବ୍ଲକ ସମ୍ପାଦକ ଯୋଗେନ୍ଦ୍ର ବାଗ ପ୍ରମୁଖ ସମ୍ମାନିତ ଭାବରେ ଯୋଗଦେଇ ମନ୍ଦିର ନିର୍ମାଣକାରୀ ଖଗେଶ୍ୱର ପ୍ରଧାନ, ଗୋବିନ୍ଦ ବନଛୋର ଓ ଲଳିତ ବନଛୋରଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପୁରନ୍ଦର ଗହିର ଓ ତାଙ୍କ ସ୍ତ୍ରୀ ପାର୍ବତୀ ଗହିର କର୍ତ୍ତା ଏବଂ ମାନଭଞ୍ଜନ ତ୍ରିପାଠୀ ପୂଜକ ଓ ଗଣେଶ ହଂସ ସହାୟକ ଭାବରେ ଦାୟିତ୍ୱ ତୁଲାଇଥିଲେ। ରତ୍ନମୁଦ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ଧାନ, ଟଙ୍କା, ସୁନା, ରୁପା ଆଦି ଦାନ କରିଛନ୍ତି। ଲାଲମନ ଖର୍ସେଲ, ଜୟବଳ ନାଗ, ବିରଚନ ବନଛୋର, ମୋହନ ବେମାଲ, ତୁଳାରାମ ବେମାଲ, ଲିଙ୍ଗରାଜ ଖର୍ସେଲ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଦୁଇ ରାତି ଅନ୍ଧାରରେ ରହିଲେ ଗ୍ରାମବାସୀ

ଲାଠୋର,୨୨।୫(ଭୁବନେଶ୍ୱର ବାରିକ)



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଏବଂ ପିପଲବାହାଲ ଗ୍ରାମବାସୀ ଗତ ସୋମବାର ଓ ମଙ୍ଗଳବାର ଦୁଇ ରାତି ଅନ୍ଧାରରେ ରହିଥିବା ନେଇ ଅଭିଯୋଗ କରିଛନ୍ତି। ଲାଠୋରରେ ଏକ ବିଦ୍ୟୁତ୍ ଗ୍ରୀଡ ନିର୍ମାଣ କରି ଲାଠୋର ତଥା ଆଖପାଖ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା କମ୍ପାନୀ ପକ୍ଷରୁ ମେଣ୍ଟେନାନ୍ସ ଠିକ ଭାବେ କରା ନ ଯିବା ଯୋଗୁ ବିଦ୍ୟୁତ୍ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରୁଛନ୍ତି। ଲାଠୋର ଗ୍ରାମର କଲୋନୀପଡ଼ାରେ ଏକ ଫିଡର ବସାଇ ସେହି ଫିଡରରୁ ପିପଲବାହାଲ ଏବଂ ଲାଠୋର ଗ୍ରାମର ଅଧା ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ ହୋଇଛି। ହେଲେ ସୋମବାର ଏବଂ ମଙ୍ଗଳବାର ଦୁଇ ରାତି ସାମାନ୍ୟ ବର୍ଷା ପବନ ଯୋଗୁ କଲୋନୀପଡ଼ା ଫିଡରରୁ ରାତି ତମାମ ବିଦ୍ୟୁତ୍ କାଟ କରାଯାଇଥିଲା। ଫଳରେ ଦୁଇ ଗ୍ରାମର ଶତାଧିକ ଉପଭୋକ୍ତା ପ୍ରବଳ ଗରମ ଓ ମଶା ଦାଉରେ ଅତିଷ୍ଠ ହୋଇ ପଡ଼ିଥିଲେ। ଏନେଇ କର୍ମଚାରୀମାନଙ୍କୁ ଉପଭୋକ୍ତା ପଚାରିଲେ ଫିଡରରେ ତ୍ରୁଟି ଥିଲା କହି କଥାକୁ ଏଡାଇ ଯାଇଥିଲେ। ବାରମ୍ବାର ଫିଡର ଖରାପ ହୋଇ ବିଦ୍ୟୁତ୍ କାଟ ହେଉଥିଲେ ମଧ କାହିଁକି ତାକୁ ମରାମତି କରା ନ ଯାଇ ଉପଭୋକ୍ତାମାନଙ୍କୁ ହଇରାଣ କରାଯାଉଛି ବୋଲି ଲୋକ ପାଲଟା ପ୍ରଶ୍ନ କରିଛନ୍ତି। ପୁଣି ଆଉ ଏକ ଆଳ ଦେଖାଇ କର୍ମଚାରୀ କମ ଥିବା ଯୋଗୁ ରାତିରେ ବିଦ୍ୟୁତ୍ ତ୍ରୁଟି ଦେଖାଦେଲେ ସମସ୍ୟା ସୃଷ୍ଟି ହେଉଛି ବୋଲି କୁହାଯାଉଛି। ଏହିସବୁ ସମସ୍ୟାକୁ ନେଇ ଗତ ୨୦୨୩ ମସିହାରେ ଅଞ୍ଚଳର ବିଭିନ୍ନ ସଙ୍ଗଠନ ଆନ୍ଦୋଳନ କରିଥିଲେ। ସେ ସମୟରେ ବିଦ୍ୟୁତ୍ ଯୋଗାଣ କମ୍ପାନୀର ପଦାଧିକାରୀମାନେ ଆନ୍ଦୋଳନ କରିଥିବା ସଂଗଠନ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରି ୬ ମାସ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ଏକ ବର୍ଷ ହେବ କେବଳ ବିଦ୍ୟୁତ୍ ଖୁଣ୍ଟ ପୋତିବା ଏବଂ କେବୁଲ ତାର ଟାଣିବାକୁ ଛାଡ଼ିଦେଲେ ଅନ୍ୟ ସବୁ ସମସ୍ୟା ଲାଗି ରହିଛି। ଫଳରେ ପୁଣି ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ଦାନା ବାନ୍ଧିବାରେ ଲାଗିଛି। ଜୟ ମା ବସ୍ତ୍ରେନ ଓଡ଼ିଆ ବଣିକ ସଂଘ ଉପଦେଷ୍ଟା ରମାକାନ୍ତ ମହାନ୍ତି କହିଛନ୍ତି, ଯୋଗାଣ ସଂସ୍ଥା ଲୋକଙ୍କ ସମସ୍ୟା ଉପରେ ନଜର ନ ଦେବା ଆନ୍ଦୋଳନକୁ ଡାକରା ଦେଇଛି । ସେହିପରି ସାବାସ ସଂଗଠନ ସଭାପତି ଲାଏବାନ ସୁନା ପ୍ରତିଶ୍ରୁତି ଦେଲା ପରେ ମଧ ସମସ୍ୟାର ସମାଧାନ ନ କରିବା ଉପଭୋକ୍ତାଙ୍କ ପ୍ରତି ଅନ୍ୟାୟ। ଉପଭୋକ୍ତା ଦୁର୍ଗା ଚରଣ ବେହେରା କୁହନ୍ତି ଏହି ସମସ୍ୟା ଦିନକର ନୁହେଁ, ବାରମ୍ବାର ଏମିତି ହେଉଛି ବିଦ୍ୟୁତ୍ ଯୋଗାଣ ସଂସ୍ଥା ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରୁ। ଆଉ ଜଣେ ଉପଭୋକ୍ତା ଜଗୁସିଂ ଭଲ୍ଲା କହିଛନ୍ତି କର୍ମଚାରୀମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରୁଛନ୍ତି। ଏନେଇ ବିଦ୍ୟୁତ୍ ଯୋଗାଣ କମ୍ପାନୀର ଖପ୍ରାଖୋଲ ସେକ୍ସନାଲ ଅଫିସର ସସ୍ମିତ ପରିଡାଙ୍କୁ ପଚାରିବାରେ ଲାଠୋରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସହ ସମସ୍ୟା ଉପରେ ଆଲୋଚନା କରି ସମାଧାନ କରାଯିବ ବୋଲି କହିଥିଲେ। ତେବେ ଅଞ୍ଚଳରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟାର ଶୀଘ୍ର ସମାଧାନ କରା ନ ଗଲେ ଆଉ ଏକ ବଡ଼ ଧରଣର ଆନ୍ଦୋଳନ ହେବା ଆଶଙ୍କା ସୃଷ୍ଟି ହୋଇଛି।

# ଅଙ୍କ ଛିଡୁନି, ସଭିଏଁ ଆଶାବାଦୀ

**ବରଗଡ଼ ଜିଲା**

ବରଗଡ଼,୨୨।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସୋମବାର ସାଧାରଣ ନିର୍ବାଚନ ନେଇ ମତଦାନ ସରିବା ପରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଅଙ୍କକଷା ଆରମ୍ଭ ହୋଇଛି। ତେବେ ମତଦାନର ୨ ଦିନ ବିତିଯିବା ସତ୍ତ୍ୱେ ପ୍ରାର୍ଥିଙ୍କ ଅଙ୍କକଷା ଛିଡୁ ନାହିଁ। ଉଭୟ ଶାସକ, ବିରୋଧୀ ଦଳର ପ୍ରାର୍ଥୀ ବିଜୟ ପାଇଁ ଦୃଢ଼ ଆଶାବାଦୀ ଅଛନ୍ତି। ହେଲେ ମତଦାନ ହାରକୁ ନେଇ ସେମାନଙ୍କ ମଧ୍ୟରେ ଜିତହାର୍‌କୁ ନେଇ ଯେଭଳି ଅଙ୍କକଷା ଚାଲିଛି, ସେଥିରେ କେବଳ ପ୍ରାର୍ଥୀ ନୁହେଁ, ପ୍ରାର୍ଥୀଙ୍କ ସମର୍ଥକମାନେ ମଧ୍ୟ ଦଳର ବିଜୟ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଚଳିତ ନିର୍ବାଚନରେ ଜିଲାରେ ଆଶାତୀତ ମତଦାନ ହୋଇଥିବା କୁହାଯାଉଛି। ହେଲେ ନିର୍ବାଚନ ପୂର୍ବରୁ ହୋଇଥିବା ଗତ ୩ ସାଧାରଣ ନିର୍ବାଚନକୁ ଦେଖିଲେ ମତଦାନ ହାର ସେଭଳି ବୃଦ୍ଧି ପାଇନାହିଁ। କାଁଭାଁ କେଉଁଠି ମତଦାନ କ୍ଷେତ୍ରରେ ଆଖିଦୃଶିଆ ବୃଦ୍ଧି ଘଟିଛି। ପଦ୍ମପୁର ନିର୍ବାଚନମଣ୍ଡଳୀ କଥା ଅନୁଧ୍ୟାନ କଲେ ଉପନିର୍ବାଚନକୁ ଛାଡ଼ିଦେଲେ ଏଥର ପୂର୍ବାପେକ୍ଷା ମତଦାନ ହାର ହ୍ରାସ ପାଇଛି। ୨୦୦୯ରୁ ୨୦୧୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଏହି ନିର୍ବାଚନମଣ୍ଡଳୀରେ ମତଦାନ ହାର ବଢ଼ି ଚାଲିଥିଲା। ଏଠାରେ ମତଦାନ ହାର ୨୦୦୯ରେ ୭୫.୫୧ % ରହିଥିବାବେଳେ ୨୦୧୪ ଏବଂ ୨୦୧୯ରେ ଏହି ହାର ୭୯.୧୬ % ଥିଲା। ଏଥର ଏହା ୭୭.୬୯%କୁ ଖସିଛି। ତେବେ ୨୦୦୯ରେ ଏଠାରୁ ତତ୍କାଳୀନ ବିଜେଡି ପ୍ରାର୍ଥୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ନିର୍ବାଚିତ ହୋଇଥିବାବେଳେ ୨୦୧୪ରେ ଏହି ଆସନଟି ଭାଜପା ହାତକୁ ଚାଲି ଯାଇଥିଲା। କିନ୍ତୁ ୨୦୧୯ରୁ ଉକ୍ତ ଆସନକୁ ବିଜେଡି କବ୍‌ଜା କରି ରଖିଛି। ସ୍ୱର୍ଗତ ବରିହାଙ୍କ ପରେ ଉପନିର୍ବାଚନରେ ବିଜେଡି ତାଙ୍କ ଝିଅ ବର୍ଷାଙ୍କୁ ପ୍ରାର୍ଥୀ କରି ବିଜୟ ହାସଲ କରିଥିଲା। ବିଜେଡି ଏଥର ମଧ୍ୟ ବର୍ଷାଙ୍କୁ ଏଠାରେ ପ୍ରାର୍ଥୀ କରିଛି। ତେବେ ଏହି ଆସନ କାହା ଦଖଲକୁ ଯିବ, ସେଥିପ୍ରତି ସଭିଙ୍କ ନଜର ରହିଛି। ବିଜେପୁର ଆସନ କଥା ଟିକିଏ ଭିନ୍ନ। ଏଠାରେ ମଧ୍ୟ ମତଦାନ ହାରରେ ସେଭଳି କିଛି ପ୍ରଭେଦ ନାହିଁ। ୨୦୦୯ରେ ଏଠାରେ ୭୦.୨୫ % ମତଦାନ ହୋଇଥିବାବେଳେ ୨୦୧୪ରେ ଏହା ୮୦.୧୯ %କୁ ବୃଦ୍ଧି ପାଇଥିଲା। କିନ୍ତୁ ୨୦୧୯ରେ ମତଦାନ ହାର ୭୯,୩୨ %କୁ ଖସିଥିଲା। ହେଲେ ଏଥର ଏହା ପୁଣି ୮୦.୬୭ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ କଂଗ୍ରେସର ଗଡ଼ କୁହାଯାଉଥିବା ଏହି ଆସନରୁ ଦଳର ତତ୍କାଳୀନ ପ୍ରାର୍ଥୀ ସ୍ୱର୍ଗତ ସୁବଳ ସାହୁ କ୍ରମାଗତ ବିଜୟ ହାସଲ କରି ଆସୁଥିଲେ। ତାଙ୍କ ଦେହାନ୍ତ ପରେ ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ରୀତାଙ୍କୁ ବିଜେଡି ଦଳୀୟ ପ୍ରାର୍ଥିନୀ କରି ଗଡ଼ ଦଖଲ କରି ଆସୁଛି। ଏଥର ମଧ୍ୟ ଏଠାରେ ରୀତା ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ବରଗଡ଼ ଆସନରେ ମଧ୍ୟ ସେଭଳି ସମାନ କଥା। ଏହି ଆସନ ବିଜେଡିର ଦୁର୍ଗ ବୋଲି ସଭିଏଁ କୁହନ୍ତି। କିନ୍ତୁ ୨୦୦୯ ନିର୍ବାଚନରେ ଆସନ କଂଗ୍ରେସ ଦଖଲକୁ ଚାଲି ଯାଇଥିଲା। ହେଲେ ଏହା ପରଠୁ ପୂର୍ବତନ ବିଧାୟକ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁଅ ଦେବେଶ ବିଜେଡିରୁ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ହାସଲ କରି ଆସୁଥିବାବେଳେ ଏଥର ହ୍ୟାଟ୍ରିକ ବିଜୟ ପାଇଁ ଆଶାବାଦୀ ଅଛନ୍ତି। କିନ୍ତୁ ବିରୋଧୀ ଭାଜପା ଏବଂ କଂଗ୍ରେସ ମଧ୍ୟ ଆସନ ଦଖଲ ପାଇଁ ଆଶା ଛାଡ଼ିନାହାନ୍ତି। ତେବେ ଏଥର ଏଠାରେ ଗତ ନିର୍ବାଚନଗୁଡ଼ିକଠାରୁ ମତଦାନ ହାର ବଢ଼ିଥିବାବେଳେ କାହା ସପକ୍ଷରେ ଅଧିକ ଭୋଟ୍ ପଡ଼ିଥିବ, ତାହା ଆକଳନ କରିବା ସହଜ ହେଉ ନାହିଁ। ୨୦୦୯ରେ ଏଠାରେ ୬୪.୯୫, ୨୦୧୪ରେ ୭୩.୪୯, ୨୦୧୯ରେ ୭୨.୮୪ ପ୍ରତିଶତ ମତଦାନ ହୋଇଥିବାବେଳେ ଏଥର ତାହା ୭୬.୪୮ ପ୍ରତିଶତକୁ ଛୁଇଁଛି। ଅତାବିରା ନିର୍ବାଚନମଣ୍ଡଳୀ ଉପରେ ସଭିଙ୍କ ଆଖି ରହିଛି। ଏଠାରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଲଢ଼େଇ ହୋଇଆସୁଛି। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନିହାରରଞ୍ଜନ ମହାନନ୍ଦ ଏଠାରୁ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ହରାଇଥିଲେ। ହେଲେ ୨୦୧୪ ଏବଂ ୨୦୧୯ ନିର୍ବାଚନରେ ସ୍ନେହାଙ୍ଗିନୀଙ୍କୁ ଆଉ ନିହାର ଟକ୍କର ଦେଇ ପାରି ନ ଥିଲେ। ତେବେ ନିହାର ଏଥର କଂଗ୍ରେସ ଛାଡ଼ି ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ଏବଂ ଉଭୟ ସ୍ନେହାଙ୍ଗିନୀ ଏବଂ ନିହାରଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଏଠାରେ ମଧ୍ୟ ଆଶାତୀତ ମତଦାନ ହୋଇଛି। ୨୦୦୯ରେ ଏଠାରେ ୬୫.୮୯% ମତଦାନ ହୋଇଥିବାବେଳେ ୨୦୧୪ରେ ୭୬.୬୧, ୨୦୧୯ରେ ୭୭.୪୫ପ୍ରତିଶତ ମତଦାନ ହୋଇଥିଲା। ଏଥର ଏହା ୭୯.୮୨ ପ୍ରତିଶତକୁ ମତଦାନ ହାର ବୃଦ୍ଧି ପାଇଛି। ତେବେ ମତଦାନ ହାର ବୃଦ୍ଧି କାହା ପାଇଁ କେତେ ସହାୟକ ହେବ, ତାହା ଫଳାଫଳ ପରେ ଜଣାପଡ଼ିବ। ଭଟଲି ନିର୍ବାଚନମଣ୍ଡଳୀରେ ସବୁଥର ରେକର୍ଡ ମତଦାନ ହୋଇ ଆସୁଛି। ୨୦୦୯ରେ ଏଠାରେ ୭୪.୧୧, ୨୦୧୪ରେ ୮୧.୪୪ ଏବଂ ୨୦୧୯ରେ ୮୦.୬୨ % ମତଦାନ ହୋଇଥିଲା। କିନ୍ତୁ ଚଳିତ ନିର୍ବାଚନରେ ଅନ୍ୟ ନିର୍ବାଚନମଣ୍ଡଳୀଠାରୁ ଏହି ଆସନରେ ସର୍ବାଧିକ ୮୪.୧୧ପ୍ରତିଶତ ମତଦାନ ହୋଇଛି। ୨୦୦୯ରୁ ଏହି ଆସନରେ ବିଜେଡି ପ୍ରାର୍ଥୀ ଭାବେ ସୁଶାନ୍ତ ସିଂ ନିର୍ବାଚନ ମଇଦାନକୁ ଓହ୍ଲାଇ ପ୍ରତିଦ୍ୱନ୍ଦ୍ୱିତା କରିବା ସହିତ ହ୍ୟାଟ୍ରିକ ବିଜୟ ହାସଲ କରି ସାରିଛନ୍ତି। ଏଥର ମଧ୍ୟ ଏଠାରେ ବିଜେଡିର ବିଜୟଧାର ଅବ୍ୟାହତ ରହିବ ବୋଲି ଦଳୀୟ ନେତୃବୃନ୍ଦ ଏବଂ ସମର୍ଥକମାନେ କହୁଛନ୍ତି। କିନ୍ତୁ ଭାଜପା ମଧ୍ୟ ଏହି ଆସନରେ ବିଜୟ ଆଶା ଛାଡ଼ି ନାହିଁ ଏବଂ ଏଥର ଦଳ ଏଠାରେ ନିଶ୍ଚୟ ବାଜିମାତ୍ ମାରିବ ବୋଲି ଦଳୀୟ ନେତୃବୃନ୍ଦ କହୁଛନ୍ତି। ତେବେ କେଉଁ ଆସନ କାହା ହାତକୁ ଯିବ, ତାହା ଜୁନ ମାସ ୪ତାରିଖ ଭୋଟ ଗଣତି ପରେ ସ୍ପଷ୍ଟ ହୋଇଯିବ।

# ସିବିଏସ୍‌ଇ ପରୀକ୍ଷାରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ସଫଳତା





ବରପାଲି,୨୨।୫(ଚିତ୍ତରଞ୍ଜନ ସାହୁ)

ସିବିଏସଇ ଦଶମ ଓ ଦାଦଶ ଶ୍ରେଣୀର ବୋର୍ଡ ପରୀକ୍ଷାରେ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ସଫଳତା ପାଇଛି। ଛାତ୍ରୀଛାତ୍ରଙ୍କ ସଫଳତାରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡା ସୁବ୍ରତ କୁମାର ମୁଣ୍ଡ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦାଦଶ ଶ୍ରେଣୀ ପରୀକ୍ଷାରେ ନିବେଦିତା ମାଝି ୯୨.୨%, ସିଦ୍ଧି ଅଗ୍ରୱାଲ ୮୭.୮%, ଓମକାର ମେହେର ୮୭.୪%, ତମନ୍ନା ଆର୍ଯ୍ୟା ତ୍ରିପାଠୀ ୮୨.୦%, ପ୍ରଭୁଦତ୍ତ ପୂଜାରୀ ୮୧.୪%, ରୁଚିକା ନାୟକ ୮୧.୪%, ଧର୍ମେନ୍ଦ୍ର କଅଁର ୮୧.୨% ମାର୍କ ରଖିଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୧୨୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ୧୧ ଜଣ, ୮୦% ଓ ତଦୂର୍ଦ୍ଧ୍ୱ ନମ୍ବର ରଖି ୩୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦାଦଶ ଶ୍ରେଣୀରେ ବିଦ୍ୟାଳୟରୁ ନିବେଦିତା ମାଝି ୯୨.୨ ପ୍ରତିଶତ ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ଦଶମ ଶ୍ରେଣୀରୁ ଅନିକେତ ମୁଣ୍ଡ ଓ ଅଙ୍କିତ ଭୋଇ ୯୭.୦ ପ୍ରତିଶତ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦାଦଶ ଶ୍ରେଣୀ ପି.ଇ. ବିଷୟରେ ନିବେଦିତା ମାଝି, ଦଶମ ଶ୍ରେଣୀ ଗଣିତ ବିଷୟରେ ଆଶିଷ ମଟାରୀ ଓ ଓମକାର ପଣ୍ଡା, ଓଡିଆ ବିଷୟରେ ଓପାଲି ଅପରାଜିତା ନାଗ ଓ ସାହିଲ କୁମାର ଦାଶ ୧୦୦ ନମ୍ବର ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଧକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସ୍ୱଶୀଳ କୁମାର ରଥ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତାଗଣ ଓ ଅଞ୍ଚଳର ବହୁ ଶିକ୍ଷାବିତ ଶୁଭେଚ୍ଛା ଜଣାଇଛନ୍ତି।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ଯୁବକ ମୃତ

**ସୋନପୁର,୨୨।୫(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ବିନିକା ଥାନା ବାଉଁଶୁଣୀ ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କର ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ବାଉଁଶୁଣୀ ଗ୍ରାମର କରୁଣାକର ମହାକୁର। ସୂଚନା ଅନୁସାରେ କରୁଣାକର ଅପରାହ୍ନ ପ୍ରାୟ ୩ଟାରେ ଗାଁ ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ସେହି ସମୟରେ ସେ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଅଟୋ, ୬ ଆହତ



**ଅମରପାଲି,୨୨।୫(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର–ଅମରପାଲି ରାସ୍ତାର ହିଲୁଙ୍ଗୁ ବୁଲାଣିରେ ଏକ ଅଟୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଅଟୋରେ ବସିଥିବା ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ରାଧାକାନ୍ତ ସୁନା (୫୦)ଙ୍କ ଛାତିରେ ମାଡ଼ ହୋଇଥିବାରୁ ତାଙ୍କୁ ସୋନପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କ ମଧରେ ବିନାୟକ ଭଏନା (୪୨) ,ମହାବିର ଜଗଦଲା (୬୫), ମୁକେଶ ବର୍ମା (୧୭), ସଞ୍ଜୟ ସରଭଙ୍ଗ (୧୯)ଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । ଏମାନଙ୍କ ଭିତରେ ଜଣେ ନାବାଳକ ମଧ ଆହତ ହୋଇଥିବା ଜଣା ପଡିଛି। ସୂଚନା ଅନୁସାରେ ଉଲୁଣ୍ଡା ବ୍ଲକ ହିକୁଡି ଗ୍ରାମରୁ ଏକ ବାହାଘରରେ ଯୋଗଦେବା ପାଇଁ ବୀରମହାରାଜପୁର ବ୍ଲକ ମାଣିକପୁର ଗ୍ରାମକୁ ଯାଉଥିଲେ। ଭାରସାମ୍ୟ ହରାଇ ହିଲୁଙ୍ଗ ବୁଲାଣି ରାସ୍ତାରେ ଅଟୋ ଦୁର୍ଘଟଣା ଘଟାଇଥିଲା।

## ୨ ବର୍ଷରେ ୧୮ ମାମଲା ରୁଜୁ

**ବେଆଇନ ନିଶାଦ୍ରବ୍ୟ ରପ୍ତାନି, ଆମଦାନୀ ଘଟଣା**

**ରାଉରକେଲା,୨୨।୫(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସହରରେ ଦିନକୁ ଦିନ ନିଶାଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ଓଡ଼ିଶା–ଝାଡ଼ଖଣ୍ଡ–ବିହାର ମଧ୍ୟରେ ନିଶା ମାଫିଆମାନେ ଚଳାଉଛନ୍ତି ନିଶାଦ୍ରବ୍ୟ ରପ୍ତାନି ଓ ଆମଦାନୀ କାରବାର। ଗତ ୨ ବର୍ଷ ମଧ୍ୟରେ ରାଉରକେଲା ସହରରୁ ବାହାର ରାଜ୍ୟକୁ ରପ୍ତାନି ହେଉଥିବା ବେଆଇନ ନିଶାଦ୍ରବ୍ୟ ଜବତ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ୧୮ ମାମଲା ରୁଜୁ ହୋଇଛି।

# ନୃସିଂହନାଥ ବୈଶାଖ ମେଳାରେ ଜଳଛତ୍ର ପ୍ରକଳ୍ପ ଉଦ୍‌ଘାଟିତ



ପାଇକମାଳ,୨୨।୫(ବଡ ଶତପଥୀ)

ବରଗଡର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟ ଓ ନେଚର ବ୍ଲେସିଂ ଟ୍ରଷ୍ଟ ପକ୍ଷରୁ ବୁଧବାର ପାଇକମାଳର ବରିଷ୍ଠ ସାମ୍ବାଦିକ ବଡ ସତପଥିଙ୍କ ଦ୍ୱାରା ମଧୁର ଜଳଛତ୍ର ପ୍ରକଳ୍ପ ନୃସିଂହନାଥ ବୈଶାଖ ମେଳା ପରିସରରେ ଉଦ୍‌ଘାଟନ ହୋଇଯାଇଛି। ପାଇକମାଳରେ ପ୍ରଥମ ଥର ପାଇଁ ଏହି ଜଳଛତ୍ର ପ୍ରକଳ୍ପ ଖୋଲାଯାଇ ଲକ୍ଷ ଲକ୍ଷ ଭକ୍ତମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମଧୁର ଜଳ ବଣ୍ଟନ କରାଯାଇଥିଲା। ଏହା ଦୁଇଦିନ ଧରି ଏହି ଜଳ ଛତ୍ର ଖୋଲିବା ପାଇଁ ଯୋଜନା କରାଯାଇଛି। ପ୍ରଚଣ୍ଡ ଖରାକୁ ଆଖି ଆଗରେ ରଖି ଏହିପରି କାର୍ଯ୍ୟ କରାଯାଇଛି ବୋଲି ଜନକଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜନ କଲ୍ୟାଣ ସେବା ଟ୍ରଷ୍ଟ ମୁଖ୍ୟ ଉପଦେଷ୍ଟା ଶିବାନନ୍ଦ ମଟାରୀ, ଜନ କଲ୍ୟାଣ ସେବା ଟ୍ରଷ୍ଟ ଆଜୀବନ ସଦସ୍ୟ ସ୍ନେହଲତା ଯାଦବ, କିଶୋର ଯାଦବ, ଶ୍ୟାମ ମେହେର, ବୃନ୍ଦାବନ ବେହେରା, ମନିଷ ଶର୍ମା ବିଭୁତି ଭୁଷଣ ମୁଣ୍ଡ, ରାଜା ବାବୁ, ଶ୍ୟାମ ଲାଲ ପ୍ରଧାନ, ବଡ଼ ସତପଥି ଅନେକ ସହଯୋଗୀ ସହଯୋଗ କରିଥିଲେ। ନେଚର ବ୍ଲେସିଂ ଟ୍ରଷ୍ଟ ସଭାପତି ସୁଜିତ କୁମାର ସତପଥି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରକାଶ ଥାଉକି ଜନ କଲ୍ୟାଣ ସେବା ଟ୍ରଷ୍ଟ ପ୍ରତ୍ୟେକ ବର୍ଷପରି ଏବର୍ଷ ନୃସିଂହନାଥ ବୈଶାଖ ମେଳାରେ ପ୍ରଥମ ଥର ପାଇଁ ଏହି ଜଳଛତ୍ର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ମନ୍ଦିର କମିଟି ସମସ୍ତ ସହଯୋଗୀଙ୍କୁ ମଧ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଅଭିନନ୍ଦନ ସହ ସାଧୁବାଦ ଜଣାଉଛୁ। ତାଙ୍କ ସହଯୋଗ କରିଥିବା ପାଇଁ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଏକ ମେଗା ପ୍ରକଳ୍ପ ଭାବେ କରାଯିବ ବୋଲି ଜନ କଲ୍ୟାଣ ସେବା ଟ୍ରଷ୍ଟର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଅଜିତ କୁମାର ନାଥ ସୂଚନା ଦେଇଛନ୍ତି।

# ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର

ପଦ୍ମପୁର,୨୨।୫(ପ୍ରଦୀପ୍ତ ଦାଶ)

ଗ୍ରୀଷ୍ମବକାଶରେ ଅବସର ସମୟର ସଦୁପଯୋଗ କରିବା ପାଇଁ ବରଗଡ଼ ଜିଲା ଶିକ୍ଷା ବିଭାଗ ଓ ପିରାମଲ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ଗ୍ରୀଷ୍ମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଦୀପ ପ୍ରଜ୍ୱଳନ କରି ଶିବିର ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷକ ଭାବେ ପିରାମଲ ଫାଉଣ୍ଡେଶନ ପ୍ରୋଗ୍ରାମ ଲିଡର ପୁନମ ନାଏକ ଓ ପ୍ରଜ୍ୱଳ ବାନାୟତ ଯୋଗଦେଇଥିଲେ। ଏହି ଶିବିରରେ ବ୍ଲକର ୬୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଶିବିର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଯେଉଁଥିରେ ପିଲାମାନେ ଜୀବନ କୌଶଳ, ବିଭିଦତା ମଧରେ ଏକତା, ଏକ ବିଂଶ ଶତାବ୍ଦୀର କୌଶଳ, ସଂସ୍କୃତି ଜ୍ଞାନ, ଯୋଗ, ନୃତ୍ୟ, ବ୍ୟକ୍ତିଗତ ସୁରକ୍ଷା ଉପରେ ଜ୍ଞାନ ପାଇବେ। ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଖୁଶବୁ ବରିହା ଓ ଶିକ୍ଷା କର୍ମଚାରୀ ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ଓ କମଳା କୁମ୍ଭାର ଶିବିରରେ ସହାୟତା କରିଥିଲେ।

# ବିକାଶ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କୁ ସଫଳତା

ବରଗଡ଼,୨୨।୫
(ପ୍ରେମାନନ୍ଦ ଖମାରୀ)


ଶୁଭଲକ୍ଷ୍ମୀ ସାହୁ


ରୁଚି ମାହାର


ଆଞ୍ଚଲ ନାଏକ


ସଙ୍ଗୀତା ଘୋଷ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ବିଏସସି ନର୍ସିଂ ଚତୁର୍ଥ ସେମିଷ୍ଟାର ପରୀକ୍ଷାରେ ବରଗଡ଼ର ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। କଲେଜର ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ୯.୯୬ ଏସଜିପିଏ ରଖି ଅନୁଷ୍ଠାନର ଟପ୍ପର ହୋଇଛନ୍ତି। ସେହିପରି ରୁଚି ମାହାର ୯.୯୨ ରଖି ଦ୍ୱିତୀୟ ଏବଂ ଆଞ୍ଚଲ ନାଏକ, ସଙ୍ଗୀତା ଘୋଷ ୯.୮୮ ଏସଜିପିଏ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଅନୁଷ୍ଠାନର ୧୪ଛାତ୍ରୀଛାତ୍ର ୯ଏସଜିପିଏ, ୨୨ଛାତ୍ରୀଛାତ୍ର ୮ଏସଜିପିଏ, ୧୬ଛାତ୍ରୀଛାତ୍ର ୭ଏସଜିପିଏରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିକାଶ ନର୍ସିଂ କଲେଜର ଉଚ୍ଚମାନର ଶିକ୍ଷା, ନର୍ସିଂ ତାଲିମ ପଦ୍ଧତି ସହିତ ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ହିଁ ଛାତ୍ରୀଛାତ୍ରଙ୍କୁ ଏଭଳି ସଫଳତା ଆଣି ଦେଇଛି ବୋଲି ସେ କହିଛନ୍ତି।

# ବୈଶାଖ ମେଳା ଉପଲକ୍ଷେ ଥଣ୍ଡା ପାନୀୟ ବଣ୍ଟନ

ପଦ୍ମପୁର,୨୨।୫(ପ୍ରଦୀପ୍ତ ଦାଶ)

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ଏବେ ବୈଶାଖ ମେଳ ଚାଲିଛି। ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉପଲକ୍ଷେ ରାଜବୋ ହାଇସ୍କୁଲ ୧୯୭୬ ବେଚ ବନ୍ଧୁମାନଙ୍କ ଆନୁକୁଲ୍ୟରୁ ମେଳାର ଯାତ୍ରୀମାନଙ୍କୁ ଥଣ୍ଡା ପାନୀୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଭେଡଁରିଆ ଛକଠାରେ ହଜାର୍ ତୀର୍ଥଯାତ୍ରୀଙ୍କୁ ଦହିଛାଞ୍ଚ ବଣ୍ଟନ କରାଯାଇଥିଲା। କେଦାର ପାଢ଼ୀ, କୈଳାସ ଅଗ୍ରୱାଲ, ଗତି ବାରିକ, କିଶୋର୍ ଦାନି, ରୋହିତ ପଣ୍ଡା, ଗୁଣବନ୍ତ ସାହୁ, ମୁନା ସାହୁ, ଅନୀଲ ମୋଦି, କିଶୋର ଗୋହିଲ, ସୁରେଶ ସାହୁ, ବିରେନ୍ଦ୍ର ପଟ୍ଟନାୟକ, ପ୍ରାଣବନ୍ଧୁ ବେହେରା, ଦୀନଦୟାଲ ଅଗ୍ରୱାଲ, ବର୍ଣ ଭୋଇ, ଉପେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ସରାଫ, ନିରୋଜ ଦାନୀ, ଦିଲୀପ ସାହୁ, ଶମ୍ଭୁ ସାହୁ, ଗିରୀଶ ବଛା, ରିଙ୍କୁ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାମଚଣ୍ଡୀ ମନ୍ଦିରରେ ନୃସିଂହମହାପ୍ରଭୁଙ୍କ ଜନ୍ମ ଅବସରରେ ଅନ୍ନଛତ୍ର

**ପାଇକମାଳ,୨୨।୫(ବଡ ଶତପଥୀ):** ବରଗଡ ଜିଲା ନୃସିଂହନାଥସ୍ଥିତ ମା’ ରାମଚଣ୍ଡୀ ମନ୍ଦିର, ମୁକ୍ତିପିଠରେ ନୃସିଂହ ଚତୁର୍ଦ୍ଦଶୀ, ତଥା ନୃସିଂହ ମହାପ୍ରଭୁଙ୍କ ଜନ୍ମ ଅବସରରେ ବୈଶାଖ ମେଳାରେ ଅନ୍ନଛତ୍ର ଆୟୋଜନ କରାଯାଏ। କୁଲତା ସମାଜ ମନ୍ଦିର ପରିଚାଳନା କମିଟି ତଥା ଯୁବ ସଂଗଠନ ଦ୍ୱାରା ଆୟୋଜିତ ଏହି ଅନ୍ନଛତ୍ରରେ ଚଳିତ ବର୍ଷ ପ୍ରାୟ ଦଶ ହଜାର ଭକ୍ତ ମା’ଙ୍କ ପ୍ରସାଦ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଆୟୋଜକଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ତଥା ରାଜ୍ୟ ବାହାରୁ ଆସିଥିବା ଯାତ୍ରୀଗଣ ଅନ୍ନ ପ୍ରସାଦ ପାଇ ପ୍ରଶଂସା କରୁଛନ୍ତି। ପ୍ରାୟ ଛତିଶଗଡ ଅଞ୍ଚଳର ଯାତ୍ରୀମାନେ ଅନ୍ନ ପ୍ରସାଦ ପାଇ ବହୁତ ଖୁସି ହୋଇଥିଲେ।

# ପୂର୍ବାପେକ୍ଷା ଏଥର କମିଛି ଭୋଟଦାନ ହାର

ପଦ୍ମପୁର,୨୨।୫(ପ୍ରଦୀପ୍ତ ଦାଶ)

- **ପ୍ରଶାସନର ପ୍ରଚାର, ସଚେତନତା ପ୍ରଭାବ ଶୂନ୍ୟ**
- **ପଦ୍ମପୁର ନିର୍ବାଚନମଣ୍ଡଳୀ**

ବରଗଡ଼ ଜିଲାର ପଦ୍ମପୁର ଓ ବିଜେପୁର ବିଧାନସଭାର ମତଦାନ ଶେଷ ହୋଇଥିବା ବେଳେ ପୂର୍ବାପେକ୍ଷା ଏଥର ଭୋଟଦାନ ହାର କମିଛି। ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୭୦ ହଜାର୨୪୪ ଭୋଟର ଥିବା ବେଳେ ଚଳିତ ବିଧାନସଭାରେ ୨ଲକ୍ଷ ୯ ହଜାର ୯୫୯ (୭୭.୬୯%) ମତଦାନ ହୋଇଛି। ଏଠାରେ ପୁରୁଷ ୧ ଲକ୍ଷ ୪ ହଜାର ୮୮୪(୭୮.୨୫ %) ମତଦାନ କରିଥିବା ବେଳେ ୧ ଲକ୍ଷ ୫ ହଜାର ୭୩ (୭୭.୧୫%) ମହିଳା ଓ ତୃତୀୟ ଲିଙ୍ଗ ୨ଜଣ (୨୦%) ମତଦାନ କରିଛନ୍ତି। ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ୨ ଲକ୍ଷ ୪୧ ହଜାର୫୨୧ ଥିବା ବେଳେ ଏଠାରେ ଚଳିତ ବିଧାନସଭାରେ ୧ ଲକ୍ଷ ୯୪ ହଜାର ୮୫୩(୮୦.୬୭%) ମତଦାନ ହୋଇଛି। ଏଠାରେ ପୁରୁଷ ୧ ଲକ୍ଷ ୨୨ହଜାର ୧୮୮(୮୦.୬୭ %) ମତଦାନ କରିଥିବା ବେଳେ ମହିଳା ୧ ଲକ୍ଷ ୧୯ ହଜାର ୩୨୧ (୭୯.୭୪%) ଓ ତୃତୀୟ ଲିଙ୍ଗ ୧ଜଣ (୮.୩୪%) ମତଦାନ କରିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଗାଁ ଗାଁରେ ସଚେତନ ରଥ ବାହାରି ସଚେତନତା କରାଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଅନେକ ସଂଗଠନ ଜରିଆରେ ମଧ ସଚେତନତା କରାଯାଇଥିଲା। ଏହାସତ୍ତ୍ୱେ ହଜାର ହଜାର ଭୋଟର ମତଦାନରୁ ବଞ୍ଚିତ ହେଲେ। ଅନ୍ୟ ନିର୍ବାଚନମଣ୍ଡଳୀରେ ଭୋଟଦାନ ସକାଳ ୭ଟାରୁ ସନ୍ଧ୍ୟା ୬ଘଣ୍ଟା ଥିବାବେଳେ ପଦ୍ମପୁର ନିର୍ବାଚନମଣ୍ଡଳୀରେ ଏହା ବ୍ୟତିକ୍ରମ ଘଟି ସକାଳ ୭ଟାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ହୋଇଥିଲା। ଯାହାକି ଅନେକ ଭୋଟର ମତଦାନ କେନ୍ଦ୍ରରୁ ଫେରି ଯାଇଥିଲେ। ଏ ସମ୍ପର୍କରେ ମଧ ପ୍ରଶାସନ ପକ୍ଷରୁ ପ୍ରଚାର ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକି ପଦ୍ମପୁର ନିର୍ବାଚନମଣ୍ଡଳୀରେ ମତଦାନ କମିବା ମୁଖ୍ୟ କାରଣ ବୋଲି କୁହାଯାଉଛି। ପ୍ରଶାସନ ଏହାର ତର୍ଜମା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ମହାପ୍ରଭୁଙ୍କ ଜନ୍ମ ଦିନରେ ମନ୍ଦିରରେ ଧ୍ୱଜା ବନ୍ଧନ

ପାଇକମାଳ,୨୨।୫(ବଡ ଶତପଥୀ)



**ପ୍ରସିଦ୍ଧ ନୃସିଂହନାଥ ପୀଠରେ ଚାଲିଛି ବୈଶାଖ ମେଳା**

ଭାରତବର୍ଷର ପ୍ରାଚୀନ ମନ୍ଦିର ମଧ୍ୟରେ ପଶ୍ଚିମ ଓଡିଶାର ବରଗଡ ଜିଲା ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ନିଆରା। ପ୍ରସିଦ୍ଧ ଗନ୍ଧମାର୍ଦନ ପାର୍ବତ ପାଦଦେଶରେ ଅବସ୍ଥିତ ଏହି ମନ୍ଦିର ପାଦଦେଶରେ କୁଳୁ କୁଳୁ ନାଦରେ କେତେ କେଉଁ ଆବାହମାନକାଳରୁ ବହି ଚାଲିଛି ପାପନାଶିନୀ ଝରଣାଟିଏ। ଏହି ଝରଣାର ବିଭିନ୍ନ ଘାଟ ମଧ୍ୟରୁ ଗୋକୁଣ୍ଡ ଘାଟ ଅନ୍ୟତମ। ଏହି ଘାଟରେ ସ୍ନାନ କଲେ ମହାପାତକରୁ ମୁକ୍ତି ମିଳିଥାଏ ବୋଲି ନୃସିଂହ ପୁରାଣରେ ଦେଖିବାକୁ ମିଳିଥାଏ। ଥରେ ଭୋଳାନାଥ ମହାଦେବ ଖିର ସମୁଦ୍ରରେ ଗାଧୋଇବା ପାଇଁ ପଶିଲେ ସମୁଦ୍ର ଭିତରକୁ, ଗାଧୋଇ ସାରି ସମୁଦ୍ର କୁଳକୁ ଆସିବା ବେଳେ ତାଙ୍କ କମଣ୍ଡଳୁରେ ଥିବା କୁଶକୁ ଗୋଟିଏ ଗାଈ ଖାଇଦେଉଥାଏ। ଭଗବାନ ବିଷ୍ଣୁଙ୍କୁ କିପରି ପୂଜା କରିବେ ବୋଲି ରାଗରେ ବାମ ହାତରେ ଏକ ଚଟକଣା ମାଇଲେ ଗାଈକୁ ହେଲେ ଗାଈର ମୁଣ୍ଡ ଛିଣ୍ଡି ଯାଇ ମହାଦେବଙ୍କ ହାତରେ ଲାଖି ରହିଲା। ଅନେକ ଚେଷ୍ଟା କଲେ ଛାଡିଲା ନାହିଁ। ଅନେକ ତୀର୍ଥ କ୍ଷେତ୍ର ବୁଲିଲେ କିଛି ଲାଭ ମିଳିଲା ନାହିଁ। ଶେଷରେ ଭଗବାନ ବିଷ୍ଣୁଙ୍କ ଧ୍ୟାନ କଲେ ଏବଂ ଦଇବ ବାଣୀ ଯୋଗୁ ଜାଣିଲେ, ନୃସିଂହନାଥରେ ଗାଧୋଇଲେ ଏହି ଗୋବଧ ପାପରୁ ମୁକ୍ତି ମିଳିବ। ବିଳମ୍ବ ନ କରି ସେ ନୃସିଂହନାଥ ଆସି ଗୋକୁଣ୍ଡ ଘାଟରେ ଗାଧୋଇବାରୁ ମୁକ୍ତି ମିଳିଲା। ସେହିଦିନରୁ ଏହି ତୀର୍ଥ କ୍ଷେତ୍ରଙ୍କୁ ଗୋବଧ କରିଥିବା ପାପୀମାନେ ଏଠାକୁ ଆସି ସ୍ନାନ କଲେ ମୁକ୍ତି ମିଳିଥାଏ ତେଣୁ ବୈଶାଖ ମେଳାର ନୃସିଂହ ଜନ୍ମ ଦିନ ଅନେକ ପାପୀମାନେ ବୁଡ଼ ପକାଇ ପ୍ରାୟଶ୍ଚିତ କରିଥାନ୍ତି। ବୁଧବାର ଥିଲା ନୃସିଂହ ଚତୁର୍ଦ୍ଦଶୀ, ନୃସିଂହ ଜନ୍ମ, ଭଗବାନଙ୍କୁ ସନ୍ଧ୍ୟା ୭ଟାରେ ଗାଧୋଇ ନୂତନ ବସ୍ତ୍ର ପିନ୍ଧାଇ ବେଶ କରି ସୁନା ରୁପା ଗହଣାରେ ବେଶ କରି ମନ୍ଦିରରେ ହୋମ ଯଜ୍ଞ, ଆଳତି ପୁଷ୍ପାଞ୍ଜଳି କରାଯାଇ ପୀଠ କନ୍ଦା ଭୋଗ ଭଗବାନଙ୍କୁ ଲାଗି କରାଯାଇଥିଲା। ରୀତିନୀତି ଅନୁସାରେ ପୂଜକ ବାଳ ବ୍ରହ୍ମଚାରିମାନେ ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରିଥିଲେ। ଏହାପରେ ଶଙ୍କର ଭୁଏ ମୁଖ୍ୟ ମନ୍ଦିରରେ ଧ୍ୱଜା ବନ୍ଧନ କରିଥିଲେ। ରାତି ୧୦ଟାରେ ମହାଦୀପ ଉଠିଥିଲା। ଏହାକୁ ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ସେହିପରି ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ପୂଜା ଅର୍ଚ୍ଚନା ସହ ହୋମ କରାଯାଇ ବିଶ୍ୱଶାନ୍ତି ପାଇଁ ୩୨୦୦ଥର ଆହୁତି ପ୍ରଦାନ ହୋଇଛି। ଲକ୍ଷାଧିକ ଭକ୍ତଙ୍କ ଭିଡ ଯୋଗୁ ପୋଲିସଙ୍କୁ ବହୁତ ପରିଶ୍ରମ କରିବାକୁ ପଡି ଥିଲା। ସନ୍ଧ୍ୟାରେ ସାଂସ୍କୃତିକ କର୍ଯ୍ୟକ୍ରମ, ମୀନା ବଜାର ଭଳିକିଭଳି ଦୋକାନ ବୁଲି ଭକ୍ତମାନେ ଉପଭୋଗ କରିଥିଲେ। ଏଥିସହ ହଜାର ହଜାର ଭକ୍ତ ପାହାଡିଆ ରାସ୍ତାରେ ନୃସିଂହନାଥରୁ ହରିଶଙ୍କର ଓ ହରିଶଙ୍କରରୁ ନୃସିଂହନାଥ ଯିବାଆସିବା ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥାଏ ଏଠାରେ।

## ସଂକ୍ଷେପରେ

### ବ୍ରାହ୍ମଣୀ ନଦୀରେ ବୁଡ଼ି ସ୍କୁଲ ପିଅନ ମୃତ

**ରାଉରକେଲା,୨୨।୫(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଅନ୍ତର୍ଗତ ପାନପୋଷ ବସ୍ତି ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ ବୁଡି ବୁଧବାର ସକାଳେ ଜଣେ ସ୍କୁଲ ପିଅନଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଲଳିତ ମୋହନ ବେହେରା(୬୧)। ପୋଲିସ କହିବା ଅନୁସାରେ, ଉକ୍ତ ନଦୀକୁ ଲଳିତ ସକାଳେ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ତାଙ୍କୁ ନଦୀରୁ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ।

### ୨ ଗୋଷ୍ଠୀ ମାରପିଟ୍ ଘଟଣା: ଥାନାରେ ମାମଲା ରୁଜୁ

**ରାଉରକେଲା,୨୨।୫(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଜିଟି ଲେନ୍‌ରେ ୨ ଗୋଷ୍ଠୀ ମାରପିଟ୍ ମାମଲାରେ ପୋଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରୁଛି। ଏତଲା ନଂ. ୪୬୯/୨୪ ଆଧାରରେ ସନ୍ତୋଷ ରାୟ, ବବଲୁ ଚୌରାସିଆ, ପଙ୍କଜ ଚୌରାସିଆ, ରାଜକୁମାର ଚୌରାସିଆ, ବିନୟ ସିଂହ, ରବିଶ୍ ଓଝା, ପ୍ରମୋଦ ଜେସୱାଲ, ରୋଷନ ରାୟ, ଜିତେନ୍ଦ୍ର ଶ୍ରୀବାସ୍ତବ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ମାମଲା ନଂ.୪୬୭/୨୪ରେ ଗୁଗଲ ସିଂ ଓ ଛୋଟୁ ସିଂହଙ୍କ ନାମରେ ମାମଲା ରୁଜୁ ହୋଇଛି। ତେବେ ଏହି ମାମଲାରେ କେହି ଗିରଫ ହୋଇ ନ ଥିବା ବୁଧବାର ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

### ସୋସିଆଲ ହୋମ୍ ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ

**ରାଉରକେଲା,୨୨।୫(ସଙ୍ଗୀତା ଜେନା):** ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ପରିବାର ଦ୍ୱାରା ସଞ୍ଚାଳିତ ସେକ୍ଟର-୧୮ ସ୍ଥିତ ସୋଶିଆଲ ହୋମ ଯୋଗକେନ୍ଦ୍ରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ସନ୍ତୋଷ ପଣ୍ଡାଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ରାଉରକେଲା ଇସ୍ପାତ କାରଖାନା ସହ ପ୍ରବନ୍ଧକ ଆର୍‌ଏନ୍ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଷ୍ଣୁ ପ୍ରିୟା ଦାଶ ଓ ଅନ୍ୟମାନେ ପ୍ରାରମ୍ଭିକ ସଂଗୀତ, ଶ୍ରୀମଦ ଭାଗବତ ଗୀତା ଆଦି ଆବୃତ୍ତି କରିଥିଲେ। ଜିଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟରିଣୀ ସଦସ୍ୟ ନୀତମ୍ବିନୀ ସ୍ୱାଇଁ, ଜିଲା ବିଏସ୍‌ଟି ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ସୋଶିଆଲ ମିଡିଆ ପ୍ରଭାରୀ ଆରତୀ କର ପ୍ରମୁଖ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ବିନା ଅର୍ଥରେ ଏକ ମାତ୍ର ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରର ମୁଖ୍ୟ ଯୋଗ ଶିକ୍ଷକ କଳ୍ପନା ପଣ୍ଡା ଓ ବିଷ୍ଣୁପ୍ରିୟା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଯୋଗଦ୍ୱାରା ନିରୋଗ ହୋଇଥିବା ନିରୂପମା ପତି, ମମତା ପଣ୍ଡା, ରଶ୍ମି ମହାପାତ୍ର, କବିତା ଭୂୟାଁ,ମାଧବୀ ବେହେରା, ହେମଲତା ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଯୋଗଶିକ୍ଷକ ମନୋରମା ରାଉତ, ସନ୍ଧ୍ୟାରାଣୀ ସାହୁ, ରଶ୍ମିତା ପରିଡା, ବାଙ୍ଗୀ ମୁର୍ମୁ, ପିଙ୍କି ସାଗର, କବିତା ଭୂୟାଁ, କଳ୍ପନା ଦିଆନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମୁକୁଳା ଟ୍ରାନ୍ସଫର୍ମର: ବିପଦକୁ ଆମନ୍ତ୍ରଣ

**ରାଉରକେଲା,୨୨।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଉଦିତନଗର ଅଞ୍ଚଳ ସହରର ମୁଖଶାଳା ଭାବେ ପରିଚିତ। ବୃହତ ଜନବସତି ଅଞ୍ଚଳକୁ ବିଦ୍ୟୁତ୍ ସେବା ପ୍ରଦାନ ପାଇଁ ଏଠାରେ ରହିଛି ସ୍ୱତନ୍ତ୍ର ବିଦ୍ୟୁତ୍ ବିଭାଗ ଅଫିସ୍। ହେଲେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଅବସ୍ଥାରେ ମୁକୁଳା ପଡିଥିବା ବେଳେ ବିଦ୍ୟୁତ ଖୁଣ୍ଟ ନଇଁ ପଡିଛି। ଯାହାର ଜ୍ୱଳନ୍ତ ଉଦାହରଣ ବିରଜାପାଲି ସିଭିଲ କୋର୍ଟ ସାମ୍ନାରେ ଥିବା ୩୫କେବି ଟ୍ରାନ୍ସଫର୍ମରକୁ ଦେଖିଲେ ସ୍ପଷ୍ଟ ଜଣାପଡେ। ଏଥିସହିତ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସକୁ ଯାଇଥିବା ମୁଖ୍ୟରାସ୍ତାରେ ବିଦ୍ୟୁତ୍ ସରବରାହ ଖୁମ୍ବମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ କୌଣସି ସମୟରେ ଦୁର୍ଘଟଣା ଘଟିବ ତାହା କହି ହେବ ନାହିଁ। ତେବେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପ୍ରକାଶ ଥାଉକି, ଉଦିତ ନଗରରେ ବର୍ଷ ବର୍ଷତଳର ବିଦ୍ୟୁତ୍ ଖୁଣ୍ଟ ଗୁଡିକ ବଦଳା ଯାଉନାହିଁ। ବିଭାଗ କହୁଛି ଫେଜ ମୁତାବକ ବିଦ୍ୟୁତ୍ ଖୁଣ୍ଟ ବଦଳା ଯାଇ ସ୍ଥାପିତ କରାଯାଉଛି। ଏନେଇ ଉଦିତନଗର ବିଦ୍ୟୁତ୍ ବିଭାଗ ଏସଡିଓ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ, ମୁକୁଳା ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଚାରିପଟେ ପାଚେରୀ ଲଗାଯିବ। ଫେଜ ଅନୁସାରେ ବିଦ୍ୟୁତ୍ ଖୁଣ୍ଟ ପୁନଃସ୍ଥାପନ କାର୍ଯ୍ୟ ଚାଲିଛି। ଜରାଜୀର୍ଣ୍ଣ ଅବସ୍ଥାରେ ସ୍ଥାପିତ ହୋଇଥିବା ବିଦ୍ୟୁତ ଖୁଣ୍ଟ ଗୁଡିକର ଆକଳନ କରାଯାଇଛି। ଆଗକୁ ବର୍ଷା ମାସ ଆସୁଥିବାରୁ ଖୁବଶୀଘ୍ର ନୂତନ ବିଦ୍ୟୁତ୍ ଖୁଣ୍ଟଗୁଡିକ ଅବସ୍ଥାପିତ କରାଯିବ ବୋଲି ସେ କହିଥିଲେ।



ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର।

## ୩୦ ଠିକା କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ଚଳୁ ଅଭିଯୋଗ

**ରାଉରକେଲା,୨୨।୫(ସଙ୍ଗୀତା ଜେନା)**

**ପିଏଫ୍ କାର୍ଯ୍ୟାଳୟରେ ଫେରାଦ**

ରାଉରକେଲା ଇସ୍ପାତ କାରଖାନାର ଏକ ଠିକା ସଂସ୍ଥା ଷ୍ଟିଲ ସଲ୍ୟୁସନ୍ ପ୍ରାୟ ୩୦ଜଣ ଠିକା ଶ୍ରମିକଙ୍କ ଭବିଷ୍ୟ ପାଣ୍ଠି ଚଳୁ କରିଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ରାଉରକେଲା ଇସ୍ପାତ କର୍ମଚାରୀ ସଂଘ (ଆର୍‌ଆଇକେଏସ୍) ପକ୍ଷରୁ ପିଏଫ୍ କମିଶନରଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଆର୍‌ଆଇକେଏସ୍ ସାଧାରଣ ସମ୍ପାଦକ ରମେଶ ସାହୁ ଏନେଇ ଅଭିଯୋଗ କରିଛନ୍ତି। ସାହୁଙ୍କ ଅଭିଯୋଗ ଅନୁଯାୟୀ, ୨୦୨୧-୨୩ ପର୍ଯ୍ୟନ୍ତ ଆର୍‌ଏସ୍‌ପି ମଧ୍ୟରେ ଥିବା ଉକ୍ତ ଠିକା କମ୍ପାନୀରେ ପ୍ରାୟ ୩୦ ଜଣ ଶ୍ରମିକ କାର୍ଯ୍ୟରତ ଥିଲେ। ଠିକା କମ୍ପାନୀ ସେମାନଙ୍କୁ ଦରମା ଦେଉଥିବାବେଳେ ଭବଷ୍ୟନଧି ଦେୟ କାଟି ରଖୁଥିଲେ। ହେଲେ ଉକ୍ତ ଦେୟ ଟଙ୍କା ପିଏଫ୍ ଖାତାରେ ଜମା କରାଯାଉ ନ ଥିଲା। ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶ୍ରମିକମାନେ ଭବିଷ୍ୟନିଧି ଟଙ୍କାକୁ ଚାହିଁ ବସିଛନ୍ତି। ବାରମ୍ବାର କମ୍ପାନୀକୁ କହିଲେ କେହି କର୍ଣ୍ଣପାତ କରୁନାହାନ୍ତି। ଶେଷରେ ଅତିଷ୍ଠ ହାଇ ସେମାନେ ପିଏଫ୍ କମିଶନରଙ୍କ ନିକଟରେ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଛନ୍ତି ବୋଲି ସାହୁ କହିଥିଲେ। ଏହି ଅଭିଯୋଗର ନକଲ ଶ୍ରମ ମନ୍ତ୍ରାଳୟ, ଆର୍‌ଏସ୍‌ପି ସିଏଲ୍‌ସି ଜିଏମ୍, ସେଲ୍ ଆର୍‌ଏସ୍‌ପି ପିଏଫ୍ ବିଭାଗକୁ ପ୍ରେରଣ କରାଯାଇଛି ବୋଲି ସାହୁ ସୂଚନା ପ୍ରଦାନ କରିଛନ୍ତି।

### ୨ ବର୍ଷରେ ୧୮ ମାମଲା ରୁଜୁ
**ବେଆଇନ ନିଶାଦ୍ରବ୍ୟ ରପ୍ତାନି, ଆମଦାନୀ ଘଟଣା**

**ରାଉରକେଲା,୨୨।୫(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସହରରେ ଦିନକୁ ଦିନ ନିଶାଦ୍ରବ୍ୟ କାରବାର ବଢ଼ିବାରେ ଲାଗିଛି। ଓଡ଼ିଶା-ଝାଡ଼ଖଣ୍ଡ-ବିହାର ମଧ୍ୟରେ ନିଶା ମାଫିଆମାନେ ଚଳାଉଛନ୍ତି ନିଶାଦ୍ରବ୍ୟ ରପ୍ତାନିଓ ଆମଦାନୀ କାରବାର। ଗତ ୨ ବର୍ଷ ମଧ୍ୟରେ ରାଉରକେଲା ସହରରୁ ବାହାର ରାଜ୍ୟକୁ ରପ୍ତାନି ହେଉଥିବା ବେଆଇନ ନିଶାଦ୍ରବ୍ୟ ଜବତ କରାଯାଇଥିବା ଜଣାପଡ଼ିଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ୧୮ ମାମଲା ରୁଜୁ ହୋଇଥିବା ବେଳେ ୧୭ ମାମଲା ରାଉରକେଲା ଅତିରିକ୍ତ ସିଜନ ଜଜ୍‌ଙ୍କ ପାଖରେ ବିଚାରାଧୀନ ରହିଥିବା ଜଣାପଡ଼ିଛି। ରାଉରକେଲା ଅବକାରୀ ବିଭାଗୀୟ ଅଧିକାରୀ ମୋହନ ପ୍ରଧାନଙ୍କୁ ପଚାରିବାରୁ ବିଭାଗ ଏଥିପ୍ରତି ସଜାଗ ରହିଛି। ଏନ୍‌ଡିପିଏସ୍ ଆକ୍ଟ-୭ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ନିଶାଦ୍ରବ୍ୟ ଜବତ କରିବାରେ ବିଭାଗ ସଫଳ ହେଉଛି ବୋଲି ପ୍ରଧାନ କହିଛନ୍ତି।

## ଗ୍ରାମୀଣ ମହିଳାଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଦକ୍ଷତା ବିକାଶ ତାଲିମ




ଅତିଥିଙ୍କ ଗହଣରେ ତାଲିମ ନେଉଥିବା ମହିଳାମାନେ।

**ରାଉରକେଲା,୨୨।୫(ବିପ୍ଳବ ରଞ୍ଜନ ଦାଶ)**

ଗ୍ରାମୀଣ ମହିଳାଙ୍କ ରୋଜଗାରରେ ଉନ୍ନତୀ ଆଣିବା ଲକ୍ଷ୍ୟରେ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଏସଆର ପ୍ରୟାସ ସ୍ୱରୂପ ଆରଏସପିର ଦ୍ୱାରା ସିଏସଆର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ମାସିକିଆ ଖାଦ୍ୟ ପ୍ରକ୍ରିୟାକରଣ ନେଇ ଧନ୍ଦାମୂଳକ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ମହିଳାଙ୍କୁ ମିକ୍ସଡ ଫ୍ରୁଟ, ରସୁଣ, ଆମ୍ବ, ପଣସ, କଅଁଳ ବାଉଁଶ, ମହୁଆ ଏବଂ ଓଲ ଭଳି ଆଚାର ସାମଗ୍ରୀ ଗୁଡିକର ପ୍ରସ୍ତୁତୀ ସମ୍ବନ୍ଧୀୟ ତତ୍ତ୍ୱଗତ ଏବଂ ବ୍ୟବହାରିକ ଦିଗରେ ତାଲିମ ଦିଆ ଯାଇଥିଲା। ଶୁଖିଲା ସମୋସା,ଫ୍ରାଏଡ ପୋହା,ଠେକୁଆ, ଚକୁଲି ଡାଲ, ମୁଟ, ମସଲା ମିକ୍ସଚର, ମିଠା ମିକଶ୍ଚର, ବାଦାମ ପକୋଡା,ଭଳି ଛଣା ଖାଦ୍ୟ ସାମଗ୍ରୀ ଏବଂ ଜାମ, ଜେଲି,ସସ, କେଚ ଅପ ଉତ୍ପାଦ ଗୁଡିକର ମଧ୍ୟ ପ୍ରସ୍ତୁତି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ କାର୍ମିକ ଏଚଆର ବିଭାଗ ଜିଏମ ଇନଚାର୍ଜ ଡ. ପି.କେ ସାହୁ ଅଧକ୍ଷତା କରି ତାଲିମ କାର୍ଯ୍ୟକ୍ରମକୁ ସଫଳତା ସହ ସମାପ୍ତ କରିବା ପାଇଁ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏ ଅବସରରେ ଜିଏମ(ସିଏସଆର) ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଟି.ବି ଟପ୍ପୋ ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆରଏସପି ଏହି ତାଲିମ କାର୍ଯ୍ୟକ୍ରମରେ ୩ଲକ୍ଷ ଟଙ୍କା ବ୍ୟୟ କରିଛି। ସୋସାଇଟି ଫର ରୁରାଲ ଇଣ୍ଡଷ୍ଟ୍ରିଆଲାଜେସନ, ରାଞ୍ଚି ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଆରଏମଓ ଓ ଅନ୍ୟାନ୍ୟ ଏଜେନ୍ସି ମାଧ୍ୟମରେ ଉତ୍ପାଦ ବିକ୍ରୟକୁ ସୁଗମ କରିବା ପାଇଁ ଏଫଏସଏସଏଆଇ ପ୍ରମାଣପତ୍ର ପାଇବାକୁ ପ୍ରୟାସ ଚାଲିଛି।

### ସହାୟକ ଯୋଗାଣ ଅଧିକାରୀଙ୍କ ଘରୁ ଚୋରି

**ରାଉରକେଲା,୨୨।୫(ସଙ୍ଗୀତା ଜେନା):** ରାଉରକେଲା ମହାନଗର ନିଗମ ସହାୟକ ଯୋଗାଣ ଅଧିକାରୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସୂଚନା ମିଳିଛି। ଏ ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା(ନଂ .୨୨୬/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସହାୟକ ଯୋଗାଣ ଅଧୀକାରୀ ସୋନାଲୀ କାରା ଉଦିତନଗର ରେଭିନ୍ୟୁ କଲୋନୀରେ ରୁହନ୍ତି। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସପରିବାର ବାହାର ରାଜ୍ୟରେ ରହୁଥିଲେ। ଘରେ ଜଣଙ୍କୁ ଶୋଇବାକୁ ଦାୟିତ୍ୱ ଦେଇଥିଲେ। ମଙ୍ଗଳବାର ଉକ୍ତ ବ୍ୟକ୍ତି ଅନୁପସ୍ଥିତ ଥିବାରୁ କେହି ଦୁର୍ବୃତ୍ତ ଘର କବାଟ ଭାଙ୍ଗି ସୁନାଗହଣା ଓ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗରେ କୁହାଯାଇଛି। ବୁଧବାର ସକାଳେ ଚୋରି ସମ୍ପର୍କରେ ଜାଣିବା ପରେ ଘର ଦାୟିତ୍ୱରେ ଥିବା ରାଜକିଶୋର ପ୍ରଧାନ ଥାନାରେ ଏତଲା ଦେଇଥିଲେ।

## ପେଟ୍ରୋଲ ପମ୍ପରେ ପାଳନ ହେଉନି ନିୟମ

**ରାଉରକେଲା, ୨୨।୫(ସଙ୍ଗୀତା ଜେନା)**

ପେଟ୍ରୋଲ ପମ୍ପ ଗୁଡିକରେ ସୁରକ୍ଷା ନିୟମ କଡାକଡି କରାଯାଇଛି। ୨୦୦୦ମସିହାରୁ ପେଟ୍ରୋଲ ପମ୍ପ ଗୁଡିକରେ ମୋବାଲ ବ୍ୟବହାର ଉପରେ କଟକଣା ଲଗାଯାଇଥିଲା। ହେଲେ ଏହି ନିୟମ ଠିକ ଭାବେ ପାଳନ ହେଉ ନ ଥିବା ଦେଖିବାକୁ ମିଳିଛି। ରାଉରକେଲା ସହରର ବିଭିନ୍ନ ଅଞ୍ଚଳରେ ୨୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ରହିଛି। ଏଠାରେ ମୋବାଇଲ ବାରଣ ସନ୍ଦେଶ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲେ ମଧ୍ୟ କେହି ମାନୁ ନାହାଁନ୍ତି। ଫଳରେ କୌଣସି ସମୟରେ ଦୁର୍ଘଟଣା ଘଟିବ ତାହା କହି ହେବନାହିଁ। ଏନେଇ ସହରର କେତେକ ପେଟ୍ରୋଲ ପମ୍ପ ମାଲିକମାନେ କହିଛନ୍ତି, ସାଧାରଣତଃ ମୋବାଇଲ ସ୍ପାର୍କି ଦ୍ୱାରା ଅଗ୍ନିକାଣ୍ଡ ଘଟିବାର ସମ୍ଭାବନା ଅଧିକ ଥାଏ। ସ୍ପାର୍କିଂର ପରିମାଣ ୦.୨ ମିଲିଜୁଲ ହେଲେ ପେଟ୍ରୋଲ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିବ। ପୁରୁଣା ମୋବାଇଲ ଗୁଡ଼ିକର ବ୍ୟାଟେରୀରୁ ଅଗ୍ନିକାଣ୍ଡ ହେବାର ଅନେକ ଉଦାହରଣ ରହିଛି। କିନ୍ତୁ ପେଟ୍ରୋଲ ପମ୍ପରେ ମୋବାଇଲ ବ୍ୟବହାର ବଢୁଛି। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦାଙ୍କ କହିବା ଅନୁଯାୟୀ, ପେଟ୍ରୋଲ ପମ୍ପରେ ମୋବାଇଲ ବ୍ୟବହାର ଯୋଗୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିପାରେ। ତେବେ ସୁରକ୍ଷା ବ୍ୟବସ୍ଥାରେ ଧାନ୍ୟଦେବା ଉଚିତ୍। ମୋବାଇଲ ବ୍ୟବହାର କଟକଣାକୁ ଅନୁସରଣ କରିବାକୁ ପଡିବ। ଯୁବପିଢ଼ୀ ବିଶେଷଭାବେ ଏହି ନିୟମକୁ ଗୁରୁତ୍ୱଦେବା ଆବଶ୍ୟକ ବୋଲି ହାଁସଦା କହିଛନ୍ତି।

## ଶାହାଙ୍କ ସହ ଦିଲୀପଙ୍କ ସୌଜନ୍ୟ ମୂଳକ ସାକ୍ଷାତ



ଅମିତ ଶାହାଙ୍କ ସହ ଦିଲୀପ ରାୟ ଆଲୋଚନା କରୁଛନ୍ତି।

**ରାଉରକେଲା,୨୨।୫(ବିପ୍ଳବ ରଞ୍ଜନ ଦାଶ)**

ଝାରସୁଗୁଡାଠାରେ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ରାଉରକେଲା ଭାଜପା ବିଧାୟକ ପ୍ରାର୍ଥୀ ଦିଲୀପ ରାୟ ମଙ୍ଗଳବାର ବିଳମ୍ବିତ ରାତିରେ ସୌଜନ୍ୟ ମୂଳକ ସାକ୍ଷତ କରିଛନ୍ତି। ରାଉରକେଲା ସହରର ବିକାଶ ପାଇଁ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।

## ତ୍ରିଦିବସୀୟ ହାତୀ ଗଣନା ଆରମ୍ଭ

**ରାଉରକେଲା,୨୨।୫(ସଙ୍ଗୀତା ଜେନା)**

ରାଉରକେଲା ବନବିଭାଗ ପକ୍ଷରୁ ୬ଟି ରେଞ୍ଜରେ ହାତୀ ଗଣନା କରାଯାଉଛି। ସାନରାମୋଲୋଇରେ ଫରେଷ୍ଟଗାର୍ଡ ବାସନ୍ତୀ ଓରାମ, ବିରକେରାରେ ଫରେଷ୍ଟଗାର୍ଡ ନବୀନପ୍ରତି କିଷାନ, ବାରସୁଆଁରେ ପଦ୍ମିନୀ ମହାରଣା, ଖଇରଟୋଲାରେ ଫରେଷ୍ଟର ପାଉଲସ ଓରାମ, ସୁକୁଡ଼ା ରତିକାନ୍ତ ଜେନା, କାଟେପୁରରେ ମଙ୍ଗଳ ପୂର୍ତ୍ତି, ବିଶ୍ରାରେ ମଞ୍ଜୁ ସୁନ୍ୟାନୀ, ମହିପାଣିରେ ଆର୍ଯ୍ୟ ଅନୁଭବ ପରିଚାଳନା କରୁଛନ୍ତି। ବନବିଭାଗ ଡିଏଫ୍‌ଓ ଯଶୋବନ୍ତ ସେଠୀଙ୍କ ନେତୃତ୍ୱରେ ଏହି ଗଣନା ୟୁନିଟ୍ ଗୁଡିକର ୪୪ଟି ମଞ୍ଚାନରେ ୨୫୦ କର୍ମଚାରୀ ନିୟୋଜିତ ଅଛନ୍ତି। ଡିଏଫ୍‌ଓ ସେଠୀଙ୍କ କହିବା ଅନୁସାରେ, ଜଙ୍ଗଲ ଓ ଜଳସ୍ରୋତ ତଥା ହାତୀକରିଡ଼ର ଗୁଡିକରେ ଉକ୍ତ ମଞ୍ଚାନ ଗୁଡ଼ିକ କରାଯାଇଛି। ୨୪ ଘଣ୍ଟା ହାତୀଙ୍କ ଉପରେ ଦୃଷ୍ଟି ରଖାଯାଉଛି। ୨୦୧୭ ପରେ ଚଳିତ ବର୍ଷ ଏହି ହାତୀ ଗଣନା ରାଜ୍ୟ ସ୍ତରୀୟ କରାଯାଉଛି। ଆଗାମୀ ଦିନରେ ହାତୀଙ୍କୁ ସୁରକ୍ଷା ଓ ଲୋକଙ୍କ ମଧ୍ୟରେ ହାତୀଙ୍କ ପ୍ରତି ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେଠୀ ସୂଚନା ଦେଇଛନ୍ତି। ୨୨ରୁ ୨୪ ପର୍ଯ୍ୟନ୍ତ ଏହି ଗଣନା ଜାରି ରହିବ।



ଉଦିତ ନଗରରୁ ହନୁମାନ ବାଟିକା ଯାଉଥିବା ପିକ୍‌ଅପ ଭ୍ୟାନ୍‌ରେ ଯାଉଥିବା କଲର ଶିଟ୍ ରାସ୍ତା ଉପରେ ପଡ଼ିଯାଇଛି। ଯାତ୍ରୀମାନେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

## ଅବସରପ୍ରାପ୍ତ କୃଷି ଅଧିକାରୀ, କର୍ମଚାରୀ ସମ୍ବର୍ଦ୍ଧିତ

**ରାଉରକେଲା,୨୨।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ପାନପୋଷ କୃଷି ଜିଲା ଅଧିକାରୀ ରିଲିଜିୟସ ବେକଙ୍କ ତରଫରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଅବସରପ୍ରାପ୍ତ କୃଷି ଅଧିକାରୀ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏବଂ କୃଷକ ସମାଜକୁ ମଧ୍ୟ ବେକ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବେକଙ୍କ ସହିତ କାମ କରିଥିବା ଅବସର ପ୍ରାପ୍ତ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ବିରେନ୍ଦ୍ର କୁମାର ବେହେରା, ଜଗନ୍ନାଥ ଦାସ, ଧ୍ରୁବଚରଣ ମହାନ୍ତ ଏବଂ ହରିହର ନାୟକ ଯୋଗଦେଇ ବେକଙ୍କୁ ପ୍ରଶଂସା କରିବା ସହିତ ଜିଲା କୃଷି ବିଭାଗର ଉନ୍ନତି କ୍ଷେତ୍ରରେ ଥିବା ବେକଙ୍କ ଅବଦାନ ନେଇ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ମଧ୍ୟ ଯୋଗଦେଇ ବେକଙ୍କୁ ପ୍ରଶଂସା କରିଥିଲେ। ଶେଷରେ ସମସ୍ତେ ଏକାଠି ମିଶି ଭୋଜନ କରିଥିଲେ। ବେକ ସମସ୍ତଙ୍କୁ ଦନ୍ୟବାଦ ଜଣାଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଶିଶୁ ବ୍ୟକ୍ତିତ୍ୱ ବିକାଶ ଶିବିର




**ସୁନ୍ଦରଗଡ,୨୨।୫(ଜୟ ନାରାୟଣ ମେଣ୍ଡୁଲି)**

ଶିଶୁଙ୍କ ବ୍ୟକ୍ତିତ୍ୱ ବିକାଶ ଲାଗି ୩ଦିନିଆ ଶିବିର ହେମଗିର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଭିନ୍ନ ବିଦ୍ୟାଳୟ ତଥା ନୋଡାଲ ସ୍କୁଲ, ବିବେକାନନ୍ଦ ଶିଶୁ ମନ୍ଦିର, ସେଣ୍ଟ ଫ୍ରାନସିସ ବିଦ୍ୟାଳୟ ତଥା ଅନ୍ୟାନ୍ୟ ସ୍କୁଲରୁ ଅନେକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପିଲାଙ୍କ ମାନସିକ ଦକ୍ଷତାର ବିକାଶ, ମୂଲ୍ୟଯୁକ୍ତ ସେସନ୍ସ ଓ ପ୍ରତିଯୋଗିତା, ଧ୍ୟାନ, ସଂଗୀତ ସହିତ ବ୍ୟାୟାମ ପିଲାଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମସିଏଲ କୁଲଡା ଖଣିର ପ୍ରୋଜେକ୍ଟ ଅଫିସର ମନୋରଞ୍ଜନ ଦାଶ ଏବଂ ହେମଗିର ଭାରତୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜେର ଏସ ଦେରାଜ ଯୋଗଦେଇ ପିଲାଙ୍କ ଉଜ୍ଜଳ ଭବିଷ୍ୟତ ସକାଶେ ତାଙ୍କୁ ଉତ୍ସାହିତ କରି ପୁରସ୍କୃତ କରିଥିଲେ।. ହେମଗିର ବ୍ରହ୍ମା କୁମାରୀ ଶାଖାର ମୁଖ୍ୟ ସଞ୍ଚାଳିକା କିରଣ ଭଉଣୀ ମେଡିଟେସନ କରାଇ ତାଙ୍କ ସ୍ମୃତି ଶକ୍ତିର ବିକାଶ ସହ ଈଶ୍ୱରଙ୍କ ସହ ସମ୍ବନ୍ଧ ଯୋଡି ନିଜ ଜୀବନକୁ ସୁଖମୟ କରାଇବାର ମାର୍ଗ ଦେଖାଇଥିଲେ। ଅଭିଭାବକ ତରୁଣକାନ୍ତ ବହିଦାର ଏହି କାର୍ଯ୍ୟକ୍ରମର ପ୍ରଶଂସା କରି ସବୁ ଅଭିଭାବକଙ୍କୁ ନିଜ ପିଲାକୁ ଏହି ଭଳି ବ୍ୟକ୍ତିତ୍ୱ ବିକାଶ ସମର କ୍ୟାମ୍ପରେ ଯୋଗ ଦେବା ଲାଗି ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ରୋହିଣୀ ଭଉଣୀ, ସୁରେନ୍ଦ୍ର ଭାଇ, ଚିତ୍ତ ଭାଇ, ଅରୁଣ ଭାଇ ତଥା ସମସ୍ତ ଶାଖାର ରାଜଯୋଗୀ ମାତାମାନେ ସୁରୁଖୁରୁ ରୂପେ ସଞ୍ଚାଳନ କରିଥିଲେ।

## ଡୁଲଙ୍ଗା ପ୍ରଶାସନିକ କାର୍ଯ୍ୟାଳୟରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୨।୫(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଡୁଲଙ୍ଗା ପ୍ରଶାସନିକ କାର୍ଯ୍ୟାଳୟର ଆଖପାଖ ଅଞ୍ଚଳରେ ବୁଧବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏନଟିପିସି ଡୁଲଙ୍ଗା ପ୍ରକଳ୍ପ ମୁଖ୍ୟ ବ୍ରଜରାଜ ପ୍ରସନ୍ନ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇଥିଲେ ଏବଂ ସମସ୍ତ କର୍ମଚାରୀଙ୍କୁ ଏହି ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସାମୂହିକ ପ୍ରୟାସ ଯୋଗୁ ପ୍ରାୟ ୪୦ କିଲୋଗ୍ରାମ ଅଳିଆ ସଂଗ୍ରହ କରାଯାଇଥିଲା। ସ୍ୱଚ୍ଛତା ଏବଂ ସୁସ୍ଥ ପରିବେଶ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦର୍ଶାଇ କର୍ମଚାରୀମାନେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଥିବା ସ୍ଲୋଗାନ ଦେଇ ଏହି ଅଭିଯାନ ଶେଷ କରିଥିଲେ।



# ୩୩୮ ବୁଥ୍‌ରେ ମତଦାନ କରିବେ ୨,୫୧,୩୯୪ ଭୋଟର

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ଆଗାମୀ ସାଧାରଣ ନିର୍ବାଚନ ଅବାଧ, ଭୟମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ୨୫ ତାରିଖରେ ମତଦାନ ହେବାକୁ ଥିବା ବେଳେ ଜିଲାର ସମୁଦାୟ ୨ଲକ୍ଷ ୫୧ ହଜାର ୩୯୪ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୧ଲକ୍ଷ ୨୫ ହଜାର ୬୨୭ ଜଣ ପୁରୁଷ, ୧ ଲକ୍ଷ ୨୫ ହଜାର ୭୫୦ ଜଣ ମହିଳା ଓ ୧୭ଜଣ ତୃତୀୟ ଲିଙ୍ଗ ମତଦାତା ରହିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ୪ ହଜାର ୪୭୨ଜଣ ପୁରୁଷ ଓ ୩ ହଜାର ୬୮୯ଜଣ ମହିଳାଙ୍କୁ ମିଶାଇ ମୋଟ ୮୧୫୧ ଜଣ (୧୮ବର୍ଷରୁ ୧୯ ବର୍ଷ ମଧ୍ୟରେ) ଓ ୨୮ ହଜାର ୫୯୯ଜଣ ପୁରୁଷ, ୨୮ ହଜାର ୨୧୯ଜଣ ମହିଳା ଓ ୧୧ଜଣ ତୃତୀୟ ଲିଙ୍ଗିଙ୍କୁ ମିଶାଇ ମୋଟ ୫୬ ହଜାର ୮୨୯ ଜଣ ମତଦାତା (୨୦ ବର୍ଷରୁ ୨୯ ବର୍ଷ ମଧ୍ୟରେ)ରହିଥିବା ବେଳେ ୬୮୮ଜଣ ପୁରୁଷ ଓ ୭୯୯ଜଣ ମହିଳାଙ୍କୁ ମିଶାଇ ମୋଟ ୧୪୮୭ ଜଣ ବରିଷ୍ଠ ନାଗରିକ ମତଦାତା (୮୫ ବର୍ଷରୁ ଉର୍ଦ୍ଧ୍ୱ) ମତଦାତା ରହିଛନ୍ତି। ଅନୁରୂପ ଭାବେ ୧୮୮୦ଜଣ ପୁରୁଷ ଓ ୧୨୧୧ ଜଣ ମହିଳାଙ୍କୁ ମିଶାଇ ମୋଟ ୩ ହଜାର ୯୧ଜଣ ଭିନ୍ନକ୍ଷମ ମତଦାତା ରହିଥିବା ବୁଧବାର ଦେବଗଡ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜିଲାପାଳ ଉପାଧ୍ୟାୟ ସୂଚନା ଦେଇଛନ୍ତି ଯେ, ଦେବଗଡ ପୌରାଞ୍ଚଳର ୧୭ଟି ଓ ଗ୍ରାମାଞ୍ଚଳର ୩୨୧ଟି ବୁଥ(ମତଦାନ କେନ୍ଦ୍ର)କୁ ମିଶାଇ ମୋଟ ୩୩୮ଟି ବୁଥ ରହିଛି। ତନ୍ମଧ୍ୟରେ ରିଆମାଳ ବ୍ଲକରେ ୧୦୮ଟି, ବାରକୋଟ ବ୍ଲକରେ ୧୧୬ଟି, ତିଲେଇବଣି ବ୍ଲକରେ ୯୭ଟି, ସଖି ବୁଥ ୪୦ଟି, ସିସି କ୍ୟାମେରା ବୁଥ ୨୦୩ଟି ଓ ୪୮ଟି ମଡେଲ ବୁଥ ରହିଛି। ସୁଚାରୁ



ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**

ରୂପେ ନିର୍ବାଚନ ପରିଚାଳନା ନିମନ୍ତେ ୩୭୬ ଜଣ ପ୍ରିଜାଇଡିଂ ଅଫିସର, ୩୭୬ଜଣ ଫାଷ୍ଟ ପୋଲିଂ ଅଫିସର, ୩୭୬ଜଣ ସେକେଣ୍ଡ ପୋଲିଂ ଅଫିସର, ୩୭୬ଜଣ ଥାର୍ଡ ପୋଲିଂ ଅଫିସର, ୩୭୬ଜଣ ଫୋର୍ଥ ପୋଲିଂ ଅଫିସର ଓ ୩୭୬ଜଣ ଫିଥ୍ ପୋଲିଂ ଅଫିସରଙ୍କୁ ମିଶାଇ ମୋଟ ୨୨୫୬ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ୭୧ଜଣ ମାଇକ୍ରୋ ଅବଜର୍ଭର ଓ ୪୧ଜଣ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷରେ ଇତି ମଧ୍ୟରେ ପୋଷ୍ଟାଲ ବ୍ୟାଲେଟ ଜରିଆରେ ୧୨୧୯ଜଣ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କ ସମେତ ପୋଲିସ, ବିଦ୍ୟୁତ୍ ବିଭାଗ ଓ ଓଡିଶା ରାଜ୍ୟ ପରିବହନ ବିଭାଗର ମୋଟ ୧୪୭୫ଜଣଙ୍କ ମତଗ୍ରହଣ ହୋଇଥିବା ଜଣାପଡିଛି। ସେହିପରି ୨୪୨ଜଣ ବୃଦ୍ଧବୃଦ୍ଧା ଓ ୨୦୬ଜଣ ଦିବ୍ୟାଙ୍ଗଙ୍କ ଗ୍ରହଣ କରାଯାଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତରୁ ସୂଚନା ମିଳିଛି।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି


କାଳବୈଶାଖୀରେ ଘରର ଆଜବେଷ୍ଟସ ଛାତ ଉଡ଼ିଯାଇଛି।

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଡାପାଲି ଗ୍ରାମପଞ୍ଚାୟତ ସଦର ମହକୁମାରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହେବା ଫଳରେ ଉକ୍ତ ଗ୍ରାମରେ ବହୁ କ୍ଷୟକ୍ଷତି ଘଟିଛି। କାଳବୈଶାଖୀ ପ୍ରଭାବରେ କଣ୍ଡାପାଲି ଗ୍ରାମର ଅଶାଡୁ ମୁଣ୍ଡା, ତପସ୍ୱିନୀ ଶବର, ପ୍ରଦୀପ ପ୍ରଧାନ, ଡିଲେଶ୍ୱର ବେହେରା ଓ ସାହିଲ ଶତପଥିଙ୍କ ଘର ଖପର ଓ ଆଜବେଷ୍ଟସ ଛାତ ଉଡିଯାଇଛି। ଅନ୍ୟପକ୍ଷରେ କଣ୍ଡାପାଲିସ୍ଥିତ ରାଜସ୍ୱ ବିଭାଗ ଡାକବଙ୍ଗଳାର ଆଜବେଷ୍ଟସ ଛାତ ଉଡିଯିବା ସହ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ବହୁ ସଂଖ୍ୟକ ଛୋଟ ବଡ ଆମ୍ବଗଛ ମଧ୍ୟ ଭାଙ୍ଗିଇଥିବା ସୂଚନା ମିଳିଛି। କ୍ଷତିଗ୍ରସ୍ତମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ଭାଜପାକୁ ବଦନାମ କରିବାକୁ ବିଜେଡି ଷଡ଼ଯନ୍ତ୍ର କରୁଛି

**ସମ୍ବଲପୁର,୨୨।୫(ଭବାନୀ ଶଙ୍କର ଭୋଇ)**

**ବୁର୍ଲା ବିଷ୍ଣୁମନ୍ଦିର ପଡାର କୁନ୍ତଳା ମହାନନ୍ଦ ମୃତ୍ୟୁ ଘଟଣା**

ବୁର୍ଲା ବିଷ୍ଣୁମନ୍ଦିର ପଡାର କୁନ୍ତଳା ମହାନନ୍ଦ(୬୦)ଙ୍କର ମଙ୍ଗଳବାର ଅମିତ ଶାହାଙ୍କ ଜନସଭାରୁ ଫେରିବା ପରେ ଅଂଶୁଘାତରେ ମୃତ୍ୟୁ ଘଟିଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ନେତାମାନେ ସକାଳ ୮ଟାରୁ କୁନ୍ତଳାଙ୍କୁ କାର୍ଯ୍ୟକ୍ରମସ୍ଥଳକୁ ଧରି ଆଣି ଖାଦ୍ୟପେୟ ନଦେବାରୁ ସେ ଚେତାଶୂନ୍ୟ ହୋଇ ଟଳି ପଡିଥିଲେ। ଭାଜପା ନେତାମାନେ ଚିକିତ୍ସାଳୟ ନନେଇ ତାଙ୍କ ଘରେ ନେଇ ଛାଡି ଦେବାରୁ ଚିକିତ୍ସା ଅବହେଳାରୁ କୁନ୍ତଳାଙ୍କ ମୃତ୍ୟୁ ଘଟିଥିବା ବିଜେଡି ପ୍ରବକ୍ତା ଅଭିଯୋଗ କରିଥିଲେ। ଏହାକୁ ନେଇ ସମ୍ବଲପୁରରେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ବୁଧବାର ଭାଜପା ପକ୍ଷରୁ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ଏ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କୁନ୍ତଳା ମହାନନ୍ଦଙ୍କ ମୃତ୍ୟୁକୁ ନେଇ ବିଜେଡି ଭୋଟ ହାତେଇବା ଆଶାରେ ହୀନ ରାଜନୀତି କରୁଛି ବୋଲି ବକ୍ସୀ ଅଭିଯୋଗ କରିଛନ୍ତି। କୁନ୍ତଳାଙ୍କର ଥାଏରଏଡ ଏବଂ ରକ୍ତହୀନତା ସମସ୍ୟା ରହିଥିଲା। ସେ କିଛିଦିନ ହେବ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଘରେ ରୋଷେଇ କରୁଥିବା ବେଳେ ଅସୁସ୍ଥତା ଅନୁଭବ କରିଥିଲେ ଏବଂ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅସୁସ୍ଥ ଥିବାରୁ ଘରୁ ବାହାରକୁ ବାହାରୁ ନ ଥିବା ବେଳେ ତାଙ୍କୁ ଭାଜପା ନେତା ଅମିତ ଶାହଙ୍କ କାର୍ଯ୍ୟକ୍ରମକୁ ଆଣିଥିବା ନେଇ ବିଜେଡି ପ୍ରବକ୍ତା ଡାହା ମିଛ କଥା ଗଣମାଧ୍ୟମକୁ ପ୍ରେସବିବୃତ୍ତି କହୁଛନ୍ତି ବୋଲି ବକ୍ସି କହିଛନ୍ତି। ଖାଲି ସେତିକି ନୁହେଁ, କୁନ୍ତଳାଙ୍କ ମୃତ୍ୟୁ ଭାଜପା କାର୍ଯ୍ୟକ୍ରମ ଯୋଗୁ ହେଲା ବୋଲି ମିଛ କହିବା ପାଇଁ ବିଜେଡି କର୍ମକର୍ତ୍ତାଙ୍କ ଦ୍ୱାରା ମୃତାଙ୍କ ପରିବାର ଲୋକଙ୍କୁ ବାଧ କରାଯାଇଥିବା ଅଭିଯୋଗ ହୋଇଛି । ଭାଜପାକୁ ବଦନାମ କରିବାକୁ ବିଜେଡି ଷଡଯନ୍ତ୍ର କରୁଥିବା ବେଳେ ସତ ସାମନାକୁ ଆସିବାରୁ ବିଜେଡି ନେତା ଅପଦସ୍ଥ ହେଉଛନ୍ତି ବୋଲି ସେ କହିଛନ୍ତି ।

# ପୋଲିସ ଓ ଅବକାରୀ ବିଭାଗର ସମନ୍ୱୟ ବୈଠକ




**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ଆସନ୍ତା ମେ ୨୫ ତାରିଖରେ ଦେବଗଡ଼ ଜିଲାରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ପୋଲିସ ଓ ଅବକାରୀ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ ନିର୍ବାଚନ ଶାନ୍ତିଶୃଙ୍ଖଳା ସହ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ନିର୍ବାଚନ ଅଧୀନ ବିଭିନ୍ନ ପୋଲିଂ ଷ୍ଟେଶନରେ ଶାନ୍ତିଶୃଙ୍ଖଳା ସହ ଅବାଧ, ନିର୍ଭୁଲ ଭାବେ ଯେପରି ନିର୍ବାଚନ ପରିଚାଳନା ହୋଇପାରିବ ସେହି ବିଷୟରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ଓ ଅବକାରୀ ବିଭାଗ ଜିଲାରେ ଭୋଟିଂ ପ୍ରକ୍ରିୟା ସୁରୁଖୁରୁରେ ପରିଚାଳନା କରିବା ପାଇଁ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ। ଅବକାରୀ ବିଭାଗ ପକ୍ଷରୁ ମଦ କାରବାର ରୋକିବା ଦିଗରେ ମଦ ଦୋକାନ ଚଢ଼ାଉ କରି ସେମାନଙ୍କ ଷ୍ଟକ ପଜିସନ ଏବଂ ପ୍ରଚୁର ପରିମାଣ ମଦ ବିକ୍ରିକୁ ରୋକିବା ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ସୁପରିଣ୍ଟେଣ୍ଡେଣ୍ଟ ଅଫ ଏକ୍ସସାଇଜ ବାସନ୍ତୀ ପ୍ରଭା ନାଏକ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଡେପୁଟି କଲେକ୍ଟର ମମତାଜ ମହାରଣା, ସହକାରୀ ଜିଲାପାଳ ତାପସ କୁମାର ମହାନ୍ତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମତଦାନକୁ ଆଉ ୨ ଦିନ: ବଢିଲା ରାଜନୈତିକ ଉଷ୍ମତା

**ନାକଟୀଦେଉଳ, ୨୨।୫(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲାରେ ଆଗାମୀ ୨୫ତାରିଖରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହେବ। ମତଦାନ ଆଉ ମାତ୍ର ଦୁଇଦିନ ବାକି ଥିବା ବେଳେ ବଢୁଛି ରାଜନୈତିକ ଉଷ୍ମତା। ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନ ରେଢାଖୋଲ ବିଧାନ ସଭା ଅଧୀନ ନାକଟୀଦେଉଳ ବ୍ଲକରେ ରାଜନୈତିକ ଦଳଗୁଡିକ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ପ୍ରାର୍ଥୀମାନଙ୍କର ରଙ୍ଗବେରଙ୍ଗର ପୋଷ୍ଟର, ବ୍ୟାନରେ ରାସ୍ତାଘାଟ, କାନ୍ଥ ଛାଇ ହୋଇଯାଇଛି। ଭୋଟରଙ୍କୁ ନିଜ ପଟକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। କେଉଁଠି କାଳେ କିଛି କମି ରହିଗଲା ସେଥିପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଭାଜପାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡ଼ିରୁ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ପରି ହେଭିୱେଟ ନେତା ମଇଦାନରେ ରହିଥିବାରୁ ପ୍ରତିଦ୍ୱନ୍ଦ୍ୱିତା ଅଧିକ ରୋଚକ ସ୍ଥିତି ସୃଷ୍ଟି କରିଛି। ଉଭୟଙ୍କ ପାଇଁ ସେମାନଙ୍କ ଦଳର ଷ୍ଟାର ପ୍ରଚାରକମାନେ ଏହି କ୍ଷେତ୍ରକୁ ନିୟମିତ ଆସି ପ୍ରଚାରରେ ସାମିଲ ହେଉଥିବାରୁ ପ୍ରଚାରରେ କମ୍ପୁଛି ସହରଠାରୁ ଗାଁ। ଅପରପକ୍ଷରେ ରେଢାଖୋଲ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ବିଜେଡ଼ି ପ୍ରାର୍ଥୀ, ଭାଜପାରୁ ଦେବେନ୍ଦ୍ର ମହାପାତ୍ର ଓ କଂଗ୍ରେସରୁ ଆସଫ ଅଲ୍ଲୀ ଖାନ ବିଧାୟକଭାବେ ମଇଦାନରେ ରହି ନିର୍ବାଚନୀ ପ୍ରଚାରକୁ ଅଧିକ ଶାଣିତ କରିଛନ୍ତି। ଭୋଜି ଭାତର ଆସରରେ ଗାଁରୁ ସହର କର୍ମୀମାନଙ୍କୁ ରାଜନୈତିକ ଦଳଗୁଡକ ଆପ୍ୟାୟିତ କରୁଥିବା ଦେଖାଯାଉଛି। ଗୋଟିଏ ଲକ୍ଷ୍ୟ ଯେନତେନ ପ୍ରକାରେଣ ନିର୍ବାଚନୀ ବୈତରଣୀ ପାର ହେବେ। ତେବେ ରେଢାଖୋଲ ବିଧାନ ସଭା ଅଧୀନ ନାକଟୀଦେଉଳ ବ୍ଲକ ଅଞ୍ଚଳର ଭୋଟର ନୀରବତା ଅବଲମ୍ବନ କରିଥିବାରୁ ସେମାନଙ୍କ ହାବଭାବ ଜଣା ପଡୁନାହିଁ।

# ରେଢ଼ାଖୋଲ ଓକିଲ ସଂଘ କର୍ମକର୍ତ୍ତା ସମ୍ବର୍ଦ୍ଧିତ


ରେଢାଖୋଲ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ଉପସ୍ଥିତ ନିଖିଳ ଓଡିଶା ଆଇନଜୀବୀ ସଂଘ କର୍ମକର୍ତ୍ତା।

**ରେଢାଖୋଲ,୨୨।୫(ଅଚ୍ୟୁତାନନ୍ଦ ପୁରୋହିତ)**

**ଓକିଲଙ୍କ ବିବିଧ ସମସ୍ୟା ସମାଧାନ ଉଦ୍ୟମ କରୁଛି ରାଜ୍ୟ ଆଇନଜୀବୀ ସଂଘ**

ସମ୍ବଲପୁର ଜିଲା ରେଢାଖୋଲ ଓକିଲ ସଂଘ ନବନିର୍ବାଚିତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଛି ନିଖିଳ ଓଡ଼ିଶା ଆଇନଜୀବୀ ସଂଘ। ବୁଧବାର ରେଢାଖୋଲ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଭାପତି ଅଭୟ କୁମାର ବୀର ସଭାପତିତ୍ୱ କରିଥିଲେ। ନିଖିଳ ଓଡିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ସଞ୍ଜିତ ପାଣିଗ୍ରାହୀ,ଉପଦେଷ୍ଟା ସୁବାଷଚନ୍ଦ୍ର ମିଶ୍ର, ସମ୍ପାଦକ ମନୋରଞ୍ଜନ ମହାନ୍ତି ଓ ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ରେଢାଖୋଲ ଓକିଲ ସଂଘ ନବ ନିର୍ବାଚିତ ସଦସ୍ୟମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟରେ କାର୍ଯ୍ୟରତ ପ୍ରାୟ ୪୨ ହଜାର ଓକିଲଙ୍କ ବିଭିନ୍ନ ସମସ୍ୟା ନେଇ ସରକାରଙ୍କଠାରେ ଦାବି ଉପସ୍ଥାପନା କରାଯାଇଛି। ନିର୍ବାଚନ ପରେ ସରକାର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଓଡ଼ିଶା ଆଇନଜୀବୀ ସଂଘ ସଭାପତି ସୂଚନା ଦେଇଥିଲେ। ମୁଖ୍ୟତଃ ରାଜ୍ୟର ଓକିଲମାନଙ୍କ ପାଇଁ ମଧୁବାବୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ଦଶଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି, ରାଜ୍ୟରେ ଲୟର୍ସ ଏକାଡେମୀ ପ୍ରତିଷ୍ଠା ଆଦି ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସଂଘ ଆଲୋଚନା କରିଥିବା ନେଇ ସୂଚନା ଦେଇଥିଲେ। ଶେଷରେ ରେଢାଖୋଲ ଓକିଲ ସଂଘ ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ସଭାରେ ପୁଲବାଣୀ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ବରିଷ୍ଠ ଓକିଲ ଗଣେଶ୍ୱର ପ୍ରଧାନ, ଦୟାସାଗର ପ୍ରଧାନ, ଜନ୍ମେଜୟ ସାହୁ, ବିରାମ ପ୍ରଧାନ, ଅନ୍ତର୍ଯ୍ୟାମୀ ସାହୁ, ସୁଜିତ ପ୍ରଧାନ, ବିରଞ୍ଚି ପ୍ରଧାନ, ନୀଳମାଧବ ମହାକୁଡଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କୁଚିଣ୍ଡା,୨୨।୫(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା ମହୁଲପାଲି ଥାନାରେ ଏକ ବଳାତ୍କାର ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମହୁଲପାଲି ଥାନା କୁସୁମୀ ଫାଣ୍ଡି ଚିତ୍ରପୋଷି ଗ୍ରାମର ରାଜେଶ ପାତ୍ର ଓରଫ ଡଡୋ(୨୫)। ପିଡିତା ମହିଳାଙ୍କ ରିପୋର୍ଟ ଆଧାରରେ ପୋଲିସ ଦଫା ୩୭୬, ୫୦୬ରେ ଏକ ମାମଲା (ନଂ.୮୮/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ବେଲପାହାଡ ଥାନା ଜୁନାଡିହିର ଜଣେ ବ୍ୟକ୍ତି ସପରିବାର ମହୁଲପାଲି ଥାନା କୁସୁମୀ କୋଲପତ୍ରା ଗ୍ରାମରେ ଭଡାରେ ରହୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ୫/୬ମାସ ହେବ କୋଲକାତାର ଏକ ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଘରେ ସ୍ତ୍ରୀ ଓ ୪ବର୍ଷର ପୁଅ ରହୁଥିଲେ। ଅଭିଯୁକ୍ତ ରାଜେଶ ଗତ ୭ତାରିଖ ରାତି ୯ଟାରେ ଘରେ ପଶି ମହିଳା ଜଣଙ୍କୁ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ନଚେତ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୁନଶ୍ଚ ଅଭିଯୁକ୍ତ ଜଣକ ୮ ଓ ୧୧ ତାରିଖ ଦୁଇ ଦିନ ଧରି ରାତି ୯ଟାରେ ଜବରଦସ୍ତ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ପୀଡିତା ଏ ସମ୍ପର୍କରେ ସ୍ୱାମୀଙ୍କୁ ଫୋନରେ ଜଣାଇଥିଲେ। ସେ ଘରକୁ ଆସିବା ପରେ ମଙ୍ଗଳବାର ପୀଡ଼ିତା ଥାନାରେ ରିପୋର୍ଟ କରିଥିଲେ।

# ହୋମିଓପ୍ୟାଥି ଡାକ୍ତରଙ୍କୁ ସମ୍ବର୍ଦ୍ଧନା


ଡା.ପ୍ରିୟଦର୍ଶିନୀ କୁସୁମଙ୍କ ସହ ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ସଦସ୍ୟ।

**କୁଚିଣ୍ଡା,୨୨୫(ବିରଞ୍ଚି ଦର୍କା)**

ହୋମିଓପ୍ୟାଥି ମେଡିକାଲ ଅଫିସର ପାଇଁ ହୋଇଥିବା ପରୀକ୍ଷାରେ ସର୍ବ ଓଡିଶା ସ୍ତରରେ ୩୦ତମ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଛନ୍ତି ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସର ଗ୍ରାମର ଡା.ପ୍ରିୟଦର୍ଶିନୀ କୁସୁମ। ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ବୁଧବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ବ୍ୟାଙ୍କ କର୍ମଚାରୀ ଜନ୍ମାଜୟ କୁସୁମ ଓ ସାବିତ୍ରୀ କୁସୁମଙ୍କ ଝିଅ ପ୍ରିୟଦର୍ଶିନୀ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ହୋମିଓପ୍ୟାଥି ମେଡିକାଲ ଅଫିସର ପାଇଁ ହୋଇଥିବା ପରୀକ୍ଷାରେ ସର୍ବ ଓଡିଶା ସ୍ତରରେ ୩୦ତମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ କୁଚିଣ୍ଡା ବ୍ଲକ ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ସଭାପତି ସମ୍ବାରୁ ବୁଡା, ସମ୍ପାଦକ ଲିଙ୍ଗରାଜ ବାଘ, ସହସମ୍ପାଦକ ତ୍ରିନାଥ ଲୁହା, କୋଷାଧ୍ୟକ ଟଙ୍କଧର ପାତ୍ର, ଭୀଷ୍ମଦେବ ମହାନନ୍ଦ, କମଳ ଲୋଚନ ସିଂ, ଟଙ୍କଧର ବାଘ ଏବଂ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ପ୍ରମୁଖ ଡା.କୁସୁମଙ୍କ ଟାଇଁସରସ୍ଥିତ ବାସଭବନକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିବାସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

# ନିର୍ବାଚନ ଦାୟିତ୍ୱ ଦକ୍ଷତାର ସହ ପରିଚାଳନା କର

**ଦେବଗଡ଼,୨୨।୫(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଆସନ୍ତା ମେ ୨୫ ତାରିଖରେ ମତଦାନ ହେବ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲାରେ ୩୩୮ବୁଥ ମଧ୍ୟରୁ ସଖୀ ବୁଥ ୪୦ଟି, ସିସି କ୍ୟାମେରା ବୁଥ ୨୦୩, ଏଥିରେ ନିୟୋଜିତ ଥିବା ପ୍ରିଜାଡିଂ ଓ ପୋଲିଂ ଅଧିକାରୀ ୨୨୫୬ ଜଣ, ଅଣୁ ପର୍ଯ୍ୟବେକ୍ଷକ ୭୧ଜଣ ଓ ସେକ୍ଟର ଅଫିସର ୪୧ଜଣ କିପରି ଶାନ୍ତିଶୃଙ୍ଖଳା ସହ ଅବାଧ ମୁକ୍ତ ନିର୍ବାଚନ ହେବ ସେଥିପାଇଁ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ବିଭିନ୍ନ ବୁଥରେ ନିଯୁକ୍ତ ଥିବା ପ୍ରିଜାଡିଂ ଓ ପୋଲିଂ ଅଧିକାରୀ ପଲିଟେକନିକଠାରେ ଇଭିଏମ ସେଣ୍ଟରରୁ ସୁରୁଖୁରୁରେ ନେବା ସହିତ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ମମତାଜ ମହାରଣା, ସହକାରୀ ଜିଲାପାଳ ତାପସ କୁମାର ମହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ନିର୍ବାଚନୀ ସମ୍ପର୍କରେ ଆଲୋଚନା କରାଯାଉଛି।

## ମନ ବଳାଇଛନ୍ତି ଶ୍ରଦ୍ଧା

ଶ୍ରଦ୍ଧା କପୁର ଏଣିକି ଅଧିକ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଶ୍ରଦ୍ଧା କୁହନ୍ତି, 'କୋଭିଡ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଥିଲି। ଅସଲ କଥା ହେଲା, ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଶ୍ରଦ୍ଧାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ। ବିଶିଷ୍ଟ ଖଳନାୟକ ଶକ୍ତି କପୁରଙ୍କ କନ୍ୟା ଶ୍ରଦ୍ଧାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ତିନ୍ ପତି'ରୁ। ସେ ଅଭିନୟ କରିଥିବା 'ସ୍ତ୍ରୀ-୨' ଚଳିତ ବର୍ଷ ଅଗଷ୍ଟ ୩୦ରେ ରିଲିଜ ହେବ।


ଶ୍ରଦ୍ଧା


ଦିଶା

## ଟିପ୍ସ ବାଣ୍ଟିବାରେ ବ୍ୟସ୍ତ

ଦିଶା ପଟାନିଙ୍କୁ ଏବେ ଶୁଟିଂରୁ ସାମୟିକ ବ୍ରେକ୍ ମିଳିଛି। ତେଣୁ ଘରେ ବସି କ'ଣ ବା କରିବେ। କିଛି ସମୟ ସେ ଶପିଂ ପାଇଁ ଦେଉଛନ୍ତି। ଏହାବ୍ୟତୀତ ଏହି ସମୟରେ ତାଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କଥା କ'ଣ କି ନିକଟରେ ତାଙ୍କର କେତେ ଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ସେ। ଏ ନେଇ ଦିଶା କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।' ଦିଶାଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ଯୋଦ୍ଧା', ଚଳିତ ବର୍ଷ ମାର୍ଚ୍ଚରେ ରିଲିଜ ହୋଇଥିଲା। ବକ୍ସ ଅଫିସରେ ଚିତ୍ରଟି ଭଲ ବିଜନେସ କରିବାରେ ସକ୍ଷମ ହୋଇଥିଲା।

## ଅପେକ୍ଷାର ଫଳ ମିଠା

ସମ୍ବିତ ଆଚାର୍ଯ୍ୟ ଇତିମଧ୍ୟରେ ଅନେକ ସିନେମାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛନ୍ତି। ହେଲେ ଏଥର ଓଲିଉଡ୍ ଦର୍ଶକ ତାଙ୍କୁ ନୂଆ ଅବତାରରେ ଦେଖିବାକୁ ପାଇବେ। ହଁ, ଫିଲ୍ମଟି ହେଲା 'ହେ ରାମ୍ : କର୍ମ ହିଁ ଭଗବାନ୍'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଓଡ଼ିଆ ସିନେମା ଜଗତର ଅନ୍ୟତମ ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହି ଚିତ୍ର ବିଷୟରେ ସମ୍ବିତ କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ବେଶ୍ ଭାବପ୍ରବଣ ହୋଇଯାଇଥିଲି। ଯାହା ହେଉ ବିଜୟ ସାର୍ ଫିଲ୍ମଟିର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଛନ୍ତି। ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡ୍ଡୁ,ଜଗନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।

## ଆଉ ଜଣେ ନବାଗତା


ଅନୀଷା

ଓଡ଼ିଆ ସିନେମାରେ ନବାଗତମାନେ ନିଜର ଭାଗ୍ୟ ପରୀକ୍ଷା କରିବା କିଛି ନୂଆ କଥା ନୁହେଁ। କାହିଁ କେବେଠାରୁ ଏହି ଧାରା ଚାଲିଆସିଛି। ନିକଟରେ ଏହି ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିଛନ୍ତି। ସେ ହେଲେ ଅନୀଷା। ମଡେଲିଂ ବ୍ୟତୀତ ଅଭିନୟରେ ତାଙ୍କର ରୁଚି ରହିଛି। ଆଉ ତାଙ୍କୁ ବଡ଼ ପରଦାରେ ବ୍ରେକ୍ ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ସଚ୍ଚିକାନ୍ତ ଜେନା। ମୁନ୍ ଟିଭି ମୁଭିଜ ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ସିନେମା 'ସଲାମ ଭୁବନେଶ୍ୱର'ରେ ତାଙ୍କୁ ନାୟିକା ଭାବରେ ଦେଖିବାକୁ ମିଳିବ। ଆଉ ଏଭଳି ଏକ ସୁଯୋଗ ପାଇ ବେଶ୍ ଖୁସି ଅଛନ୍ତି ସେ। କେବଳ ସେତିକି ନୁହେଁ, ପ୍ରଥମ ସିନେମା ତାଙ୍କ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଦୃଢ଼ ଆଶା ମଧ୍ୟ ରଖିଛନ୍ତି। ଏହି ଫିଲ୍ମର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ଉକ୍ତ ସିନେମାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସୁଧାକର ବସନ୍ତ। ମନୋରଞ୍ଜନ ରାଉଳ ସଂଳାପ ରଚନା କରିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଖାସ୍ କଥା ହେଲା ଏହାର ନାୟକ ସାଜିଥିବା ରାଜବୀର ଦେଓଙ୍କୁ ପୁଣି ଥରେ ଦର୍ଶକ ଏକ ଜବରଦସ୍ତ ଆକ୍ସନ ରୋଲ୍‌ରେ ଦେଖିବାକୁ ପାଇବେ। ଫିଲ୍ମଟିରେ ଅନ୍ୟାନ୍ୟ ଭୂମିକାରେ ବବି ମିଶ୍ର, ସ୍ୱିଟି, ସ୍ୱର୍ଗତ ପିଣ୍ଟୁ ନନ୍ଦ, କେକେ, ପ୍ରଜ୍ଞା, ଶଙ୍କର, ରବି ମଶ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳିତ ବର୍ଷ ଜୁନ୍ ପ୍ରଥମ ସପ୍ତାହରେ ଚିତ୍ରଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଚାର-ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେହୁରା।

## କେତେବେଳେ ପ୍ରେମିକା, କେତେବେଳେ ମା'

ବଡ଼ ପରଦାରେ ଅନେକ କଳାକାରଙ୍କୁ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଥାଏ। ଏକଦା ଜଣଙ୍କର ନାୟିକା ସାଜୁଥିବା ଅଭିନେତ୍ରୀ ପରବର୍ତ୍ତୀ ସମୟରେ ତାଙ୍କର ମା' ଚରିତ୍ରରେ ଦେଖିବାକୁ ମିଳନ୍ତି। ଠିକ୍ ସେହିଭଳି ଘଟଣା ଘଟିଥିଲା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ୱାହିଦା ରହେମାନ୍‌ଙ୍କ ଅଭିନୟ ଜୀବନରେ। ୧୯୭୬ରେ ପରଦା ଉପରକୁ ଆସିଥିଲା 'ଅଦାଲତ'। ଏଥିରେ ଅମିତାଭ ବଚ୍ଚନଙ୍କ ନାୟିକା ସାଜିଥିଲେ ସେ। କିନ୍ତୁ ୧୯୭୮ରେ ଯଶ ଚୋପ୍ରାଙ୍କ ସୁପରହିଟ୍ ଫିଲ୍ମ 'ତ୍ରିଶୂଳ'ରେ ଅମିତାଭଙ୍କ ମା' ଭୂମିକାରେ ଅଭିନୟ କରିଥିଲେ ୱାହିଦା।

## ଛୋଟ ପରଦା

## ସୁନା ଝିଅ

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ସୁନା ଝିଅ' ପ୍ରଶଂସା ସାଉଁଟି ଚାଲିଛି। ଗୀତାଞ୍ଜଳି ମାନସିଂହ ଏବଂ ତାଙ୍କର ତିନି ଝିଅ ପ୍ରିୟା, ପଲ୍ଲଭି ଏବଂ ପୁରଭିଙ୍କୁ ନେଇ ଏହାର କାହାଣୀ ଗତିଶୀଳ। ତେବେ ଝିଅ ପ୍ରିୟାର ଓ ବିଷ୍ଣୁଙ୍କ ବିବାହ ପରବର୍ତ୍ତୀ ଯାତ୍ରାକୁ ନେଇ କାହାଣୀଟି ସଫଳତାର ସହ ଆଗେଇ ଚାଲିଛି। ଦୀର୍ଘ ୨୫ ବର୍ଷର ସଂଘର୍ଷ ପରେ ପ୍ରିୟା ବର୍ତ୍ତମାନ ଜଣେ ଜିଲାପାଳ ହୋଇପାରିଛନ୍ତି, କିନ୍ତୁ ଏହି ଜୀବନ ଯାତ୍ରାରେ ସେ ହରାଇଛନ୍ତି ନିଜ ପିଲାକୁ । ଅନେକ ବାଦ ବିବାଦ ଓ ବିଶୃଙ୍ଖଳା ପରେ ବି ବିଷ୍ଣୁ ଏବଂ ପ୍ରିୟା ଏକାଠି ହୋଇପାରିନାହାନ୍ତି। ଏହାମଧ୍ୟରେ ବଂଶୁ ଆଉ ଅଂଶୁ ମିଶି ସ୍କୁଲ ଯିବା ସହ ସାଙ୍ଗ ହୋଇଯାଇଛନ୍ତି। ସେପଟେ ଦେବରାଜଙ୍କ ମିଛ ମୃତ୍ୟୁର ସତ୍ୟତା ଜାଣିବା ପାଇଁ ପ୍ରିୟା ଯାଇଛନ୍ତି ଏବଂ ଭୁଲ୍‌ରେ ସେ ବିଷ୍ଣୁଙ୍କୁ ଗୁଣ୍ଡା ଭାବି ତାଙ୍କ ଉପରେ ଆକ୍ରମଣ କରିଛନ୍ତି। ଯେଉଥିପାଇଁ ବିଷ୍ଣୁ କୋମାକୁ ପଳେଇଛନ୍ତି । ଆଉ ସେପଟେ ଅଂଶୁ ହେଉଛି ବିଷ୍ଣୁ ଆଉ ପ୍ରିୟାଙ୍କ ଝିଅ ଏବଂ ପ୍ରିୟାଙ୍କ ଜିଲାପାଳ ହେବାର ସତ୍ୟତା ଭବାନୀ ଆଉ ପୂରା ପରିବାରଙ୍କ ସମ୍ମୁଖକୁ ଆସି ସାରିଛି । ବିଷ୍ଣୁ ଓ ପ୍ରିୟାଙ୍କର ପୁଣି ଥରେ ମିଳନ ହେବା ପରେ କାହାଣୀ କିପରି ଭାବରେ ଅଗ୍ରଗତି ହେଉଛି ଆଗାମୀ ଅଧ୍ୟାୟଗୁଡ଼ିକରେ ଦେଖିପାରିବେ ? ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ରବିବାର ସନ୍ଧ୍ୟା ୭.୩୦। "ଓଡ଼ିଆ ମହିଳାମାନଙ୍କର ସଂସ୍କୃତି ଏବଂ ସରଳତାକୁ ପ୍ରତିଫଳିତ କରୁଥିବା ଚରିତ୍ରର ଅସାଧାରଣ କାହାଣୀ, ଜୀ-ସାର୍ଥକ ସଦା ସର୍ବଦା ତା'ର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଓ ଦର୍ଶକଙ୍କୁ ଦେଖାଇ ଆସିଛି । ସେହିପରି ଏହି କାହାଣୀ 'ସୁନା ଝିଅ' ଯେଉଁଥିରେ ବିଷ୍ଣୁଙ୍କ ଓ ସହ ପରିବାରର ସଦସ୍ୟଙ୍କ ଭିତରେ ରାଗରୁଷା, ମାନ ଅଭିମାନ, ଷଡ଼ଯନ୍ତ୍ର ଓ ଭଲପାଇବା ଉପରେ ଆଧାରିତ ଏହି କାହାଣୀ ଆମ ଦର୍ଶକଙ୍କୁ ଏକ ନୂତନ ଅନୁଭବ ଦେଇଛି ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।"


ଧାରାବାହିକ 'ସୁନା ଝିଅରେ ମାନସ-ଅଙ୍କିତା

## ବିକିନି ପାଇଁ ଟେନ୍‌ସନ

ମୃଣାଳ ଠାକୁରଙ୍କ ଟେନ୍‌ସନ ଏବେ ବଢ଼ିଯାଇଛି। ଆଉ ତାହାର କାରଣ କ'ଣ ଜାଣନ୍ତି ? ବିକିନି। ହେଲେ ଏହା ସହ ତାଙ୍କ ଟେନ୍‌ସନର ସଂଯୋଗ କ'ଣ ରହିଛି ଜାଣିବେନି ? କଥା କ'ଣ କି ମୃଣାଳ ଏବେ ମାଇଣ୍ଡ ଫ୍ରେସ୍ କରିବାକୁ ମାଲେସିଆ ଯାଇଛନ୍ତି। ସେଠାରେ ସେ ବୁଲିବା ସହ ବିକିନି ପିନ୍ଧି କିଛି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଯେତେବେଳେ ଏହି କଥା ତାଙ୍କ କାନରେ ପଡ଼ିଲା ସେତେବେଳେ ବା ସେ କେମିତି ଏ ନେଇ ସଫେଇ ନ ଦେଇ ବସିରହିବେ କହୁନାହାନ୍ତି! ଏ ସମ୍ପର୍କରେ ମୃଣାଳ କହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି ଯେ, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଅଧିକ ଆଲୋଚନା ନ ହେଲେ ଭଲ।' ମୃଣାଳଙ୍କ ହାତରେ ଏବେ ତିନୋଟି ନୂଆ ଅଫର ରହିଛି। ଏ ନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଏହାର ଶେଷ କିପରି ହେଉଛି ତାହା ଦେଖିବାକୁ ବାକି ରହିଲା।


ମୃଣାଳ

## ଭୁଲନ୍ତି ନାହିଁ ସାନ୍ୟା

'ଦଙ୍ଗଲ'ରୁ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ହେଲେ ପ୍ରଥମ ସିନେମା ସତେ ଯେମିତି ତାଙ୍କୁ ଏକ ସୁନ୍ଦର ସୁଯୋଗ ଦେବା ପାଇଁ ଅପେକ୍ଷା କରିଥିଲା। ଫିଲ୍ମଟି ସୁପରହିଟ୍ ହେବା ସହ ତା'ପରେ ସେ ଗୋଟିଏ ପରେ ଗୋଟିଏ ଫିଲ୍ମରେ ଆକ୍ଟିଂ କରିଚାଲିଲେ। ହେଲେ ଯେତେବେଳେ ସେ ଶୁଟିଂ ସେଟ୍‌କୁ ଯାଆନ୍ତି ତେବେ ଗୋଟିଏ ଜିନିଷ ସାଙ୍ଗରେ ନେବାକୁ ଆଦୌ ଭୁଲନ୍ତି ନାହିଁ। ତାହା କ'ଣ ଜାଣନ୍ତି ? ଏହି ସମୟରେ ସେ ନିଜର ମେକଅପ କିଟ୍ ସାଥୀରେ ନେଇଥାଆନ୍ତି। ଏ ନେଇ ସାନ୍ୟା କହନ୍ତି, 'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ। ହେଲେ ତାହା ତ ହୋଇପାରିଲା ନାହିଁ। ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ।' ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।


ସାନ୍ୟା

## ଭାରତଙ୍କ ଆଶା

ନବାଗତ ଭାରତ ପୁଷ୍ପରାଗ। ଓଲିଉଡ୍‌ରେ ନିଜର ଡେବ୍ୟୁ ଫିଲ୍ମର ସଫଳତାକୁ ନେଇ ସେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ହଁ, ଫିଲ୍ମଟିର ଟାଇଟଲ ରହିଛି 'ଦର୍ପଣ'। ସେ ଏହାର ନାୟକ ସାଜିବା ସହ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ ଥ୍ରୀଲର ଭରି ରହିଛି। ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ । ଭାରତଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ। ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ। ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ୍ୟ ଅଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ ଚାଲୁ ରହିଛି। ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ। କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ହ୍ୟୁମାନ ସାଗର , ଅନ୍ତରା ଚକ୍ରବର୍ତ୍ତୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ନାଭ୍ୟା । ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ-କମ୍-ନାୟକ ଭାରତ।


ଭାରତ

# ବଲାଙ୍ଗୀର ଲୋକ ସଭାରେ ୭୭.୫୨ ପ୍ରତିଶତ ଭୋଟ

ବଲାଙ୍ଗୀର,୨୨।୫(ବୀରେନ୍ଦ୍ର କୁମାର ଝାଙ୍କର)

**ପ୍ରକାଶ ପାଇଲା ଚୂଡ଼ାନ୍ତ ମତଦାନ ହାର**

■ଲୋଇସିଂହାରେ ୭୬.୬୨%, ପାଟଣାଗଡରେ ୭୩.୪୪%, ବଲାଙ୍ଗୀରରେ ୭୬.୩୩%, ଟିଟିଲାଗଡରେ ୭୯.୪୨% ଏବଂ କଣ୍ଟାବାଞ୍ଜିରେ ୭୩.୪୧ ପ୍ରତିଶତ ଭୋଟ

ସୋମବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ଚୂଡ଼ାନ୍ତ ଭୋଟ ହାର ସମ୍ପର୍କରେ ବୁଧବାର ସୂଚନା ଦିଆଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ମୁତାବକ, ବଲାଙ୍ଗୀର ଲୋକସଭା ଆସନରେ ୭୭.୫୨ ପ୍ରତିଶତ ମତଦାନ ହୋଇଛି। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାକୁ ନେଇ ଗଠିତ ବଲାଙ୍ଗୀର ଲୋକସଭା କ୍ଷେତ୍ରରେ ସମୁଦାୟ ୧୮ ଲକ୍ଷ ୧ ହଜାର ୭ ଶହ ୪୪ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଲକ୍ଷ ୯୬ ହଜାର ୭୧୯ ଭୋଟର ମତଦାନ କରିଥିବା ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲାର ୫ଟି ବିଧାନସଭାରେ ୭୫.୭୧ ପ୍ରତିଶତ ଭୋଟ ହୋଇଛି। ଜିଲାର ୫ଟି ବିଧାନସଭା ଆସନରୁ ଲୋଇସିଂହା ବିଧାନସଭା ଆସନରେ ୭୬.୬୨ ପ୍ରତିଶତ ମତଦାନ ହୋଇଛି। ପାଟଣାଗଡ ବିଧାନସଭା ଆସନରେ ୭୩.୪୪ ପ୍ରତିଶତ, ବଲାଙ୍ଗୀର ବିଧାନସଭା ଆସନରେ ୭୬.୩୩, ଟିଟିଲାଗଡ ଆସନରେ ୭୯.୪୨ ପ୍ରତିଶତ ଏବଂ କଣ୍ଟାବାଞ୍ଜି ଆସନରେ ୭୩.୪୧ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଲୋଇସିଂହାରେ ୨ ଲକ୍ଷ ୪୫ ହଜାର ୪୬୬ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୮ ହଜାର ୮୨ ଜଣ ଭୋଟର ମତଦାନ କରିଛନ୍ତି। ପାଟଣାଗଡ ଆସନରେ ୩ ଲକ୍ଷ ୫ ହଜାର ୮୬୧ ଜଣ ଭୋଟରଙ୍କ ମଧ୍ୟରୁ ୨ ଲକ୍ଷ ୨୪ ହଜାର ୬୨୫ ଜଣ ଭୋଟର ମତଦାନ କରିଛନ୍ତି। ବଲାଙ୍ଗୀର ଆସନରେ ୨ ଲକ୍ଷ ୪୩ ହଜାର ୪୬ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୮୫ ହଜାର ୫୨୧ ଜଣ ଭୋଟର ମତଦାନ କରିଛନ୍ତି। ଟିଟିଲାଗଡ ଆସନରେ ୨ ଲକ୍ଷ ୫୭ ହଜାର ୫୧୭ ଜଣ ଭୋଟରଙ୍କ ମଧ୍ୟରୁ ୨ ଲକ୍ଷ ୪ ହଜାର ୫୩୦ ଜଣ ଭୋଟର ମତଦାନ କରିଛନ୍ତି। କଣ୍ଟାବାଞ୍ଜି ଆସନରେ ୨ ଲକ୍ଷ ୭୮ ହଜାର ୫୫ ଜଣ ଭୋଟରଙ୍କ ମଧ୍ୟରୁ ୨ ଲକ୍ଷ ୪ ହଜାର ୧୨୪ ଜଣ ଭୋଟର ମତଦାନ କରିଥିବା ଜଣାପଡିଛି। ବଲାଙ୍ଗୀର ଜିଲାର ୫ଟି ବିଧାନସଭା ମଧ୍ୟରୁ ଟିଟିଲାଗଡରେ ସର୍ବାଧିକ ୭୯.୪୨ ପ୍ରତିଶତ ମତଦାନ ହୋଇଥିବା ବେଳେ କଣ୍ଟାବାଞ୍ଜି ବିଧାନସଭା ଆସନରେ ସର୍ବନିମ୍ନ ୭୩.୪୧ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଚୂଡ଼ାନ୍ତ ମତଦାନ ରିପୋର୍ଟ ଆସିବା ପରେ ବିଭିନ୍ନ ଦଳ, ପ୍ରାର୍ଥୀ ଏବଂ ସମର୍ଥକମାନେ ପୋଲିଂ ବୁଥ୍ ଅନୁଯାୟୀ କେତେ ଭୋଟ ପାଇଥିବେ ଆକଳନ ଆରମ୍ଭ କରି ଦେଇଛନ୍ତି। ବିଜେଡି ଓ କଂଗ୍ରେସ ମହଲରେ ନିଜ ନିଜ ସମର୍ଥକମାନେ ବିଜୟୀ ହେବେ ବୋଲି ଆକଳନ କରୁଛନ୍ତି। ବିଜୟୀ ହେବା ଆକଳନରେ ଭାଜପା ମଧ୍ୟ ପଛରେ ନାହିଁ। ବଲାଙ୍ଗୀର ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ଷ୍ଟ୍ରଙ୍ଗରୁମ୍‌ରେ ଥିବା ଆଇଟିଆଇ ବଲାଙ୍ଗୀର ବିଧାନସଭା ଏବଂ ଲୋଇସିଂହା ବିଧାନସଭା ଏବଂ ଏହି କ୍ଷେତ୍ରରେ ବଲାଙ୍ଗୀର ଲୋକସଭା ପାଇଁ ବ୍ୟବହୃତ ଇଭିଏମ୍ ରଖାଯାଇଛି। ସେହିପରି ଟିଟିଲାଗଡ ଷ୍ଟ୍ରଙ୍ଗରୁମ୍‌ରେ ଟିଟିଲାଗଡ ଏବଂ କଣ୍ଟାବାଞ୍ଜି ବିଧାନସଭା ଆସନର ଇଭିଏମ୍ ଏବଂ ଲୋକସଭା ପାଇଁ ବ୍ୟବହୃତ ଇଭିଏମ୍ ରଖାଯାଇଛି। ପାଟଣାଗଡ ଷ୍ଟ୍ରଙ୍ଗରୁମ୍‌ରେ ପାଟଣାଗଡ ନିର୍ବାଚନ ମଣ୍ଡଳୀ ଏବଂ ଏହି କ୍ଷେତ୍ରର ଲୋକସଭା ପାଇଁ ବ୍ୟବହୃତ ଇଭିଏମ୍ ରଖାଯାଇଥିବା ଜଣାପଡିଛି। ଆସନ୍ତା ଜୁନ୍ ୪ ତାରିଖରେ ମତଦାନ ଗଣତି ହେବ।

# ବିଭିନ୍ନ ଦଳର ଝଣ୍ଡା, ପତାକା ଖୋଲାଗଲା

ସମ୍ବଲପୁର,୨୨।୫(ପ୍ରମୋଦ ବହିଦାର)



ସହରରେ ଲାଗିଥିବା ରାଜନୈତିକ ଦଳର ଝଣ୍ଡା ଖୋଲାଯାଉଛି।

ସମ୍ବଲପୁରରେ ନିର୍ବାଚନକୁ ଆଉ ଦୁଇଦିନ ଥିବାବେଳେ ଗୁରୁବାର ସନ୍ଧ୍ୟା ୬ଟା ପରେ ନିର୍ବାଚନ ପ୍ରଚାର ବନ୍ଦ ହୋଇଯିବ। ତେବେ ବୁଧବାର ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ଦଳର ଝଣ୍ଡା ଓ ପତାକାକୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଖୋଲାଯାଇଛି। କର୍ମଚାରୀମାନେ ଅଇଁଠାପାଲି, ଧନୁପାଲି, ଭିଏସ୍‌ଏସ୍ ମାର୍ଗର ଡିଭାଇଡର ସହିତ ଅନ୍ୟ ସ୍ଥାନରେ ଲାଗିଥିବା ବିଜେଡି, ଭାଜପା, କଂଗ୍ରେସ ସହିତ ଅନ୍ୟ ରାଜନୈତିକ ଦଳର ଝଣ୍ଡାଗୁଡ଼ିକୁ ଖୋଲି ଏକ ଟ୍ରକ୍‌ରେ ବୋଝେଇ କରିନେଇଥିଲେ।ସହରର ସଫେଇ ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି। ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି।

# ଓଡ଼ିଆ ଅସ୍ମିତା ପାଇଁ ମିଛରେ ଛାଟିପିଟି ହେଉଛି ଭାଜପା

ସମ୍ବଲପୁର,୨୨।୫(ପ୍ରମୋଦ ବହିଦାର)

**ଓଡ଼ିଆ ଅସ୍ମିତାକୁ ନେଇ ଭାଜପାକୁ ବିଜେଡିର ୧୦ଟି ପ୍ରଶ୍ନ**

ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ଦିନଠାରୁ ଓଡ଼ିଶାରେ ଭାଜପା ଓଡିଆ ଅସ୍ମିତା, ଓଡିଆ ସ୍ୱାଭିମାନର ମନ୍ତ୍ରପାଠ କରୁଛି। ସ୍ୱାଭିମାନ ଓ ଅସ୍ମିତାର ମନ୍ତ୍ର ମାରି ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ସହିତ ଯୁଝୁଥିବା ଜନତାଙ୍କ ଅସନ୍ତୋଷରୁ ଅକ୍ଳେଶରେ ବର୍ତ୍ତିଯିବା ନେଇ ଭାଜପା ନେତାଙ୍କ ଧାରଣା। ବାରମ୍ବାର ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ବୋଲି ଗଳାଫଟା ଚିତ୍କାର କରୁଥିବା ଭାଜପା ନେତାଙ୍କୁ ସେହି ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ପ୍ରଶ୍ନବାଣରେ ଘେରିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି। ସେ ଭାଜପା ନେତାମାନଙ୍କୁ ସେ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଏ ସମ୍ପର୍କିତ ୧୦ ଗୋଟି ପ୍ରଶ୍ନ ପଚାରିଛନ୍ତି।

ଭାଜପା ନେତାଙ୍କୁ ଡ. ମହାନ୍ତି ପଚାରିଥିବା ପ୍ରଶ୍ନ ମଧ୍ୟରେ ସମ୍ବଲପୁରରେ ଥାଇ ସୁଦ୍ଧା ଚଳିତବର୍ଷ ଫେବ୍ରୁଆରୀ ୩, ୪ ଓ ୫ ତାରିଖରେ ଅନୁଷ୍ଠିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ କାହିଁକି ଆସିଲେ ନାହିଁ। ଓଡ଼ିଆ ଅସ୍ମିତା କଥା କହୁଥିବା ଭାଜପା ନେତା ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପ୍ରଦାନ ପାଇଁ କିଛି ପଦକ୍ଷେପ ନେଲେନାହିଁ କାହିଁକି। ଦେଶ, ବିଦେଶରେ ଓଡ଼ିଶୀ ସଙ୍ଗୀତକୁ ଗ୍ରହଣ କରାଯାଉଥିବା ବେଳେ ଏହାକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା ଦେବାକୁ କେନ୍ଦ୍ର ସରକାର କାହିଁକି କୁଣ୍ଠାବୋଧ କରୁଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟତା ମାନ୍ୟତା ପାଇବା ପରେ କେନ୍ଦ୍ର ସରକାର ଓଡ଼ିଆ ଭାଷାର ଉନ୍ନତି ପାଇଁ ପାଇଁ କଣ ସବୁ ପଦକ୍ଷେପ ନେଇଛନ୍ତି। ଶାସ୍ତ୍ରୀୟତା ପ୍ରାପ୍ତ ଓଡ଼ିଆ ଭାଷା ପାଇଁ ନିୟମାନୁଯାୟୀ ଅନୁଦାନ ପ୍ରଦାନ କରିଛନ୍ତି କି? ଯଦି ଦେଇଛନ୍ତି ତାହେଲେ କେବେ ଓ କେତେ ଅନୁଦାନ ପ୍ରଦାନ କରିଛନ୍ତି। ଯଦି ସତରେ ଓଡ଼ିଶାରେ ଅସ୍ମିତା ବିପଦରେ ଅଛି ତାହେଲେ ବର୍ତ୍ତମାନ ନିର୍ବାଚନ ସମୟରେ ଏସମ୍ପର୍କରେ ମନେ ପଡ଼ିବା ପଛରେ ରହସ୍ୟ କ'ଣ ଅସ୍ମିତା ପ୍ରୀତି ନା ନିର୍ବାଚନୀ ଏଜେଣ୍ଡା। ବିପଦରେ ଥିବା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଛି। ଅସ୍ମିତା କଥା କହୁଥିବା ଭାଜପା ଓଡ଼ିଶାର ସାଢେ ୪ କୋଟି ଲୋକଙ୍କ ମଧ୍ୟରୁ କାହାକୁ ନପାଇ ବାହାର ରାଜ୍ୟରୁ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭାକୁ ନେବାର କାରଣ କ'ଣ। ସଂସଦରେ ଚାରି ଚାରିଥର ବିଜେଡିର ଏମ୍‌ପିଙ୍କ ପ୍ରସ୍ତାବ ସତ୍ତ୍ୱେ ଭାଜପା ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାପାଇଁ ପ୍ରତ୍ୟାଖାନ କରାଗଲା କାହିଁକି। ସେହିପରି ଓଡ଼ିଶାର କେତୋଟି ଭାଷାକୁ ଛାଡ଼ିଦେଲେ ବଣ୍ଡା, ଭୂୟାଁ, ଭୂମିଜ, ଭୁଞ୍ଜିଆ, ବିଂଝାଲ, ଦେଶୀଆ, ଡିଡାୟୀ, ଗଦବା, ଗୋଣ୍ଡି, ଜୁଆଙ୍ଗ, ହୋ, ଖଡ଼ିଆ, ସଉରା, କିସାନ, କୋୟା, କୁଇ, କୁଭି, ସାଦରୀ, ସାନ୍ତାଳୀ, ଭତରି ଆଦି ରାଜ୍ୟର ଅନ୍ୟାନ୍ୟ ଭାଷାର ରକ୍ଷଣାବେକ୍ଷଣା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ବୋଲି ସେ ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ପ୍ରଶ୍ନ କରିଛନ୍ତି। ଓଡ଼ିଆ ଅସ୍ମିତାକୁ କେବଳ ନିର୍ବାଚନୀ ଏଜେଣ୍ଡା କରି ମିଛ ଭାଷଣ ଦେବା ଅପେକ୍ଷା ଭାଜପା ନେତାଙ୍କ ପାଖରେ ଆଉ ଉପାୟ ନାହିଁ। କାରଣ ଦରଦାମ ବୃଦ୍ଧି, ବେରୋଜଗାରୀ, ନିଯୁକ୍ତି ଭଳି ଦେଶର ପ୍ରମୁଖ ପ୍ରସଙ୍ଗ ଭାଜପା ଘେରି ରଖିଛି। ତେଣୁ ଓଡ଼ିଶାରେ ଓଡିଆ ଅସ୍ମିତା ପାଇଁ ମିଛରେ ଛାଟିପିଟି ହେବା ଛାଡ଼ନ୍ତୁ ବୋଲି ବିଜେଡି ମୁଖପାତ୍ର ଡ. ମହାନ୍ତି ପ୍ରେସ୍ ବିବୃତ୍ତିରେ କହିଛନ୍ତି।

# ୨୬ନଂ. ଜାତୀୟ ରାଜପଥ ପୋଲ କାମରେ ଅନିୟମିତତା ଅଭିଯୋଗ

ଲୋଇସିଂହା,୨୨।୫(ସୁଶାନ୍ତ ବାରିକ)



ନୂତନ ପୋଲର ତଳଭାଗ ସ୍ଲାପ କାମ କରାଯାଉଛି।

ବଲାଙ୍ଗୀର ବରଗଡ଼ ୨୬ ନଂ ଜାତୀୟ ରାଜପଥର ଲୋଇସିଂହା-ବୁର୍ଡା ମଝିରେ ଥିବା ପୁରୁଣା ପୋଲକୁ ଭାଙ୍ଗି ନୂତନ ପୋଲ କାମ ଆରମ୍ଭ ହୋଇଛି। ପୋଲ କାମ ଆରମ୍ଭରୁ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଛି। ବାଲି, ମେଟାଲିଂ କରି ସ୍ଲାପ ପକାଇବା କଥା । କିନ୍ତୁ କ୍ରଶର ଗୁଣ୍ଡ ଉପରେ ପୋଲ ତଳ ଭାଗରେ ସ୍ଲାପ ପକାଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏପରି ଅନିୟମିତତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କାମ ତଦାରଖ କରୁଥିବା ଯୁବକ ଜଣକ କହିଛନ୍ତି, ଏହାକୁ ପ୍ଲେନ ସିମେଣ୍ଟ କଂକ୍ରିଟ କାମ କୁହାଯାଇଥାଏ (ପିସିସି)। ମେଟାଲିଂର ଆବଶ୍ୟକ ନାହିଁ, ଏହା ଉପରେ ରଡ ବନ୍ଧାଯାଇ ପୁଣି ସ୍ଲାପ ପଡିବ ବୋଲି କହିଛନ୍ତି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ବିଗତ ଦୁଇ ବର୍ଷ ହେଲା ୨୬ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଏହି କ୍ରମରେ ଲୋଇସିଂହା -ବୁର୍ଡା ମଝିରେ ଥିବା ସଂକୀର୍ଣ୍ଣ ଉକ୍ତ ପୁରୁଣା ପୋଲକୁ ଭାଙ୍ଗି ପ୍ରଶସ୍ତିକରଣ କାମ ହାତକୁ ନିଆଯାଇଛି। ପୋଲ କାମ ଯୋଗୁ ଅପ୍ରୋଚ ରାସ୍ତା ପାଣି ନାଲା ଉପରେ ଦିଆଯାଇଛି। ପାଣି ନିଷ୍କାସନ ପାଇଁ ଗୋଟିଏ ମାତ୍ର ହୋମ ପାଇପ ପକାଯାଇଛି। ଆସନ୍ତା ୨୫ରେ କାଳବୈଶାଖୀ ଓ ବାତ୍ୟା ଆଶଙ୍କା ରହିଛି। ମୌସୁମୀ ବାୟୁ ଆଣ୍ଡମାନ ନିକୋବର ଛୁଇଁ ସାରିଥିବାରୁ ଆଗକୁ ବଡ଼ ବର୍ଷା ହେଲେ ଲାଇନଜୁରୀ ନାଲା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ବିଚ୍ଛିନ୍ନ ଆଶଙ୍କା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜପଥ ବିଭାଗ ପକ୍ଷରୁ ଉକ୍ତ ପୋଲ କାମ ହେଉଛି। ପୋଲ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ସୂଚନା ଫଳକ ଦିଆଯାଇ ନାହିଁ। ପୋଲ କାମ ଆରମ୍ଭ ଓ ଶେଷ ତାରିଖ କେବେ ସୁଦ୍ଧା ଅଛି ଏବଂ ବ୍ୟୟ ଅଟକଳ କେତେ ସଧାରଣ ଲୋକେ ଜାଣି ପାରୁନାହାନ୍ତି।ଜାତୀୟ ରାଜପଥ ଉପରେ ହେଉଥିବା କାମ ପ୍ରତି ବିଭାଗର ଏପରି ବେପରୁଆ ମନୋଭାବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଉଖି ନାଟ୍ୟଦଳର ସମ୍ବର୍ଦ୍ଧନା



ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୨୨।୫(ବି.ଶଙ୍କର)

ଲୋକପ୍ରିୟ ସମ୍ବଲପୁରୀ ନାଟକ ଉଖି ନାଟ୍ୟ ଦଳ ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଉଖି ନାଟକର କଳାକାର ଡ. ଶ୍ୟାମସୁନ୍ଦର ଧର, ଚିତ୍ରସେନ ମିଶ୍ର, ଉତ୍ତମ ବେହେରା, ବିପିନବିହାରୀ ଦାସ, ଡ. ଦ୍ୱାରିକାନାଥ ନାୟକ ପ୍ରମୁଖ ପଦ୍ମଶ୍ରୀ ବିନୋଦଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟିଥିଲେ । ସୂଚନାଯୋଗ୍ୟ ୧୯୮୧ରେ ସୃଷ୍ଟି ସଂସ୍ଥା ପକ୍ଷରୁ ରାଉରକେଲା କଲଚରାଲ ଏକାଡେମୀ ଆୟୋଜିତ ଲୋକ ନାଟକ ମହୋତ୍ସବରେ ପ୍ରଥମ କରି ବିନୋଦଙ୍କ ରଚିତ ସମ୍ବଲପୁରୀ ନାଟକ ଉଖି ମଞ୍ଚସ୍ଥ ହୋଇ ପୁରସ୍କୃତ ହୋଇଥିଲା । ଏହାପରେ ୧୯୮୨ରେ ସେହି ନାଟକ ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ତିନି ରାତି ଧରି ସଫଳତାର ସହ ମଞ୍ଚସ୍ଥ ହୋଇଥିଲା । ଏହି ନାଟକ ସମ୍ବଲପୁରୀ ନାଟକକୁ ଏକ ଭିନ୍ନ ମୋଡ ଦେଇଥିଲା। ପରବର୍ତ୍ତୀ କାଳରେ ନାଟ୍ୟକାରମାନେ ସମ୍ବଲପୁରୀ ନାଟକ ରଚନା କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ।

# ବିଜୁ ଜନତା ଦଳର ଜନସମ୍ପର୍କ ଯାତ୍ରା



ରେମେଡ ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ଯାତ୍ରା ।

ସମ୍ବଲପୁର,୨୨।୫(ବି.ଶଙ୍କର)

ସମ୍ବଲପୁର ରେମେଡ ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ଯାତ୍ରା ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ମୀରା ପରିଡା, କଣ୍ଠଶିଳ୍ପୀ ତଥା ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇ ଦଳ ପାଇଁ ପ୍ରଚାର କରିଥିଲେ । ସ୍ଥାନୀୟ ରେମେଡ ଛକରୁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ରେମେଡ ଗାଁ ପରିକ୍ରମା କରିଥିଲା। ଘରକୁ ଘର ବୁଲି ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଲୋକେ ସ୍ୱତଃପ୍ରବୃତ୍ତ ଭାବରେ ଯୋଡି ହୋଇଥିଲେ। ବିଶେଷ କରି ମହିଳାମାନେ ଯୋଡିହୋଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା । ଜନସମ୍ପର୍କ ଯାତ୍ରାକୁ ଯୁବ ନେତା ସିଦ୍ଧାର୍ଥ ଶାହା ପରିଚାଳନା କରିଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ-(୦୬୭୪)୨୩୯୩୫୨୪
ଇପିବିଏକ୍ସ (୦୬୭୪) ୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୧୫ — ତା.୧୩.୦୫.୨୦୨୪

**ବିଜ୍ଞାପନ**

No.CAD-131:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ବିଶ୍ୱନାଥ ସାହୁ<br>ପିତା-୰ଭାଗୀରଥି ସାହୁ<br>ଗ୍ରା-ଏଫ୍-୧୩୨,ସେକ୍ଟର-୧୬<br>ପୋ-ରାଉରକେଲା,<br>ଜିଲ୍ଲା-ସୁନ୍ଦରଗଡ଼ | ଘର ନଂ.-ଏଲ.ଆଇ.ଜି ୨-୧୪୮,<br>(LIG-II-148)<br>ଛେଣ୍ଡ, ଫେଜ୍-୨,<br>ରାଉରକେଲା,<br>ଜିଲ୍ଲା-ସୁନ୍ଦରଗଡ଼ | ୧-ଲକ୍ଷ୍ମୀ ସାହୁ (ସ୍ତ୍ରୀ)<br>୨-ସବିତା ସାହୁ (ବି.ଝିଅ)<br>୩-ସଂଯୁକ୍ତା ନକୁଳ ସାହୁ (ବି.ଝିଅ)<br>୪-ସନ୍ତୋଷ କୁମାର ସାହୁ (ବି.ପୁତ୍ର)<br>୫-ସୁଜାତା ସାହୁ (ବି.ଝିଅ)<br>୬-ସୁକାନ୍ତ କୁମାର ସାହୁ (ବି.ପୁତ୍ର) |

ସ୍ୱା./-ପ୍ରଶାସନିକ ଅଧିକାରୀ,
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0111/2425



FORM No.-13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, C.D.A, CUTTACK, ODISHA
O.A. No. 352 OF 2023
State Bank of India, SARB Branch .....Applicant
Versus
Susanta Kumar Mohapatra ....Defendant
To,
Defendant:-
**Susanta Kumar Mohapatra,** aged about 54 years, S/o- Nilamani Mohapatra, Residing At/PO- Gamu, Via: Indupur, Dist.: Kendrapara, Odisha-754214.
**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 352/ 2023** in the Court of the Debts of Recovery Tribunal, Cuttack for recovery of **Rs.24,62,568.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **dt.16.07.2024 at 10.30 a.m.** as to why reliefs prayed for should not be granted.
Take notice that in case of default, the application will be heard and determined in thier absence.
Given under my hand seal of this Tribunal on this **20th day of May, 2024.**
Sd/- (Nikhila Ranjan Pati)
REGISTRAR



**IN THE DEBTS RECOVERY TRIBUNAL: CUTTACK**
C-71, SECTOR-7, CDA, CUTTACK-753014
O.A. No. 455/2023
State Bank of India .... Applicant
Versus
M/s. Hydra Industries & another .... Defendants
1. **M/s. Hydra Industries,** a proprietorship unit at Plot No. 541, PO/ PS: Balianta, Dist.: Khurda-754001, represented by its sole proprietor **Sri Sanjeev Ginodia.**
2. **Sri Sanjeev Ginodia,** aged about 53 yrs., S/o- Om Prakash Ginodia, at Plot No. 541, Bhimpur, PO: Phulnakhara, PS: Balianta, Dist.: Khurda-754001.

SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED
Take notice that the applicant has instituted **OA No. 455/23** in the Debts Recovery Tribunal, Cuttack for recovery of **Rs.23,43,567.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.06.2024 at 10.30 AM** positively as to why the reliefs prayed for should not be granted.
Take notice that in case of your default the original application shall be heard and disposed off exparte in your absence.
Given under hand and seal of this Tribunal on this **1st day of month May of 2024.**
By orders of this Tribunal
Sd/- (Nikhila Ranjan Pati),
Registrar,
Debts Recovery Tribunal



**IN THE DEBTS RECOVERY TRIBUNAL: CUTTACK**
C-71, SECTOR-7, CDA, CUTTACK-753014
O.A. No. 491/2021
State Bank of India .... Applicant
Versus
M/s. Virat Fragrance & Flavours Industries .... Defendants
1. **M/s. Virat Fragrance & Flavours Industries,** at Plot No. 3B/707, Sector-8, PO: Markat Nagar CDA, Dist.: Cuttack-753014, represented by its proprietress **Smt. Sandhya Kamani.**
2. **Smt. Sandhya Kamani,** aged about 32 yrs., W/o- Sri Vishal Kamani at Plot No.: 3B/707, Sector-8, PO: Markat Nagar CDA, Dist.: Cuttack-753014.

SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED
Take notice that the applicant has instituted **OA No. 491/21** in the Debts Recovery Tribunal, Cuttack for recovery of **Rs.40,63,938.00** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **27.06.2024 at 10.30 AM** positively as to why the reliefs prayed for should not be granted.
Take notice that in case of your default the original application shall be heard and disposed off exparte in your absence.
Given under hand and seal of this Tribunal on this **2nd day of month May of 2024.**
By orders of this Tribunal
Sd/- (Nikhila Ranjan Pati),
Registrar,
Debts Recovery Tribunal



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ମୈତ୍ରୀ ବିହାର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ମୈତ୍ରୀ ବିହାର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ମୈତ୍ରୀ ବିହାର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ମଧୁସ୍ମିତା ପ୍ରିୟଦର୍ଶିନୀ ପଣ୍ଡା, ସା: ପ୍ଲଟ୍ ନଂ.: ୨୪, ନିଉ ଏୟାରପୋର୍ଟ ରୋଡ୍, ଭୀମପୁର, ଭୁବନେଶ୍ୱର-୭୫୧୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଭାକର ପଣ୍ଡା, ପିତା: ଗନ୍ଧର୍ବ ପଣ୍ଡା, ସା: ବାଲିସାହି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା-୭୫୪୨୧୫ | ଟ.୨୪,୭୬,୭୭୦/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୪ / ୨୧.୦୫.୨୦୨୪ | ଶ୍ରୀମତୀ ମଧୁସ୍ମିତା ପ୍ରିୟଦର୍ଶିନୀ ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ସି-୨୭, ଖତିଆନ ନଂ.: ୨୪୦/୮୪୯, ଆନନ୍ଦ ନଗର, ଜାଭିୟର ୟୁନିଭରସିଟି ନିକଟ, ନିଜଗଡ କୁରୁକି, ହରିରାଜପୁର, ପିପିଲି, ପୁରୀ, ଜମିର କ୍ଷେତ୍ର: ୧୨୦୦ ବର୍ଗଫୁଟ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୨.୦୫.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.MCSW-CAMC-AJTB-24-25-07
କାର୍ଯ୍ୟର ନାମ: ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ 05 ବର୍ଷ ପାଇଁ ଆକ୍ସେଲ୍ ଜର୍ନାଲ ଟର୍ନିଙ୍ଗ୍ ଏବଂ ବର୍ନିସିଂ ଲେଥ୍ (AJTB Lathe) ଗୁଡ଼ିକର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
ବିଜ୍ଞାପିତ ମୂଲ୍ୟ (₹): 60,77,000/-, EMD (₹): 1,21,500/-, ଶେଷ ହେବା ଅବଧି: 60 ମାସ ।
ବିଡ୍ ଆରମ୍ଭ ହେବା ତାରିଖ: ତା.24.05.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2024ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P),
ରେଳ ଡବା ମରାମତି କାରଖାନା,
ମଞ୍ଚେଶ୍ୱର
PR-143/P/24-25



**ଦ.ପୂ. ରେଳପଥ - ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ୦୭-ଇଏଲ୍-ଡବ୍ଲୁଟି-୨୦୨୪-୨୫।
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଟାଟା ପୋଷ୍ଟ ଅଫିସ ପାଇଁ ମନୋହରପୁର, ରାଜଗାଙ୍ଗପୁର, ବିମଳାଗଡ଼ଠାରେ ଆର୍‌ପିଏଫ୍ ବାରାକ୍ ନିର୍ମାଣ। **ଟେଣ୍ଡର ମୂଲ୍ୟ:** ₹୧୩,୯୪,୦୦୬.୩୧। **ଇଏମ୍‌ଡି:** ₹୨୭,୯୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ ଟଙ୍କାରେ:** ₹ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୧୧।୦୬।୨୦୨୪, ୧୫.୦୦ ଘଟିକାରେ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଆବଶ୍ୟକ । (PR-177)



**ପୂର୍ବ ତଟ ରେଳପଥ**
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2024-25/111, ତା.16.05.2024ରିଖ
କ୍ରମ ସଂ.01, ଟେଣ୍ଡର ନଂ. 02241369, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ବ୍ରେକ୍ ସୁ (Shoe) କମ୍ପ୍ଲିଟ୍, ପରିମାଣ : T.S. ଅନୁସାରେ ।
କ୍ରମ ସଂ.02, ଟେଣ୍ଡର ନଂ. 03243867, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫିକ୍ସ ୱିଣ୍ଡୋ ନିମନ୍ତେ ଗ୍ଲାସ ୟୁନିଟ୍, ପରିମାଣ : 1399 ଗୋଟି ।
କ୍ରମ ସଂ.03, ଟେଣ୍ଡର ନଂ. 02241045, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଏକ୍ସିଲ ବାକ୍ସ ବିୟରିଙ୍ଗ୍ CRU 150, ପରିମାଣ: T.S. ଅନୁସାରେ ।
କ୍ରମ ସଂ.04, ଟେଣ୍ଡର ନଂ. 03241158, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ସ୍ଲାକ୍ ଆଡଜଷ୍ଟର ସହିତ ବ୍ରେକ୍ ସିଲିଣ୍ଡର, ପରିମାଣ : 73 ଗୋଟି ।
କ୍ରମ ସଂ.05, ଟେଣ୍ଡର ନଂ.07241011, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଡେକୋରେଟିଭ୍ ଥର୍ମୋସେଟିଙ୍ଗ୍ ଲାମିନେଟ୍‌ସ ସିଟ୍‌ସ, ପରିମାଣ : 5744 ଗୋଟି ।
କ୍ରମ ସଂ.06, ଟେଣ୍ଡର ନଂ. 04242295, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 25 KVA ଅଣ୍ଡର ସ୍ଲଙ୍ଗ୍ ଇନ୍‌ଭର୍ଟର, ପରିମାଣ : 06 ଗୋଟି ।
କ୍ରମ ସଂ.07, ଟେଣ୍ଡର ନଂ. 06235483B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ନିମନ୍ତେ ରବର ସୋଲ (Sole) ପ୍ଲେଟ୍, ପରିମାଣ: T.S. ଅନୁସାରେ ।
କ୍ରମ ସଂ.08, ଟେଣ୍ଡର ନଂ. 06235447A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: 60 କି.ଗ୍ରା. ନଟ୍ ସହିତ ଫିସ୍ ବୋଲ୍ଟସ, ପରିମାଣ: T.S. ଅନୁସାରେ ।
କ୍ରମ ସଂ.09, ଟେଣ୍ଡର ନଂ. 07241014, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଭିନାଇଲ କୋଟେଡ୍ ଅପ୍‌ହୋଲଷ୍ଟେରୀ (Upholstery) ଫାବ୍ରିକ୍, ପରିମାଣ: 17800 ମିଟର ।
କ୍ରମ ସଂ.10, ଟେଣ୍ଡର ନଂ. 04245009, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫାବ୍ରିକେଟେଡ୍ ଆଣ୍ଡ ଗଲ୍‌ଭାନାଇଜିଡ୍ ଷ୍ଟିଲ୍ ଷ୍ଟ୍ରକ୍‌ଚରର୍ସ, ପରିମାଣ: 25.1 ମିଟର ।
କ୍ରମ ସଂ.11, ଟେଣ୍ଡର ନଂ. 03233906A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଫ୍ଲେକ୍ସ ବଲ କେବୁଲ କମ୍ପ୍ଲିଟ୍ ସେଟ୍, ପରିମାଣ : 62 ସେଟ୍ ।
କ୍ରମ ସଂ.12, ଟେଣ୍ଡର ନଂ. 06245003, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଇଲାଷ୍ଟିକ୍ ରେଲ୍ କ୍ଲିପ୍ ନିମନ୍ତେ ରେଟ୍ କଣ୍ଟ୍ରାକ୍ଟ, ପରିମାଣ : T.S. ଅନୁସାରେ ।
ଟେଣ୍ଡର ଖୋଲାଯିବା ତାରିଖ: ତା.18.06.2024 ରିଖ(କ୍ରମ ସଂ. 1 ପାଇଁ), ତା.05.06.2024 ରିଖ (କ୍ରମ ସଂ. 2 ଏବଂ 5 ପାଇଁ), ତା.24.06.2024 ରିଖ (କ୍ରମ ସଂ.3 ପାଇଁ), ତା. 06.06.2024 ରିଖ (କ୍ରମ ସଂ.4 ଏବଂ 11 ପାଇଁ), ତା.10.06.2024 ରିଖ (କ୍ରମ ସଂ. 6 ଏବଂ 10 ପାଇଁ), ତା.03.06.2024 ରିଖ (କ୍ରମ ସଂ.7 ଏବଂ 8 ପାଇଁ), ତା.27.05.2024 ରିଖ (କ୍ରମ ସଂ.9 ପାଇଁ) ଏବଂ ତା. 12.06.2024 ରିଖ(କ୍ରମ ସଂ.12 ପାଇଁ) ।
ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/
ଭୁବନେଶ୍ୱର
PR-144/P/24-25

# ୧୦ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ କୌଣସି ଉନ୍ନୟନ କାମ କରିନାହାନ୍ତି ଧର୍ମେନ୍ଦ୍ର: ଭୃଗୁ

ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)

ସମ୍ବଲପୁରରେ ଏବେ ସ୍ପଷ୍ଟ ହୋଇଛି ଯେ ଧର୍ମେନ୍ଦ୍ର ପ୍ରଧାନ ନିର୍ବାଚନରେ ପରାଜିତ ହେଉଛନ୍ତି। ଓଡ଼ିଶାରେ ଭାଜପା ଯେତେବେଳେ ବି ନିର୍ବାଚନ ହାରିଯାଉଛି, ସେମାନେ ସରକାରୀ କଳର ଅପବ୍ୟବହାର, ଅର୍ଥବଳ ଆଦି ସମସ୍ତ ପ୍ରକାର ମିଥ୍ୟା ଅଭିଯୋଗ ଆଣିବା ଆରମ୍ଭ କରିଦିଅନ୍ତି ବୋଲି ବିଜେଡିର ବ୍ରହ୍ମପୁର ଲୋକ ସଭା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଭୃଗୁ କହିଛନ୍ତି, ଧର୍ମେନ୍ଦ୍ର ପ୍ରଧାନ ୧୦ ବର୍ଷ ଧରି କେନ୍ଦ୍ରମନ୍ତ୍ରୀ ଅଛନ୍ତି। ହେଲେ ଏ ଅଞ୍ଚଳରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରୁ ନ ଥିବାରୁ ତାଙ୍କ ବିରୋଧରେ ପ୍ରବଳ ଜନମତ ପ୍ରକାଶ ପାଇଛି। ଗତ ୧୦ ବର୍ଷରେ ସମ୍ବଲପୁରରୁ କଟକ ପର୍ଯ୍ୟନ୍ତ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ କାମ ଶେଷ ହୋଇପାରି ନ ଥିବାରୁ ଦୁର୍ଘଟଣାରେ ଶହ ଶହ ମୂଲ୍ୟବାନ୍ ଜୀବନ ଯିବା ସହ ଲୋକେ ମୃତ୍ୟୁମୁଖରେ ପଡ଼ିଛନ୍ତି। ସେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ହୋଇଥିଲେ ବି ଏହି ଅଞ୍ଚଳରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି। କେନ୍ଦ୍ରୀୟ ଦକ୍ଷତା ବିକାଶ ମନ୍ତ୍ରୀ ହୋଇଥିଲେ ମଧ୍ୟ ଗୋଟିଏ ବି ଦକ୍ଷତା ବିକାଶ କେନ୍ଦ୍ର ଖୋଲିପାରି ନାହାନ୍ତି। ମା ସମଲେଶ୍ୱରୀ ମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପକୁ ସେ ବିରୋଧ କରିଥିଲେ ବୋଲି ସମ୍ବଲପୁରବାସୀ ଭଲଭାବେ ଜାଣିଛନ୍ତି। ଛେଣ୍ଡିପଦା ଅଞ୍ଚଳରେ ଏମ୍‌ସିଏଲ୍ ଦ୍ୱାରା କୋଇଲା ଖନନ ଯୋଗୁ ହେଉଥିବା ପ୍ରଦୂଷଣ, ଏମ୍‌ସିଏଲ୍‌ରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ଅଭାବ, ମଧ୍ୟପ୍ରଦେଶ ଓ ବିହାରର ଲୋକଙ୍କୁ ଚାକିରି ମିଳିଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଚାକିରି ମିଳୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠି ସ୍ଥାନୀୟ ଲୋକଙ୍କ ପାଇଁ ବ୍ୟବହୃତ ହେଉନାହିଁ। ଏହା କେଉଁଠି ବ୍ୟବହାର କରାଯାଉଛି ତାହା କେହି ଜାଣନ୍ତି ନାହିଁ। ସେ ଏବେ ଏହି ଅଞ୍ଚଳକୁ ଯାଉଥିବା ବେଳେ ତାଙ୍କ ବିରୋଧରେ ଲୋକଙ୍କ କ୍ରୋଧ ଅନୁଭବ କରିଛନ୍ତି ବୋଲି ଭୃଗୁ କହିଛନ୍ତି।

# ଭାଜପା ବିଧାୟକ, ଏମ୍‌ପିଙ୍କ ଯୋଗୁ ସମସ୍ୟାରେ ସମ୍ବଲପୁରବାସୀ

ସମ୍ବଲପୁର,୨୨।୫(ପ୍ରମୋଦ ବହିଦାର)


ପାନ୍ଥନିବାସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବର୍ଗ।

**ଖବରଦାତା ସମ୍ମିଳନୀରେ ଅଭିଯୋଗ କଲା ବିଜେଡି**

**ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ଯାଇ ଭାଜପା ହୀନ ରାଜନୀତି କରୁଛି**

୨୦୧୯ ସାଧାରଣ ନିର୍ବାଚନରେ ସମ୍ବଲପୁରବାସୀ ଉଭୟ ଲୋକ ସଭା ଓ ବିଧାନସଭାରେ ଭାଜପାକୁ ଆଶୀର୍ବାଦ କରିଥିଲେ। ହେଲେ ସେମାନେ ଲୋକଙ୍କୁ ପ୍ରତାରିତ କରିଛନ୍ତି। ଦୀର୍ଘ ୫ବର୍ଷ ଧରି ଉଭୟଙ୍କ ଅନୁପସ୍ଥିତି ଯୋଗୁ ସମ୍ବଲପୁରବାସୀ ଆଜି ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି। ବୁଧବାର ସ୍ଥାନୀୟ ପାନ୍ଥନିବାସରେ ବିଜେଡି ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହିଭଳି ଅଭିଯୋଗ କରି ଭାଜପାକୁ କାଠଗଡାକୁ ଟାଣିଛି ବିଜେଡି। ବିଜେଡି ବିଧାୟକ ପ୍ରାର୍ଥୀ ଇଂ.ରୋହିତ ପୂଜାରୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରି କହିଛନ୍ତି ଯେ, ଭାଜପା ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ଯାଇ ହୀନ ରାଜନୀତି କରୁଛି। ମିଛ ପ୍ରତିଶ୍ରୁତି ଜରିଆରେ ଜନସାଧାରଣଙ୍କୁ ଭ୍ରମିତ କରୁଛି। ମାତ୍ର ଏକ ନୂତନ ଓ ସମୃଦ୍ଧ ସମ୍ବଲପୁର ଗଢ଼ିବା ବିଜେଡିର ସ୍ୱପ୍ନ। ସମ୍ବଲପୁରରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ, ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଓ ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ସହରର ସମସ୍ତ ଗଳି ଓ ଛକରେ ସିସିଟିଭି ଖଞ୍ଜିବା, ସମ୍ବଲପୁର ସହରର ସ୍ୱଚ୍ଛତା ରକ୍ଷାକୁ ପ୍ରାଥମିକତା ଦିଆଯିବ। ସେହିପରି ସମ୍ବଲପୁର, ହୀରାକୁଦ, ବୁର୍ଲା, ରେଙ୍ଗାଲିକୁ ନେଇ ଏକ ବୃହତ୍ ମହାନଗର ପ୍ରକଳ୍ପ କରାଯିବ। ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ହୀରାକୁଦ ଜଳଭଣ୍ଡାର ବିକାଶ ସହିତ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ନିଯୁକ୍ତି ଦିଆଯିବ, ସମ୍ବଲପୁରରେ ଆଇଟି ପାର୍କ ନିର୍ମାଣ, ସମଲେଶ୍ୱରୀ ପ୍ରକଳ୍ପର ସଫଳତା ମା' ସମଲେଇଙ୍କ ଆଶୀର୍ବାଦ, ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ବୋଲି ଇଂ.ପୂଜାରୀ କହିଥିଲେ।

ସେ ଆହୁରି କହିଥିଲେ ଯେ, ଛତିଶଗଡ଼ ସରକାର ବେଆଇନ ଭାବେ ବ୍ୟାରେଜ ନିର୍ମାଣ କରି ମହାନଦୀ ପାଣିକୁ ଅଟକାଇଛନ୍ତି। ଏନେଇ କେନ୍ଦ୍ର ସରକାର ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଛତିଶଗଡ଼ରେ ବେଆଇନ ଭାବେ ମହାନଦୀ ଉପରେ ନିର୍ମିତ ସମସ୍ତ ବ୍ୟାରେଜ୍ ଭାଙ୍ଗିବାକୁ ପଦକ୍ଷେପ ନିଅନ୍ତୁ ବୋଲି କହି ସେ କେନ୍ଦ୍ର ଭାଜପା ସରକାରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀର ମାନ୍ୟତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ନିବେଦନକୁ କେନ୍ଦ୍ର ସରକାର ଅଣଦେଖା କରି ଆସିଛନ୍ତି। ଦୀର୍ଘଦିନ ଧରି ନିଜ ନିର୍ବାଚନମଣ୍ଡଳୀରେ ଅନୁପସ୍ଥିତ ଥିବା ବିଧାୟକ ଜୟନାରାୟଣ ମିଶ୍ର ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ପୁଣିଥରେ ନିର୍ବାଚନର ଅବତୀର୍ଣ୍ଣ ହେବା ତାଙ୍କ କ୍ଷମତା ଲାଳସାକୁ ପ୍ରମାଣିତ କରୁଛି। ତେବେ ଆସନ୍ତା ଜୁନ ୪ ତାରିଖରେ ସମ୍ବଲପୁରବାସୀ ତାଙ୍କୁ ଫେରସ୍ତ ଦେବେ ବୋଲି ସେ କହିଥିଲେ।

ସ୍ଥାନୀୟ ଜନପ୍ରତିନିଧିଙ୍କ ଅପାରଗତାରୁ କୌଣସି ନିର୍ବାଚନମଣ୍ଡଳୀ ବିକାଶ ପାଇଁ କ୍ଷମତାସୀନ ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ କ'ଣ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ପୂଜାରୀ କହିଥିଲେ ଯେ ସ୍ଥାନୀୟ ଜନପ୍ରତିନିଧି ଜନତାଙ୍କ ସମସ୍ୟା ଉପସ୍ଥାପନ କରିବା ଆବଶ୍ୟକ। ତେବେ ଯାଇ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି କହିଥିଲେ। ସେହିପରି ସମ୍ବଲପୁରରେ ଦୀର୍ଘ ୧୦ ବର୍ଷ ହେଲା ମହାନଗର ନିଗମ ଗଠନ ହୋଇ ନ ଥିବାରୁ ଦାୟିତ୍ୱରେ ଥିବା ଅଧିକାରୀ ଲୋକଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି। ତେଣୁ ମହାନଗର ନିଗମ ନିର୍ବାଚନ ପାଇଁ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯିବ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ଏହି ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଥିବାରୁ ନିର୍ବାଚନ ହୋଇ ପାରୁନାହିଁ।

ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ଖବରଦାତା ସମ୍ମିଳନୀକୁ ସଂଯୋଜନା କରି କହିଛନ୍ତି ଯେ, ଆଇଆଇଏମ୍‌ର ଜମି ନେଇଥିବା ଆଇଟି କମ୍ପାନୀ ନିର୍ଦ୍ଦେଶକ ନିଜେ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ଅଛନ୍ତି। ସେହିଭଳି କେନ୍ଦ୍ରରୁ ସବୁଠୁ ବେଶୀ ଟଙ୍କା ନେଇଥିବା ବିକାଶ ଫାଉଣ୍ଡେଶନର ନିର୍ଦ୍ଦେଶକ ମଧ୍ୟ ମୃଦୁଳା ଠାକୁର ରହିଛନ୍ତି। ଏହା କ'ଣ ପ୍ରମାଣିତ କରୁଛି ବୋଲି କହିଛନ୍ତି ଡ.ମହାନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ସଂଯୋଜକ ସିଦ୍ଧାର୍ଥ ଦାସ, ବିଧାନସଭା କ୍ଷେତ୍ର ସଂଯାଜକ ସଞ୍ଜୟ ବାବୁ ଉପସ୍ଥିତ ଥିଲେ।

# ସମିତି ସଭ୍ୟାଙ୍କ ପରିବାରକୁ ହତ୍ୟା ଧମକ

ଯୋଡ଼ା,୨୨।୫(ମାନସ ମହାନ୍ତି)

**ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଚାପ**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ କାଳିମାଟି ପଞ୍ଚାୟତର ସମିତି ସଭ୍ୟାଙ୍କ ପରିବାରକୁ ହତ୍ୟା ଧମକ ମିଳିଛି। ଏ ନେଇ ସମିତି ସଭ୍ୟା ଅଷ୍ଟମୀ ମୁଣ୍ଡା ବାମେବାରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ସମିତି ସଭ୍ୟାଙ୍କ ସ୍ୱାମୀ ଟିକେଶ୍ୱର୍ ମୁଣ୍ଡାଙ୍କ ମୋବାଇଲ ନମ୍ବରକୁ ସ୍ଥାନୀୟ ଦୁବୁନା ଆମ୍ବତୋଟା ସାହିର କେତେକ ବ୍ୟକ୍ତି କଲ କରି ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ତାଙ୍କର ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କଲେ ଅଷ୍ଟମୀଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବା ସହ ଘର ଜାଳି ଦେବାକୁ ଧମକ ଦେଇଥିଲେ। ଅଷ୍ଟମୀଙ୍କ ପରିବାର ଲୋକେ ଭୟଭୀତ ହୋଇ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ବାରମ୍ବାର ଏହିପରି ଫୋନ୍‌ରେ ଧମକ ମିଳୁଥିବାରୁ ଅଷ୍ଟମୀ ଏଭଳି ଧମକପୂର୍ଣ୍ଣ ବାର୍ତ୍ତାଳାପକୁ ରେକର୍ଡ କରି ପୋଲିସକୁ ଜଣାଇଥିବା କହିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଥିବା କହିଛି।

# ଜେଲରୁ ବାହାରିଲେ ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ

ବ୍ରହ୍ମପୁର,୨୨।୫(ସୁବାସ ଚନ୍ଦ୍ର ପାଢ଼ୀ)



**ହାଇକୋର୍ଟରୁ ମିଳିଲା ଅନ୍ତରୀଣ ଜାମିନ**

ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ବୁଧବାର ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି। ହାଇକୋର୍ଟରୁ ମିଳିଥିବା ଅନ୍ତରୀଣ ଜାମିନ ବଳରେ ବୁଧବାର ସନ୍ଧ୍ୟାରେ ନାରାୟଣଙ୍କ ସମେତ ଚମାଖଣ୍ଡିର ଏନ. ଦିଲୀପ କୁମାର ରେଡ୍ଡୀ ଓ ଲକ୍ଷ୍ମୀପୁରର ଡି. କାମରାଜୁ ବର୍ମା ମଧ୍ୟ ମଣ୍ଡଳ କାରାଗାରରୁ ବାହାରିଛନ୍ତି।

ପ୍ରକାଶ ଯେ, ୨୬ ବର୍ଷ ତଳେ ଛତ୍ରପୁର ସିନ୍ଧିଗାଁଠାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ସେ ସମୟରେ ହୋଇଥିବା ବୋମାମାଡରେ ରିଜର୍ଭ ଇନ୍ସପେକ୍ଟର ବିନୟ ମେହେରଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ବିଚାର କରି ୨୦୨୩ ଜୁଲାଇ ୩୧ ତାରିଖରେ ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍-୩ (ଏମ୍‌ପି ଓ ବିଧାୟକଙ୍କ ମାମଲା ବିଚାର ପାଇଁ ଗଠିତ ଅଦାଲତ) ପୂର୍ବତନ ବିଧାୟକ ନାରାୟଣଙ୍କ ସମେତ ମୋଟ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ପ୍ରତ୍ୟେକ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ନାରାୟଣ, କାମରାଜୁ ଓ ଦିଲୀପଙ୍କ ସମେତ ମୋଟ ୧୩ଜଣ ଦୋଷୀ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ଏହାଭିତରେ ଅତିରିକ୍ତ ଜିଲାଜଜ-୩ଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ନାରାୟଣଙ୍କ ସହ ଅନ୍ୟ ଦୋଷୀମାନେ ନିଜ ଓକିଲଙ୍କ ଜରିଆରେ ହାଇକୋର୍ଟରେ ମୋଟ ୫ଟି ଅପିଲ ଦାଏର କରିଥିଲେ। ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ ଉକ୍ତ ୫ ଆବେଦନର ଏକତ୍ର ଶୁଣାଣି କରିବା ସହ ସମସ୍ତ ଦୋଷୀଙ୍କୁ ୮ ସପ୍ତାହ ପାଇଁ ଗତ ୨୦ ତାରିଖରେ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ବୁଧବାର ନାରାୟଣଙ୍କ ଓକିଲ ଶିଶିର ପାଢୀ ହାଇକୋର୍ଟରୁ ମିଳିଥିବା ଅନ୍ତରୀଣ ଜାମିନ ସମ୍ପର୍କିତ କାଗଜପତ୍ର ଓ ବଣ୍ଡ ଅତିରିକ୍ତ ଜିଲା ଜଜ-୩ ଅଦାଲତରେ ଦାଖଲ କରିଥିଲେ। ସେହିକ୍ରମରେ ପୂର୍ବତନ ବିଧାୟକଙ୍କ ସମେତ ୩ ଜଣ କାରାଗାରରୁ ମୁକୁଳିଛନ୍ତି। ଅନ୍ୟ ଦୋଷୀମାନେ ମଧ୍ୟ ଖୁବ୍‌ଶୀଘ୍ର କାରାଗାରରୁ ବାହାରିବେ ବୋଲି ଶୁଣାଯାଉଛି।

# ନିର୍ବାଚନ ଡ୍ୟୁଟିରେ ନିୟୋଜିତ ସହକାରୀ ଶିକ୍ଷକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ସୁନ୍ଦରଗଡ଼, କୁଆଁରମୁଣ୍ଡା,୨୨।୫ (ଜୟ ନାରାୟଣ ମେଣ୍ଡୁଲି/ମହେନ୍ଦ୍ର ସାହୁ)

**ଜିଲା ପ୍ରଶାସନକୁ ଦାୟୀକଲେ ପରିବାର ଲୋକେ**

ସୁନ୍ଦରଗଡ଼ ଜିଲାରେ ନିର୍ବାଚନ ଡ୍ୟୁଟିରେ ନିୟୋଜିତ ଜଣେ ସହକାରୀ ଶିକ୍ଷକଙ୍କ ରାଉରକେଲା ଜେନେରାଲ ହସ୍ପିଟାଲ (ଆରଜିଏଚ)ରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ହେଲେ ମଙ୍ଗଲୁ ଟପ୍ପୋ(୫୮)। ଜିଲା ମଙ୍ଗଳ ବିଭାଗ ଅଧିକାରୀ ପବିତ୍ର ପ୍ରଧାନଙ୍କ ସୂଚନା ଅନୁସାରେ, ଟପ୍ପୋ କୁଆଁରମୁଣ୍ଡା ଲାଞ୍ଜିବେର୍ଣ୍ଣା ସେବାଶ୍ରମ ସ୍କୁଲର ସହକାରୀ ଶିକ୍ଷକ ଥିଲେ। ଗତ ୨୦ ତାରିଖରେ ହୋଇଥିବା ନିର୍ବାଚନରେ ବଣାଇ ଧରଣୀଧର ହାଇସ୍କୁଲରେ ତାଙ୍କ ଡ୍ୟୁଟି ପଡିଥିଲା। ଇଭିଏମ ଭିଭିପଏଟି ମେସିନ ରିସିଭ କରିସାରିବା ପରେ ହଠାତ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ପ୍ରଥମେ ବଣାଇ ଉପଖଣ୍ଡ ଡାକ୍ତରଖାନା ଓ ପରେ ରାଉରକେଲା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ମଙ୍ଗଲୁଙ୍କ ସ୍ତ୍ରୀ ମାଳତୀଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ଜଣେ ପରାଲିସିସ୍ ରୋଗୀ। ଶରୀର ଅସୁସ୍ଥ ଥିବାରୁ ସେ ଡ୍ୟୁଟି କରିପାରିବେ ନାହିଁ ବୋଲି ୩ ଥର ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପ୍ରକାରେ ତାଙ୍କର ଅନୁରୋଧ ଗ୍ରହଣ କରାଯାଇ ନ ଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ମାଳତୀ କହିଛନ୍ତି।

# ଝଞ୍ଜାବତୀ, ଚୁଆରେ ବୁଡ଼ି ୨ ନାବାଳକ ମୃତ: ୩ ଉଦ୍ଧାର

କୋରାପୁଟ/ନାରାୟଣପାଟଣା/ ଦଶମନ୍ତପୁର,୨୨।୫ (ଅମିତାଭ ବେହେରା/ ରାଜ କିଶୋର ଜେନା/ଅରବିନ୍ଦ ନାୟକ)

କୋରାପୁଟ ଜିଲାରେ ବୁଧବାର ଝଞ୍ଜାବତୀ ନଦୀ ଓ ଚୁଆରେ ବୁଡ଼ି ୨ ବାଳକଙ୍କ ମୃତ୍ୟୁ ଘଟିଛି। ଜିଲାର ନାରାୟଣପାଟଣା ଥାନା ଅନ୍ତର୍ଗତ ବାଲିପେଟା ଗ୍ରାମ ନିକଟରେ ଥିବା ଝଞ୍ଜାବତୀ ନଦୀରେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଦଶମନ୍ତପୁର ବ୍ଲକ୍‌ର ମଇନାମାଳ ଗ୍ରାମରେ ଏକ ଚୁଆରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଝଞ୍ଜାବତୀରୁ ଜଣେ ବାଳକଙ୍କ ମୃତଦେହ ମିଳିଥିବା ବେଳେ ୩ ଜଣ ନାବାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମୃତ ନାବାଳକ ହେଲେ ଶଙ୍କର ଖରା (୧୨)। ତାଙ୍କ ଘର ବନ୍ଧୁଗାଁ ବ୍ଲକ୍‌ର କୁମ୍ଭାରିପୁଟ ଗ୍ରାମରେ। ସେ ଉକ୍ତ ଗ୍ରାମର ପରମାନନ୍ଦ ଖରାଙ୍କ ପୁଅ ବୋଲି ଜଣାପଡିଛି।

ନିଜସମ୍ପର୍କୀୟ ମାମୁଘର ମଙ୍ଗରାଜ ମହାନନ୍ଦିଆଙ୍କ ଘରକୁ ଘଣ୍ଟଯାତ୍ରା ଦେଖିବାକୁ ଆସିଥିବା ଶଙ୍କର ବୁଧବାର ମଧ୍ୟାହ୍ନରେ ଗାଧୋଇବା ପାଇଁ ୪ ଜଣ ସାଙ୍ଗଙ୍କ ସହ ଝଞ୍ଜାବତୀ ନଦୀକୁ ଯାଇଥିଲେ। ଏହି ସମୟରେ ହଠାତ୍ ଶଙ୍କର ଜଳରାଶିର ଗଭୀର ସ୍ଥାନକୁ ଖସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ସେଠାରେ ଥିବା ଅନ୍ୟ ୩ ସାଙ୍ଗ ଉଦ୍ୟମକରି ବିଫଳ ହୋଇଥିଲେ। ସେମାନେ ନିକଟରେ ଥିବା କେତେ ଜଣ ଗ୍ରାମବାସୀଙ୍କୁ ସହାୟତା କରିବାକୁ ନିବେଦନ କରିଥିଲେ। ଗ୍ରାମାବସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ୪ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ନାବାଳକଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏନେଇ ନାରାୟଣପାଟଣା ପୋଲିସ ଓ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ନଦୀରେ ବହୁ ସମୟ ଖୋଜାଖୋଜି କରିବା ପରେ ଶଙ୍କରଙ୍କ ମୃତଦେହ ନଦୀରୁ ମିଳିଥିଲା। ପରେ ବ୍ୟବଚ୍ଛେଦ ପାଇଁ ନାରାୟଣପାଟଣା ମେଡିକାଲକୁ ପଠାଇଥିଲେ। ସେହିପରି ପୂର୍ବରୁ ଉଦ୍ଧାର ହୋଇଥିବା ୩ ନାବାଳକଙ୍କୁ ମଧ୍ୟ ମେଡିକାଲକୁ ନିଆଯାଇ ସେଠାରେ ସେମାନଙ୍କ ଚିକିତ୍ସା ପରେ ସମସ୍ତଙ୍କୁ ବାଲିପେଟାସ୍ଥିତ ନିଜ ଘରକୁ କର୍ମଚାରୀମାନେ ପଠାଇ ଦେଇଥିଲେ। ଏହି ଘଟଣା ବାଲିପେଟା ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି।

ସେହିପରି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପାଇକଫୁଲବେଡ଼ା ପଞ୍ଚାୟତର ମଇନାମାଳ ଗ୍ରାମରେ ବୁଧବାର ଏକ ଅଘଟଣ ଘଟିଛି। ଚୁଆପାଣିରେ ବୁଡ଼ି ଜଣେ ୪ବର୍ଷର ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମର ନକୁଳ କମାରଙ୍କ ପୁଅ ଅମିତ ବୋଲି ଜଣାପଡ଼ିଛି। ଖରା ଯୋଗୁ କେତେଜଣ ସାଙ୍ଗ ପିଲାଙ୍କ ସହ ଅମିତ ଗ୍ରାମ ତଳେ ଥିବା ଏକ ଧାନ ବିଲର ଚୁଆକୁ ଗାଧୋଇବାକୁ ଯାଇଥିଲେ। ଚୁଆରେ ପାଣି ଅଧିକ ଥିବାରୁ ଗାଧୋଉଥିବା ବେଳେ ଅମିତ ବୁଡ଼ିଯାଇଥିଲେ। ସେ ଦୀର୍ଘ ସମୟ ଧରି ବାହାରକୁ ନ ବାହାରିବାରୁ ଅନ୍ୟ ସାଙ୍ଗମାନେ ଦୌଡ଼ି ଯାଇ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକ ଓ ଗ୍ରାମର କେତେଜଣ ଯୁବକ ଚୁଆଠାରେ ପହଞ୍ଚି ପାଣିରେ ଖୋଜାଖୋଜି କରି ମୃତ ଅବସ୍ଥାରେ ଅମିତଙ୍କୁ ବାହାର କରିଥିଲେ। ଏ ନେଇ ସରପଞ୍ଚ ମହେଶ୍ୱର ଗାଦାବାଙ୍କ ଉପସ୍ଥିତିରେ ଅମିତଙ୍କ ବାପା ନକୁଳ ଘଟଣା ସମ୍ପର୍କରେ କୋରାପୁଟ ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ୧୨ ମାଓବାଦୀ ଗିରଫ


ଗିରଫ ମାଓବାଦୀ

ମାଲକାନଗିରି,୨୨।୫ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଡିଆର୍‌ଜି ବାହିନୀ ଓ ୨୦୪, ୨୦୬, ୨୦୮ କୋବ୍ରା ବାହିନୀ ମିଳିତ ଭାବେ ଦୁଲେଡ, ବେଫେଡୋଙ୍ଗ, ରାସାପଲ୍ଲୀ, ପିନାରଂଦା, ଇରାପଲୀ, ମେଟାମୁଡେମ ଓ ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେଶନକରି ୧୦ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେହିପରି ଦାନ୍ତେୱାଡା ଜିଲା ଅରନପୁର ଥାନା ଅଞ୍ଚଳରୁ ୨ ଜଣ ମାଓବାଦୀଙ୍କ ମଧ୍ୟ ଗିରଫ କରାଯାଇଛି।

ଏମାନଙ୍କୁ ଦୁଲେଡ୍ ଗ୍ରାମ ନିକଟ ଜଙ୍ଗଲରୁ ଗିରଫ କରାଯାଇଛି। ଏମାନେ ହେଲେ ୧ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ମାଡବୀ ବୁସ୍କାଙ୍କ ସହ ମାଡବୀ ଜଗା, ପଦାମ ଜୋଗା, ସୋଡି ଗଙ୍ଗା, ମାଡବି ହୁଙ୍ଗା, ସୋଡି ମୁଡା, ମଡକମ ଦେବା, ମଡକମ ହିଂଗା, ବେଟି ହୁଙ୍ଗା ଓ ମଡକମ ନନ୍ଦା। ଏମାନେ ଡିଏକେଏମ୍‌ଏସ୍, ଏର୍ନାପାଲ୍ଲୀ ଆର୍‌ପିସି ମିଲିସିଆ ସଦସ୍ୟ, ବୋଟେଟୋଂଙ୍ଗଡ ଏକେଏମ୍‌ଏସ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତଦନ୍ତ କରିବାରୁ ମାଡବି ଜଗା, ମାଡବି ବୁସ୍କା, ପଦାମ ଜଗା, ସୋଡି ଗଙ୍ଗା, ମାଡବି ହୁଙ୍ଗା ଚନ୍ତାଗୁଫା ଅଞ୍ଚଳରେ ୨୦୨୩ ଡିସେମ୍ବରରେ ମିନପା ଗ୍ରାମକୁ ଯାଉଥିବା ସମୟରେ ଜଣେ ଗ୍ରାମବାସୀଙ୍କୁ ଅପହରଣକରି ହତ୍ୟା କରିଥିବା ରେକର୍ଡ ରହିଛି। ଏମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

ସେହିପରି ଦାନ୍ତେୱାଡା ଜିଲା ଅରନପୁର ଥାନା ଅଞ୍ଚଳ ନିଲାବାୟା, କେଶାପାରା ଓ ପୋଟାଲି ଗ୍ରାମରେ ସିଆର୍‌ପିଏଫ୍ ୧୧୧ ବାହିନୀ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ପୋଟାଲୀ ଗ୍ରାମରୁ ୨ ଜଣ ମାଓବାଦୀଙ୍କୁ ଗିରଫ କରିଛି। ଏହି ୨ଜଣଙ୍କ ମଧ୍ୟରୁ ଜଣେ ହୁଙ୍ଗା ଓରଫ ଗଟମୁ ସୋଡି ଓ ଅନ୍ୟ ଜଣେ ଜଗା କୁଡାମୀ ବୋଲି ଜଣାପଡିଛି। ଏମାନେ ପୋରଦେମ ମିଲିସିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏଥିସହ ଏହି ୨ଜଣଙ୍କ ନିକଟରୁ ଗୋଟିଏ ଟିଫିନ ବୋମା, ଦୁଇଟି ଡିଟୋନେଟର, ତାର ଓ ମାଓବାଦୀ ପୋଷ୍ଟର ଇତ୍ୟାଦି ଜବତ କରାଯାଇଛି। ଏହି ଦୁଇଜଣଙ୍କ ନାମରେ ବିଭିନ୍ନ ଥାନାରେ ଭିନ୍ନ ଭିନ୍ନ ଘଟଣାରେ କେସ୍ ରେକର୍ଡ ହୋଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଭୋଟ ପରେ ଗୁଳି: ଜଣେ ମୃତ, ୨ ଆହତ

ପାଟନା,୨୨।୫

ବିହାରର ଶରନ ଜିଲାରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି। ଭିକାରୀ ଠାକୁର ଛକ ନିକଟ ବଡ଼ା ତେଲ୍‌ପା ଅଞ୍ଚଳରେ ମଙ୍ଗଳବାର ସକାଳେ ଗୁଳିମାଡ଼ରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ସିଟି ପୋଲିସ ଷ୍ଟେଶନ ଇନ୍-ଚାର୍ଜ ଅଶ୍ୱିନୀ ତିୱାରୀଙ୍କୁ ଏକ କମ୍ ଗୁରୁତ୍ୱପୂର୍ଣ୍ଣ ପଦକୁ ବଦଳି କରାଯାଇଛି। ସୋମବାର ଏହି ଅଞ୍ଚଳରେ ଭୋଟ ଗ୍ରହଣ ବେଳେ ଅନିୟମିତତାକୁ ନେଇ ଭାଜପା ଏବଂ ଆର୍‌ଜେଡି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀ ଗୁଳି ଚଳାଇବାରୁ ଅପର ଗୋଷ୍ଠୀର ୩ ଜଣ ଆହତ ହୋଇଥିଲେ।

# ସିଦ୍ଧାର୍ଥ ସ୍ୱାଞ୍ଜ୍ ଆଣ୍ଡ ପାୱାର୍ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୨୨।୫ (ସୂର୍ଯ୍ୟକାନ୍ତ ବେହେରା)

**ଖଣି ଦୁର୍ନୀତି ମାମଲା**

ଖଣି ଦୁର୍ନୀତି ମାମଲାରେ ଭୁବନେଶ୍ୱରସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିଦ୍ଧାର୍ଥ ସ୍ୱାଞ୍ଜ୍ ଆଣ୍ଡ୍ ପାୱାର ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲଙ୍କୁ ଗିରଫ କରିଛି। ପ୍ରାପ୍ତ ଅନୁମତିଠାରୁ ଅଧିକ ଆଇରନ ଓର୍ (ଲୁହାପଥର) ଉତ୍ତୋଳନ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଇଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଆନନ୍ଦଙ୍କୁ ଗତ ୧୮ ତାରିଖରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ଇଡି ୫ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଥିଲା। ତେବେ ବୁଧବାର ତାଙ୍କୁ ଇଡି ପୁଣି କୋର୍ଟରେ ହାଜର କରାଇବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଇଡିର ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାର କାଶିବେଡ଼ା ଖଣିରୁ ସିଦ୍ଧାର୍ଥ ସ୍ୱାଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲ ଓ ଅନ୍ୟମାନେ ଅନୁମତିଠାରୁ ଅଧିକ ଖନନ କରିଥିଲେ। ଅଭିଯୋଗ ଆଧାରରେ ପ୍ରଥମେ ଭିଜିଲାନ୍ସ ପକ୍ଷରୁ କମ୍ପାନୀ ବିରୋଧରେ ମାମଲା ରୁଜୁ କରାଯିବା ସହ ଘଟଣାର ତନାଘନା କରାଯାଇଥିଲା। ପରେ ୨୦୨୩ରେ ଇଡି ପକ୍ଷରୁ ସେମାନଙ୍କ ବିଭିନ୍ନ ଠିକଣାରେ ଚଢାଉ କରାଯାଇଥିଲା। ଏହି ସମୟରେ ୩୫ କୋଟି ଟଙ୍କାର ଲୁହାପଥର ଖନନ କରାଯାଇଥିବା ଓ ଏଥିଯୋଗୁ ରାଜକୋଷକୁ ୨୧ କୋଟି ଟଙ୍କାର କ୍ଷତି ସହିବାକୁ ପଡିଥିବା ତଦନ୍ତବେଳେ ଜଣାପଡିଥିଲା। ଏହା ପରଠାରୁ ଇଡି ପକ୍ଷରୁ ଅଧିକ ତନାଘନା ଜାରି ରହିଥିଲା।

# ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଗଣନା ଆରମ୍ଭ

ଖୁଣ୍ଟୁଣୀ,୨୨।୫(ସଚ୍ଚିଦାନନ୍ଦ ପଣ୍ଡା)

**୧୩ ୟୁନିଟ୍‌ରେ ୨୭ କର୍ମଚାରୀ ସାମିଲ**

ରାଜ୍ୟର ସମସ୍ତ ବନଖଣ୍ଡରେ ବୁଧବାରଠାରୁ ହାତୀ ଗଣନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲା ଆଠଗଡ଼ ବନଖଣ୍ଡ ଖୁଣ୍ଟୁଣୀ ବନାଞ୍ଚଳରେ ସନ୍ଧ୍ୟାରୁ ହାତୀ ଗଣନା କରାଯାଇଛି। ଏହି କାର୍ଯ୍ୟ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନରେ ଥିବା ଖୁଣ୍ଟୁଣୀ, ଗୋବରା, ଓରନ୍ଦା, କୃଷ୍ଣପୁର ଓ ଗୁରୁଡ଼ିଝାଟିଆ ଫରେଷ୍ଟ ସେକ୍ସନର ୧୩ଟି ଫରେଷ୍ଟ ବିଟ୍ ଅଞ୍ଚଳରେ ହାତୀ ଗଣନା କରାଯାଉଛି। ବନାଞ୍ଚଳର ୧୩ଟି ୟୁନିଟ୍‌ରେ ମୋଟ୍ ୪ଜଣ ଫରେଷ୍ଟର, ୧୦ ଗାର୍ଡ ଓ ୧୩ ଆଣ୍ଟି ଡିଫେନ୍ସ ସ୍କ୍ୱାର୍ଡ(ଏଡିଏସ୍) ଷ୍ଟାଫ ଓ ହାତୀ ଟ୍ରାକର ଏହି ଗଣନାରେ ସାମିଲ ହୋଇଥିବା ବନବିଭାଗ ସୂଚନା ଦେଇଛି। ଆସନ୍ତା ଶନିବାର ହାତୀ ଗଣନାର ରିପୋର୍ଟ ପ୍ରକାଶ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ସୀମାକୁ ଲାଗି କପିଳାସ, ଡାଳିଯୋଡ଼ା ଓ ଆଠଗଡ଼ ଫରେଷ୍ଟ ରେଞ୍ଜ ରହିଅଛି।

## ସମ୍ବିତଙ୍କ ବିରୋଧରେ ଇସିଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)**

ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ତାଙ୍କ ପ୍ରଚାର ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ଫଟୋକୁ ବିଜ୍ଞାପନରେ ବ୍ୟବହାର କରିଛନ୍ତି। ଏହା ନିର୍ବାଚନ ଆଚରଣବିଧିକୁ ଉଲ୍ଲଂଘନ କରିଛି ବୋଲି ବିଜେଡି ବୁଧବାର ଅଭିଯୋଗ କରିଛି। ଉକ୍ତ ବିଜ୍ଞାପନ ବାବଦ ୨.୫ କୋଟି ଟଙ୍କା ସମ୍ବିତ ପାତ୍ରଙ୍କ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରିଛି। ଖାଲି ସେତିକି ନୁହେଁ, ପୁରୀରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ’ ବେଳେ ତାରକା ପ୍ରଚାରକ ତାଲିକାରେ ନ ଥିବା ନେତାମାନେ ରାଲିରେ ସାମିଲ ହୋଇଥିଲେ। ତାହା ମଧ୍ୟ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ବିଜେଡି ପକ୍ଷରୁ ଭାରତର ନିର୍ବାଚନ କମିଶନର(ଇସି)ଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାର ନକଲ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ପ୍ରଦାନ କରିଛି ବିଜେଡି ପ୍ରତିନିଧି ଦଳ। ସୂଚନାଯୋଗ୍ୟ, ଗତ ୨୦ତାରିଖରେ ପୁରୀ ବଡ଼ଦାଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ’ ବେଳେ ସମ୍ବିତ ପାତ୍ର ‘ମୋଦିଙ୍କ ଭକ୍ତ ଜଗନ୍ନାଥ’ ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ସବୁଠି ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ସମ୍ବିତ କ୍ଷମା ପ୍ରାର୍ଥନା କରିବା ସହ ତିନିଦିନ ଉପବାସ ରହିବେ ବୋଲି କହିଥିଲେ। ଏଥିସହ ବୁଧବାର ବିଭିନ୍ନ ଖବରକାଗଜରେ ସମ୍ବିତ୍‌ଙ୍କ କ୍ଷମାପ୍ରାର୍ଥନାର ବିଜ୍ଞାପନ ପ୍ରକାଶ ପାଇଥିଲା, ଯେଉଁଥିରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ଥାନ ପାଇଥିଲା।

# ଅତ୍ୟାଧୁନିକ ଚିକିତ୍ସା ସହ ରୋଗୀ ଯତ୍ନକୁ ଗୁରୁତ୍ୱ

**ଭୁବନେଶ୍ୱରସ୍ଥିତ ଆମ୍ରୀ ହସ୍ପିଟାଲକୁ ଦେଶର ଜଣାଶୁଣା ସ୍ୱାସ୍ଥ୍ୟାନୁଷ୍ଠାନ ମଣିପାଲ ହସ୍ପିଟାଲ ନିଜ ଅଧୀନକୁ ନେଇଛି। ଫଳରେ ସାରା ଦେଶରେ କାର୍ଯ୍ୟ କରୁଥିବା ମଣିପାଲ ହସ୍ପିଟାଲ ସଂଖ୍ୟା ୩୩କୁ ବୃଦ୍ଧି ପାଇଛି। ତେବେ ଏହି ହସ୍ପିଟାଲ ଓଡ଼ିଶାବାସୀଙ୍କୁ କିପରି ସ୍ୱାସ୍ଥ୍ୟସେବା ଯୋଗାଇବ ଏବଂ ରୋଗୀଙ୍କ ହୃଦୟ ଜିତିବ ତାହା ଏବେ ବଡ଼ ପ୍ରସଙ୍ଗ ହୋଇଛି। ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ସେବା ସହ ରୋଗୀଙ୍କୁ କିପରି ଅନ୍ୟ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି ସେନେଇ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ରଙ୍କ ସହ ‘ଧରିତ୍ରୀ’ର ଆଳାପ...**

ସାକ୍ଷାତ୍‌କାର: ଅସମାପିକା ସାହୁ



ଡା. ଶକ୍ତିମୟ ମହାପାତ୍ର, ନିର୍ଦ୍ଦେଶକ, ମଣିପୁର ହସ୍ପିଟାଲ ଭୁବନେଶ୍ୱର

**ପ୍ର– ଆମ୍ରୀ ହସ୍ପିଟାଲକୁ ଟେକ୍‌ଓଭର କରିବାର ଉଦ୍ଦେଶ୍ୟ କ’ଣ?**

ଉ– ମଣିପାଲ ହସ୍ପିଟାଲ ଦେଶର ଏକ ବିଶ୍ୱସନୀୟ ହସ୍ପିଟାଲ। ଅତ୍ୟାଧୁନିକ ଚିକିତ୍ସା ପାଇଁ ଓଡ଼ିଶାରୁ ବି ରୋଗୀ ସେଠାକୁ ଯାଆନ୍ତି। ଓଡ଼ିଶା ଲୋକେ କିପରି ସେସବୁ ଚିକିତ୍ସା ସେବା ନିଜ ଅଞ୍ଚଳରେ ପାଇପାରିବେ, ତାହା ଆମର ଉଦ୍ଦେଶ୍ୟ ଥିଲା। ଏଠାରେ ଯଦି ସେସବୁ ଚିକିତ୍ସା ସୁବିଧା ମିଳିପାରିବ, ତେବେ ଓଡ଼ିଶାର ଲୋକେ ହିଁ ବିଶେଷ ଉପକୃତ ହେବେ। ଆମ୍ରୀର ଚେନ୍ ଭଲ ରହିଥିବାରୁ ଏହା ମାଧ୍ୟମରେ ଓଡ଼ିଶାରେ ମଣିପାଲ ହସ୍ପିଟାଲ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ପାରିବ।

**ପ୍ର– ଲୋକେ କାହିଁକି ମଣିପାଲ ହସ୍ପିଟାଲ ଯିବାକୁ ଆଗ୍ରହ କରିବେ?**

ଉ– ଭଲ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇବେ। ଏଥିସହିତ ଆମ କର୍ମଚାରୀ କିପରି ଭଲରେ ରହି ରୋଗୀଙ୍କ ଉତ୍ତମ ଯତ୍ନ ନେଇପାରିବେ, ତାହାକୁ ଆମେ ଗୁରୁତ୍ୱ ଦେଉଛୁ। ନର୍ସମାନେ ରୋଗୀଙ୍କ ସହିତ ନିଜର ହୋଇ କଥାବାର୍ତ୍ତା କରିବା ସହ ସେବା ଯୋଗାଇଦେବେ। ବିଶେଷକରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଯେପରି ଆମ ଚିକିତ୍ସା ସେବାକୁ ନେଇ ସନ୍ତୁଷ୍ଟ ହେବେ, ସେଥିପ୍ରତି ଆମେ ଧ୍ୟାନ ଦେବୁ।

**ପ୍ର– ଭିତ୍ତିଭୂମିର ଆହୁରି ବିକାଶ ପାଇଁ ଯୋଜନା ଅଛି କି?**

ଉ– ଅଙ୍କୋଲୋଜି ବିଭାଗକୁ ତ୍ୱରାନ୍ୱିତ କରାଯିବ। ଆମ୍ରୀରେ ଅଙ୍କୋଲୋଜି ବିଭାଗ ଥିଲା। କିନ୍ତୁ ରେଡିଏଶନ ଅଙ୍କୋଲୋଜି ନ ଥିଲା। ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ମଧ୍ୟ ନ ଥିଲା। ୨୦୨୫ ସୁଦ୍ଧା ଓଡ଼ିଶାର ଲୋକେ ଏହି ସୁବିଧା ମଣିପାଲ ହସ୍ପିଟାଲରେ ପାଇପାରିବେ।

**ପ୍ର– ଓଡ଼ିଶାରେ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ବା ଅଙ୍ଗ ପ୍ରତିରୋପଣକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଛି। ଆମ ଲୋକ ବାହାର ରାଜ୍ୟର ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ଓଡ଼ିଶା ଲୋକ ଅଙ୍ଗଦାନ କଲେ ତାହା ପ୍ରାୟତଃ ବାହାର ରାଜ୍ୟକୁ ଯାଉଛି। ଏପରି କାହିଁକି ହେଉଛି?**

ଉ– ରାଜ୍ୟରେ ଅଙ୍ଗ ପ୍ରତିରୋପଣ ପାଇଁ ଅନୁମତି ମିଳିଛି। ଏଥିପାଇଁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତିର ଆବଶ୍ୟକ। ସେହିଭଳି ପ୍ରଶିକ୍ଷିତ ଡାକ୍ତର ଏବଂ ନର୍ସଙ୍କ ଆବଶ୍ୟକତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ଆମ ହସ୍ପିଟାଲରେ ଉପଲବ୍ଧ କରାଉଛୁ। କିଡ୍‌ନୀ ପ୍ରତିରୋପଣ ପାଇଁ ଆମର ସବୁ ବ୍ୟବସ୍ଥା ରହିଛି। ଏବେ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ବ୍ୟବସ୍ଥା କରାଯାଉଛି, ଯାହାକି ଆସନ୍ତା ମାସରୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ରଖିଛୁ। ଅନ୍ୟ ଅଙ୍ଗ ପ୍ରତିରୋପଣ ପାଇଁ ମଧ୍ୟ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେବୁ। ସେହିପରି ରାଜ୍ୟର ଯେକୌଣସି ହସ୍ପିଟାଲ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟକୁ ଏକ ପ୍ରୋଗ୍ରାମ ଭାବେ ଚଳାଇବା ଦରକାର। ଅଙ୍ଗ ପ୍ରତିରୋପଣ ଲୋକମାନଙ୍କ ପାଇଁ ବ୍ୟୟସାପେକ୍ଷ ହେବା ଦରକାର। ଆମେ ଏଠାରେ ଏହାକୁ ନିୟମିତ କରିପାରିଲେ ତାହାର ଖର୍ଚ୍ଚ ବି କମିଆସିବ। ତେଣୁ ଅଙ୍ଗ ପ୍ରତିରୋପଣ ଲାଗି ଲୋକେ ଆଉ ବାହାରକୁ ଯିବା ପାଇଁ ଚାହିଁବେନି।

# ଆମ୍ରୀକୁ ନେଲା ମଣିପାଲ ହସ୍ପିଟାଲ




ଖବରଦାତା ସମ୍ମିଳନୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଓ ବିଜୟୱାଡ଼ାର କ୍ଲଷ୍ଟର ନିର୍ଦ୍ଦେଶକ ଡା. ସୁଧାକର କାନ୍ତିପୁଡ଼ି, ଚିଫ୍ ପିପୁଲ ଅଫିସର ପାର୍ଥ ଦାସ ଓ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର ସୂଚନା ଦେଉଛନ୍ତି। (**ଫଟୋ:** ବିକାଶ ନାୟକ)

**ଭୁବନେଶ୍ୱର,୨୨।୫(ଅସମାପିକା ସାହୁ)**

ଆମ୍ରୀକୁ ନେଲା ମଣିପାଲ ହସ୍ପିଟାଲ। ଭୁବନେଶ୍ୱରର ୪୦୦ ଶଯ୍ୟାବିଶିଷ୍ଟ ଆମ୍ରୀ ହସ୍ପିଟାଲକୁ ମଣିପାଲ ହସ୍ପିଟାଲ ନିଜ ବ୍ରାଣ୍ଡରେ ଏକୀକରଣ କରିଛି। ବୁଧବାରଠାରୁ ଅର୍ଥାତ୍ ମେ’ ୨୨ରୁ ଏହି ହସ୍ପିଟାଲ ତା’ର ବିଭିନ୍ନ ସେବାଗୁଡ଼ିକୁ ମଣିପାଲ ହସ୍ପିଟାଲର ମାନଦଣ୍ଡ ଅନୁଯାୟୀ ପ୍ରଦାନ କରୁଛି। ଏହା ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବାର ରୂପାନ୍ତରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହେବ ବୋଲି ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

ମଣିପାଲ ହସ୍ପିଟାଲର ଚିଫ୍ ପିପୁଲ ଅଫିସର ପାର୍ଥ ଦାସ କହିଛନ୍ତି, ସମଗ୍ର ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ଯୋଗାଣକୁ ବୃଦ୍ଧି କରିବା ଆମର ଲକ୍ଷ୍ୟ। ଏ ଦିଗରେ ଏହି ଏକୀକରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମ୍ରୀ ହସ୍ପିଟାଲର ସମୃଦ୍ଧ ପରମ୍ପରା ସହିତ ମଣିପାଲ ହସ୍ପିଟାଲର ପାରଦର୍ଶିତାକୁ ମିଶ୍ରଣ କରି ଆମେ ଆମର ରୋଗୀମାନଙ୍କୁ ଉତ୍କୃଷ୍ଟ ଯତ୍ନ ପ୍ରଦାନ କରିବା ସହିତ ଆମ କର୍ମଚାରୀଙ୍କ ମଧ୍ୟରେ ସହଯୋଗ ଏବଂ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପାର୍ଥ କହିଛନ୍ତି। ଭୁବନେଶ୍ୱର ଓ ବିଜୟୱାଡ଼ାର କ୍ଲଷ୍ଟର ନିର୍ଦ୍ଦେଶକ ଡା. ସୁଧାକର କାନ୍ତିପୁଡ଼ି କହିଛନ୍ତି, ମଣିପାଲ ହସ୍ପିଟାଲରେ ଆମ୍ରୀ ୟୁନିଟ୍‌ର ଏକୀକରଣ ପାଇଁ ମୁଁ ଆନନ୍ଦିତ। ଭୁବନେଶ୍ୱରର ସ୍ୱାସ୍ଥ୍ୟସେବା ଉତ୍କର୍ଷତା କ୍ଷେତ୍ରରେ ନୂଆ ଫର୍ଦ୍ଦ ଯୋଡ଼ିହେବ। ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ଏହାଦ୍ୱାରା ଆମ ରୋଗୀମାନେ ଦୂର ଯାତ୍ରା ନ କରି ଏଠାରେ ବିଶ୍ୱସ୍ତରୀୟ ଚିକିତ୍ସା ପାଇପାରିବେ ବୋଲି ଡା. କାନ୍ତିପୁଡ଼ି କହିଛନ୍ତି। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ମଣିପାଲ ହସ୍ପିଟାଲ ସହ ଆମ୍ରୀର ଏକୀକରଣ ଉନ୍ନତମାନର ସ୍ୱାସ୍ଥ୍ୟସେବାର ଉପଲବ୍ଧତାକୁ ବିସ୍ତାର କରିବ। ରୋଗୀମାନେ ଏଠାରେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ ବୋଲି ସେ କହିଥିଲେ।

ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ହସ୍ପିଟାଲ ପକ୍ଷରୁ ମିଡିଆ ପ୍ରିଭିଲେଜ୍‌ଡ କାର୍ଡକୁ ଉନ୍ମୋଚନ କରାଯାଇଥିଲା। ଏହି କାର୍ଡ ଦ୍ୱାରା ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ଟେଷ୍ଟ ଓ ଆଉଟ୍‌ପେସେଣ୍ଟ କନସଲଟେଶନ ପାଇଁ ୨୫% ରିହାତି ହୋଇପାରିବ। ତେବେ ଏଥିପାଇଁ ବିଭିନ୍ନ ସର୍ତ୍ତମୂଳକ ବ୍ୟବସ୍ଥା ରହିଛି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

# ମୋଖବର ଇରାନର ଅନ୍ତରୀଣ ରାଷ୍ଟ୍ରପତି

**ତେହରାନ, ୨୨।୫**

ଇରାନର ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ପରେ ଦେଶର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ମୋଖବରଙ୍କୁ ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ୬୮ ବର୍ଷୀୟ ମୋଖବର ବର୍ତ୍ତମାନ ୩ ସଦସ୍ୟ ବିଶିଷ୍ଟ ପରିଷଦର ନେତୃତ୍ୱ ନେଉଛନ୍ତି। ଏହି ପରିଷଦକୁ ୫୦ ଦିନ ମଧ୍ୟରେ ରାଷ୍ଟ୍ରପତି ନିର୍ବାଚନ ଆୟୋଜନ କରିବା ଦାୟିତ୍ୱ ଦିଆଯାଇଛି। ୧୯୫୫ ସେପ୍ଟେମ୍ବର ୧ରେ ଜନ୍ମିତ ମୋଖବରଙ୍କୁ ସୁପ୍ରିମ ଲିଡର ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଘନିଷ୍ଠ ମନେକରାଯାଏ। ୨୦୨୧ରେ ରଇସିଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରାଯିବା ବେଳେ ମୋଖବର ଉପ ରାଷ୍ଟ୍ରପତି ହୋଇଥିଲେ। ଗତ ଅକ୍ଟୋବରରେ ମୋଖବର ମସ୍କୋକୁ ଗସ୍ତ କରିବାବେଳେ ରୁଷୀୟ ସେନାକୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ଆକ୍ରମଣ କରିପାରୁଥିବା କ୍ଷେପଣାସ୍ତ୍ର ଏବଂ ଅତିରିକ୍ତ ଡ୍ରୋନ ଯୋଗାଣ ପାଇଁ ଚୁକ୍ତିବଦ୍ଧ ହୋଇଥିଲେ। ରଇସିଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନକର ଯୋଗ ଦେଇଛନ୍ତି।

## ଆମେରିକାରେ ଦୁର୍ଘଟଣା, ୩ ଭାରତୀୟ ମୃତ

**ୱାଶିଂଟନ, ୨୨।୫**

ଆମେରିକାର ଜର୍ଜିଆ ପ୍ରଦେଶର ଅଲ୍ଫାରେଟାଠାରେ କାର୍ ଦୁର୍ଘଟଣାରେ ମଙ୍ଗଳବାର ୩ ଜଣ ଭାରତୀୟ-ଆମେରିକୀୟ ଛାତ୍ରଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ ୨ ଭାରତୀୟ ଛାତ୍ର ଗୁରୁତର ଭାବେ ଆହତ ହୋଇଛନ୍ତି। ୫ ଜଣ ଭାରତୀୟ ଛାତ୍ରୀଛାତ୍ର ଥିବା ଏକ କାର୍ ଦ୍ରୁତ ଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ମାଡ଼ ହୋଇଥିଲା। ୨ ଗୁରୁତର ଛାତ୍ରଙ୍କୁ ନର୍ଥ ଫୁଲଟନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାର୍‌ରେ ଥିବା ସମସ୍ତ ଛାତୀଛାତ୍ରଙ୍କ ବୟସ ୧୮ ହୋଇଥିବା ଜର୍ଜିଆ ବିଶ୍ୱବିଦ୍ୟାଳୟ ଓ ଅଲ୍ଫାରେଟା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ପୋଲିସ ସୂଚନା ଦେଇଛି। ୩ ମୃତକଙ୍କ ମଧ୍ୟରୁ ଜଣେ ଛାତ୍ର ଥିବାବେଳେ ୨ ଜଣ ଛାତ୍ରୀ ରହିଛନ୍ତି। ମୃତଛାତ୍ରଙ୍କ ନାମ ଆର୍ଯ୍ୟନ ଜୋଷୀ ଏବଂ ୨ ମୃତ ଛାତ୍ରୀଙ୍କ ନାମ ଶ୍ରୀୟା ଅବସରୱାଲା ଏବଂ ଅନ୍‌ଭି ଶର୍ମା ହୋଇଥିବା ଜଣାପଡ଼ିଛି।

# ରାଜଧାନୀରେ ଚେକିଂ ବେଳେ ୨ କାରରୁ ମିଳିଲା ୬.୫ ଲକ୍ଷ

**ଭୁବନେଶ୍ୱର,୨୨।୫ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରରେ ପୃଥକ୍ ପୃଥକ୍ ସ୍ଥାନରେ ଯାଞ୍ଚବେଳେ ୨ଟି କାରରୁ ପୁଣି ଲକ୍ଷାଧିକ ଟଙ୍କା ଜବତ ହୋଇଛି। ଏସ୍‌ଏସ୍‌ଟି-୫ର ଏକ ଟିମ୍ ନ୍ୟୁ-ଫରେଷ୍ଟ ପାର୍କ ରାସ୍ତାରେ ଯାଞ୍ଚ କରୁଥିବାବେଳେ ଏକ ଚାରିଚକିଆ ଯାନକୁ ସନ୍ଦେହବଶତଃ ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ୫ଲକ୍ଷ ଟଙ୍କା ଜବତ କରାଯାଇଥିଲା। ପଚରାଉଚରା ବେଳେ ସମ୍ପୃକ୍ତ ଗାଡ଼ିର ମାଲିକ ରାଜେନ୍ଦ୍ର କୁମାର ଚମ୍ପତିରାୟ କିମ୍ବା ଡ୍ରାଇଭର ହୃଦାନନ୍ଦ ସିଂହ ଉକ୍ତ ଟଙ୍କା ସମ୍ପର୍କରେ କୌଣସି ସନ୍ତୋଷଜନକ ତଥ୍ୟ ପ୍ରଦାନ ନ କରିପାରିବାରୁ ଉକ୍ତ ଟଙ୍କାକୁ ଟିମ୍ ଜବତ କରିଥିଲା। ସେହିପରି ମଙ୍ଗଳବାର ରାତିରେ ଲକ୍ଷ୍ମୀସାଗର ଥାନା ପୋଲିସ ଝାରପଡ଼ା ଗୋଲେଇ ଛକ ନିକଟରେ ଯାଞ୍ଚ କଲାବେଳେ ଏକ କଳାରଙ୍ଗର ଚାରିଚକିଆ ଯାନକୁ ସନ୍ଦେହ ବଶତଃ ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ ଗାଡ଼ିରେ ୧.୫୦ଲକ୍ଷ ଟଙ୍କା ମିଳିଥିଲା। ପଚରାଉଚରା ବେଳେ ଗାଡ଼ିର ମାଲିକ ରମାକାନ୍ତ ସାହୁ ଉକ୍ତ ଟଙ୍କା ସମ୍ପର୍କରେ କୌଣସି ଠିକ୍ ତଥ୍ୟ ନ ଦେବାରୁ ପୋଲିସ ଟଙ୍କା ଜବତ କରିଥିଲା। ଅପରପକ୍ଷେ ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧାସ୍ଥିତ ଡିଷ୍ଟ୍ରିକ୍ଟ ଗ୍ରିଭାନ୍ସ କମିଟି ନିକଟରୁ ତାଙ୍କୁ ଅନୁମତି ପତ୍ର ଆଣିବାକୁ ହେବ ବୋଲି ଟଙ୍କା ଜବତ ହୋଇଥିବା ମାଲିକଙ୍କୁ କୁହାଯାଇଥିଲା। ସୂଚନାନୁସାରେ ନିର୍ବାଚନକୁ ଦୃଷ୍ଟିରେ ରଖି ଗତ କିଛି ଦିନ ହେବ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ସହରାଞ୍ଚଳ ମଧ୍ୟରେ କଡ଼ାକଡ଼ି ଯାଞ୍ଚ କରାଯାଉଛି।




କଟକ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ନିକଟରୁ ବାହାରିଥିବା ମତଦାତା ସଚେତନତା ଶୋଭାଯାତ୍ରା।

## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଯା’ଘରେ ନାହିଁ ବୁଢ଼ୀ, ତା’ଘର ଯାଏ ବୁଡ଼ି।**

ବୃଦ୍ଧା ବା ବୟସ୍କା ବ୍ୟକ୍ତି ହିଁ ଘରର ଅସଲ ଜଗୁଆଳି ତଥା ଅସଲ ମୁରବି ହୋଇଥାନ୍ତି। ଅଭିଜ୍ଞତା ବଳରେ ଘରସଂସାରକୁ ଠିକ୍ ଭାବେ ଚଳାଇ ନେବାରେ ନିପୁଣା ବା ସିଦ୍ଧହସ୍ତା ହୋଇଥାନ୍ତି। ତାଙ୍କ ବିନା ଘରର ସଂସ୍କୃତି ନାହିଁ କି ମର୍ଯ୍ୟାଦା ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯବଧାନ;**

**ଆଗ ଭାରିଯାକୁ ଛାଡ଼ପତର ପଛ ଭାରିଯାକୁ ଅବଧାନ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**




ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ୨୯ରେ ଆସିବେ ...

ସୂତ୍ରରୁ ଜଣାପଡିଛି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଆସନ୍ତା ୨୫ରେ ବାଲେଶ୍ୱର ଠାରେ ପ୍ରଚାର କରିବା ଲାଗି ଆସିପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଗୁରୁବାର ପୂର୍ବାହ୍ନ ୧୧ଟାରେ କରଞ୍ଜିଆ, ମଧ୍ୟାହ୍ନ ୧୨ଟା ୩୦ରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ, ଅପରାହ୍ନ ୨ଟାରେ ବଡ଼ଚଣା ଏବଂ ଅପରାହ୍ନ ୪ଟା ୪୫ରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଏରସମାଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ବାଚନୀ ପ୍ରଚାର ପାଇଁ ଗୁରୁବାର ଓଡ଼ିଶା ଆସିବେ। ଯୋଗୀ ଆଦିତ୍ୟନାଥ ପୂର୍ବାହ୍ନ ୧୦ଟା ୧୫ରେ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁରଠାରେ ଏବଂ ପୂର୍ବାହ୍ନ ୧୧ଟା ୩୦ରେ ମାହାଙ୍ଗା ନିର୍ବାଚନମଣ୍ଡଳୀର କୁଳିଆ ମାର୍କେଟ ପଡ଼ିଆରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସକାଳ ୮ଟା ୩୦ରେ ସମ୍ବଲପୁର ଗସ୍ତକରି ପ୍ରଥମେ ମାଁ ସମଲେଶ୍ୱରୀଙ୍କ ଦର୍ଶନକରି ଆଶୀର୍ବାଦ ଗ୍ରହଣ କରିବେ। ଏହାପରେ ସକାଳ ୯ଟା ୧୫ରେ ସମ୍ବଲପୁରଠାରେ ଥିବା ଲକ୍ଷ୍ମୀନାଥ ବେଜବରୁଆଙ୍କ ଜନ୍ମସ୍ଥାନକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ। ହିମନ୍ତ ବିଶ୍ୱଶର୍ମା ଦେବଗଡ଼ଠାରେ ପୂର୍ବାହ୍ନ ୧୦ଟା ୩୦ରେ ‘ରୋଡ୍ ଶୋ’ରେ ଯୋଗଦେବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ରହିବେ। ବିଶ୍ୱଶର୍ମା ମଧ୍ୟାହ୍ନ ୧ଟା ୩୦ରେ ଚମ୍ପୁଆ ନିର୍ବାଚନମଣ୍ଡଳୀର ବଡ଼ବିଲ, ଅପରାହ୍ନ ୩ଟାରେ ଚୌଦ୍ୱାର ଏବଂ ଅପରାହ୍ନ ୪ଟାରେ ବଡମ୍ବା ଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି ଧର୍ମେନ୍ଦ୍ର ପ୍ରଧାନ ପୂର୍ବାହ୍ନ ୧୦ଟା ୩୦ରେ ଦେବଗଡ଼ଠାରେ ଅନୁଷ୍ଠିତ ରୋଡ୍ ଶୋ’ରେ ବିଶ୍ୱଶର୍ମାଙ୍କ ସହ ଯୋଗଦେବେ। ଏହାପରେ ଧର୍ମେନ୍ଦ୍ର ମଧ୍ୟାହ୍ନ ୧ଟାରେ ରେଙ୍ଗାଲିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

- **ଆଜି ଆସୁଛନ୍ତି ଯୋଗୀ ଆଦିତ୍ୟନାଥ, ହିମନ୍ତ ବିଶ୍ୱଶର୍ମା**
- **୨୫ରେ ବାଲେଶ୍ୱରକୁ ପ୍ରଚାର ପାଇଁ ଆସିପାରନ୍ତି ସ୍ମୃତି ଇରାନୀ, ରାହୁଲ ଗାନ୍ଧୀ**

## ମତଦାନ ତଥ୍ୟ ...

ଚିନ୍ତାରେ ପକାଇଦେଇଛି। ସାମାଜିକ ଗଣମାଧ୍ୟମ ଏକ୍ସ’ରେ ଖେରା ଉଲ୍ଲେଖ କରିଛନ୍ତି, ଇସି ଚୂଡ଼ାନ୍ତ ତଥ୍ୟ ପ୍ରକାଶ ପାଇଁ ୧୦ରୁ ୧୧ ଦିନ ସମୟ ନେବା ପରେ ମଧ୍ୟ ଠିକ୍ କଥା କହୁନାହାନ୍ତି। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)କୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ନ ମିଳିବା ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ସେହିପରି ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ୧.୦୭ କୋଟି ଭୋଟ ବ୍ୟବଧାନକୁ ଦେଖିଲେ ପ୍ରତି ଲୋକ ସଭା ଆସନରେ ଏହା ୨୮,୦୦୦ ବୃଦ୍ଧି ପାଇବ। ଭାଜପା ଯେଉଁ ରାଜ୍ୟଗୁଡ଼ିକରେ ଶୋଚନୀୟ ପରାଜୟର ମୁହଁ ଦେଖିବା ଭଳି ମନେହେଉଛି, ସେହି ରାଜ୍ୟଗୁଡ଼ିକରେ ତାଳମେଳରେ ସର୍ବାଧିକ ତାରତମ୍ୟ ରହୁଛି। କ’ଣ ଚାଲିଛି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ତେବେ କେବଳ କଂଗ୍ରେସ ନୁହେଁ, ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ନିର୍ବାଚନ ଦିନର ଏବଂ ପରବର୍ତ୍ତୀ ସମୟରେ ପ୍ରକାଶିତ ସଂଶୋଧିତ ମତଦାନ ହାରକୁ ନେଇ ଇସିଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଲୋକ ସଭା ନିର୍ବାଚନର ଫଳାଫଳ ଜୁନ୍ ୪ରେ ଆସିବାକୁ ଥିବାବେଳେ ଏଭଳି ତାରତମ୍ୟକୁ ନେଇ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନର ମତଦାନ ହାର ଏଭଳି ଭାବେ ୬% ବୃଦ୍ଧି ପାଇଥିବା ଦର୍ଶାଇ ପ୍ରକୃତ ଭୋଟିଂ ହାର ଘୋଷଣା କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଏଡିଆର୍ ନିଜ ପିଟିଶନରେ ନିବେଦନ କରିଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଗତ ୧୭ ତାରିଖରେ ଏହାର ଶୁଣାଣି ବେଳେ ଇସିଙ୍କୁ ଏହା ଉପରେ ସପ୍ତାହେ ମଧ୍ୟରେ ଜବାବ ମାଗିଛନ୍ତି। ଆସନ୍ତା ୨୪ରେ ସର୍ବୋଚ୍ଚ ଅଦାଲତ ଏହି ପ୍ରସଙ୍ଗରେ ପୁଣି ବିଚାର କରିବେ।

## ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ...

କି ବୋଲି ପଚାରିଥିଲେ। ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ। ବିଏସ୍‌କେୱାଇ କାର୍ଡ ସମସ୍ତଙ୍କୁ ମିଳିବ। ଆପଣମାନେ ଖୁସି ତ ବୋଲି ପଚାରିଥିଲେ। ଶଙ୍ଖ ଚିହ୍ନ ଭଲ କି ବୋଲି ପଚାରିଥିଲେ। ନବୀନ ପଟ୍ଟନାୟକ ଭଲ କି ବୋଲି ପଚାରିଥିଲେ। ଏଥିସହ ବିଜେଡିର ଏମ୍‌ପି ଓ ଏମ୍‌ଏଲ୍‌ଏ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ସେ ଅନୁରୋଧ କରିଥିଲେ। ‘ଜୟ ଜଗନ୍ନାଥ’ ବୋଲି କହି ଗୋଟିଏ ସ୍ଥାନରେ ତାଙ୍କ ପ୍ରଚାର କରିବା ପରେ ଆଗକୁ ଯାଇଥିଲେ। ଏହାସହ କେତେକ ସ୍ଥାନରେ ଗାଡ଼ିରୁ ଓହ୍ଲାଇ ଲୋକଙ୍କ ପାଖକୁ ମଧ୍ୟ ଯାଇଥିଲେ।

ମୁଖ୍ୟମନ୍ତ୍ରୀ ସେଠାରୁ ସାଲିଆସାହି ପେଟ୍ରୋଲ ପମ୍ପ ଦେଇ ଜୟଦେବ ବିହାରସ୍ଥିତ ବିଜୁ ପଟ୍ଟନାୟକ କଲେଜ ଦେଇ ଜାଭିୟର କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ। ସବୁ ଛକରେ ପ୍ରବଳ ଜନସମାଗମ ମଧ୍ୟ ଦେଖିବାକୁ ମିଳିଥିଲା। ଏହାପରେ ସେଠାରୁ ବିଡିଏ ସାଇ ମନ୍ଦିର ଛକଠାରୁ ଆରମ୍ଭକରି ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟ ସ୍ଥାନରେ ମଧ୍ୟ ପ୍ରଚାର କରିବା ଅବସରରେ ସେ ପୂର୍ବରୁ ଦେଇଥିବା ଭାଷଣକୁ ପୁଣି ଥରେ ଦୋହରାଇଥିଲେ। ଏହାପରେ ଜୟଦେବ ବିହାର ଦେଇ ରସୁଲଗଡ଼ ଛକରେ ମଧ୍ୟ ପ୍ରଚାର କରିଥିଲେ। ସବୁ ଛକରେ ଆଦିବାସୀ ପରମ୍ପରାର ନାଚ, ଗୀତ ମଧ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ଲାଗି ଆସିଥିବା ବିଜେଡି କର୍ମୀ ଏବଂ ସାଧାରଣ ଲୋକଙ୍କୁ ପଚାରିବାରୁ କେତେଜଣ କହିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଛନ୍ତି। ତାଙ୍କୁ ଦେଖିବା ଲାଗି ଅପେକ୍ଷା କରିଛନ୍ତି। ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା କରିଥିବା ବେଳେ ସେଥିରୁ ବହୁ ସୁବିଧା ସେମାନେ ପାଇଛନ୍ତି। ଆଗକୁ ବିଜେଡି ଦେଇଥିବା ବିଜୁଳି ବିଲ୍ ଛାଡ଼ ଏବଂ ବିଏସ୍‌କେୱାଇ ଯୋଜନାରେ ସମସ୍ତଙ୍କୁ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଉ କେତେଜଣ ବସ୍ତିବାସିନ୍ଦା କହିଛନ୍ତି, ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ଘରପଟ୍ଟା ଏବଂ ସ୍ଥାୟୀ ଘର ଯୋଗାଇ ଦେଇଛନ୍ତି। ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ଫଟୋ ଉଠାଉଥିବାର ଦେଖିବାକୁ ମିଳିଥିଲା। ଅନ୍ୟପଟେ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଆଉ ଏକ ଗାଡ଼ିରେ ପ୍ରଚାରକରି ମୁଖ୍ୟମନ୍ତ୍ରୀଙ୍କ ସହ ଯାଇଥିଲେ।

- **ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଚାର କରିଥିଲେ ସୁଶାନ୍ତ ଏବଂ ମନ୍ମଥ**
- **ବ୍ୟାପକ ବାଜାବାଣରେ ସ୍ୱାଗତ କରିଥିଲେ ବିଜେଡି କର୍ମୀ**
- **ଗାଡ଼ିରୁ ଓହ୍ଲାଇ ଲୋକଙ୍କ ପାଖକୁ ଗଲେ**

## ଲଘୁଚାପ ସୃଷ୍ଟି, ...

ବିଭାଗ ସୂଚନା ଦେଇଛି। ବୁଧବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଆରବସାଗରର କିଛି ଅଞ୍ଚଳ, ମାଳଦ୍ୱୀପ, କୋମରିନ, ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରର ଆହୁରି ଅନେକ ଅଞ୍ଚଳକୁ ଅଗ୍ରସର ହୋଇଥିବା ପାଣିପାଗ ବିଭାଗ କହିଛି। ତେବେ ଏହା ପୂର୍ବରୁ ରାଜ୍ୟରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ବୁଧବାର ୯ଟି ସହରରେ ଦିନ ତାପମାତ୍ରା ୪୦ଡିଗ୍ରୀ କିମ୍ବା ତା’ଠାରୁ ଅଧିକ ରହିଥିଲା। ନୂଆପଡ଼ାରେ ସର୍ବାଧିକ ୪୩ଡିଗ୍ରୀ ଥିବା ବେଳେ ବଲାଙ୍ଗୀର ୪୨.୪, ବୌଦ୍ଧ ୪୧.୫, ଖୋର୍ଦ୍ଧା, ଝାରସୁଗୁଡ଼ା ଓ ବରଗଡ଼ରେ ୪୧, ସମ୍ବଲପୁର ୪୦.୭, ଭବାନୀପାଟଣା ୪୦.୫ ଓ ଭଦ୍ରକରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ବିରୋଧୀ ମିଛ ପ୍ରତିଶ୍ରୁତି ଦେଉଛନ୍ତି: ନବୀନ

■ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ କଟକ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

■ସବୁ ଲୋକ ସଭା ଆସନରେ ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ପାଣ୍ଡିଆନଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)



କଟକ ବାଲିଯାତ୍ରା ତଳପଡିଆ କଟକ-ଇନ୍-କଟକ ନିକଟରେ ବିଜେଡିର ଜିଲା ଜନସମାବେଶ ମଞ୍ଚରେ ଶେଖ୍‌ବଜାର ଅଞ୍ଚଳର ବିଶ୍ୱନାଥ ଦଳେଇଙ୍କଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫଟୋଚିତ୍ର ଗ୍ରହଣ କରୁଛନ୍ତି। ନିକଟରେ ଅଛନ୍ତି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍। (ଫଟୋ-ରାଜକିଶୋର ମହାନ୍ତି)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ତିନୋଟି ଲୋକ ସଭା ନିର୍ବାଚନମଣ୍ଡଳୀ ଭୁବନେଶ୍ୱର, ପୁରୀ ଓ କଟକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ କଟକରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି କହିଛନ୍ତି। ରାଜ୍ୟର ବିକାଶ ଧାରା ବଜାୟ ରଖିବା ଲାଗି ଦଳୀୟ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଆଶୀର୍ବାଦ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ଆସନ୍ତା ଜୁଲାଇରୁ ଲୋକଙ୍କୁ ମାଗଣା ବିଜୁଳି ମିଳିବ। ଏହାପରେ ନବୀନ ତାଙ୍କ ଚିରାଚରିତ ଢଙ୍ଗରେ ଆପଣମାନେ ଖୁସି ତ ବୋଲି ପଚାରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କ ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କଠାରୁ ପଚାରି ବୁଝିଥିଲେ। ବିଏସ୍‌କେୱାଇ, ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, କାଳିଆ, ୫-ଟି ବିଦ୍ୟାଳୟ ରୂପାନ୍ତରଣ, ମଧୁବାବୁ ପେନ୍‌ସନ, ରାଶନ କାର୍ଡ, ପୁରୀ ମନ୍ଦିର କାମ, ମା' ସମଲେଇଙ୍କ କାମ ଆଦି କେମିତି ଲାଗୁଛି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହ ବିରୋଧୀ ନେତାମାନେ ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଆଉ ଏବେ ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଏମ୍‌ପିଙ୍କୁ ସମାଲୋଚନାକରି ସେ କହିଛନ୍ତି, ଉକ୍ତ ଏମ୍‌ପି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଲିଙ୍ଗରାଜଙ୍କ ମନ୍ଦିର କାମ ବନ୍ଦ କରିବାକୁ ଚେଷ୍ଟା କରିଥିଲେ।

ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ନିଜ ଅଭିଭାଷଣରେ ଭୁବନେଶ୍ୱର ଏମ୍‌ପିଙ୍କୁ ତୀବ୍ର ସମାଲୋଚନାକରି କହିଛନ୍ତି, ଏମ୍‌ପି ଭାବରେ ଭୁବନେଶ୍ୱରର ଅଭିବୃଦ୍ଧି ସମ୍ଭାବନାକୁ ବଢ଼ାଇବା ତାଙ୍କ କାମ ଥିଲା। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ତାଙ୍କ କାମ, କିନ୍ତୁ ସେ ଛୋଟ ଛୋଟ କାମରେ ଲାଗିଛନ୍ତି। ଭୁବନେଶ୍ୱର ଏମ୍‌ପି ତାଙ୍କ ରିପୋର୍ଟ କାର୍ଡ ଦେଇ ଲେଖିଛନ୍ତି ଯେ, ଜାତୀୟ ରାଜପଥ ନିର୍ମାଣରେ ୬ ହଜାର ୪୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସମସ୍ତେ କୁହନ୍ତୁ ଏନ୍‌ଏଚ୍ ନିର୍ମାଣରେ ସାଂସଦଙ୍କ ଭୂମିକା କ'ଣ ଅଛି। କଳିଙ୍ଗ ଷ୍ଟାଡିୟମ ପାଖରେ ଫୁଟ୍ ଓଭରବ୍ରିଜ୍ କରିଛନ୍ତି। ୭ ହଜାର ସୋଲାର ଲାଇଟ, ୨୦ଟି ମିନିମାକ୍ସ ଲାଇଟ୍ ଲଗାଇଛନ୍ତି। ଏହା ହେଉଛି ଆପଣଙ୍କ ସାଂସଦଙ୍କ ବଡ଼ କାମ। ବର୍ତ୍ତମାନ ମନ୍ଦିର ବୁଲି ୱାଟର କୁଲର ଲଗାଉଛନ୍ତି। ଭୁବନେଶ୍ୱର ଲୋକ ତାଙ୍କୁ କ'ଣ ଏଥିଲାଗି ଏମ୍‌ପି କରିଥିଲେ। ଏମ୍‌ପିଙ୍କ କାମ କ'ଣ ଆପଣମାନେ ଜାଣନ୍ତି। ବିଶେଷକରି ରାଜଧାନୀର ସାଂସଦଙ୍କ ସ୍ୱତନ୍ତ୍ର ଭୂମିକା ଥାଏ। ଭୁବନେଶ୍ୱର ସାଂସଦ ଭାବେ ସହରକୁ ମେଟ୍ରୋ ଆଣିବା, ରିଂରୋଡ୍ କରି ଆଖପାଖ ଅଞ୍ଚଳକୁ ଭୁବନେଶ୍ୱର ସହ ଯୋଡ଼ିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାମ। ଏହାଦ୍ୱାରା ଭୁବନେଶ୍ୱର ସହିତ ପାରିପାର୍ଶ୍ୱିକ ଅଞ୍ଚଳ ଯଥା- ଖୋର୍ଦ୍ଧା, ବେଗୁନିଆ, ଜଟଣୀ ଆଦି ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ପାଣ୍ଡିଆନ୍ କହିଛନ୍ତି। ସେ ଆହୁରି କହିଛନ୍ତି, ଭୋପାଳ, ବେଙ୍ଗାଲୁରୁ ଓ ଜୟପୁରରେ ରାଜଧାନୀ ଅଞ୍ଚଳର ଭାଜପା ଏମ୍‌ପିମାନେ ସେମାନଙ୍କ ଅଞ୍ଚଳ ପାଇଁ ବଡ଼ ବଡ଼ ପ୍ରକଳ୍ପ ଆଣିପାରିଛନ୍ତି। ସେମିତି ଭୁବନେଶ୍ୱର ପାଇଁ ଅନେକ ଶିଳ୍ପ ଆଣିବେ ବୋଲି ତାଙ୍କଠାରୁ ଆଶା ଥିଲା। ହେଲେ ସେ ଆପଣଙ୍କ ପାଇଁ କ'ଣ କରିଛନ୍ତି ଜଣାପଡୁନାହିଁ। ଆପଣଙ୍କ ଅଞ୍ଚଳର ଗର୍ବ ଓ ଗୌରବ ପାଇକ ବିଦ୍ରୋହ ବିଷୟରେ ସେ କିଛି କରିଛନ୍ତି କି। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖୁଛନ୍ତି, କିନ୍ତୁ ସେ ଚୁପ୍ ଅଛନ୍ତି। ସାରା ଓଡ଼ିଶା ଜାଣିଛି ନବୀନ ପଟ୍ଟନାୟକ ଜୁନ୍ ୯ରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦% ପରିବାର ପାଇଁ ବିଜୁଳି ବିଲ୍ ବନ୍ଦ ହେବ। ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବିଏସ୍‌କେୱାଇରେ ସାମିଲହେବେ। ୩ୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ମହିଳାଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରାଯିବ।

ସେହିପରି ନୟାଗଡ଼ରେ ପାଣ୍ଡିଆନ କହିଛନ୍ତି, ଏ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀ ବିପୁଳ ପୁଞ୍ଜିନିବେଶର ଯୋଜନା ରଖିଛନ୍ତି। ରେଳଲାଇନ ହୋଇଗଲା, ବର୍ତ୍ତମାନ ନୟାଗଡ଼ ଶିଳ୍ପସମୃଦ୍ଧ ହେବ। ଯୁବପିଢ଼ି ରୋଜଗାର ପାଇବେ, ସଶକ୍ତ ହେବେ। ପୁରୀରେ ସେ କହିଛନ୍ତି, ପୁରୀକୁ ବିଶ୍ୱସ୍ତରୀୟ ଐତିହାସିକ ନଗରୀରେ ପରିଣତ କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଛି। ଏହି ସ୍ୱପ୍ନ ସାକାର କରିବା ପାଇଁ ସମସ୍ତଙ୍କ ଯୋଗଦାନ ରହିବ। ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ହେବ। ଦୁବାଇ, ସିଙ୍ଗାପୁର ପରି ବିମାନବନ୍ଦରରେ ପୁରୀର ନାଁ ଲେଖା ହେବ। ପୁରୀକୁ ପୁଞ୍ଜି ଆସିବ, ନିଯୁକ୍ତି ଆସିବ, ରୋଜଗାର ବଢ଼ିବ। ପୁରୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ସେ କହିଛନ୍ତି, ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତଙ୍କୁ ଘର, ରାଶନ କାର୍ଡ ମିଳିବ। ଉଠାଦୋକାନୀଙ୍କ ପୁରୀର ରୂପାନ୍ତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେମାନଙ୍କ ସମସ୍ତ ସମସ୍ୟାର ସମାଧାନ କରାଯିବ। ସେମାନେ ଖୁସିରେ ରହିବେ ବୋଲି ପାଣ୍ଡିଆନ୍ କହିଛନ୍ତି। କରୋନା ମୁକାବିଲାରେ ଓଡ଼ିଶା ୧ ନମ୍ବର ଥିଲା। କରୋନା ମୁକାବିଲା ସଂକ୍ରାନ୍ତରେ ସଂସଦରେ ଯେତେବେଳେ ଆଲୋଚନା ହେଲା, କଟକର ସାଂସଦଙ୍କୁ ବିଜେଡି ପକ୍ଷରୁ କହିବା ପାଇଁ ସୁଯୋଗ ମିଳିଥିଲା। ୨୦ ମିନିଟ୍ କାଳ କରୋନା ମୁକାବିଲା ବିଷୟରେ ଭାଷଣ ଦେଇଥିଲେ। ହେଲେ ଥରୁଟିଏ ବି ଓଡ଼ିଶା କିମ୍ବା ମୁଖ୍ୟମନ୍ତ୍ରୀଙ୍କ କରୋନା ମୁକାବିଲାରେ ଭୂମିକା ବିଷୟରେ କହି ନ ଥିଲେ। କେବଳ କେନ୍ଦ୍ର ସରକାରଙ୍କ ବିଷୟରେ କହିଥିଲେ। ସେ ସମୟରେ ସେ ଓଡ଼ିଶା ଓ ନବୀନବାବୁଙ୍କୁ ଭୁଲିଗଲେ। ସେଦିନ ଜଣାପଡ଼ିଯାଇଥିଲା ଯେ ସେ ଶାରୀରିକ ଭାବେ ସିନା ବିଜେଡିରେ ଅଛନ୍ତି କିନ୍ତୁ ତାଙ୍କ ଅନ୍ତରରେ ଭାଜପା ରହିଛି ବୋଲି ପାଣ୍ଡିଆନ୍ କଟକ ସଭାରେ କହିଛନ୍ତି। ଏହିସବୁ ସ୍ଥାନରେ ପ୍ରଚାର ସମୟରେ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ, ଅରୂପ ପଟ୍ଟନାୟକ ଏବଂ ସଂତୃପ୍ତ ମିଶ୍ରଙ୍କ ସମେତ ସମସ୍ତ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀଙ୍କୁ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ପାଣ୍ଡିଆନ୍ ଅନୁରୋଧ କରିଥିଲେ।

## ପ୍ରଣବଙ୍କୁ ଭାଜପାର ଦଶ ପ୍ରଶ୍ନ

ସମ୍ବଲପୁର,୨୨।୫ (ଭବାନୀ ଶଙ୍କର ଭୋଇ)

ଭାଜପା ବୁଧବାର ସମ୍ବଲପୁରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡିକୁ ଦଶଟି ପ୍ରଶ୍ନ ପଚାରି ସମ୍ବଲପୁର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଏହାର ଉତ୍ତର ରଖିବାକୁ ଆହ୍ୱାନ ଦେଇଛି। ଗତ ପାଞ୍ଚବର୍ଷରେ ବିଧାନସଭାରେ ପ୍ରଣବ ପ୍ରକାଶ କେବଳ ଗୋଟିଏ ପ୍ରଶ୍ନ ପଚାରିଥିଲେ। ତାହା ମଧ୍ୟ ଯାଜପୁରବାସୀଙ୍କ ପାଇଁ ନ ଥିଲା ବୋଲି ଭାଜପା ଅଭିଯୋଗ କରିଛି। ବିଧାନସଭାରେ କୌଣସି ବିତର୍କରେ ଭାଗ ନେଲେ ନାହିଁ କିମ୍ବା ନିଜ ବିଧାୟକ ଉନ୍ନୟନ ପାଣ୍ଠିରୁ ମାତ୍ର ୫୬% ଖର୍ଚ୍ଚ କରିପାରିଥିବା ତାଙ୍କର ପାରିବାପଣିଆର ପ୍ରମାଣ ବୋଲି ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାସହିତ ବ୍ଲାକରୋଜ ବୁଡ଼ିବା ଘଟଣାକୁ ନେଇ ମଧ୍ୟ ପ୍ରଣବଙ୍କୁ ଡ. ରଥ ପ୍ରଶ୍ନ କରିଛନ୍ତି।

୨୦୦୯ରେ ପାରାଦୀପ ବନ୍ଦରରୁ ଓଡ଼ିଶାର ଲୁହାପଥର ବ୍ଲାକରୋଜ ଜାହାଜରେ ଚାଇନାକୁ ଚୋରାଚାଲାଣ ହେଉଥିଲା। ବ୍ଲାକରୋଜକୁ ବୁଡ଼ାଇ ଚୋରା କାରବାରକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି। ଏହାର ଠିକ୍ ତଦନ୍ତ ବଦଳରେ କେସ୍‌କୁ ଚପାଇଦେବା ପାଇଁ ବିଜେଡି ହୀନ ଚେଷ୍ଟା କରିଛି। ପୂରା ଘଟଣାରେ ଶାସକ ଦଳର ନେତା, ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି। ମାମଲାର ସିବିଆଇ ତଦନ୍ତ ପାଇଁ ଓଡ଼ିଶା ସରକାର ଜାଣିଶୁଣି ସହଯୋଗ କରୁ ନ ଥିବା ଭାଜପା ଅଭିଯୋଗ କରିଛି। ଏହାସହ ରାଜ୍ୟ ସରକାରଙ୍କ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ପୋଲିସ୍ ଦ୍ୱାରା ସ୍ପଷ୍ଟ ଦିବାଲୋକରେ ଗୁଳି କରି ହତ୍ୟା କରାଗଲା। ରାଜ୍ୟରେ ଅସୁରକ୍ଷିତ ଆଇନ ବ୍ୟବସ୍ଥାର ଏହା ସବୁଠାରୁ ବଡ ନଗ୍ନ ପ୍ରମାଣ। ମନ୍ତ୍ରୀ ହତ୍ୟା ପଛର ଅସଲ କାର୍ପଟଦାରମାନେ ଆଜି ବି ଅୟସରେ ବୁଲୁଛନ୍ତି। ରାଜ୍ୟରେ ମହିଳା ଓ ଶିଶୁ ଅସୁରକ୍ଷିତ ଥିବା ବେଳେ ମମିତା, ବେବିନା, ସ୍ମିତାରାଣୀ, ପରୀ, ପିଙ୍କୁ, ମାଧବୀଲତା, ଲକ୍ଷ୍ମୀ ଏବଂ କୁନ୍ଦୁଲି ପୀଡ଼ିତାଙ୍କ ଅଗଣିତ ଭଉଣୀମାନେ ଆଜି ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ପ୍ରାୟ ୬୦ ହଜାର କୋଟି ଟଙ୍କାର ରାଜସ୍ୱ ଲୁଟ୍ ପରେ ଏବେ ସମ୍ବଲପୁର ଅଞ୍ଚଳର ଖଣି ଖାଦାନ ପ୍ରତି ପ୍ରଣବ ପ୍ରକାଶଙ୍କ ନଜର ରହିଥିବା ଭାଜପା ଅଭିଯୋଗ କରିଛି।

୨୦୧୯ ମସିହାରୁ କେନ୍ଦ୍ର ସରକାର ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ମାଗି ଆସୁଛନ୍ତି। ଭାଜପାରୁ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକ ଓ ଏମ୍‌ପି ମଧ୍ୟ ଏହି ପ୍ରସ୍ତାବ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ଚୁପ୍ ରହି ସମ୍ବଲପୁରର ଆଇନଜୀବୀମାନଙ୍କୁ ଜେଲରେ ପୂରାଇଲେ। ତେବେ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ବିଚାର ବିମର୍ଶ କରି ରିପୋର୍ଟ ଦେଇଛନ୍ତି କି ବୋଲି ଭାଜପା ପ୍ରଶ୍ନ କରିଛି। ଗୁଣ୍ଡୁ ମୁସଲିମ ଭଳି ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସମ୍ବଲପୁରକୁ ଆସି ଆଶ୍ରୟ ନେଉଛନ୍ତି। ସମ୍ବଲପୁରରେ ଦଙ୍ଗା କରାଇଥିବା ଲୋକେ ତାକୁ ଲୁଚେଇ ରଖିଥିବା ଅଭିଯୋଗ ହେଉଛି। ଯେଉଁମାନେ ସହରରେ ଅନୁପ୍ରବେଶକାରୀଙ୍କୁ ପାଳି ପୋଷି ବ୍ୟାପକ ଅନୈତିକ କାମ ଓ ଜବରଦଖଲ ବଢାଇ ଚାଲିଛନ୍ତି, ସେଭଳି ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଣବ ପ୍ରକାଶ ଦାସଙ୍କ ପରୋକ୍ଷ ସୁରକ୍ଷା ଦେଉଛନ୍ତି। ସମ୍ବଲପୁର ସହରବାସୀ କେବେ ନିଜର ନିର୍ବାଚିତ ମେୟର ପାଇବେ ବୋଲି ଭାଜପା ଅଭିଯୋଗ କରିଛି। ବିଜେଡି ହାରିଯିବା ଭୟରେ ଦୀର୍ଘ ୧୧ ବର୍ଷ ହେବ ନିର୍ବାଚନ କରାଇ ଦେଉନାହିଁ ବୋଲି ଡ ପ୍ରମୋଦ ରଥ ଅଭିଯୋଗ କରିଛନ୍ତି। ପ୍ରଣବ ପ୍ରକାଶ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ନେଇ ନିଜ ମତ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଭାଜପାର ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ମୁକେଶ ଜରିୱାଲ ଏବଂ ରଞ୍ଜିତ ରଥ ଉପସ୍ଥିତ ଥିଲେ।

# ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଗୃହବନ୍ଦୀ: ଗିରିରାଜ



ବୁଧବାର ସମ୍ବଲପୁରରେ ଭାଜପା ପକ୍ଷରୁ ଆୟୋଜିତ ରୋଡ ଶୋ'ରେ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା ଗିରିରାଜ ସିଂହ।

**ଅନ୍ୟ ଲୋକର ହାତରେ ଶାସନ ବ୍ୟବସ୍ଥା ଚାଲିଛି କହିଲେ**

ସମ୍ବଲପୁର,୨୨।୫
(ଭବାନୀ ଶଙ୍କର ଭୋଇ)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୃହବନ୍ଦୀ କରାଯାଇଛି। ଅନ୍ୟ ରାଜ୍ୟରୁ ଆସିଥିବା ଲୋକେ ରାଜ୍ୟକୁ ଶାସନ କରୁଛନ୍ତି। ସମ୍ବଲପୁରରେ ନିର୍ବାଚନୀ ପ୍ରଚାରକୁ ଆସି କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଗିରିରାଜ ସିଂହ ଏହିଭଳି ଢଙ୍ଗରେ ରାଜ୍ୟର ବିଜେଡି ସରକାରକୁ ଘେରିଛନ୍ତି। ବୁଧବାର କେନ୍ଦ୍ରମନ୍ତ୍ରୀ ସିଂହ ସମ୍ବଲପୁରରେ ଦଳ ପାଇଁ ଜୋରଦାର ପ୍ରଚାର କରିଥିଲେ। ସକାଳେ ଭୂତାପଡାରୁ ସୁନାପାଲି ପର୍ଯ୍ୟନ୍ତ ଆୟୋଜିତ ରୋଡ ଶୋ' ରେ ସେ ସାମିଲ ହୋଇ ରାଜ୍ୟର ବିଜେଡି ସରକାର ଉପରେ ବର୍ଷିଥିଲେ। ସେ ବିଗତ ଦିନରେ ହନୁମାନ ଜୟନ୍ତୀ କାର୍ଯ୍ୟକ୍ରମରେ ହୋଇଥିବା ହିଂସା ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ କରିଥିଲେ। ଏହି ଅବସରରେ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇ ଆଗାମୀ ଦିନରେ ଓଡ଼ିଶାରେ ଜଣେ ଓଡ଼ିଆ ଶାସନ କରିବେ ବୋଲି କହିଥିଲେ। ଏହାସହ ଓଡ଼ିଶାରେ ଭାଜପା ସରକାର ହେଲେ ସମସ୍ତ ପର୍ବପର୍ବାଣି ଶାନ୍ତିଶୃଙ୍ଖଳାରେ ଆୟୋଜନ ହେବ ବୋଲି କହିଥିଲେ।

କ୍ଷେତରାଜପୁରଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଓଡ଼ିଶାରେ ଆଉଟସୋର୍ସିଂରେ ସରକାର ଚାଲିଛି ବୋଲି ଅଭିଯୋଗ କରିଥିଲେ ସିଂହ। ଭାଜପା ସରକାର ଆସିଲେ ରାଜ୍ୟର ପ୍ରକୃତ ବିକାଶ ହୋଇପାରିବ। ଏଭଳି ବାବୁରାଜକୁ ସମାପ୍ତ କରିବାକୁ ଭାଜପାକୁ ଭୋଟ ଦେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦଳା ଠାକୁର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଭାଜପା ସଭାପତି ଗିରୀଶ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସନ୍ଧ୍ୟାରେ ବୁର୍ଲାଠାରେ ଭାଜପାର ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

# 'ଓଡ଼ିଶାକୁ ରାମରାଜ୍ୟ କରିବାକୁ ହେଲେ ପରିବର୍ତ୍ତନ ଆବଶ୍ୟକ'




ମଞ୍ଚରେ ଭାଜପା ନେତା ଅରୁଣ ଗୋଭିଲ, ଭାଜପା ଏମ୍‌ପି ପ୍ରାର୍ଥୀ, ଚମ୍ପୁଆ ବିଧାୟକ ପ୍ରାର୍ଥୀ, ତେଲକୋଇ ବିଧାୟକ ପ୍ରାର୍ଥୀଙ୍କ ସମେତ ଜିଲା ନେତୃବୃନ୍ଦ।

କେନ୍ଦୁଝର/ଚମ୍ପୁଆ(ନରେଶ୍ ଚନ୍ଦ୍ର ପଟ୍ଟନାୟକ/ମହେଶ୍ୱର ଦାସ), ୨୨।୫

ଅଭିନେତା ତଥା ଭାଜପା ନେତା ଅରୁଣ ଗୋଭିଲ ବୁଧବାର କେନ୍ଦୁଝର ଜିଲା ଗସ୍ତରେ ଆସି ଚମ୍ପୁଆ ଓ ତେଲକୋଇଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଛନ୍ତି। ଓଡ଼ିଶାକୁ ରାମରାଜ୍ୟ କରିବାକୁ ହେଲେ ପରିବର୍ତ୍ତନ ଜରୁରୀ ବୋଲି କହିବା ସହ ଭାଜପା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାଏକ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ଏବଂ ତେଲକୋଇ ବିଧାୟକ ପ୍ରାର୍ଥୀ ଡା. ଫକୀର ମୋହନ ନାୟକଙ୍କ ପାଇଁ ନିର୍ବାଚନୀ ପ୍ରଚାର କରି ଭୋଟ ମାଗିଛନ୍ତି। ଚମ୍ପୁଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ସମାବେଶରେ ସେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ରାଜ୍ୟରେ ବିଜେଡି ସରକାର ଦୁର୍ନୀତିରେ ଉବୁଟୁବୁ ହେଉଛି। ଓଡ଼ିଶାକୁ ରାମରାଜ୍ୟରେ ପରିଣତ କରିବାକୁ ହେଲେ ପରିବର୍ତ୍ତନ ସହ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଆଗାମୀ ନିର୍ବାଚନରେ କେନ୍ଦୁଝର ଭାଜପା ଏମ୍‌ପି ପ୍ରାର୍ଥୀ, ଚମ୍ପୁଆ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି। ଏହି ଅବସରରେ ଛତିଶଗଡ଼ ରାଜ୍ୟ ସଭା ସଦସ୍ୟ ଅରୁଣ ଦୁବେ ମଧ୍ୟ ଉପସ୍ଥିତ ଥିଲେ। ଭାଜପା ରାଜ୍ୟ ଉପସଭାପତି ପ୍ରକାଶ ମଲ୍ଲିକ ସଭା ପରିଚାଳନା କରିଥିଲେ। ପରେ ସେ ତେଲକୋଇ କତରାପାଲିଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ଏମ୍‌ପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ କେନ୍ଦ୍ରରେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଫାଗନ ସିଂହ କୁଲସ୍ତେ, ରାଜ୍ୟ ନେତା ସାରଦା ନନ୍ଦ, ଜିଲା ଉପସଭାପତି ଶୁକଦେବ ମହାନ୍ତ, ପୂର୍ବତନ ବିଧାୟକ ବେଦବ୍ୟାସ ନାୟକ, ସନ୍ତୋଷ ପାଣ୍ଡେ, ପ୍ରକାଶ ମଲ୍ଲିକଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଏହି ସମାବେଶରେ ୭ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

# ହଳଦିଆ ଗାମୁଛା ବଦଳାଇଲେ ଦେବୀରଞ୍ଜନ




କଟକ,୨୨।୫(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ତଳପଡିଆ କଟକ-ଇନ୍-କଟକ ନିକଟରେ ବିଜେଡିର କଟକ ଜିଲା ଜନସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜନସମାବେଶରେ ୭ଟି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଓ କଟକ ଲୋକ ସଭା ପ୍ରାର୍ଥୀ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ହେଲେ ବାଙ୍କୀ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଏକ ହଳଦିଆ ରଙ୍ଗର ଗାମୁଛା ବେକରେ ପକାଇ ଭାଷଣ ଦେଇଥିଲେ। ଭାଷଣ ସରିବାର କିଛି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେବୀରଞ୍ଜନଙ୍କୁ ପାଖକୁ ଡାକି କିଛି କହିଥିଲେ। ଫଳରେ ଦେବୀରଞ୍ଜନ ତୁରନ୍ତ ବେକରୁ ହଳଦିଆ ରଙ୍ଗର ଗାମୁଛା କାଢି ସବୁଜ ରଙ୍ଗର ଗାମୁଛା ପକାଇଥିଲେ, ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଦେବୀରଞ୍ଜନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସମ୍ବଲପୁର ନିର୍ବାଚନ ପ୍ରକ୍ରିୟା ଦେଖିଲେ ୫ଦେଶର ପ୍ରତିନିଧି

ସମ୍ବଲପୁର,୨୨।୫
(ଭବାନୀ ଶଙ୍କର ଭୋଇ)



ବୁଧବାର ସମ୍ବଲପୁରରେ ପହଞ୍ଚିଥିବା ବିଦେଶୀ ପ୍ରତିନିଧିମଣ୍ଡଳୀ।

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଚାଲିଛି ନିର୍ବାଚନର ମହାପର୍ବ। ନବେ କୋଟିରୁ ଅଧିକ ସଂଖ୍ୟାରେ ମତଦାତା ନିଜର ପ୍ରତିନିଧି ବାଛିବାକୁ ମତଦାନ କରୁଛନ୍ତି। ଏତେ ଲୋକଙ୍କୁ ଏକଜୁଟ କରି ମତଦାନ କରାଇବା, ନିରପେକ୍ଷ ନିର୍ବାଚନ କରି ପ୍ରତିନିଧି ବାଛିବା ଆଦି ପ୍ରକ୍ରିୟାକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ବୁଧବାର ପାଞ୍ଚଟି ଦେଶର ପ୍ରତିନିଧି ସମ୍ବଲପୁରରେ ପହଞ୍ଚିଥିଲେ। ଭାରତୀୟ ଗଣତନ୍ତ୍ରର ସକାରାତ୍ମକ, ଗୁଣାତ୍ମକ, ଗଠନାତ୍ମକ ଏବଂ ସୁବ୍ୟବସ୍ଥିତ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ଏହି ପ୍ରତିନିଧିମାନେ ନିର୍ବାଚନ ପ୍ରଚାର, ଖବରଦାତା ସମ୍ମିଳନୀ, ମତଦାତାଙ୍କ ବିଚାର, ନିର୍ବାଚନ କମିଶନର ପ୍ରସ୍ତୁତି ଆଦି ବୁଲି ଦେଖିଥିଲେ। ଏହି ପ୍ରତିନିଧି ମଣ୍ଡଳରେ ମରିସସ, ନେପାଳ, ଅଷ୍ଟ୍ରେଲିଆ, ଡେନମାର୍କ ଓ ସିଚେଲ୍ସ ଦେଶର ପାଞ୍ଚଜଣ ପ୍ରତିନିଧି ସାମିଲ ଥିଲେ।

ଅଷ୍ଟ୍ରେଲିୟା ହାଇକମିଶନର ରାଜନୈତିକ କାଉନସିଲର ଜୋନ ବୋନର, ରୟାଲ ଡେନିସ ଆମ୍ବାସି(ଡେନମାର୍କ)ରୁ ନୂଆଦିଲ୍ଲୀରେ ଅବସ୍ଥାପିତ ରାଜନୈତିକ କାଉନସିଲର ସଲେ ଭାଷ୍ଟରଗାର୍ଡ ଆମ୍‌ଷ୍ଟ୍ରପ, ନେପାଳର ରାଷ୍ଟ୍ରଦୂତ ଶଙ୍କର ପ୍ରସାଦ ଶର୍ମା, ମରିସସ ରିପବ୍ଲିକର ହାଇକମିଶନର ହେମାନନ୍ଦୟାଲ ଦିଲୁମ ଏବଂ ସିଚେଲ୍ସର ହାଇକମିଶନର ହରିସୋଆ ଲାଲାଟିନା ପ୍ରମୁଖ ସାମିଲ ହୋଇଥିଲେ। ଝାରସୁଗୁଡା ବିମାନବନ୍ଦରରୁ ଓହ୍ଲାଇ ସେଠାରେ ଅବସ୍ଥାନ କରିଥିବା ଏହି ପ୍ରତିନିଧି ଦଳ ବୁଧବାର ସମ୍ବଲପୁରରେ ପହଞ୍ଚିଥିଲେ। ପ୍ରତିନିଧି ଦଳ ସମ୍ବଲପୁରରେ ପହଞ୍ଚିବା ପରେ ସ୍ଥାନୀୟ ରୋଟାରୀ କ୍ଲବ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

ପ୍ରଥମେ ସମ୍ବଲପୁରରେ ଅନୁଷ୍ଠିତ ହେଉଥିବା ନିର୍ବାଚନ ପ୍ରକ୍ରିୟା ବିଷୟରେ ଅବଗତ ହେବା ପରେ ଭାଜପାର ଏକ ଖବରଦାତା ସମ୍ମିଳନୀରେ ସାମିଲ ହୋଇଥିଲେ। ନେତାମାନେ କିପରି ବିଭିନ୍ନ ପ୍ରସଙ୍ଗକୁ ଖବରଦାତାମାନଙ୍କ ଆଗରେ ଉପସ୍ଥାପନ କରୁଛନ୍ତି, ଖବରଦାତାମାନେ କିଭଳି ରାଜନୈତିକ ପ୍ରସଙ୍ଗଗୁଡିକର ଉତ୍ତର ନେତାଙ୍କଠାରୁ ସଂଗ୍ରହ କରୁଛନ୍ତି ତାହା ନିରୀକ୍ଷଣ କରିଥିଲେ। ଖବରଦାତାମାନଙ୍କ ସହ ସେମାନେ ଆଲୋଚନା କରିଥିଲେ। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା ଡ ପ୍ରମୋଦ ରଥ, ରାଜ୍ୟ ପେନାଲିଷ୍ଟ ମାନସ ବକ୍ସିଙ୍କୁ ସମ୍ବଲପୁରରେ ହେଉଥିବା ନିର୍ବାଚନ କାର୍ଯ୍ୟକ୍ରମଗୁଡିକ ବିଷୟରେ ପଚାରି ବୁଝିଥିଲେ। ଏହାପରେ ସେମାନେ ରାଜନୈତିକ ଦଳଗୁଡିକର ସଭା, ପଦଯାତ୍ରା ଆଦି ବୁଲି ଦେଖିଥିଲେ। ରାଜନୈତିକ ଦଳର କର୍ମୀମାନେ କିଭଳି ବ୍ୟାନର ପୋଷ୍ଟର ଲଗାଇବାଠାରୁ ଦଳ ପାଇଁ କାର୍ଯ୍ୟ କରୁଛନ୍ତି ତାହା ଅନୁଧ୍ୟାନ କରିଥିଲେ।

ସୂଚନାଯୋଗ୍ୟ ଯେ, ଏହି ପାଞ୍ଚଜଣିଆ ପ୍ରତିନିଧି ଦଳ ଭାରତର ଗଣତନ୍ତ୍ର ପ୍ରକ୍ରିୟାକୁ ବୁଝିବାକୁ ଦେଶର ଦୁଇଟି ଲୋକ ସଭା ଆସନ ଉତ୍ତର ପ୍ରଦେଶର ବାରାଣସୀ ଏବଂ ଓଡ଼ିଶାର ସମ୍ବଲପୁର ସଂସଦୀୟ କ୍ଷେତ୍ରକୁ ବାଛିଛନ୍ତି।

# ଲୋକଙ୍କ ଉତ୍ସାହ ଭାଜପା ସରକାର ଗଠନର ସଙ୍କେତ: ଧର୍ମେନ୍ଦ୍ର

## ଫାସିମାଲରେ ବିଜୟ ସଙ୍କଳ୍ପ ସମାବେଶ

କୁଚିଣ୍ଡା,୨୨।୫(ବିରଞ୍ଚି ଦର୍ଜା)

ଜଳସେଚନ ପାଇଁ ଚାଷୀଙ୍କ ଜମିକୁ ପାଣି ନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ଅଭାବ। ଚାଷୀ ଧାନର ଉଚିତ ମୂଲ୍ୟ ନ ପାଇ ଅଭାବୀ ବିକ୍ରିର ଶିକାର ହେଉଛି। ଏ କ'ଣ ୨୪ବର୍ଷ ବିଜେଡି ଶାସନର ବିକାଶ ବୋଲି ବୁଧବାର କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅଧୀନ ଜମନକିରା ବ୍ଲକ ଫାସିମାଲ ଗୁଲୁଜିପାଲି ଫୁଟବଲ ପଡିଆରେ ଅନୁଷ୍ଠିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡି ଉପରେ ବର୍ଷିଛନ୍ତି।



ସଙ୍କଳ୍ପ ସମାବେଶରେ ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାୟକ ପ୍ରାର୍ଥୀ ରବି ନାରାୟଣ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

ସେ କହିଛନ୍ତି , ବିଜେଡିର ମାଗଣା ବିଜୁଳି ପ୍ରଚାର ବୁଢା ବାଘର କଙ୍କଣ ଦାନ ଉପାଖ୍ୟାନ ସଦୃଶ। ଏତେ ଦିନ ଧରି ଲମ୍ବା ଶାସନରେ ରହିବା ପରେ ଆଜି ତାଙ୍କର ମାଗଣା ବିଜୁଳି କଥା ମନେପଡ଼ିଲା। ଭାଜପାର ଇସ୍ତାହାର ତଥା ସଙ୍କଳ୍ପ ପତ୍ରରେ ସୂର୍ଯ୍ୟଘର ଯୋଜନାରେ ୩୦୦ୟୁନିଟ ବିଜୁଳି ମାଗଣାରେ ଦେବା ପ୍ରସଙ୍ଗ ଜାଣିବା ପରେ ବିଜେଡି ହାରିବା ଭୟରେ ଏଭଳି ମିଛ ପ୍ରତିଶ୍ରୁତି ଦେଉଥିବା ଧର୍ମେନ୍ଦ୍ର କହିଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି କରିଥିବା ପିଠା, ବିଜୁ ଯୁବ ବାହିନୀ, ୨ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ଦେଇ ଠକିଥିବା ବିଜେଡି ସରକାର ଉପରୁ ଲୋକେ ଭରସା ତୁଟାଇ ସରକାର ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଭାଜପାର ସମାବେଶମାନଙ୍କରେ ଲୋକଙ୍କ ଉତ୍ସାହ ଓଡ଼ିଶାରେ ଭାଜପା ସରକାର ଗଠନର ସଙ୍କେତ ଦେଉଛି ବୋଲି ସେ କହିଛନ୍ତି। ଲୋକ ସଭା ପ୍ରାର୍ଥୀ ପାଇଁ ଭାଜପାକୁ ଭୋଟ ଦେଲେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବେ। ହେଲେ ବିଜେଡିର ପ୍ରଧାନମନ୍ତ୍ରୀ କିଏ ବୋଲି ସେ କଟାକ୍ଷ କରିଛନ୍ତି। ସମ୍ବଲପୁରରେ ଆସନ୍ତା ୨୫ରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ସମ୍ବଲପୁର ଲୋକ ସଭା ସହ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରବିନାରାୟଣ ନାଏକଙ୍କୁ ବଡ଼ ବ୍ୟବଧାନରେ ବିଜୟୀ କଲେ ଭାଜପା ସରକାରରେ ସେ ଜଣେ କ୍ୟାବିନେଟ ମନ୍ତ୍ରୀ ହେବେ ବୋଲି କହିଛନ୍ତି। ଏହାଛଡା ପ୍ରଧାନ କହିଛନ୍ତି ଯେ, ଓଡ଼ିଶାରେ ଭାଜପା ସରକାର ହେଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା, ଜଳସେଚନ ବ୍ୟବସ୍ଥା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର, ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ, ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଟଙ୍କା ଫେରସ୍ତ, ୨୫ଲକ୍ଷ ଲକ୍ଷପତି ଦିଦି କରିବା, ୧୫ଲକ୍ଷ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଆୟୁଷ୍ମାନ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ୧୦୦୦ରୁ ୩୦୦୦ ଟଙ୍କା କରାଯିବ ବୋଲି ସଙ୍କଳ୍ପ ପତ୍ର ଉପରେ ଆଲୋକପାତ କରିଥିଲେ। ସମ୍ବଲପୁରକୁ ଅଗ୍ରଣୀ ଜିଲା ଭାବେ ଗଢି ତୋଳିବା ଦାୟିତ୍ୱ ମୋ ଉପରେ ଛାଡ଼ି ଦିଅନ୍ତୁ ବୋଲି କହି ଯୋଡି ପଦ୍ମରେ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାରେ ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ, ଶିବଶଙ୍କର ଉଲାକା, ରଘୁନାଥ ଜଗଦଲା, ସୁନୀଲ ମୁଦୁଲି, ବୀରେନ୍ଦ୍ର ଚୌଧୁରୀ, ଅମୋଘ ପାଣିଗ୍ରାହୀ, ଦୁଷ୍ମନ୍ତ ନାୟକ, ପଦ୍ମଚରଣ ଗୁରୁ ଉପସ୍ଥିତ ଥିଲେ। ମନୋଜ ମାଝି ସଭା ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀ କହିଲେ ଭଲକଥା, ସେମାନେ ବି ବ୍ୟବହାର କରନ୍ତୁ

## ନବୀନଙ୍କ ଭିଡିଓରେ ଏଆଇ ବ୍ୟବହାର ହେବା ପ୍ରସଙ୍ଗ

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓକୁ ନେଇ ବିଭିନ୍ନ ସମୟରେ ଭାଜପା ପ୍ରଶ୍ନ ଉଠାଉଛି। ଭିଡିଓରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର କରାଯାଉଥିବା ଭାଜପା ନେତାମାନେ କିଛିଦିନ ହେବ ଅଭିଯୋଗ ମଧ୍ୟ କରୁଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନବୀନ ଏକ ଭିଡିଓରେ ହସ ମାଧ୍ୟମରେ ଉଡ଼ାଇ ଦେଇଛନ୍ତି। ଏହାସହ ଭାଜପା ଉଠାଉଥିବା ବୁଦ୍ଧିମତ୍ତାକୁ ସେ ତାଚ୍ଛଲ୍ୟ ମଧ୍ୟ କରିଛନ୍ତି। ନବୀନଙ୍କ ଏହି ଭିଡିଓଙ୍କୁ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ନିଜ ସାମାଜିକ ଗଣମାଧ୍ୟମରେ ବୁଧବାର ଅପ୍‌ଲୋଡ୍ କରିଛନ୍ତି। ଉକ୍ତ ଭିଡିଓ ଜରିଆରେ ପାଣ୍ଡିଆନ୍ ନବୀନଙ୍କୁ ପଚାରୁଛନ୍ତି, ଭାଜପା ନେତାମାନେ ଅଭିଯୋଗ କରୁଛନ୍ତି ଆପଣଙ୍କ ଯେଉଁ ଭିଡିଓ କରାଯାଉଛି ସେଥିରେ ଏଆଇର ବ୍ୟବହାର କରାଯାଉଛି। ଉତ୍ତରରେ ନବୀନ କହିଛନ୍ତି, ଭଲକଥା, ସେମାନେ



ମଧ୍ୟ ନିଜ ବୁଦ୍ଧିମତ୍ତାର ବ୍ୟବହାର କରନ୍ତୁ। ନବୀନଙ୍କ କେଇ ସେକେଣ୍ଡର ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ ହେବାପରେ ତାହା ବ୍ୟାପକ ମାତ୍ରାରେ ପ୍ରଚାର ହେବାରେ ଲାଗିଛି।

# 'ଭାଜପା ପ୍ରାର୍ଥୀ ନିର୍ବାଚନରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛନ୍ତି'

## ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ସିଇଓଙ୍କ ନିକଟରେ ଫେରାଦହେଲା ବିଜେଡି

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ବିଜେଡି ପକ୍ଷରୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନର ଅଭିଯୋଗ କରାଯାଇଛି। ଏନେଇ ବିଜେଡି ପ୍ରତିନିଧି ଦଳ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ବିଜେଡିର ଅଭିଯୋଗ ଅନୁଯାୟୀ, ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ତାଙ୍କ ନିର୍ବାଚନ ପ୍ରଚାରରେ ଛୋଟ ପିଲାମାନଙ୍କୁ ବ୍ୟବହାର କରୁଛନ୍ତି। ରାଜନୈତିକ କାର୍ଯ୍ୟରେ ପିଲାଙ୍କୁ ବ୍ୟବହାର କରିବା ବେଆଇନ। ସେ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି। ଜଗନ୍ନାଥଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

# 'ମୋଦିଙ୍କ ପାଇଁ କୋଣାର୍କ ପ୍ରସିଦ୍ଧ' ମନ୍ତବ୍ୟ ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଆଇସିସି ଗଣମାଧମ ବିଭାଗ ଅଧକ୍ଷ ପଓ୍ୱନ ଖେରା ଓ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ପୁରୀ ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ ବୟାନ 'ମୋଦଙ୍କ ଭକ୍ତ ଜଗନ୍ନାଥ' ସନାତନ ଧର୍ମର ପ୍ରତିଟି ବ୍ୟକ୍ତିଙ୍କୁ ଆଘାତ ଓ ବ୍ୟଥିତ କରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବୟାନ 'ମୋଦିଙ୍କ ପାଇଁ କୋଣାର୍କ ବିଶ୍ୱପ୍ରସିଦ୍ଧ ହେଲା' ମଧ୍ୟ ସମାନ ଢଙ୍ଗରେ ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ପ୍ରଥମେ ଭଗବାନ୍ ଶ୍ରୀରାମଙ୍କ ପ୍ରତିକୃତିକୁ ବିଭିନ୍ନ ପ୍ରଚାରପତ୍ର ଏବଂ ଭାଜପା ଅଫିସିଆଲ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ଛୋଟ ଦେଖାଇ ମୋଦିଙ୍କୁ ବଡ଼ ଦେଖାଇବା ପରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରିବା ଏବଂ ଅର୍କକ୍ଷେତ୍ର କୋଣାର୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେବା ତାଙ୍କ ନେତାମାନଙ୍କ ନୀଚ ମାନସିକତାର ସ୍ପଷ୍ଟ ଉଦାହରଣ। ବିଦାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପାର ଅନ୍ୟାନ୍ୟ ନେତା ଓଡ଼ିଶାକୁ ଅପମାନିତକରି ନିଜର ରାଜନୈତିକ ଲାଭ ପାଇଁ ଧର୍ମକୁ ଆୟୁଧ କରିବାର ଯେଉଁ ପ୍ରୟାସ କରୁଛନ୍ତି ତାହା ରାଜ୍ୟବାସୀ କେବେ ଗ୍ରହଣ କରିବେ ନାହିଁ ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଗଣମାଧମ ବିଭାଗ ଅଧକ୍ଷ ପଓ୍ୱନ ଖେରା କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଖେରା କହିଛନ୍ତି, ସମ୍ବିତ୍ ପାତ୍ର ସେହି ବ୍ୟକ୍ତି ଯିଏକି ଆଗରୁ ମୋଦିଙ୍କୁ ଦେଶର ବାପା କହି ବିବାଦ ସୃଷ୍ଟି କରିଥିଲେ। ସେ ଆହ୍ୱାନ ଦେଇ କହିଛନ୍ତି, ଯଦି ମୋଦିଙ୍କ ସତ୍‌ସାହସ ଅଛି ଏବଂ ସମ୍ବିତ୍ ପାତ୍ରଙ୍କ ମତ ସହ ସେ ଏକମତ ନୁହନ୍ତି ତେବେ ଅବିଳମ୍ବେ ତାଙ୍କୁ ଦଳରୁ ବରଖାସ୍ତ କରନ୍ତୁ। ଦେଶରେ ୪୫ ବର୍ଷର ସର୍ବାଧିକ ବେରୋଜଗାରି ଓ କେନ୍ଦ୍ର ସରକାରଙ୍କ ଅଧୀନ ବିଭିନ୍ନ ବିଭାଗରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ପଦବୀ ଖାଲିପଡ଼ିଛି। ଦରଦାମ ନିୟନ୍ତ୍ରଣ କରିବାରେ ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ପ୍ରଧାନମନ୍ତ୍ରୀ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବର୍ତ୍ତମାନ ପ୍ରତାରଣା ପାଲଟିଛି। ପ୍ରତିଟି ବର୍ଗ ପ୍ରତି ଅନ୍ୟାୟ କରିଥିବା ପ୍ରଧାନମନ୍ତ୍ରୀ ନିଜର ଦୋଷତ୍ରୁଟିକୁ ଲୁଚାଇବା ପାଇଁ ବକ ଧାର୍ମିକ ସାଜିଛନ୍ତି। ଦେଶରେ ବିଦ୍ୱେଷର ବିଷମଞ୍ଜି ବୁଣୁଥିବା ଶକ୍ତିକୁ ଦେଶର ଜନସାଧାରଣ ଏହି ନିର୍ବାଚନରେ ଉଚିତ ଜବାବ ଦେବେ। ରାଜ୍ୟରେ ୨୪ ବର୍ଷ ଧରି ଶାସନ କରୁଥିବା ନବୀନ ସରକାର ସବୁବେଳେ ମୋଦିଙ୍କ ହାତବାରିସି ସାଜିଛନ୍ତି। ପାର୍ଲାମେଣ୍ଟରୁ ଆରମ୍ଭକରି ସଂସଦ ବାହାର ପର୍ଯ୍ୟନ୍ତ ଉଭୟ ଦଳ ଭିତରେ ଥିବା ସଲାସୁତରା ରାଜ୍ୟବାସୀଙ୍କ ସାମ୍ନାରେ ଉଜାଗର ହୋଇଛି। ଉଭୟ ଦଳ ମିଳିମିଶି ଓଡ଼ିଶାକୁ ଲୁଟ କରିବା ପାଇଁ ପଣ କରିଛନ୍ତି। ରାଜ୍ୟବାସୀ ଏମାନଙ୍କର ଚାଲ୍ , ଚରିତ୍ରକୁ ବୁଝି ଉଭୟଙ୍କୁ ପ୍ରତ୍ୟାଖ୍ୟାନ କରିବା ସହ ସେମାନଙ୍କର ଅଧିକାର ପାଇଁ ଲଢ଼େଇ କରୁଥିବା କଂଗ୍ରେସ ଦଳକୁ ଗ୍ରହଣ କରିବେ। ଜନତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ କଂଗ୍ରେସ ନ୍ୟାୟର ଗ୍ୟାରେଣ୍ଟି ଦେଇଛି। କଂଗ୍ରେସର ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟିକୁ ଦେଶବାସୀ ଅକୁଣ୍ଠ ସମର୍ଥନ ଦେଉଛନ୍ତି। ଏହି ଅବସରରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ଚଳିତ ନିର୍ବାଚନରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ କଂଗ୍ରେସ ସରକାର ଗଠନ କରିବାକୁ ଯାଉଛି।

# କସ୍ତୁରୀବାଳା ସ୍ୱାଇଁ ହେଲେ ମହିଳା ବିଜେଡି ରାଜ୍ୟ ସମ୍ପାଦିକା

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର କସ୍ତୁରୀବାଳା ସ୍ୱାଇଁଙ୍କୁ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ଭାବେ ନିଯୁକ୍ତ କରିଛନ୍ତି। ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ବିଜେଡି ଛାଡ଼ିଲେ ସିମୁଳିଆ ବିଧାୟକ

## ଇସ୍ତଫା ଦେଲେ ୧୮ ପଞ୍ଚାୟତର ସମର୍ଥକ

ଖଇରା, ୨୨।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବୁଧବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଏଥିସହ ନିର୍ବାଚନମଣ୍ଡଳୀର ୧୮ ପଞ୍ଚାୟତର ବହୁ ସମର୍ଥକ ମଧ୍ୟ ବିଜେଡି ଛାଡିଛନ୍ତି।

ସୂଚନାଯୋଗ୍ୟ ଚଳିତ ନିର୍ବାଚନରେ ଜ୍ୟୋତିପ୍ରକାଶଙ୍କ ବଦଳରେ ସୁବାସିନୀ ସାହୁଙ୍କୁ ବିଜେଡି ଟିକେଟ ଦେବାରୁ ସେ ଅସନ୍ତୁଷ୍ଟ ହୋଇ ନୀରବତା ଅବଲମ୍ବନ କରିଥିଲେ। ତେବେ ସେ ବୁଧବାର ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ସମ୍ପର୍କରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଇସ୍ତଫାପତ୍ର ପଠାଇଦେଇଛନ୍ତି। ଏହାପରେ ନିର୍ବାଚନକ୍ଷେତ୍ରର ୧୮ ପଞ୍ଚାୟତରେ ଥିବା ତାଙ୍କର ବହୁ ସମର୍ଥକ ମଧ୍ୟ ବିଜେଡି ଛାଡ଼ିଛନ୍ତି। ଡୁଙ୍ଗୁରା ପଞ୍ଚାୟତର ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, କୁପାରୀର



ଜ୍ୟୋତି ପ୍ରକାଶ ପାଣିଗ୍ରାହୀ

ପୂର୍ବତନ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ ଓ ସମିତିସଭ୍ୟା ସୁନୀତା ସାହୁ, ଗୋଳିହା ସମବାୟ ସମିତି ସଭାପତି ରମେଶ ଚନ୍ଦ୍ର ଘଡେଇ, ପ୍ରାକ୍ତନ ସରପଞ୍ଚ ପଙ୍କଜିନୀ ଦାସ ମହାପାତ୍ର ଓ କଲ୍ୟାଣୀ ମାଝି, ନାଏବ ସରପଞ୍ଚ ଉତ୍ତମ ଦାସ, ବିଜେଡି ନେତା ରବୀନ୍ଦ୍ର ଜେନା, ରବୀନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟା ଶଶାଙ୍କ ମହାପାତ୍ର, ଶତ୍ରୁଘ୍ନ ମହାନ୍ତି, ରାଜକିଶୋର ତ୍ରିପାଠୀ, ଲକ୍ଷ୍ମୀକାନ୍ତ ଦାଶ, ପ୍ରଫୁଲ୍ଲ ସାହୁ, ଅକ୍ଷୟ କୁମାର ବେହେରା, ପ୍ରଦୀପ କୁମାର ସାମଲ ପ୍ରମୁଖ ବିଜେଡିରୁ ଇସ୍ତଫା ଦେଇଛନ୍ତି। ଧୋବାଗଡିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉକ୍ତ ନେତୃବୃନ୍ଦ ଏହି ସୂଚନା ଦେବା ସହ ସେମାନେ ଭାଜପା ମିଶିପାରନ୍ତି ବୋଲି ପରୋକ୍ଷରେ ଇଙ୍ଗିତ କରିଛନ୍ତି। ଏହାକୁନେଇ ସିମୁଳିଆ ରାଜନୀତି ସରଗରମ ହୋଇଛି।

# ବିଜେଡି ପୁସିଂ କାର୍ଡ ଧରିଥିବା ମିଶନ ଶକ୍ତି ମହିଳାଙ୍କୁ ମାଡ଼



ମାଡ଼ ଖାଇଥିବା ମହିଳା ଥାନାରେ ଅଭିଯୋଗ କରୁଛନ୍ତି।

## ଘରେ ତାଲା ପକାଇ ମାଡ଼ ମାରିଲେ ଭାଜପା କର୍ମୀ

ଚଣ୍ଡିଖୋଲ,୨୨।୫(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଝିପଡ଼ା ଗ୍ରାମରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ବୁଧବାର ମଝିପଡ଼ା ଗ୍ରାମ ମିଶନ ଶକ୍ତି ସଂଘର ମହିଳା ଶକୁନ୍ତଳା ବେହେରା ବିଜେଡି ପୁସିଂ କାର୍ଡ ଧରି ଯାଉଥିବାବେଳେ ତାଙ୍କୁ ମାଡ଼ ମରାଯାଇଛି। ସେହି ଗ୍ରାମର କେତେଜଣ ଭାଜପା କର୍ମୀ ତାଙ୍କୁ ଅଟକାଇ ଏକ ଘରେ ପୁରାଇ ମାଡ଼ ମାରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ପହଞ୍ଚି ଶକୁନ୍ତଳାଙ୍କୁ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଶକୁନ୍ତଳା ପୁସିଂ କାର୍ଡ ଧରି ଗ୍ରାମରେ ଚାଲିଚାଲି ଯାଉଥିବାବେଳେ ତାଙ୍କୁ ସେହି ଗ୍ରାମର ବିକ୍ରମ ବଳ ଓ କୁମାର ରଞ୍ଜନ ବଳ ଅଟକାଇ କାହିଁକି ଗ୍ରାମରେ ମହିଳାମାନଙ୍କୁ ପୁସିଂ କାର୍ଡ ବାଣ୍ଟିବାକୁ ଯାଉଛ କହି ଅଟକାଇଥିଲେ। ଏହାପରେ ଗ୍ରାମର ବିଶ୍ୱଜିତ ବଳ, ବିଷ୍ଣୁପ୍ରସାଦ ବଳ ପହଞ୍ଚି ଶକୁନ୍ତଳାଙ୍କୁ ଗାଳିଗୁଲଜ କରିବା ସହ ବିଷ୍ଣୁଙ୍କ ଏକ ଘରେ ପୁରାଇ ବାହାରୁ ତାଲା ପକାଇ ଦେଇଥିଲେ। ପରେ ତାଙ୍କୁ ମାଡ଼ ମାରିଥିଲେ। ଗ୍ରାମର ଟୁନା ବଳ ଓ ବିଜୟ ବଳ ଶକୁନ୍ତଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣା ଦେଖି ସ୍ଥାନୀୟ ଲୋକେ ବାଲିଚନ୍ଦ୍ରପୁର ପୋଲିସକୁ ଫୋନ କରି ଜଣାଇଥିଲେ। ପୋଲିସ ଆସି ବନ୍ଦ ଘରୁ ଶକୁନ୍ତଳାଙ୍କୁ ବାହାର କରି ମେଡିକାଲ ପଠାଇଥିଲା। ଖବର ପାଇ ମିଶନ ଶକ୍ତି ମହାସଂଘ ସଭାନେତ୍ରୀ ପ୍ରମିଳା ଜେନାଙ୍କ ନେତୃତ୍ୱରେ ଶତାଧିକ ମହିଳା ବାଲିଚନ୍ଦ୍ରପୁର ଥାନାକୁ ଆସି ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଥାନା ଅଧିକାରୀ ପ୍ରମୋଦିନୀ ସାହୁ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଫେରି ଯାଇଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୨୬୧।୨୪ ରୁଜୁ ହୋଇଛି। ଅନ୍ୟପକ୍ଷରେ ଏନେଇ ବିକ୍ରମ ବଳଙ୍କ ସ୍ତ୍ରୀ ମଧୁସ୍ମିତା ବଳ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୬୨।୨୪ରେ ଏକ ମାମଲା ରୁଜୁ କରିଛି।

# ମହାପ୍ରଭୁଙ୍କୁ ନେଇ ରାଜନୀତି ଠିକ୍ ନୁହେଁ: ସଞ୍ଜୟ

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ସମଗ୍ର ଓଡ଼ିଆ ଜାତିର ସବୁଠାରୁ ବଡ଼ ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ଭାଜପା ନେତାମାନେ ଯେଉଁ ରାଜନୀତି କରୁଛନ୍ତି ଏହା ଆଦୌ ଠିକ ନୁହେଁ ବୋଲି ବିଜେଡି ନେତା ସଞ୍ଜୟ କୁମାର ଦାଶବର୍ମା କହିଛନ୍ତି। ସଞ୍ଜୟ ଗଣମାଧମକୁ କହିଛନ୍ତି ଯେ, ପ୍ରଥମେ ପରିକ୍ରମା ପ୍ରକଳ୍ପକୁ ଜୋରଦାର ବିରୋଧ କଲେ। କାରଣ ଏମାନଙ୍କର ଲକ୍ଷ୍ୟ ହେଲା– ନା କାମ କରିବୁ, ନା କାମ କରାଇଦେବୁ। ଯଦି କିଛି ଭଲ କାମ ହେଲା ତାକୁ ଜୋରଦାର ବିରୋଧ କରିବୁ। ସମସ୍ତ ପ୍ରକାରର ଚେଷ୍ଟା ସତ୍ତ୍ୱେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଫଳତାର ସହ ଲୋକାର୍ପିତ ହେଲା। ଭାଜପାକୁ ଆମେ ଯେତେବେଳେ ଆହ୍ୱାନ ଦେଲୁ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯଦି ଖରାପ ତେବେ ତାଙ୍କ ଇସ୍ତାହାରରେ କୁହନ୍ତୁ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିଦେବେ। ଏହାପରେ ସେମାନେ କଥା ବଦଳାଇବା ଆରମ୍ଭ କଲେ। ରାଜ୍ୟବାସୀ ଏଭଳି ଦୋମୁହାଁ ଚରିତ୍ର ଉପରେ ହସୁଛନ୍ତି। ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଭାଜପା ନେତା ରାଜ୍ୟବାସୀଙ୍କ ଭାବାବେଗ ଏବଂ ଓଡ଼ିଆ ଅସ୍ମିତା ସହ ଖେଳୁଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ। ଆମେ ପ୍ରାର୍ଥନା କରୁଛୁ ମହାପ୍ରଭୁ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ ବୋଲି ସଞ୍ଜୟ କହିଛନ୍ତି।

# ଶୀର୍ଷରେ ବିଜେଡି-ଭାଜପା ଲଢ଼େଇ

## ଢେଙ୍କାନାଳ ଲୋକ ସଭା କ୍ଷେତ୍ର

ଢେଙ୍କାନାଳରୁ ଅନିଲ ଦାସ,୨୨।୫

ଆସନ୍ତା ୨୫ ତାରିଖରେ ଢେଙ୍କାନାଳ ସମେତ ୬ ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ ହେବ। ଗୁରୁବାର ଅପରାହ୍ନ ୫ଟା ସୁଦ୍ଧା ଉକ୍ତ ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଶେଷ ହେବ। ଇତିମଧ୍ୟରେ ପ୍ରଚାର ଶୀର୍ଷରେ ପହଞ୍ଚିଛି। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ପ୍ରତିଯୋଗିତା ହେଉଛି। ବିଜେଡି ଓ ଭାଜପା ତୁଳନାରେ ପ୍ରଚାରରେ କଂଗ୍ରେସ ଧିମା ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ହେବ ବୋଲି କୁହାଯାଉଛି।

ଏହି ସଂସଦୀୟ କ୍ଷେତ୍ରରେ ଅବିନାଶ ସାମଲ ବିଜେଡିର ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି ଏବଂ କଂଗ୍ରେସର ମହିଳା ପ୍ରାର୍ଥୀ ସସ୍ମିତା ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମୁଖ୍ୟତଃ ରୁଦ୍ର ଏବଂ ଅବିନାଶଙ୍କ ମଧ୍ୟରେ ଜୋରଦାର ମୁକାବିଲା ହେଉଥିବା ନେଇ ମତଦାତାଙ୍କ ମଧ୍ୟରେ ଆଲୋଚନା ହେଉଛି। ଅଳ୍ପ ସମୟ ଥିବାରୁ ବୁଧବାର ଦିନତମାମ ଏବଂ ରାତିରେ ମଧ୍ୟ ଲୋକ ସଭା ପ୍ରାର୍ଥୀମାନେ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରି ପ୍ରଚାର ଚଳାଇଛନ୍ତି। ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଢେଙ୍କାନାଳରେ ବିଜେଡି ପ୍ରାର୍ଥୀ ସୁଧୀର ସାମଲ, ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ହିନ୍ଦୋଳରେ ବିଜେଡିର ମହେଶ ସାହୁଙ୍କୁ କଡ଼ା ଟକ୍କର ଦେଉଛନ୍ତି ବିଧାୟିକା ତଥା ଭାଜପା ପ୍ରାର୍ଥୀ ସୀମାରାଣୀ ନାୟକ। ଉଭୟ ପୂର୍ବରୁ ଗୋଟିଏ ଦଳରୁ ଥିବାବେଳେ ଚଳିତ ନିର୍ବାଚନରେ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇଥିବାରୁ ରୋଚକ ଲଢ଼େଇ ହେଉଛି। କାମାକ୍ଷାନଗରରେ ମନ୍ତ୍ରୀ ତଥା ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଏବଂ ଭାଜପାର ଶତ୍ରୁଘ୍ନ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେଉଛି। ଅପରପକ୍ଷେ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଭୂତିଭୂଷଣ ପ୍ରଧାନ ବିଜେଡିର ନୃସିଂହ ସାହୁଙ୍କୁ କଡ଼ା ଟକ୍କର ଦେଉଛନ୍ତି। ଗୁରୁବାର ନୃସିଂହ ନିଜ ନିର୍ବାଚନମଣ୍ଡଳୀର ଏକଘରିଆ, ମେଣ୍ଡାପଦା ଗାଁ ସମେତ ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର ଜୋରଦାର କରିଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବିକାଶକୁ ନେଇ ଲୋକଙ୍କଠାରୁ ଭୋଟଭିକ୍ଷା କରୁଛନ୍ତି। ମେଣ୍ଡାପଦାର ଏକ ନିର୍ବାଚନୀ ସଭା ପରେ ଆମେ ତାଙ୍କୁ ଭେଟିଥିଲୁ। ସେ କହିଛନ୍ତି, ରାଜ୍ୟରେ ଯାହା କିଛି ବିକାଶ ହୋଇଛି, ସେ ସବୁ ନବୀନବାବୁ କରିଛନ୍ତି। ଭତ୍ତା ବଢ଼ାଇବାଠାରୁ ଆରମ୍ଭ କରି ମାଗଣା ବିଜୁଳି, ପକ୍କାଘର, ସମସ୍ତଙ୍କୁ ପିଇବା ପାଣି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଆଦି ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ଆହୁରି ବିକାଶ ହେବ। ଆସନ୍ତା ୨୫ରେ ହେବାକୁ ଥିବା ନିର୍ବାଚନରେ ବିଜେଡିର ଶଙ୍ଖ ଚିହ୍ନରେ ଦୁଇଥର ବଟନ୍ ଚିପି ନବୀନଙ୍କ ହାତମୁଠାକୁ ଟାଣ କରିବା ଲାଗି ସେ ଭୋଟରଙ୍କୁ ନିବେଦନ କରିଛନ୍ତି। ବିଭିନ୍ନ ସ୍ଥାନରେ ରାଲି, ଶୋଭାଯାତ୍ରା କରି ସେ ଭୋଟଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀରେ ଆମେ କେତେକ ଭୋଟରଙ୍କୁ ସାକ୍ଷାତ୍ କରି ସେମାନଙ୍କ ମତାମତ ନେଇଥିଲୁ। ଏକଘରିଆ ଗ୍ରାମର ଗୌରଚନ୍ଦ୍ର ନାହକ କହିଛନ୍ତି ଯେ ଏଥର କ'ଣ ହେବ ଆମେ କହିପାରିବୁ ନାହିଁ। ଲୋକ ଯେଉଁଆଡ଼େ ଭୋଟ ଦେବେ ଆମେ ସେହିଆଡ଼େ ଦେବୁ। ଆଗରୁ ନବୀନ ବାବୁଙ୍କୁ ଦେଉଥିଲୁ। ସେହିଭଳି ଜନ୍ଦାମାଳର ସନ୍ତୋଷ ଦେହୁରୀ କହିଛନ୍ତି, ନେତା ଆସି ଘରେ ଘରେ ବୁଲୁଛନ୍ତି। ଭୋଟ ମାଗୁଛନ୍ତି। ଆମର ଯାହାକୁ ଇଚ୍ଛା ହେବ ଦେବୁ। କଂଗ୍ରେସର ଏଠାରେ ହାଓ୍ୱା କିଛି ନାହିଁ। ବିଜେଡି ଓ ଭାଜପା ମଧ୍ୟରୁ କେହିଜଣେ ଜିତିପାରେ। ଏବେଠାରୁ କହିହେବ ନାହିଁ। ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହେଉଛି।



ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମେଣ୍ଡାପଦା ଗାଁରେ ବିଜେଡି ବିଧାୟକ ପ୍ରାର୍ଥୀ ନୃସିଂହ ସାହୁ ପ୍ରଚାର କରୁଛନ୍ତି।(ଫଟୋ: ମୌସମ ନନ୍ଦ)

ସେହିଭଳି ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ମୁକେଶ ପାଲ, ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ଓ କଂଗ୍ରେସ ପ୍ରାର୍ଥୀ ଫକୀର ସାମଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ଆସନରେ ମଧ୍ୟ ତ୍ରିମୁଖୀ ଲଢ଼େଇ ହେବ ବୋଲି କୁହାଯାଉଛି। ଏଠାରେ ବିଧାୟକ ଥିବା ମୁକେଶଙ୍କୁ ଭାଜପା ପ୍ରାର୍ଥୀ କଡ଼ା ଟକ୍କର ଦେଉଥିବା ଲୋକେ କୁହାକୁହି ହେଉଛନ୍ତି। ଅପରପକ୍ଷେ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ଏକପାଖିଆ ମତଦାନ ହେବ ବୋଲି କେତେଜଣ ଭୋଟର କହିଛନ୍ତି। ଏଠାରୁ ଲଗାତର ଦୁଇଥର ବ୍ରଜ କିଶୋର ପ୍ରଧାନ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ମଧ୍ୟ ସେ ଅଧିକ ଜନସମର୍ଥନ ପାଇବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି।

ଅନୁଗୋଳ ନିର୍ବାଚନମଣ୍ଡଳୀରେ ରୋଚକ ସ୍ଥିତି ଦେଖିବାକୁ ମିଳିଛି। ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ପତ୍ନୀ ସଂଯୁକ୍ତା ସିଂ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହାଛଡ଼ା ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ କଂଗ୍ରେସ ପ୍ରାର୍ଥୀ ଅମ୍ବିକା ପ୍ରସାଦ ଭଞ୍ଜ ବିଜେଡି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଉଛନ୍ତି। ଏହି ଆସନ ଏତେ ସହଜରେ ବିଜେଡି ନିଜ ପାଖରେ ରଖିପାରିବ ବୋଲି କହିହେଉ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି।

ଢେଙ୍କାନାଳ ଲୋକ ସଭା କ୍ଷେତ୍ରର ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ବିଜେଡି ଓ ଭାଜପା କାହାରିକୁ ଛାଡ଼ିବା ସ୍ଥିତିରେ ନାହାନ୍ତି। ଏହି ନିର୍ବାଚନମଣ୍ଡଳୀକୁ ଭାଜପାର କେନ୍ଦ୍ରୀୟ ଷ୍ଟାର ପ୍ରଚାରକମାନେ ଘନଘନ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ଜୋର ଲଗାଇଛନ୍ତି। ଅନ୍ୟ ଦୁଇ ଦଳ ବିଜେଡି ଓ କଂଗ୍ରେସ ମଧ୍ୟ ପ୍ରଚାର ଜୋରଦାର କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସନତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକଙ୍କୁ ଠକୁଛନ୍ତି ପିଗ୍ ବଚରିଙ୍ଗ୍ ସ୍କାମର

ଭୁବନେଶ୍ୱର,୨୨।୫ (ଅନୁରାଧା ମହାରଣା)



ଷ୍ଟକ୍ ମାର୍କେଟରେ ପୁଞ୍ଜି ବିନିଯୋଗ କରିବା ଧାରା ବୃଦ୍ଧି ପାଉଥିବାବେଳେ ନୂତନ ପ୍ରକାର ଠକେଇ ଏବଂ ସ୍କାମ୍ ମଧ୍ୟ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଏହିପରି ଅନେକ ମାମଲା ସାମ୍ନାକୁ ଆସୁଛି ଯେଉଁଥିରେ ଲୋକମାନେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବ୍ୟବହାରକରି ବିପୁଳ ରିଟର୍ନ ଲୋଭ ଦେଇ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଛନ୍ତି। ଏହି ପ୍ରକାର ଠକେଇକୁ 'ପିଗ୍ ବଚରିଙ୍ଗ୍' କୁହାଯାଉଛି। ଏହି ପ୍ରକାର ମାମଲା ଦ୍ରୁତଗତିରେ ବଢ଼ୁଥିବାବେଳେ ଶେୟାର ମାର୍କେଟରେ ଟଙ୍କା ବିନିଯୋଗକାରୀ ଏହାର ଶିକାର ହେଉଛନ୍ତି। ସାମାନ୍ୟ ଅସାବଧାନତା ଫଳରେ ନିବେଶକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ନିମିଷକରେ ଉଭାନ ହୋଇଯାଉଛି। କେବଳ ସାଧାରଣ ଲୋକ ନୁହନ୍ତି ବରଂ ଟେକ୍ନୋଲୋଜି ଏବଂ ବଜାର ନିବେଶ ସମ୍ପର୍କିତ ଗଭୀର ଜ୍ଞାନ ରଖୁଥିବା ଲୋକମାନେ ଏଥିରେ ଜଡ଼ିତ ଅଛନ୍ତି। ଅନେକ ସମୟରେ ଏକ ଅଜଣା ନମ୍ବରରୁ ଏକ ନୂତନ ହ୍ୱାଟ୍ସଆପ୍ ଗ୍ରୁପ୍ ସହ ବ୍ୟକ୍ତି ଯୋଡ଼ିହୋଇଥା'ନ୍ତି। ଏହି ଗ୍ରୁପ୍ ଷ୍ଟକ୍ ମାର୍କେଟ କାରବାର ସହ ଜଡ଼ିତ ଥିବା ଭଳି ପ୍ରତୀୟମାନ ହୋଇଥାଏ। ମାତ୍ର ଏହା ହୋଇ ନ ଥାଏ। ବାସ୍ତବରେ ଏକ ବିଶାଳ ଡାଟାବେସ୍ ଡାର୍କ ୱେବ୍‌ରେ ବିକ୍ରି ହେଉଛି, ଯେଉଁଥିରେ କୋଟି କୋଟି ଲୋକଙ୍କ ସୂଚନା ଉପଲବ୍ଧ ହେଉଛି। ଏହି ସ୍କାମରମାନେ ଡାର୍କ ୱେବ୍‌ରୁ ତଥ୍ୟ କିଣନ୍ତି ଏବଂ ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମରେ ଏକ ଗୋଷ୍ଠୀ ବା ଗ୍ରୁପ୍ ସୃଷ୍ଟି କରି ଏଥିରେ ମିଳୁଥିବା ନମ୍ବରଗୁଡ଼ିକ ସାମିଲ କରିଥା'ନ୍ତି। ଏହି ଗୋଷ୍ଠୀରେ ତଥାକଥିତ ଷ୍ଟକ ମାର୍କେଟ ବିଶେଷଜ୍ଞ କିମ୍ବା ଷ୍ଟକ୍ ଗୁରୁ ମଧ୍ୟ ରହିଥାନ୍ତି। ସେହି ନକଲି ବିଶେଷଜ୍ଞଙ୍କ ନାମରେ ଗୋଷ୍ଠୀ ସଦସ୍ୟମାନଙ୍କୁ ଟିପ୍ସ ଦିଆଯାଏ। ସେହି ଟିପ୍ସଗୁଡ଼ିକ ଏପରି ଯେ ଲୋକମାନେ ମଧ୍ୟ ପ୍ରତାରିତ ହୁଅନ୍ତି। ଗ୍ରୁପ୍‌ରେ ବ୍ୟବସାୟିକ ଅଧ୍ୟୟନ ସାମଗ୍ରୀ ଇତ୍ୟାଦି ମଧ୍ୟ ଦିଆଯାଏ। ଅନେକ ଥର କିଛି ସବ୍‌ସ୍କ୍ରିପସନ ଚାର୍ଜ ମଧ୍ୟ ପଚରାଯାଏ। ଏପରି ଭାବେ ସ୍କାମରମାନେ ଗ୍ରୁପ୍ ସଦସ୍ୟଙ୍କ ବିଶ୍ୱାସଭାଜନ ହୋଇଥା'ନ୍ତି। ସ୍କାମରଙ୍କ ଦ୍ୱାରା ଏହିପରି ବ୍ୟକ୍ତିମାନେ ଗ୍ରୁପ୍‌ରେ ଯୋଡ଼ିହୋଇଥାନ୍ତି, ଯେଉଁମାନେ ଟିପ୍ସରେ ଉପକୃତ ହେବା ସହ ବିପୁଳ ଲାଭ ଉପାର୍ଜନ କରିଥିବା ଦର୍ଶାଇଥାନ୍ତି। ଏ ସମ୍ପର୍କିତ ନକଲି ସ୍କ୍ରିନ୍‌ସଟ୍ ମଧ୍ୟ ଶେୟାର କରିଥା'ନ୍ତି। ଏହିପରି ସ୍କାମରମାନେ ଫିସିଂ ୱେବ୍‌ସାଇଟ ଏବଂ ଆପ୍‌ର ସାହାଯ୍ୟ ନିଅନ୍ତି। ଏହି ଆପ୍ ଏବଂ ୱେବ୍‌ସାଇଟଗୁଡ଼ିକ କେବଳ ବାସ୍ତବ ଦେଖାଯାଏ ନାହିଁ ବରଂ ଏଥିରେ ଯୋଡ଼ିହେଉଥିବା ନିବେଶକାରୀ ଲାଭବାନ ହେଉଥିବା ପ୍ରତୀୟମାନ ହୁଏ। ପରବର୍ତ୍ତୀ ସମୟରେ ନିବେଶକ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପରେ ସମସ୍ତ ଟଙ୍କା ସ୍କାମର ଠକି ନିଅନ୍ତି ଏବଂ ଆପ୍ କାର୍ଯ୍ୟ କରିବା ବନ୍ଦ ହୋଇଯାଇଥାଏ।

## ପିଗ୍ ବଚରିଙ୍ଗ୍ କ'ଣ ?

ପିଗ୍ ବଚରିଙ୍ଗ୍‌ର ଅର୍ଥ ହେଉଛି ଘୁଷୁରି ହତ୍ୟା। ଘୁଷୁରିମାନଙ୍କୁ ମାଂସ ପାଇଁ ମାରିବା ପୂର୍ବରୁ ସେମାନଙ୍କୁ ପୂର୍ବରୁ ଖାଇବାକୁ ଦିଆଯାଏ ଏବଂ ହୃଷ୍ଟପୁଷ୍ଟ କରାଯାଏ। ସ୍କାମରମାନେ ମଧ୍ୟ ଏହି ସ୍କାମ୍‌ରେ ସମାନ କାର୍ଯ୍ୟ କରନ୍ତି। ସ୍କାମରମାନେ ବଚର ବା କଂସେଇ ଭାବରେ କାର୍ଯ୍ୟ କରନ୍ତି ଏବଂ ଘୁଷୁରି ବଦଳରେ ନିରୀହ ନିବେଶକମାନେ ଶିକାର ହୁଅନ୍ତି। ସ୍କାମର ପ୍ରଥମେ ନିବେଶକଙ୍କୁ ରୋଜଗାରର ପ୍ରତିଶ୍ରୁତି ଦେଇଥାଏ। ନିବେଶକମାନଙ୍କୁ ଆରମ୍ଭରେ କିଛି ଆକର୍ଷଣୀୟ ରିଟର୍ନ ଦିଆଯାଏ। ଏହା ନିବେଶକଙ୍କ ଲୋଭକୁ ବଢ଼ାଇଥାଏ ଏବଂ ସେ ନିଜ ବିନିଯୋଗ ଅଂଶ ବଢ଼ାଇଥାନ୍ତି। ପରିମାଣ ବଢ଼ିବା ମାତ୍ରେ ସ୍କାମର ଉକ୍ତ ଟଙ୍କାକୁ ଉଠାଇନେଇଥାଏ।

ପିଗ୍ ବଚରିଙ୍ଗ୍ ସ୍କାମ୍‌ରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଅପ୍ରତ୍ୟାଶିତ ରିଟର୍ନ ଲୋଭରେ ପଡ଼ନ୍ତୁ ନାହିଁ। ହ୍ୱାଟ୍ସଆପ୍ କିମ୍ବା ଟେଲିଗ୍ରାମରେ ଅଜଣା ଗ୍ରୁପ୍‌ରେ ମିଳୁଥିବା ଟିପ୍ସଠାରୁ ଦୂରରେ ରହିବା ଉଚିତ। କୌଣସି ସୋସିଆଲ ମିଡିଆ, ବାର୍ତ୍ତା କିମ୍ବା ଇମେଲ୍ ମାଧ୍ୟମରେ ଆସୁଥିବା ସନ୍ଦେହଜନକ ଲିଙ୍କ୍ ଉପରେ କ୍ଲିକ୍ କରିବା ଉଚିତ ନୁହେଁ। କେବଳ ପରିଚିତ ବ୍ୟକ୍ତି କୌଣସି ଗ୍ରୁପ୍‌ରେ ଯୋଡ଼ିଲେ ଏହାର କାରଣ ଜାଣିବା ପରେ ହିଁ ଏଥିରେ ଯୋଡ଼ିହୁଅନ୍ତୁ। ଆବଶ୍ୟକ ସ୍ଥଳେ ଆପଣ ଜାଣିଥିବା ଭରସାଯୋଗ୍ୟ ବଜାର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଯଦି ଠକେଇର ଶିକାର ହେବାର ସାମାନ୍ୟତମ ସନ୍ଦେହ ହୁଏ ତେବେ ଗ୍ରୁପ୍ ବ୍ଲକ୍ କରିବା ଆବଶ୍ୟକ।

*-ତ୍ରିନାଥ ଲେଙ୍କା, ଅର୍ଥନୀତି ବିଶେଷଜ୍ଞ*

# ବଜାରରେ ଆମ୍ପିୟର ନେକ୍ସସ୍




କଟକ,୨୨।୫

ଗ୍ରୀଭସ୍ ଇଲେକ୍ଟ୍ରିକ୍ ମୋବିଲିଟି ପ୍ରାଇଭେଟ୍ ଲିମିଟେଡ୍ (ଜିଇଏମ୍‌ପିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଆମ୍ପିୟର ନେକ୍ସସ୍'ର ସର୍ବଭାରତୀୟ ଉନ୍ମୋଚନ(ଅନାବରଣ) ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ପିଏମ୍‌ଜି ମୋଟର୍ସ (ପିଏମ୍‌ଜି ମୋଟର୍ସ ଆମ୍ପିୟର) କଟକ ସତିଚଉରା ଚାନ୍ଦନୀଚୌକି ଶୋ'ରୁମ୍ ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା।

ଜିଇଏମ୍‌ପିଏଲ୍‌ର ନ୍ୟାଶନାଲ ହେଡ୍(ସେଲ୍ସ) ସବ୍ୟସାଚୀ ଚକ୍ରବର୍ତ୍ତୀ,ଡେପୁଟି ଜେନେରାଲ ମ୍ୟାନେଜର ଶଙ୍କର ରଏ, ଏଏସ୍‌ଏମ୍ ଶୁଭ୍ରଜିତ ସ୍ୱାଇଁଙ୍କ ସମେତ ପିଏମ୍‌ଜି ମୋଟର୍ସ (ପିଏମ୍‌ଜି ମୋଟର୍ସ ଆମ୍ପିୟର)ର ମ୍ୟାନେଜିଂ ପାର୍ଟନର ମନୋରଞ୍ଜନ ଦାଶ ଏବଂ ଗଣେଶ ଚନ୍ଦ୍ର ପାତ୍ର,ଶୋ'ରୁମ୍ ମ୍ୟାନେଜର ସତ୍ୟଜିତ କୁଅଁର, ଜେନେରାଲ ମ୍ୟାନେଜର ବସନ୍ତ କୁମାର ଦେବତାଙ୍କ ଉପସ୍ଥିତିରେ ଏହାର ଅନାବରଣ ସହ ଘରୋଇ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଜିଇଏମ୍‌ପିଏଲ୍‌ର ପ୍ରଥମ ଉଚ୍ଚ କ୍ଷମତାସମ୍ପନ୍ନ ପାରିବାରିକ ବୈଦ୍ୟୁତିକ ସ୍କୁଟର 'ଆମ୍ପିୟର ନେକ୍ସସ'ରେ ଏକାଧିକ ସର୍ବପ୍ରଥମ ଉଦ୍ଭାବନ ଓ ଶ୍ରେଣୀର ପ୍ରଥମ ବୈଶିଷ୍ଟ୍ୟ ସାମିଲ ରହିଛି। ଆମ୍ପାୟର ନେଲ୍ସସ ଜାନସ୍କାର ଆକ୍ୱା, ଇଣ୍ଡିଆନ୍ ରେଡ୍, ଲୁନାର ହ୍ୱାଇଟ୍ ଓ ଷ୍ଟିଲ୍ ଗ୍ରେ ଭଳି ୪ଟି ଆକର୍ଷଣୀୟ କଲର (ରଙ୍ଗ)ରେ ଉପଲବ୍ଧ ହେଉଥିବାବେଳେ ଏହାର ବଜାର ମୂଲ୍ୟ (ଏକ୍ସ-ଶୋ'ରୁମ୍ ମୂଲ୍ୟ) ୧,୦୯,୯୦୦ଟଙ୍କାରୁ ଆରମ୍ଭ ହେଉଛି। ଜିଇଏମ୍‌ପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ କେ.ବିଜୟ କୁମାର କହିଛନ୍ତି, ଆମ୍ପିୟର ନେକ୍ସସ୍ ହାଇ ସ୍ପିଡ୍ ଇଲେକ୍ଟ୍ରିକ୍ ସ୍କୁଟରର ଶୁଭାରମ୍ଭ ଆମର ପରିବହନ ପ୍ରତି ନିରନ୍ତର ପ୍ରତିବଦ୍ଧତାର ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ହୋଇଥିବାବେଳେ ଅବକାଶରୁ ଅର୍ବାନକୁ ହାଇ ସ୍ପିଡ୍ ମଡେଲଗୁଡ଼ିକୁ ଏହି ପରିବର୍ତ୍ତନ ଆମ ଯାତ୍ରାର ଏକ ପ୍ରମୁଖ ମୁହୂର୍ତ୍ତକୁ ସୂଚିତ କରୁଛି।




ଧ-୩୪୨

# କଟକରେ ମଣ୍ଟେ କାର୍ଲୋର ଏକ୍ସକ୍ଲୁସିଭ ଆଉଟ୍‌ଲେଟ

କଟକ,୨୨।୫

ମଣ୍ଟେ କାର୍ଲୋ ଫ୍ୟାଶନ ଲିମିଟେଡ୍ (ଏମ୍‌ସିଏଫ୍‌ଏଲ୍)ର ନୂତନ ତଥା ଏକ୍ସକ୍ଲୁସିଭ ଆଉଟ୍‌ଲେଟ(ଷ୍ଟୋର) ବୁଧବାର କଟକର ବଜ୍ରକବାଟୀ ରୋଡ୍‌ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୪,୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ଏହି ନୂତନ ତଥା ମଣ୍ଟେ କାର୍ଲୋର ପ୍ରଥମ ଷ୍ଟୋର (୪ମହଲା ବିଶିଷ୍ଟ) ରେ ସବୁବର୍ଗର ଗ୍ରାହକଙ୍କ ପାଇଁ ବ୍ରାଣ୍ଡର ସମସ୍ତ ଉତ୍ପାଦ ଉପଲବ୍ଧ।

ଏହି ଅବସରରେ ଏମ୍‌ସିଏଫ୍‌ଏଲ୍‌ର ଭିପି ପଙ୍କଜ ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଟେ କାର୍ଲୋ କଟକ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ (ମାଲିକ) ଅମିତ ଅଗ୍ରୱାଲଙ୍କ ସମେତ ଏମ୍‌ସିଏଫ୍‌ଏଲ୍‌ର ମିଡିଆ ହେଡ୍ ନୀରଜ କୁମାର ନିର୍ବାଣ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଏ ସମ୍ପର୍କରେ ଏମ୍‌ସିଏଫ୍‌ଏଲ୍‌ର ଭିପି ପଙ୍କଜ ଶ୍ରୀବାସ୍ତବ କହିଥିଲେ, କଟକରେ ଆମେ ଆମର ନୂତନ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍‌ଘାଟନ) କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ନୂତନ ଷ୍ଟୋର ଗ୍ରାହକଙ୍କୁ ଏକ ପରିବର୍ତ୍ତନଶୀଳ ଶପିଂ ଅଭିଜ୍ଞତା ପ୍ରଦାନ କରିବ,ଯାହା ମଣ୍ଟେ କାର୍ଲୋଙ୍କ ଟ୍ୟାଗ୍‌ଲାଇନ୍ ସହ ଜଡ଼ିତ ରହିଛି। ସେହିଭଳି ଗ୍ରାହକଙ୍କ ଶପିଂ ଅଭିଜ୍ଞତାକୁ କ୍ରମାଗତ ଭାବେ ଉନ୍ନତ କରିବା ସହ ପ୍ରତ୍ୟେକ ପରିଦର୍ଶନ ଏହାକୁ ଆହୁରି ଉନ୍ନତ କରିବା ପାଇଁ ଷ୍ଟୋର ଲକ୍ଷ୍ୟ ରଖିଛି।

# ଏପିବିର ବାର୍ଷିକ ଫଳାଫଳ

ଭୁବନେଶ୍ୱର,୨୨।୫

ଦେଶର ପ୍ରମୁଖ ଘରୋଇ ଆର୍ଥିକ ସଂସ୍ଥା ତଥା ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ(ଏପିବି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷର ସମସ୍ତ ପରିମାପରେ ବ୍ୟାଙ୍କର ପ୍ରଦର୍ଶନ ଚମତ୍କାର ବୃଦ୍ଧି ହାସଲ କରିଛି, ଯାହା ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ୨୦୨୩-୨୦୨୪ଆର୍ଥିକ ବର୍ଷରେ ବ୍ୟାଙ୍କର ରାଜସ୍ୱ ବାର୍ଷିକ ଆଧାରରେ ୪୨% ବୃଦ୍ଧି ହୋଇ ୧୮୩୬କୋଟି ଟଙ୍କା ହୋଇଥିବା ବେଳେ ଶୁଦ୍ଧ ଲାଭ ୬୦% ବୃଦ୍ଧି ହୋଇ ୩୪.୫କୋଟି ଟଙ୍କା ହୋଇଛି। ଏହି ସମୟରେ ବ୍ୟାଙ୍କର ମାସିକ ଟ୍ରାଞ୍ଜାକ୍ଟିଂ ୟୁଜର(ଏମ୍‌ଟିୟୁ) ୮୦.୪ ମିଲିୟନକୁ ବୃଦ୍ଧି ପାଇଛି। ଏହା ଗ୍ରାହକଙ୍କ ଜମା ରାଶିକୁ ବାର୍ଷିକ ଆଧାରରେ ୫୦% ବୃଦ୍ଧି ସହ ୨୮୦୧ କୋଟି ଟଙ୍କା ଅତିକ୍ରମ କରାଇଛି। ପୂର୍ବ ତ୍ରୈମାସିକ ତୁଳନାରେ ୧୫%ର କ୍ରମାଗତ ବୃଦ୍ଧି ସହିତ ୫୩୯ କୋଟି ଟଙ୍କାର ରାଜସ୍ୱ ସହ ୪ର୍ଥ ତ୍ରୈମାସିକ (୨୦୨୪ ଜାନୁଆରୀରୁ ମାର୍ଚ୍ଚ) ସବୁଠାରୁ ଶକ୍ତିଶାଳୀ ତ୍ରୈମାସିକ ଭାବେ ଉଭା ହୋଇଛି। ଏହା ସହ ଏପିବି ୨୦୨୪ ଆର୍ଥିକ ବର୍ଷର ରାଜସ୍ୱ ତ୍ରୈମାସିକ ଆଧାରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ପଞ୍ଜୀକରଣ କରିଛି।

ଏ ସମ୍ପର୍କରେ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି, ଆମେ ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ପାଇଁ ଆଉ ଏକ ବର୍ଷର ମଜଭୁତ ଅଭିବୃଦ୍ଧି ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ।


# Classified Everyday
0674-2580101, 2549949



REAL ESTATE

SALE

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

ଖୋର୍ଦ୍ଧା ବେଗୁନିଆ ବଜାରରୁ ମାତ୍ର 1.5 Km. ଦୂରତାରେ Farm House ଏବଂ Residential Plot ବିକ୍ରିହେବ। Sqft. 180/-. Contact: 8457009122. D-75334




Newly open Jyoti Spa positively health benefits (Expert Therapist). 8458067955. D-76119

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

Fully relaxed body massage trained therapist. Central SPA. 9556483961. D-75741

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Relax, refresh your body, Mind by expert therapist. Contact- 9938843929. D-76122

Monalisa massage Club: All types Body massage with hiprofile smart lady rooms service available. 9708545108. D-335

AFFIDAVIT

By virtue of an affidavit sworn before Notary Public, dated 20.05.2024, I, Satya Narayan Sahoo, Address Plot No.- 420/2568, Kalyani Vihar, Phase-1, Kantilo, Sundarpada, Bhubaneswar- 751002, Khorda, Odisha declare that I have changed my daughter's name from ANJU SHREE SAHOO to SUBHALAXMI SAHOO. Henceforth, she will be known as SUBHALAXMI SAHOO for all purposes.
Satya Narayan Sahoo
D-352

By virtue of an affidavit sworn before Notary Public, dated 20.05.2024, I, Satya Narayan Sahoo, Address Plot No.-420/2568, Kalyani Vihar, Phase- 1, Kantilo, Sundarpada, Bhubaneswar- 751002, Khorda, Odisha declare that I have changed my son's name from AYAN SAHOO to SHUBHAM SAHOO. Henceforth, he will be known as SHUBHAM SAHOO for all purposes.
Satya Narayan Sahoo
D-353

ମୁଁ ରକି ନାୟକ, ପିତା ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ, ବାଲିସାହି ସାରଦାଦେବୀ ରୋଡ୍, ପୁରୀ- ୭୫୨୦୦୧ ମ୍ୟୁନିସିପାଲିଟି, ମୁଁ ଘୋଷଣା କରୁଛି ଯେ, ମୋର ନାମ ରକି ନାୟକ ବଦଳରେ ଆଜିଠାରୁ ରୁଦ୍ର ନାରାୟଣ ନାୟକ ରୂପେ ପରିଚିତ ହେବି। ମୋର ଆଫିଡାଭିଟ ନମ୍ବର ୨୯୦, ତାରିଖ ୧୮।୫।୨୪, ପୁରୀ କୋର୍ଟ। ଧ-୩୫୫

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗ୍ରୁପାଜି ଓମ୍ନେଡ଼୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ୩ଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୭୬, ସେକ୍ଟର ୫, ନୋଏଡ଼ା।
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରମାମଣୀ ମହାପାତ୍ର
ପ୍ଲଟ୍ ନଂ.- A/7, ନାଗେଶ୍ୱରଟାଙ୍ଗୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ମାଘ ସପ୍ତମୀ ୧୯୪୩
ତିରୋଧାନ: ବୈଶାଖ ପୂର୍ଣ୍ଣିମା ୨୦୦୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୪

ଷୋଡ଼ଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



୰ରଜନୀକାନ୍ତ ମହାପାତ୍ର
ପ୍ଲଟ୍ ନମ୍ବର-୫, ଶକ୍ତିନଗର, କଟକ
ତିରୋଧାନ- ୦୯।୦୫।୨୦୦୯ (ବୈଶାଖ ପୂର୍ଣ୍ଣିମା)
ତୁମେ ଆମକୁ ଶୋକସାଗରରେ ଭସାଇ ଈଶ୍ୱରଙ୍କ ପାଖକୁ ଚାଲିଗଲ ସିନା ତୁମର ସ୍ନେହାଶିଷ, ତୁମର ଉପଦେଶ ଆମମାନଙ୍କ ଜୀବନର ପ୍ରେରଣାର ଉତ୍ସ। ତୁମର ମହତ ଗୁଣାବଳୀ ସବୁଦିନ ଆମମାନଙ୍କର ପାଥେୟ ହେଉ। ଅମର ଆତ୍ମାର ଶାନ୍ତି, ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ପତ୍ନୀ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୩୧୫

ମନେ ପଡ଼ନ୍ତି



୰ସ୍ନେହଲତା ଙ୍କର
ମା
ତୁମର ଯିବାର ୧୬ ବର୍ଷ ବିତି ଯାଇଥିଲେ ମଧ୍ୟ, ଆମ ମାନସପଟ୍ଟରେ ତୁମର ସ୍ମୃତି ସଜାଗ ହୋଇ ରହିଅଛି। ଅତୀତର ସୁନ୍ଦର ସ୍ମୃତି ଭାବି ଭାବି ଆମେ ଦିନ ବିତାଉଛୁ, ଆଶୀର୍ବାଦ ଦେବ।
ଶୋକସନ୍ତପ୍ତ
ତୁମର- ସନ୍ତାନ...ସନ୍ତତି ମାନେ
ଧ-୭୫୫୩୯


# ଅନ୍ତର୍ଜାତୀୟ କ୍ଲିନିକାଲ ଟ୍ରାଏଲ୍ ଡେ

ଭୁବନେଶ୍ୱର,୨୨।୫

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଅନ୍ତର୍ଜାତୀୟ କ୍ଲିନିକାଲ ଟ୍ରାଏଲ୍ ଡେ (ଦିବସ) ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ପଟିଆସ୍ଥିତ ଏକ ଘରୋଇ ହୋଟେଲରେ ସିଆର୍‌ଓ ଫାର୍ମାଟ୍ରେଣ୍ଡଜର ପୃଷ୍ଠପୋଷକତାରେ ଏକ ଦିନିକିଆ କର୍ମଶାଳା ଓ ସମ୍ମିଳନୀ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ବିଶ୍ୱବ୍ୟାପୀ କ୍ଲିନିକାଲ ରିସର୍ଚ୍ଚ ବିଶେଷଜ୍ଞମାନଙ୍କ ଅକ୍ଳାନ୍ତ ଅବଦାନ ତଥା ନିରନ୍ତର ଉତ୍ସର୍ଗୀକୃତ ଉତ୍ସବକୁ ସମ୍ମାନିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଥିଲା। ଏହି ସମ୍ମିଳନୀରେ ଫାର୍ମାସ୍ୟୁଟିକାଲ୍ସ, ବାୟୋଟେକ୍, କ୍ଲିନିକାଲ୍ ରିସର୍ଚ୍ଚ ସଙ୍ଗଠନ, କ୍ଲିନିକାଲ ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କମ୍ପାନୀର ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଡା. ସରୋଜ କୁମାର ଦାସମଜୁମଦାର, ପ୍ରଫେସର ତଥା ମୁଖ୍ୟ, ରେଡିଏସନ୍ ଅଙ୍କୋଲୋଜି ବିଭାଗ, ଏଆଇଏମ୍‌ଏସ୍ ଭୁବନେଶ୍ୱର, ଡା. ଅମୃତ ପାଟଜୋଷୀ, ପ୍ରଫେସର ତଥା ମୁଖ୍ୟ, ସାଇକିଆଟ୍ରିକ୍ ବିଭାଗ, ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ, କମ୍ୟୁନିଟି ମେଡିସିନ୍, ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ପ୍ରଫେସର ଡା. ଲିସା ଷଡ଼ଙ୍ଗୀ, ସ୍ୱାସ୍ଥ୍ୟବିଜ୍ଞାନ ବିଭାଗର ପ୍ରଫେସର ଡା. ସୂର୍ଯ୍ୟପ୍ରକାଶ ଏସ୍. ଚୌଧୁରୀ, ଡା.ନିବେଦିତା ଜେନା, ସିଓଓ ଏବଂ ହେଡ୍, ଡିବିଟି-ଆଇଏଲ୍‌ଏସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍, ଭୁବନେଶ୍ୱର ପ୍ରମୁଖ ନିଜ ନିଜର ବହୁ ମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିଭଳି ସିଆର୍‌ଓ ଫାର୍ମାଟ୍ରେଣ୍ଡଜର ପ୍ରତିଷ୍ଠାତା ଏବଂ ଡାଇରେକ୍ଟର ଡା. ସାଇପ୍ରସନ୍ନା ବେହେରା ଏବଂ ବରିଷ୍ଠ ପରାମର୍ଶଦାତା ସୁଦୀପ କୁମାର ପାତ୍ର କହିଥିଲେ, ସିଆର୍‌ଓ ଫାର୍ମାଟ୍ରେଣ୍ଡଜ କ୍ଲିନିକାଲ୍ ରିସର୍ଚ୍ଚ କ୍ଷେତ୍ରରେ ଉନ୍ନତି ଏବଂ ଅଗ୍ରଗତି ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏପରିକି ଆଗାମୀ ଦିନରେ ଓଡ଼ିଶା ସହ ସମଗ୍ର ଭାରତବର୍ଷରେ ମଧ୍ୟ ଏହାକୁ କିପରି ଆଗକୁ ନେଇ ହେବ,ସେଥିପାଇଁ ସିଆର୍‌ଓ ଫାର୍ମାଟ୍ରେଣ୍ଡଜ ସବୁବେଳେ କାର୍ଯ୍ୟ କରି ଚାଲିଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୨।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୮(୨୬୭.୭୫) ପଏଣ୍ଟ ବଢ଼ି ୭୪,୨୨୧(୭୪,୨୨୧.୦୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୬୯(୬୮.୭୫) ପଏଣ୍ଟ ବୃଦ୍ଧି ଘଟି ୨୨,୫୯୮(୨୨,୫୯୭.୮୦) ଅଙ୍କରେ କାରବାର ବନ୍ଦ କରିଥିଲା।




# ଦିଲ୍ଲୀରେ କଳାହାଣ୍ଡିର ଆମ୍ରପଲ୍ଲୀ, ମଲ୍ଲିକା ଆମ୍ବର ଚାହିଦା

**ଭବାନୀପାଟଣା, ୨୨।୫ (ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଜିଲାର ଆମ୍ରପଲ୍ଲୀ ଓ ମଲ୍ଲିକା ଆମ୍ବର ଚାହିଦା ଏବେ ନୂଆଦିଲ୍ଲୀରେ ବୃଦ୍ଧି ପାଇବାରେ ଲାଗିଛି। ଗତବର୍ଷ ୩.୭ ମେଟ୍ରିକ୍ ଟନ୍ ଆମ୍ବ ଦିଲ୍ଲୀ ଯାଇଥିବାବେଳେ ଏଥର ୨୦ ମେଟ୍ରିକ ଟନ୍ ପଠାଯିବ। ଗୁରୁବାର ପ୍ରଥମ ପର୍ଯ୍ୟାୟ ଆମ୍ବ ପଠାଯିବା ଖବର ଜାଣିବା ପରେ ଆମ୍ବ ଚାଷୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲାର କଳାହାଣ୍ଡି ଫୁଡ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ପକ୍ଷରୁ ପ୍ରଥମଥର ପାଇଁ ନୂଆଦିଲ୍ଲୀର ମଦର କମ୍ପାନୀକୁ ୨୦ ମେଟ୍ରିକ ଟନ ଆମ୍ବ ପଠାଯିବା ନିମନ୍ତେ କମ୍ପାନୀ ପକ୍ଷରୁ ଚୁକ୍ତି କରାଯାଇଛି। କଳାହାଣ୍ଡି ଜିଲା ମଦନପୁର ରାମପୁର, ନର୍ଲା ଓ ଥୁଆମୂଳ ରାମପୁର ବ୍ଲକରୁ ଆମ୍ବ ସଂଗ୍ରହ କରି ଗୁରୁବାର ପ୍ରଥମ ପର୍ଯ୍ୟାୟରେ ଟିଟିଲାଗଡ଼ରୁ ଟ୍ରେନ ଯୋଗେ ଦିଲ୍ଲୀ ପଠାଯିବ। ମଦର କମ୍ପାନୀ ପକ୍ଷରୁ ଗତବର୍ଷ ୩.୭ ମେଟ୍ରିକ ଟନ୍ ଆମ୍ରପଲ୍ଲୀ ଓ ମଲ୍ଲିକା ଆମ୍ବ ପଠାଯାଇଥିଲା। ଏହି ଆମ୍ବର ଚାହିଦାକୁ ଦୃଷ୍ଟିରେ ରଖି ଚଳିତବର୍ଷ ୨୦ ମେଟ୍ରିକ ଟନ୍ ଅର୍ଡର ଦିଆଯାଇଛି। ଚାଷୀମାନଙ୍କଠାରୁ କେଜି ୭୦ ଟଙ୍କାରେ କ୍ରୟ କରାଯାଇ କଳାହାଣ୍ଡି ଫୁଡ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ପକ୍ଷରୁ ୨% କମ୍ପାନୀ ଖର୍ଚ୍ଚ ଓ ପରିବହନ ଖର୍ଚ୍ଚ ବାବଦ ଚାଷୀଙ୍କୁ ପୈଠ ହେବ ବୋଲି

### ଆଜି ପ୍ରଥମ ପର୍ଯ୍ୟାୟ ଆମ୍ବ ଦିଲ୍ଲୀ ଯିବ

ଜଣାପଡିଛି। ମେ ୨୩ରେ ୨ ମେଟ୍ରିକ ଟନ୍ ହିସାବରେ ୧୦ଦିନ ଧରି ୨୦ ମେଟ୍ରିକ ଟନ୍ ଟ୍ରେନ ଯୋଗେ ଦିଲ୍ଲୀ ପଠାଇବା ପାଇଁ ନିଷ୍ପତ୍ତି ହୋଇଛି। ସେହିଭଳି ଦଶରୀ ଓ ଲେଙ୍ଗଡା ଆମ୍ବ ଅମଳ ହେବା ପରେ ବାହାର ରାଜ୍ୟରୁ ବିଭିନ୍ନ କମ୍ପାନୀ ନେଇଯାଉଥିବା ସୂଚନା ମିଳିଛି। ରାଜ୍ୟ ବାହାରେ କଳାହାଣ୍ଡି ଆମ୍ବର ଚାହିଦା ନେଇ ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି । ଗତବର୍ଷ ୯ଟି ଚାଷୀ ଉତ୍ପାଦକ ସଂସ୍ଥା ପକ୍ଷରୁ ଭବାନୀପାଟଣା ସହରସ୍ଥିତ ଗାଁ ଆମ୍ବ ପସରା କାର୍ଯ୍ୟକ୍ରମରେ ଆମ୍ବ ହାଟ ଖୋଲାଯାଇଥିଲା। ଏଥିରେ ଆମ୍ରପଲ୍ଲୀ, ମଲ୍ଲିକା, ହେମସାଗର, ଆଲଫନସୋ, ଲେଙ୍ଗଡା, ବାଇଗଣପଲ୍ଲୀ, ପଚ୍ଚାପୁରୀ, ବମ୍ବେଗ୍ରୀନ, ଦଶରୀ, ସୁନ୍ଦରୀ, ଗୁଡଭେଲା, ଚନ୍ଦ୍ରିକା, କଟାସୁଆଦି, ନଡିଆ ପ୍ରଭୃତି କିସମର ଆମ୍ବ ୭ଦିନ ଧରି ବିକ୍ରି ହୋଇଥିଲା। ଏଥିରେ ୧୮୨.୩୯ କୁଇଣ୍ଟାଲ ଆମ୍ବ ବିକ୍ରି ହୋଇ ୫ଲକ୍ଷ ୪୭ ହଜାର ଟଙ୍କା ଆୟ ହୋଇଥିଲା। କଳାହାଣ୍ଡିରେ ଦିନକୁ ଦିନ ଆମ୍ବ ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୪୫ ଲକ୍ଷ ବ୍ୟୟ ଅଟକଳରେ ଡିଏମ୍ଏଫ୍ ଅନୁଦାନରେ ଏକ ଆମ୍ବ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ଏହି ୟୁନିଟ ଆଇଟିଡିଏ ଦ୍ୱାରା ଥୁଆମୂଳ ରାମପୁର ବ୍ଲକର ଅଡ୍ରିଠାରେ କରାଯିବା ନିମନ୍ତେ ପ୍ରସ୍ତୁତି ହୋଇଥିଲା। କିନ୍ତୁ ଏଥିରେ ବିଳମ୍ବ ଯୋଗୁ ଆମ୍ବ ଚାଷୀମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତୁରନ୍ତ ଜିଲାପ୍ରଶାସନ ଏ ନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଏସ୍ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ


ଥାନାକୁ ଅଭିଯୋଗ ପାଇଁ ଆସିଥିବା ଏସ୍ଏଚ୍‌ଜି ମହିଳା।

**ଖଡ଼ିଆଳ,୨୨।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ଏସ୍ଏଚ୍‌ଜି ମହିଳାମାନେ ଠକାମିର ଶିକାର ହୋଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର ଦୁଇ ବ୍ୟକ୍ତି ମହିଳାମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ପଡିବା ନେଇ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଆଧାର କାର୍ଡ ଓ ବ୍ୟାଙ୍କ ଖାତା ନେଇଯାଇଥିଲେ। କିଛିଦିନ ପରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ କୌଣସି ବେସରକାରୀ ସଂସ୍ଥାରୁ ୩୦ହଜାର ଟଙ୍କା ପଡିଥିବା କହି ମହିଳାମାନଙ୍କ ବିନା ଦସ୍ତଖତରେ ୩୦ହଜାର ଟଙ୍କା ଉଠାଇ ନେଇଥିଲେ। କିଛିଦିନ ପରେ ମହିଳାମାନେ ନିଜ ଆକାଉଣ୍ଟରୁ ଋଣ କରିବା ନେଇ ବ୍ୟାଙ୍କକୁ ଯିବାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ନାମରେ ଲୋନ ଥିବା କହିଥିଲେ। ପରେ ସେମାନେ ସମ୍ପୃକ୍ତ ଦୁଇ ବ୍ୟକ୍ତିଙ୍କୁ ଏ ବିଷୟରେ ପଚାରିଥିଲେ। ହେଲେ ବ୍ୟକ୍ତି ଦ୍ୱୟ ସମାଧାନ କରିବାର ପ୍ରତିଶ୍ରୁତି ଦେଇ ଦୃଷ୍ଟି ଦେଲେ ନାହିଁ। ଫଳରେ ବାଧ ହୋଇ ଗ୍ରାମର ୩୦ରୁ ଅଧିକ ମହିଳା ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଗ୍ରାମର ଦୁଇଜଣ ଯୁବକଙ୍କୁ ଆଣି ପଚରାଉଚରା କରି ନୋଟିସ ମାଧ୍ୟମରେ ଛାଡିଦେଇଛି। ସେମାନଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତିମାନଙ୍କୁ ଧରିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଖଡ଼ିଆଳ ଥାନା ଅଧିକାରୀ କୁମାର ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି।

# ଡାକ୍ତରଖାନା ଆଉଟଡୋର୍‌କୁ ଠିକ୍ ସମୟରେ ଆସୁନାହାନ୍ତି ଡାକ୍ତର


ରିଷିଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ରିଷିଡା,୨୨।୫(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କେତେଜଣ ଡାକ୍ତର ଆଉଟଡୋର୍‌କୁ ଠିକ୍ ସମୟରେ ଆସୁ ନ ଥିବା ନେଇ ରୋଗୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବର୍ତ୍ତମାନ ଡାକ୍ତରଖାନା ଖୋଲିବା ସମୟ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଛି। ତେବେ ମଙ୍ଗଳବାର ସକାଳ ୯ଟା ସୁଦ୍ଧା ଡାକ୍ତର ଆଉଟଡୋର୍ ଆସି ନ ଥିବାରୁ ଅପେକ୍ଷାରତ ରୋଗୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଡାକ୍ତରଖାନା ପରିସରରେ ଥାଇ ବି ଆଉଟଡୋର୍‌କୁ ଆସି ନ ଥିବାବେଳେ ଅନ୍ୟଜଣେ ଆୟୁଷ ଡାକ୍ତର ଅନୁପସ୍ଥିତି ଥିବା ଦେଖାଯାଇଥିଲା। ଏ ସମ୍ପର୍କରେ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ଆଶିଷ ଧରୁଆଙ୍କୁ ପଚାରିବାରୁ ସେ କେଉଁ କାରଣରୁ ଡାକ୍ତର ଆସି ନ ଥିଲେ ବୁଝିବା ସହ ରୋଗୀମାନେ ଯେଭଳି ସୁରୁଖୁରୁରେ ଚିକିତ୍ସାସେବା ପାଇବେ ସେ ନେଇ ପଦକ୍ଷେପ ନେବେ ବୋଲି କହିଥିଲେ।

# ନୟାଗଡ଼ ବନ୍ୟପ୍ରାଣୀ ଓ ବୌଦ୍ଧ ବନଖଣ୍ଡରେ ହାତୀ ଗଣନା ଆରମ୍ଭ

**ବୌଦ୍ଧ,୨୨।୫( ଅଜିତ କୁମାର ବାରିକ)**

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ଏବଂ ବୌଦ୍ଧ ବନଖଣ୍ଡ ଅଧୀନରେ ଥିବା ସମସ୍ତ ରେଞ୍ଜରେ ବୁଧବାରଠାରୁ ହାତୀଗଣନା ଆରମ୍ଭ ହୋଇଛି। ହାତୀ ଗଣନା ପାଇଁ ବିଭିନ୍ନ ରେଞ୍ଜର ହାତୀ ଚଲାପଥ ଅଞ୍ଚଳରେ ମଞ୍ଚା ତିଆରି କରାଯାଇ ଗଣନା କରାଯାଉଛି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କୁଶଙ୍ଗ, ଛାମୁଣ୍ଡିଆ, ବାଣୀଗୋଛା (ପୂର୍ବ) ଏବଂ ବାଣୀଗୋଛା (ପଶ୍ଚିମ) ଭଳି ୪ ଗୋଟି ରେଞ୍ଜ ଅଧୀନରେ ହାତୀ ଗଣନା ପାଇଁ ୩୬ଗୋଟି ମଞ୍ଚା ତିଆରି କରାଯାଇଛି। କୁଶଙ୍ଗ ରେଞ୍ଜରେ ୧୧ଗୋଟି, ଛାମୁଣ୍ଡିଆରେ ୧୧ଗୋଟି, ବାଣୀଗୋଛା ପୂର୍ବ ଏବଂ ପଶ୍ଚିମରେ ୧୪ ଗୋଟି ଲେଖାଏ ମଞ୍ଚା ନିର୍ମାଣ କରାଯାଇଛି। ପ୍ରତ୍ୟେକ ୟୁନିଟରେ ୩ ଜଣ ଲେଖାଏ ବନ କର୍ମଚାରୀ ନିୟୋଜିତ କରାଯାଇଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ହାତୀଗଣନା ପାଇଁ ୧୦୮ଜଣ ବନ୍ୟପ୍ରାଣୀ କର୍ମଚାରୀ ନିୟୋଜିତ ହୋଇଥିବା ରେଞ୍ଜର ସଂସାର ବର୍ଗିଆ ସୂଚନା ଦେଇଛନ୍ତି । ସେହିପରି ବୌଦ୍ଧ ବନଖଣ୍ଡ ଅଧୀନରେ ଥିବା ୫ଟି


ହାତୀ ଗଣନା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ।

### ୩ ଦିନ ଚାଲିବ ଗଣନା

ରେଞ୍ଜରେ ହାତୀଗଣନା ପାଇଁ ୪୫ଟି ସ୍ଥାନରେ ମଞ୍ଚା ନିର୍ମାଣ କରାଯାଇଛି। ଏହି ବନଖଣ୍ଡ ଅଧୀନରେ ରହିଥିବା ହରଭଙ୍ଗା ବ୍ଲକର ମାଧପୁର ରେଞ୍ଜରେ ୧୮ଗୋଟି, ପୁରୁଣାକଟକ ରେଞ୍ଜରେ ୨ଟି ସ୍ଥାନରେ ମଞ୍ଚା ନିର୍ମାଣ କରାଯାଇଛି। ଏଥିପାଇଁ ମୋଟ ୧୩୫ ଜଣ ବନ କର୍ମଚାରୀ ନିୟୋଜିତ ଅଛନ୍ତି। ମଞ୍ଚାଗୁଡିକ ହାତୀ ଚଲାପଥ ସହିତ ଜଳାଶୟ ନିକଟରେ ନିର୍ମାଣ କରାଯାଇଛି। ପ୍ରତିଦିନ ଅପରାହ୍ନ ୫ଟାରୁ ଭୋର ୫ଟା ପର୍ଯ୍ୟନ୍ତ ମଞ୍ଚା ଉପରେ ବନକର୍ମଚାରୀମାନେ ରହି ହାତୀପଲରେ ଥିବା ପୁରୁଷ, ମହିଳା, ବୟସ୍କ ଏବଂ ଛୁଆ ହାତୀଙ୍କ ଗଣନା କରାଯାଉଛି। ଏହାସହିତ ହାତୀର ଉଚ୍ଚତା ଏବଂ ବୟସ ଉପରେ ମଧ୍ୟ ନଜର ରଖାଯାଇଛି। ପ୍ରତି ୫ ବର୍ଷରେ ଥରେ ହାତୀଗଣନା ହେଉଥିବା ସୂଚନା ମିଳିଛି। ଗଣନା କାର୍ଯ୍ୟ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମାଧପୁର ରେଞ୍ଜ ଅଫିସର ଆଶିକ କୁମାର ଦିଗାଲ ସୂଚନା ଦେଇଛନ୍ତି।

# କିରାସିରା ଓ ମହେଶ୍ୱରପିଣ୍ଡାରେ ସାନି ମତଦାନ ଆଜି

**ବୌଦ୍ଧ,୨୨।୫( ଅଜିତ କୁମାର ବାରିକ)**

### ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ହେବ ଭୋଟ ଗ୍ରହଣ

ଗତ ସୋମବାର ବୌଦ୍ଧ ଜିଲାରେ କନ୍ଧମାଳ ସଂସଦୀୟ କ୍ଷେତ୍ର, କଣ୍ଟାମାଳ ବିଧାନସଭା ଓ ବୌଦ୍ଧ ବିଧାନସଭା ପାଇଁ ଭୋଟ ଗ୍ରହଣ ହୋଇଯାଇଛି। କଣ୍ଟାମାଳ ବିଧାନସଭା (୮୫)ରେ ନିର୍ବାଚନୀ ହିଂସା ଦେଖାଯିବା ସହିତ ଅନେକ ବୁଥରେ ମତଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। କଣ୍ଟାମାଳ ନିର୍ବାଚନମଣ୍ଡଳୀର କିରାସିରା ବୁଥ ନଂ ୨୬ରେ ଭୋଟ ରିଗିଂ ହୋଇଥିବା ବେଳେ ମହେଶ୍ୱରପିଣ୍ଡା ବୁଥ ନଂ. ୨୮ରେ ଭୋଟଗ୍ରହଣ ସମୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ଭାରତ ନିର୍ବାଚନ ଆୟୋଗ ଉକ୍ତ ଦୁଇ ବୁଥରେ ସାନି ମତଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପରେ ସେଠାରେ ଗୁରୁବାର ଦିନ ସାନି ମତଦାନ କରିବାକୁ ପ୍ରଶାସନ ପ୍ରସ୍ତୁତି ଜୋରଦାର କରିଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଦୁଇ ସ୍ଥାନରେ ବୁଧବାର ଡାକବାଜି ଯନ୍ତ୍ର ଓ ଡେଙ୍ଗୁରା ବଜାଇ ଭୋଟ ଦେବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି। ଭୋଟ ଗ୍ରହଣ ସକାଳ ୭ ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ ପର୍ଯ୍ୟନ୍ତ ଚାଲୁ ରହିବ। କିରାସିରା ବୁଥ ପାଇଁ କିରାସିରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର ହୋଇଥିବା ବେଳେ ମହେଶ୍ୱରପିଣ୍ଡା ବୁଥ ପାଇଁ ମହେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମତଦାନ କେନ୍ଦ୍ର ହୋଇଛି। ଭୋଟ ଯେପରି ଶାନ୍ତିଶୃଙ୍ଖଳାରେ କରାଯାଇପାରିବ ସେନେଇ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ୩ଦଫା ଦାବିରେ ରାସ୍ତା ଅବରୋଧ

**ଖଡ଼ିଆଳ,୨୨।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଡୁଆଝର ଗ୍ରାମର ଜଣେ ଦଶମ ଶ୍ରେଣୀ ଛାତ୍ର ବିଜୁଳି ଆଘାତରେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ତିନିଦଫା ଦାବି ନେଇ ପରିଜନ ଓ ସମ୍ପର୍କୀୟ ଖଡ଼ିଆଳ-ସିନାପାଲି ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ସୂଚନା ଅନୁସାରେ ଗତ ୧୩ ତାରିଖରେ ଗ୍ରାମର ଜାଗତାନନ୍ଦ ମେହେରଙ୍କ ଘରର ଛାତ ଉପରେ ଯାଇଥିବା ୩୩ କେଭି ବିଦ୍ୟୁତ୍ ଆଘାତରେ ଦଶମ ଶ୍ରେଣୀ ଛାତ୍ର କୁନାଲ ମେହେର (୧୬)ଙ୍କ ଶରୀରର ୮୫% ପୋଡିଯାଇଛି। ଏବେ ସେ ରାୟପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଜଗତାନନ୍ଦଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପୁଅର ଚିକିତ୍ସା ପାଇଁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସହାୟତା ସହ ଘର ଉପରେ ଯାଇଥିବା ବିଦ୍ୟୁତ୍ ତାରକୁ ୪୮ ଘଣ୍ଟା ମଧ୍ୟରେ ସ୍ଥାନାନ୍ତର କରିବା ଓ ବିଭାଗୀୟ ଏସ୍‌ଡିଓଙ୍କୁ ଗିରଫ କରିବା ଦାବି ନେଇ ରାସ୍ତାରୋକୋ କରିଛନ୍ତି। ଫଳରେ ଏହି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏ ନେଇ ଖଡ଼ିଆଳ ଥାନାରେ ଗତ ୧୬ ତାରିଖରେ ଆହତ ଛାତ୍ରଙ୍କ କାକା ହୀରାଧର ମେହେର ବିଦ୍ୟୁତ୍ ବିଭାଗ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ରାସ୍ତା ଅବରୋଧ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଜାରି ରଖିଛି। ଦୁଇଟି ଦାବି ପୂରଣ ହୋଇଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଗିରଫ ଦାବି ପୂରଣ ହୋଇ ନ ଥିବାରୁ ଆନ୍ଦୋଳନ ଜାରି ରହିଛି। ଖଡ଼ିଆଳ ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ବିଡ଼ିଓ ବିରସେନ ବେହେରା, ତହସିଲଦାର ନରସିଂ ଗଡ଼ବା, ଖଡ଼ିଆଳ ଆଇଆଇସି ପ୍ରଦୀପ କୁମାର ଧରୁଆ, ସିନାପାଲି ଥାନା ଅଧିକାରୀ ରଶ୍ମିତା ପ୍ରଧାନ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଛି।


ରାସ୍ତାରେ ବସିରହିଛନ୍ତି ଆନ୍ଦୋଳନକାରୀ।

# ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

**ସୋନପୁର/ଡୁଙ୍ଗୁରିପାଲି,୨୨।୫ (ମୃତ୍ୟୁଞ୍ଜୟ ଶତପଥୀ/ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲାରେ ବୁଧବାରରୁ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାର ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର ସମିତି(ଆରଏମ୍‌ସି)ର ବିନିକା ଓ ଡୁଙ୍ଗୁରିପାଲି ମାର୍କେଟ ୟାର୍ଡ ଏବଂ ବୀରମହାରାଜପୁର ବ୍ଲକର ମୁର୍ଷୁଣ୍ଡି ମଣ୍ଡିରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଦିଗିଶିରା, କଇଁତରା, ବାଙ୍କିପାଲି, ବାଙ୍କିଗିର୍ଡି ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବିନିକା ମାର୍କେଟ୍ ୟାର୍ଡରେ ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ୩ ଜଣ ଚାଷୀଙ୍କ ନିକଟରୁ ୨୬୫କୁଇଣ୍ଟାଲ, ସହଲା ପାକ୍ସ ପକ୍ଷରୁ ଡୁଙ୍ଗୁରିପାଲି ଆରଏମ୍‌ସି ମାର୍କେଟ୍ ୟାର୍ଡରେ ଜଣେ ଚାଷୀଙ୍କ ନିକଟରୁ ୪୦କୁଇଣ୍ଟାଲ ୭୦କିଲୋ, ଦିଗଶିରା ମଣ୍ଡିରେ ୧୨୯କୁଇଣ୍ଟାଲ ୯୪କିଲୋ, ବାଙ୍କିଗିର୍ଡି ମଣ୍ଡିରେ ୧୪ ଜଣ ଚାଷୀଙ୍କ ନିକଟରୁ ୧୧୬୫କୁଇଣ୍ଟାଲ ୧୩କିଲୋ, କଇଁତରା ମାର୍କେଟ୍ ୟାର୍ଡରେ ଜୟ ମା ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ୧୩୫ କୁଇଣ୍ଟାଲ ୨୦କିଲୋ ଧାନ କିଣା ହୋଇଛି। ଅନୁରୂପ ଭାବେ ବୀରମହାରାଜପୁର ଆରଏମ୍‌ସିର ଉଲୁଣ୍ଡା ମାର୍କେଟ୍ ୟାର୍ଡରୁ ୩ ଚାଷୀଙ୍କ ନିକଟରୁ ୩୦୦ କୁଇଣ୍ଟାଲ ଓ ମୁର୍ଷୁଣ୍ଡି ମଣ୍ଡିରୁ ୬ ଚାଷୀଙ୍କ ନିକଟରୁ ୨୫୨ କୁଇଣ୍ଟାଲ ୧୦କିଲୋ ଧାନ କିଣାଯାଇଛି। ପ୍ରଥମ ଦିନରେ ଜିଲାର ଚାଷୀଙ୍କ ନିକଟରୁ ୧୭୫୫କୁଇଣ୍ଟାଲ ୪୪କିଲୋ ଧାନ ସଂଗ୍ରହ ହୋଇଛି। ବିନିକା ଓ ଡୁଙ୍ଗୁରିପାଲି ମଣ୍ଡିକୁ ଯାଇ ଜିଲାପାଳ ତଥା ଡୁଙ୍ଗୁରିପାଲି ଆରଏମ୍‌ସି ଅଧକ୍ଷା ଅନ୍ୟା ଦାସ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରିଥିଲେ। ସୁବର୍ଣ୍ଣପୁର ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ, ସୁବର୍ଣ୍ଣପୁର ଉପ ନିବନ୍ଧକ ସମବାୟ ସମିତି(ଡିଆରସିଏସ୍) ରଶ୍ମିତା ବେହେରା, ସହକାରୀ ଜିଲା ଯୋଗାଣ ଅଧିକାରୀ ଲଳିତ କୁମାର ପଟ୍ଟନାୟକ, ସୋନପୁର ସହକାରୀ ନିବନ୍ଧକ ସମବାୟ ସମିତି(ଏଆରସିଏସ୍) ପାଣ୍ଡୁ ଚରଣ ସାହୁ, ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ମିଶନ ଶକ୍ତି ଡିପିସି ବିଶ୍ୱଜିତ ପରିଡା, ଚାଷୀ ପ୍ରତିନିଧି ସର୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଲୁଣ୍ଡା ବ୍ଲକର ଉଦେଇପଦର ସ୍ଥିତ ଆରଏମ୍‌ସି ମାର୍କେଟ୍ ୟାର୍ଡରେ ବୀରମହାରାଜପୁର ଉପଜିଲାପାଳ ତଥା ଆରଏମ୍‌ସି ଅଧକ୍ଷ ଲଲାଟେନ୍ଦୁ ସି ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରିଥିଲେ। ଉଲୁଣ୍ଡା ବିଡିଓ କରିସ୍ମା ବେଶ୍ରା, ଅତିରିକ୍ତ ତହସିଲଦାର ସୋମନାଥ ବେହେରା, ଏଆରସିଏସ ଗିରିଶ ପୁରୋହିତ ଓ ବୀରମହାରାଜପୁର ଆରଏମ୍‌ସି ସମ୍ପାଦକ ମନୋଜ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୬୦ ପାକ୍ସ ଓ ୩୭ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ଜିଲାର ପଞ୍ଜୀକୃତ ଚାଷୀଙ୍କ ନିକଟରୁ ବଳକା ଧାନ କିଣିବ। ଏକର ପ୍ରତି ଚାଷୀଙ୍କ ନିକଟରୁ ୨୬ କୁଇଣ୍ଟାଲ ଧାନ କିଣାଯିବ। ରାଜ୍ୟ ସରକାର ଏହି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୨୨ଲକ୍ଷ ୯୯ହଜାର ୭୯୫କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ୍ ଦେଇଛନ୍ତି।


ବିନିକା ମାର୍କେଟ୍ ୟାର୍ଡରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରୁଛନ୍ତି।

### ପ୍ରଥମ ଦିନରେ ବିକ୍ରି ହେଲା ୧୭୫୫.୪୪ କୁଇଣ୍ଟାଲ ଧାନ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୨୩/୨୦୨୪ Bhubaneswar, Thursday, May 23/ 2024

# ଆରସିବି ଏଲିମିନେଟ

**ଅହମଦାବାଦ, ୨୨।୫**

ଦାୟିତ୍ୱହୀନ ବ୍ୟାଟିଂ ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଇଣ୍ଡିଆନ ପ୍ରିମିୟର ଲିଗ୍‌ରୁ ପୁଣିଥରେ ଏଲିମିନେଟ୍ ହୋଇଛି। ଲିଗ୍ ପର୍ଯ୍ୟାୟରେ କ୍ରମାଗତ ୬ ମ୍ୟାଚ ଜିତି ପ୍ଲେଅଫ୍‌ରେ ପ୍ରବେଶ କରିଥିବା ଏହି ଦଳ ବୁଧବାର ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟରେ ହାରି ଯାଇଛି। ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୭୨ ରନ କରିଥିଲା। ରାଜସ୍ଥାନ ୧୯ ଓଭରରେ ୬ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରି ନେଇଥିଲା। ଟପ୍ ଅର୍ଡରରେ ଯଶସ୍ୱୀ ଜୟସ୍ୱାଲ ୪୫ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିବାବେଳେ ମଧ୍ୟଭାଗରେ ରିୟାନ ପରାଗଙ୍କ ୨୬ ବଲ୍‌ରୁ ୩୬, ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ଶିମରନ ହେଟମେୟରଙ୍କ ୧୪ ବଲ୍‌ରୁ ୨୬ ଓ ଶେଷରେ ରୋଭମାନ ପାୱେଲଙ୍କ ୮ ବଲ୍‌ରୁ ଅପରାଜିତ ୧୬ ରନ ବଳରେ ଦଳ ଗୋଟିଏ ଓଭର ପୂର୍ବରୁ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଏହାକୁ ମିଶାଇ ଆରସିବି ୫ମ ଥର ଆଇପିଏଲ୍‌ରେ ଏଲିମିନେଟର ମ୍ୟାଚ ହାରିଛି। ଏହା ପୂର୍ବରୁ ଦଳ ୮ ଥର ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲେ ହେଁ ୪ ଥର ଏଲିମିନେଟରରେ ପରାଜିତ ହୋଇଥିଲା। ଏଠାରେ ବିଜୟ ଦ୍ୱାରା ରାଜସ୍ଥାନ କ୍ୱାଲିଫାୟର-୨ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ରାଜସ୍ଥାନ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ କ୍ୱାଲିଫାୟର୍ସ-୨ ଶୁକ୍ରବାର ଅନୁଷ୍ଠିତ ହେବ। ଏହାର ବିଜେତା ରବିବାର ହେବାକୁଥିବା ଫାଇନାଲରେ କୋଲକାତା ନାଇଟ ରାଇଡର୍ସଙ୍କୁ ଭେଟିବ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ରାଜସ୍ଥାନ ଦଳ ଅଧିନାୟକ ସଞ୍ଜୁ ସାମସନ। ତାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଆରମ୍ଭରେ ଘାତକ ବୋଲିଂ କରିଥିଲେ ଟ୍ରେଣ୍ଟ ବୋଲ୍ଟ। ସେ ପାୱାର ପ୍ଲେରେ ୩ ଓଭର ବୋଲିଂ କରି ଗୋଟିଏ ଉଇକେଟ ନେବାସହ ମାତ୍ର ୬ ରନ ବ୍ୟୟ କରିଥିଲେ। ଆରସିବି ଅଧିନାୟକ ଫାଫ୍ ଡୁପ୍ଲେସି ମାତ୍ର ୧୭ ରନକରି ବୋଲ୍ଟଙ୍କ ଶିକାର ହୋଇଥିଲେ। ୟୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ସ୍ଲଗ୍ ସୁଇପ୍ ଖେଳିବାକୁ ଯାଇ ବିରାଟ କୋହଲି ୩୩ (୨୪ ବଲ, ୩ ଚୌକା, ୧ ଛକା) ରନରେ ଆଉଟ ହେବାରୁ ଆରସିବି ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରି ନ ଥିବାବେଳେ ବଡ଼ ପାର୍ଟନରଶିପ୍ ମଧ୍ୟ ସମ୍ଭବ ହୋଇ ନ ଥିଲା। ୧୩ତମ ଓଭରର ୩ୟ ଓ ୪ର୍ଥ ବଲ୍‌ରେ ଡବଲ ଝଟ୍‌କା ଦେଇଥିଲେ ରବିଚନ୍ଦ୍ରନ ଅଶ୍ୱିନ। ସେ କାମେରନ ଗ୍ରୀନ (୨୭ ରନ) ଓ ଗ୍ଲେନ ମ୍ୟାକ୍ସୱେଲ (୦)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ରଜତ ପଟିଦାର ଓ ମହୀପାଲ ଲୋମରୋର ଭଲ ଆରମ୍ଭ ପାଇଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପଟିଦାର ୨୨ ବଲ୍‌ରୁ ୩୪ ଓ ଲୋମରୋର ୧୭ ବଲ୍‌ରୁ ୩୨ ରନକରି ଆଭେଶ ଖାଁଙ୍କ ଶିକାର ହୋଇଥିଲେ। କେବଳ ସେତିକି ନୁହେଁ ଆଭେଶ ନିଜ ଅନ୍ତିମ ଓଭରରେ ଲୋମରୋରଙ୍କ ସହ ଦୀନେଶ କାର୍ତ୍ତିକ (୧୧)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇ ଆରସିବିର ବଡ଼ ସ୍କୋର ଆଶା ଶେଷ କରି ଦେଇଥିଲେ। ୧୯ତମ ଓଭରରେ ୭ମ ଉଇକେଟର ପତନ ଘଟିବାରୁ ଆରସିବି ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ସ୍ୱପ୍ନିଲ ସିଂଙ୍କୁ ନେଇଥିଲା। ରାଜସ୍ଥାନ ପକ୍ଷରୁ ଆଭେସ ଖାଁ ୩ଟି, ରବିଚନ୍ଦ୍ରନ ଅଶ୍ୱିନ ୨ଟି ଏବଂ ଟ୍ରେଣ୍ଟ ବୋଲ୍ଟ, ସନ୍ଦିପ ଶର୍ମା ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ବିରାଟ କୋହଲିଙ୍କ ଉଇକେଟ ନେବାପରେ ଉଲ୍ଲସିତ ୟୁଜବେନ୍ଦ୍ର ଚହଲ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରବିଚନ୍ଦ୍ରନ ଅଶ୍ୱିନ।

## କ୍ୱାଲିଫାୟର-୨ ଖେଳିବେ ରାଜସ୍ଥାନ-ହାଇଦ୍ରାବାଦ

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୭୨/୮ (ରଜତ ପଟିଦାର-୩୪, ବିରାଟ କୋହଲି-୩୩, ମହିପାଲ ଲୋମରୋର-୩୨, କାମେରନ ଗ୍ରୀନ୍-୨୭, ଆଭେଶ ଖାଁ-୩/୪୪, ରବିଚନ୍ଦ୍ରନ ଅଶ୍ୱିନ-୨/୧୯, ଟ୍ରେଣ୍ଟ ବୋଲ୍ଟ-୧/୧୬, ସନ୍ଦିପ ଶର୍ମା-୧/୪୮, ୟୁଜବେନ୍ଦ୍ର ଚହଲ-୧/୪୩)। ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ୧୭୪/୬ (ଯଶସ୍ୱୀ ଜୟସ୍ୱାଲ-୪୫, ରିୟାନ ପରାଗ-୩୬, ଶିମରନ ହେଟମେର-୨୬, ମହମ୍ମଦ ସିରାଜ-୨/୩୩, କର୍ନ ଶର୍ମା-୧/୧୯, ଲୋକି ଫର୍ଗୁସନ-୧/୩୭, କାମେରନ ଗ୍ରୀନ୍-୧/୨୮)।

# ସ୍ୱର୍ଣ୍ଣ ବଜାୟ ରଖିଲେ ସଚିନ

**କୋବେ (ଜାପାନ), ୨୨।୫(ପି.ଟି.)**

**ବିଶ୍ୱ ପାରା ଆଥ୍‌ଲେଟିକ୍ସ**

**ଭାରତକୁ ଶ୍ରେଷ୍ଠ ସଫଳତା**

ଏଠାରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଶଟ୍‌ପୁଟ୍ ଏଫ୍‌୪୬ ବର୍ଗରେ ଭାରତର ସଚିନ ସର୍ଜେରାଓ ଖିଲାରି ଏସିଆନ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ବଜାୟ ରଖିଛନ୍ତି। ଏଥିସହ ଭାରତ ଏଥର ପଦକ ହାସଲରେ ସର୍ବଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ କରିଛି। ବର୍ତ୍ତମାନ ସୁଦ୍ଧା ଭାରତକୁ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ସହ ମୋଟ ୧୨ ପଦକ ମିଳିଛି। ପୂର୍ବରୁ ଭାରତ ୨୦୨୩ ପ୍ୟାରିସ ସଂସ୍କରଣରେ ସର୍ବାଧିକ ୧୦ (୩ ସ୍ୱର୍ଣ୍ଣ, ୪ ରୌପ୍ୟ, ୩ ବ୍ରୋଞ୍ଜ) ପଦକ ଜିତିଥିଲା।

୩୪ ବର୍ଷୀୟ ସଚିନ ଏଠାରେ ଆଇରନ୍ ବଲ୍‌କୁ ୧୬.୩୦ ମିଟର ଥ୍ରୋ କରିଥିଲେ। ଏଥିସହ ସେ ନିଜ ଏସିଆନ ରେକର୍ଡରେ ଉନ୍ନତି ଆଣିଥିଲେ। ଗତବର୍ଷ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅବସରରେ ସେ ୧୬.୨୧ ମିଟର ଥ୍ରୋ କରି ଏସିଆନ ରେକର୍ଡର ଅଧିକାରୀ ଥିଲେ। ଏଫ୍‌୪୬ ବର୍ଗର ପାରା ଆଥ୍‌ଲେଟିକ୍ସ ଇଭେଣ୍ଟରେ ସାଧାରଣତଃ ଯେଉଁ ଆଥ୍‌ଲେଟମାନେ ଗୋଟିଏ କିମ୍ବା ୨ଟି ହାତ ବୁଲାଇବାରେ ଅକ୍ଷମ ଥାଆନ୍ତି ସେମାନେ ଅଂଶଗ୍ରହଣ କରିଥାନ୍ତି। ସେମାନେ ଥ୍ରୋ ସମୟରେ ଜଙ୍ଘ ଏବଂ ଗୋଡ଼ ମାଧ୍ୟମରେ ଶକ୍ତିର ଉପଯୋଗ କରିଥାନ୍ତି। ମହାରାଷ୍ଟ୍ରର ସାଙ୍ଗଲି ଜିଲା କାରାଗନି ଗ୍ରାମର ସଚିନ ସ୍କୁଲରେ ପଢୁଥିବାବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କ ବାମହାତ ଅଚଳ ହୋଇ ଯାଇଥିଲା। କହୁଣିରେ ବିଷାକ୍ତ ଘା' ଯୋଗୁ ତାଙ୍କ ହାତର ମାଂସପେଶୀ କ୍ଷୟ ଘଟିଥିଲା। ଏକାଧିକଥର ଅସ୍ତ୍ରୋପଚାର ସତ୍ତ୍ୱେ ତାହା କାର୍ଯ୍ୟକ୍ଷମ ହୋଇ ନ ଥିଲା।

ମଙ୍ଗଳବାର ସୁଦ୍ଧା ଭାରତର ପଦକ ସଂଖ୍ୟା ୧୦ରେ ପହଞ୍ଚି ସାରିଥିଲା। ଏହା ମଧ୍ୟରେ ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୨ ବ୍ରୋଞ୍ଜ ସାମିଲ ଥିଲା। ପଦକ ତାଲିକାରେ ଚାଇନା ଅଗ୍ରଣୀ ରହିଥିବାବେଳେ ବ୍ରାଜିଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତା ଆଉ ୩ ଦିନ ବାକିଥିବାରୁ ଭାରତ ସ୍ୱର୍ଣ୍ଣ ସମେତ ଆଉ କେତୋଟି ପଦକ ଜିତିବା ସମ୍ଭାବନା ଅଛି ବୋଲି ମୁଖ୍ୟ କୋଚ୍ ସତ୍ୟନାରାୟଣ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେ ଆହୁରି ୨ ସ୍ୱର୍ଣ୍ଣ ସହ ପଦକ ସଂଖ୍ୟାକୁ ୧୭ରେ ପହଞ୍ଚିବାନେଇ ଆଶାବାଦୀ ଅଛୁ ବୋଲି ସତ୍ୟନାରାୟଣ କହିଛନ୍ତି। ମଙ୍ଗଳବାର ପାରାଲିମ୍ପିକ୍ସ ଚାମ୍ପିୟନ ସୁମିତ ଆଣ୍ଟିଲ ଏଫ୍‌୬୪ ଜାଭେଲିନ୍ ଥ୍ରୋ ବିଶ୍ୱଟାଇଟଲ ବଜାୟ ରଖିବା ସହ ଭାରତ ପଦକ ତାଲିକାର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲା।



ସଚିନ ସର୍ଜେରାଓ ଖିଲାରି

### ଧରମବୀରଙ୍କୁ ବ୍ରୋଞ୍ଜ

ପୁରୁଷ କ୍ଲବ ଥ୍ରୋ ଏଫ୍‌୫୧ ବର୍ଗରେ ଭାରତର ଧରମବୀର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ନିଜ ୫ମ ତଥା ଶେଷ ଉଦ୍ୟମରେ ୩୩.୬୧ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସର୍ବିୟାର ଜେଲିକୋ ଡିମିଟ୍ରିଜେଭିଚ୍ ୩୪.୨୦ ମିଟର ଥ୍ରୋ କରି ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ମେକ୍ସିକୋର ମାରିଓ ସାଣ୍ଟାନା ହେର୍ନାଣ୍ଡେଜ ୩୩.୬୨ ମିଟର ସହିତ ରୌପ୍ୟ ପଦକ ପାଇଥିଲେ।

# କୋଚିଂ ଷ୍ଟାଫ୍ ଘୋଷଣା କଲା ଓସିଏ

**ଭୁବନେଶ୍ୱର, ୨୨।୫**
**(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଏହାର ପୁରୁଷ ଓ ମହିଳା ଦଳ ପାଇଁ କୋଚିଂ ଷ୍ଟାଫ ଘୋଷଣା କରାଯାଇଛି। ପୂର୍ବରୁ ସୁରେନ୍ଦ୍ର ଭାବେଙ୍କୁ ପୁରୁଷ ଦଳର ମୁଖ୍ୟ କୋଚ୍ ଓ ଭି. ଭେଙ୍କଟରମଣଙ୍କୁ ଟେକ୍ନିକାଲ ଡିରେକ୍ଟର ଭାବରେ ନିଯୁକ୍ତି ମିଳି ସାରିଥିଲା। ବୁଧବାର ପୁରୁଷ ଦଳ ପାଇଁ ୧୧ ଓ ମହିଳା ଦଳ ପାଇଁ ୫ ଜଣ କୋଚଙ୍କୁ ନିଯୁକ୍ତି ମିଳିଛି। ପୁରୁଷ ଦଳ ପାଇଁ ଅବକାଶ ଖଟୁଆ, ରଶ୍ମି ରଞ୍ଜନ ପଣ୍ଡା, ସୁରେଶ କୁମାର, ପ୍ରଭଞ୍ଜନ ମଲ୍ଲିକ, ବସନ୍ତ ମହାନ୍ତି, ଅସଜିତ ଜୟପ୍ରକାଶମ୍, ରଶ୍ମିରଞ୍ଜନ ଦାସ, ସୌରଭ ସେହଗଲ, ପ୍ରଭାତ ନାୟକ, ପ୍ରୀତମଜିତ ଦାସ ଓ କେ.ଭି. ପ୍ରସାଦଙ୍କୁ ନିଯୁକ୍ତି ମିଳିଛି। ସେହିପରି ମହିଳା ଦଳ ପାଇଁ ସୁମନ ଶର୍ମାଙ୍କୁ ମୁଖ୍ୟ କୋଚ୍ ଭାବରେ ନିଯୁକ୍ତି ମିଳି ସାରିଥିବା ବେଳେ ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ, ସ୍ୱାଗତିକା ରଥ, ଟିଙ୍କିଲତା ପ୍ରଦାନ ଓ ଇତିଶ୍ରୀ ପଟ୍ଟନାୟକଙ୍କୁ କୋଚିଂ ଷ୍ଟାଫ୍ ଭାବରେ ସାମିଲ କରାଯାଇଛି। ଓସିଏର ବିଭିନ୍ନ କ୍ୟାମ୍ପରେ ଏହି କୋଚ୍ ମାନେ କାର୍ଯ୍ୟ କରିବେ। ପରବର୍ତ୍ତୀ ସମୟରେ ବିଭିନ୍ନ ବୟସ ବର୍ଗର ଟିମ୍ ପାଇଁ ଏମାନଙ୍କୁ ନିଯୁକ୍ତ କରାଯିବ। ନବନିଯୁକ୍ତ କୋଚିଂ ଷ୍ଟାଫ୍‌ର ସମସ୍ତ ସଦସ୍ୟଙ୍କୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।




# କୋପା ଆମେରିକାରେ କନ୍‌କସନ ସବ୍‌ଷ୍ଟିଚ୍ୟୁଟ୍

**ଲୁକ୍ୟୁ, ୨୨।୫(ପି.ଟି):** କୋପା ଆମେରିକାରେ ଏଣିକି କନ୍‌କସନ ସବ୍‌ଷ୍ଟିଚ୍ୟୁଟ ଲାଗୁ କରାଯିବ। ଆସନ୍ତା ଜୁନ୍ ୨୦ରୁ ହେବାକୁ ଥିବା ଏହି ଇଭେଣ୍ଟ ପାଇଁ ନୂତନ ନିୟମ ଲାଗୁ କରିଛି ଦକ୍ଷିଣ ଆମେରିକାରେ ଫୁଟବଲ ପରିଚାଳନା କରୁଥିବା କନ୍‌ମେବଲ। କନ୍‌ମେବଲ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଫଳରେ ଏଭଳି ସ୍ଥିତି ଆସିଲେ ୫ ବଦଳରେ ୬ ଖେଳାଳିଙ୍କୁ ସବ୍‌ଷ୍ଟିଚ୍ୟୁଟ୍ କରିହେବ। ଯଦି କୌଣସି ଖେଳାଳି ମୁଣ୍ଡରେ ଆଘାତ ଲାଗେ ତେବେ ଏଭଳି କରିହେବ।

# ଭାରତକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୨।୫ (ତପନ ସ୍ୱାଇଁ)**

**ସେଣ୍ଟ୍ରାଲ ଏସିଆନ ପୁରୁଷ ହ୍ୟାଣ୍ଡବଲ**

ଉଜ୍‌ବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ସେଣ୍ଟ୍ରାଲ ଏସିଆନ ପୁରୁଷ ହ୍ୟାଣ୍ଡବଲରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ଜାତୀୟ ଦଳରେ ସାମିଲ ଥିବା ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ ଚମତ୍କାର ପ୍ରଦର୍ଶନ କରି ଭାରତକୁ ବ୍ରୋଞ୍ଜ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତ ଗ୍ରୁପ୍ ପର୍ଯ୍ୟାୟର ୩ଟି ମ୍ୟାଚ ଜିତି ସେମିଫାଇନାଲ ପ୍ରବେଶ କରିଥିଲା। ମାତ୍ର ସେମିଫାଇନାଲରେ ତାଜିକସ୍ତାନଠାରୁ ୩୨-୩୫ ଗୋଲରେ ହାରି ବ୍ରୋଞ୍ଜ ପଦକ ପାଇଥିଲା। ଏହି ସଫଳତା ପାଇଁ ଓଡ଼ିଶା ହାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଆର୍ଯ୍ୟନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ସହ ଆର୍ଯ୍ୟନ ବ୍ରାହ୍ମିନ।

# ହିନା, କନିକାଙ୍କ ଗୋଲରେ ଭାରତ ବିଜୟୀ

**ବ୍ରେଡା (ନେଦରଲାଣ୍ଡ୍ସ), ୨୨।୫ (ପି.ଟି.):** ହିନା ବାନୋ ଓ କନିକା ସିୱାଚ୍‌ଙ୍କ ଗୋଲ ବଳରେ ଭାରତୀୟ ଜୁନିୟର ମହିଳା ହକି ଦଳ ବିଜୟ ସହ ଏହାର ୟୁରୋପ୍ ଟୁର୍ ଆରମ୍ଭ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭାରତ ୨-୦ ଗୋଲରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଭାରତ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ୨ଟି ଯାକ ଗୋଲ ସ୍କୋର କରାଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ୩ ଥର ଚାନ୍ସ ମିସ୍ କରିଥିବା ହିନା ତୃତୀୟ କ୍ୱାର୍ଟରରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ କନିକା ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ନେଦରଲାଣ୍ଡ୍ସ ଖେଳାଳିମାନେ ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲେ।

# ବିଜୟ ସହ ଭାରତର ଅଭିଯାନ ଆରମ୍ଭ



କୋଚ୍‌ଙ୍କ ସହ ଭାରତୀୟ ମହିଳା ଭଲିବଲ ଦଳ।

**ଭୁବନେଶ୍ୱର, ୨୨।୫ (ତପନ ସ୍ୱାଇଁ)**

**ଏସୀୟ ମହିଳା ଭଲିବଲ ଚ୍ୟାଲେଞ୍ଜ୍ କପ୍**

ଫିଲିପାଇନ୍ସର ମାନିଲାଠାରେ ଆରମ୍ଭ ହୋଇଥିବା ଏସୀୟ ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍‌ରେ ଭାରତୀୟ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଭାରତ ନିଜର ପ୍ରଥମ ମ୍ୟାଚରେ ଇରାନକୁ ପରାସ୍ତ କରିଛି। ୨୦୨୪ ଏସୀୟ ମହିଳା ଭଲିବଲ ଚ୍ୟାଲେଞ୍ଜ କପ୍ ହେଉଛି ପ୍ରତିଯୋଗିତାର ୫ମ ସଂସ୍କରଣ। ଏସିଆନ ଭଲିବଲ କନ୍‌ଫେଡେରେଶନ (ଏଭିସି)ର ଏହା ଏକ ବାର୍ଷିକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଚଳିତ ବର୍ଷ ଫିଲିପିନେ ନ୍ୟାଶନାଲ ଭଲିବଲ ଫେଡେରେଶନ ଏହାକୁ ଆୟୋଜନ କରୁଛି। ଫିଲିପାଇନ୍ସର ମାନିଲାସ୍ଥିତ ରିଜାଲ ମେମୋରିଆଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୨୨ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୯ ପର୍ଯ୍ୟନ୍ତ ଚାଲିବ। ପୁଲ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ଏହାର ପ୍ରଥମ ମ୍ୟାଚରେ ଇରାନକୁ ୩-୦ (୨୫-୧୭, ୨୫-୨୩, ୨୫-୨୧) ସେଟ୍‌ରେ ପରାସ୍ତ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୨୩ରେ ଚାଇନିଜ୍ ତାଇପେ, ୨୪ରେ ଫିଲିପାଇନ୍ସ ଓ ୨୫ରେ ଅଷ୍ଟ୍ରେଲିଆ ସହିତ ଖେଳିବ। ପ୍ରକାଶଯୋଗ୍ୟ ଯେ, ଭାରତୀୟ ଦଳରେ ଜଣେ ଓଡ଼ିଆ ଖେଳାଳି ସାମିଲ ଅଛନ୍ତି। ସେ ହେଉଛନ୍ତି ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଲିପିକା ଖେସ। ଏହା ବ୍ୟତୀତ ଲୋତକ ବିନ୍ଦୁ ଦାଶ ଭାରତୀୟ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ଲୋତକ ବିନ୍ଦୁ ଓଡ଼ିଶା ଭଲିବଲ ଦଳ ଏବଂ ଇଷ୍ଟ କୋଷ୍ଟ ରେଲୱେ ଦଳର ମଧ୍ୟ କୋଚ୍ ଅଛନ୍ତି। ବିଜୟ ସହ ଅଭିଯାନ ଆରମ୍ଭ କରିଥିବାରୁ ଭାରତୀୟ ଦଳକୁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଶୁଟଆଉଟରେ ଜିତିଲା ପୁରୁଷ ଦଳ

**ଆଣ୍ଟୱେର୍ପ, ୨୨।୫(ପି.ଟି)**

**ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି**

ବେଲଜିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତୀୟ ପୁରୁଷ ହକି ଦଳ ପେନାଲ୍ଟି ଶୁଟ ଆଉଟରେ ଆର୍ଜେଣ୍ଟିନାକୁ ୫-୪ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ରହିଥିଲା। ଭାରତ ପକ୍ଷରୁ ମନଦୀପ୍ ସିଂ(୧୧) ଓ ଲଳିତ କୁମାର ଉପାଧ୍ୟାୟ(୫୫) ମିନିଟରେ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଆର୍ଜେଣ୍ଟିନା ପକ୍ଷରୁ ମାର୍ଟିନେଜ ଲୁକାସ୍ (୨୦) ଓ ଡୋମେନେ ଟୋମାସ୍(୬୦) ମିନିଟରେ ଗୋଟିଏ ଲେଖାଏ ପେନାଲ୍ଟି ଗୋଲ ଦେଇଥିଲେ। ଶୁଟ ଆଉଟରେ ଭାରତ ପକ୍ଷରୁ ହରମନ୍‌ପ୍ରୀତ ସିଂ ଓ ସୁଖଜିତ ସିଂ ଦୁଇଟି ଲେଖାଏ ଗୋଲ ଦେଇଥିବା ବେଳେ ଅଭିଷେକ ଅନ୍ୟ ଗୋଲଟି ଦେଇଥିଲେ।

### ମହିଳା ଦଳର ପରାଜୟ

ଜୁଲିଏଟା ଜାନକୁନାସଙ୍କ ଡବଲ୍ ଗୋଲ ବଳରେ ଭାରତୀୟ ମହିଳା ଦଳକୁ ୫-୦ରେ ପରାସ୍ତ କରିଛି ଆର୍ଜେଣ୍ଟିନା। ଦଳ ପକ୍ଷରୁ ଅଗଷ୍ଟିନା ଗୋର୍ଜେଲାନି(୧୩), ଭାଲେଣ୍ଟିନା ରାପୋସୋ(୨୪) ଓ ଭିକ୍ଟୋରିଆ ମିରାଣ୍ଡା(୪୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନୂଆ କୋଚ୍ ହରେନ୍ଦ୍ର ସିଂଙ୍କ ଅଧୀନରେ ଭାରତ ଏହାର ପ୍ରଥମ ମ୍ୟାଚ୍ ଖେଳିଥିଲା। ଭାରତ ପକ୍ଷରୁ ଅଧିନାୟିକା ସବିତା ପୁନିଆଙ୍କୁ ବାଦ ଦେଇ ବିଚୁ ଦେବୀ ଖଇରାମବାମଙ୍କୁ ଖେଳାଇଥିଲା। ପ୍ରଥମ କ୍ୱାର୍ଟରୁ ହିଁ ଆର୍ଜେଣ୍ଟିନା ଆକ୍ରମଣ କରିଥିବା ବେଳେ ଭାରତୀୟ ରକ୍ଷଣଭାଗ ଦୁର୍ବଳ ମନେ ହୋଇଥିଲେ।



ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ପୁରୁଷ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ